


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-302 ◆BHUBANESWAR ◆SUNDAY ◆28 APRIL 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୦୨ ◆ଭୁବନେଶ୍ୱର ◆ରବିବାର ◆୨୮ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)


## ଜଳୁଛି ସାରା ଓଡ଼ିଶା

# ଆଜି ୪୬ ଛୁଇଁବ ଭୁବନେଶ୍ୱର !



■ ଭୁବନେଶ୍ୱର, ୨୭।୪ (ସମିସ): ଘର ବାହାରେ ମୁଣ୍ଡଫଟା ଖରା; ଭିତରେ ପ୍ରବଳ ଗରମ, ଗୁଳୁଗୁଳି। କାନ୍ଥ, ଛାତ, ଶେଯ ସବୁ ତାତି ଯାଉଛି। ଫ୍ୟାନ୍ ତ ଦୂରର କଥା, କୁଲର୍ ବି କାମ କରୁନି। ନିଆଁ ହୁଳା ଭଳି ସେଥିରୁ ବାହାରୁଥିବା ଗମଗମ ପବନ ଦେହମୁଣ୍ଡକୁ ଅଥୟ କରିପକାଉଛି। ତେଣୁ ଶାନ୍ତିରେ ନା ବସି ହେଉଛି ନା ଟିକିଏ ଶୋଇ ହେଉଛି। ଏଭଳି ସ୍ଥିତି ଆଜି ପୂରା ରାଜ୍ୟବାସୀ ନାକରେ କନ୍ଦାଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ

**୪୪.୭ ଡିଗ୍ରୀରେ ସିଝିଲା ଅନୁଗୋଳ**
**ଆଜି ୧୩ ଜିଲ୍ଲାକୁ ରେଡ ଆଲର୍ଟ ଜାରି**

ଶନିବାର ଟୁଇନ ସିଟି ଭୁବନେଶ୍ୱର-କଟକ ସମେତ ପୂରା ଓଡ଼ିଶା ପ୍ରଚଣ୍ଡ ତାତିରେ ଜଳିଛି। ପ୍ରବଳ ତାତି ଯୋଗୁଁ ଓଡ଼ିଶା ତତଲା କଡ଼େଇରେ ପରିଣତ ହୋଇଥିବା ବେଳେ ଲୋକେ ଘରୁ ପଦାକୁ ବାହାରି ପାରିନାହାନ୍ତି। ଅନୁଗୋଳରେ ସର୍ବାଧିକ ଦିନ ତାପମାତ୍ରା ୪୪.୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଏହା ପଛକୁ ଭୁବନେଶ୍ୱର ରହିଛି। ରାଜଧାନୀରେ ପାରଦ ୪୪.୬ ଡିଗ୍ରୀ ରେକର୍ଡ କରାଯାଇଛି। ଶନିବାର ରାଜ୍ୟର ୩୩ ସହରର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଥିବା ▶ପୃଷ୍ଠା-୮

# ତାତି ବଢ଼ାଉଛି ବ୍ରେନ୍ ଷ୍ଟ୍ରୋକ୍

**ନୂଆ ଗବେଷଣା ରିପୋର୍ଟ**
- ମହିଳାଙ୍କ ତୁଳନାରେ ପୁରୁଷଙ୍କ ପ୍ରତି ବିପଦ ଅଧିକ
- ୯୦% ମୃତ୍ୟୁର କାରଣ ତାପମାତ୍ରାରେ ହ୍ରାସବୃଦ୍ଧି
- ୨୦୫୦ ସୁଦ୍ଧା ବ୍ରେନ୍ ଷ୍ଟ୍ରୋକ୍ ମୃତ୍ୟୁସଂଖ୍ୟା ୫୦ ଲକ୍ଷ ଛୁଇଁବ

■ ନୂଆଦିଲ୍ଲୀ, ୨୭।୪ (ଏଜେନ୍ସି): ସାରା ବିଶ୍ୱରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ଅନ୍ୟ ସମସ୍ୟା ସହିତ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଚିନ୍ତା ବଢ଼ିବାରେ ଲାଗିଛି। ଏବେ ଏକ ନୂଆ ଗବେଷଣାରୁ ଚିନ୍ତାଜନକ ରିପୋର୍ଟ ପ୍ରକାଶ ପାଇଛି। ତାପମାତ୍ରା ନାଟକୀୟ ଭାବେ ବୃଦ୍ଧି ପାଇବା ଯୋଗୁଁ ବ୍ରେନ୍ ଷ୍ଟ୍ରୋକ୍ ବିପଦ ବଢ଼ି ଚାଲିଛି ବୋଲି କୁହାଯାଇଛି। ୨୦୧୯ରେ ଷ୍ଟ୍ରୋକ୍ ଯୋଗୁଁ ୫, ୨୧, ୦୩୧ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏଥିପାଇଁ ପ୍ରତିକୂଳ ପାଣିପାଗକୁ ଦାୟୀ କରାଯାଉଛି। ତାପମାତ୍ରା ବୃଦ୍ଧି କାରଣରୁ ଅଧିକ ଲୋକ ବିକଳାଙ୍ଗ ମଧ୍ୟ ହେଉଛନ୍ତି। ଏହି ଗବେଷଣାରେ ୧୯୯୦ରୁ ୨୦୧୯ ପର୍ଯ୍ୟନ୍ତ ତଥ୍ୟକୁ ଅଧ୍ୟୟନ କରାଯାଇଛି। ଏଥିରେ ୨୦୦ ଦେଶର ସ୍ୱାସ୍ଥ୍ୟ ଏବଂ ତାପମାତ୍ରା ସମ୍ବନ୍ଧିତ ତଥ୍ୟର ବିଶ୍ଳେଷଣ କରାଯାଇଛି। ଏହାର ରିପୋର୍ଟ ▶ପୃଷ୍ଠା-୮

### ବିରୋଧୀଙ୍କ 'ଡବଲ୍ ଇଞ୍ଜିନ' ଉପାଖ୍ୟାନକୁ ପାଣ୍ଡିଆନଙ୍କ ଶାଣିତ କଟାକ୍ଷ

# ଓଡ଼ିଶାର ବିକାଶ ପାଇଁ 'ନବୀନ ଇଞ୍ଜିନ' ଯଥେଷ୍ଟ

## ଡବଲ୍ ଇଞ୍ଜିନ୍ ଯଦି ଏତେ ଭଲ; ପଡ଼ୋଶୀ ରାଜ୍ୟରେ ସରକାର ବଦଳୁଛି କାହିଁକି?

- ୧୨ କିମି ଚାଲିଲା କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ବିଶାଳ ରୋଡ୍ ଶୋ
- ହଜାର ହଜାର ଜନତା ଦେଲେ ଭବ୍ୟ ସମ୍ବର୍ଦ୍ଧନା
- ଜନତାଙ୍କ ଯୋଶ୍ ଦେଖି ବିରୋଧୀଙ୍କ ହୋସ୍ ଉଡ଼ିଯାଉଛି: କାର୍ତ୍ତିକ
- ଭୋଟ୍ ପରେ ୫ ବର୍ଷ ପର୍ଯ୍ୟନ୍ତ ଦେଖାଦେଉ ନାହାନ୍ତି ସାଂସଦ
- ଏନ୍‌ଏଚ୍-୫୫ ଓ ବିଜୁ ଏକ୍ସପ୍ରେସ୍-ୱେ ଦର୍ଶାଉଛି ଦୁଇ ସରକାରଙ୍କ ଦକ୍ଷତା
- ଆଜି ବି ୨ ଲେନ୍‌ରେ ସୀମିତ ନୂଆପଡ଼ା-ଭବାନୀପାଟଣା ଏନ୍‌ଏଚ୍
- ବିରୋଧୀ ନେତାଙ୍କ ମିଠା କଥାର ମାୟାଜାଲରୁ ଦୂରେଇ ରୁହନ୍ତୁ





■ ଭୁବନେଶ୍ୱର, ୨୭।୪ (ସମିସ): ମୁଖ୍ୟମନ୍ତ୍ରୀଙ୍କ ପରେ ବିଜେଡି ପ୍ରଚାର ତାଲିକାରେ ଦ୍ୱିତୀୟ ସ୍ଥାନରେ ଥିବା କାର୍ତ୍ତିକ ପାଣ୍ଡିଆନ୍ ମାରାଥନ୍ ପ୍ରଚାର କରି ବିରୋଧୀଙ୍କୁ ନିଶାଣ କରୁଛନ୍ତି। ୨୪ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ସହ ହିଞ୍ଜିଳିରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଥିବା ଶ୍ରୀ ପାଣ୍ଡିଆନ୍ ଗତକାଲି ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ବିରୋଧୀଙ୍କୁ ଶାଣିତ ପ୍ରହାର କରିଥିଲେ। ଆଜି ତୃତୀୟ ଦିନରେ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ମାରାଥନ୍ ପ୍ରଚାର ଅବସରରେ ଶ୍ରୀ ପାଣ୍ଡିଆନ ବିଜେପିର ତଥାକଥିତ 'ଡବଲ୍ ଇଞ୍ଜିନ୍' ପ୍ରସଙ୍ଗ ଉଠାଇ ବିରୋଧୀ ଦଳକୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି। "ନା ଡବଲ, ନା ସିଙ୍ଗଲ୍, ଓଡ଼ିଶାରେ ସବୁବେଳେ ନବୀନ ବାବୁଙ୍କ ଇଞ୍ଜିନ୍ ଚାଲିବ। ନବୀନ ଇଞ୍ଜିନ୍ ସବୁଠାରୁ ମଜଭୁତ। ଡବଲ ଇଞ୍ଜିନ୍ ଯଦି ଏତେ ଭଲ, ତା'ହେଲେ ପଡ଼ୋଶୀ ଛତିଶଗଡ଼ରେ ବାରମ୍ବାର ଇଞ୍ଜିନ୍ ବଦଳୁଛି କାହିଁକି?" ପ୍ରଶ୍ନ କରି ବିରୋଧୀଙ୍କ ଡବଲ୍ ଇଞ୍ଜିନ୍ ଉପାଖ୍ୟାନକୁ ଲାଇନ୍‌ଚ୍ୟୁତ କରିଛନ୍ତି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍।

ଆଜି ପ୍ରବଳ ଖରା ସତ୍ତ୍ୱେ ଶ୍ରୀ ପାଣ୍ଡିଆନଙ୍କ ସଭାସ୍ଥଳ ଜନସମୁଦ୍ର ପାଲଟିଥିଲା। ଖଡ଼ିଆଳ ରୋଡ୍‌ରୁ ନୂଆପଡ଼ା ପର୍ଯ୍ୟନ୍ତ ଦୀର୍ଘ ୧୨କିମି ରାସ୍ତାରେ ବିରାଟ୍ ରୋଡ୍ ଶୋ ▶ପୃଷ୍ଠା-୮

## "ପରିବାର ମୁଖ୍ୟ ଭାବେ ସମସ୍ତଙ୍କ ସୁଖଦୁଃଖ ବୁଝୁଛନ୍ତି ନବୀନ"

- ଜନଜାତିଙ୍କ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା
- ମିଶନ୍ ଶକ୍ତି ମା'ମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି
- ବିଏସ୍‌କେୱାଇ ଗରିବଙ୍କ ବଡ଼ ଚିନ୍ତା ଦୂର କରିଛି
- ସବୁ ଧର୍ମପୀଠର ରୂପାନ୍ତରଣ କରାଯାଉଛି
- ଲୋକଙ୍କ ପ୍ରସ୍ତାବ ଆଧାରରେ ବିକାଶ ହେଉଛି
- ଧର୍ମଗଡ଼ ମୋ ଜନ୍ମମାଟି କହିଲେ ଅତ୍ୟୁକ୍ତି ହେବନାହିଁ
- ନୂଆପଡ଼ାରେ ୧୩୧୨କୋଟିର କାମ ହୋଇଛି
- ନର୍ଲାରେ ୫୮୦ କୋଟି ଟଙ୍କାର କାମ ହୋଇଛି

■ ଭୁବନେଶ୍ୱର, ୨୭।୪ (ସମିସ): ସାଢ଼େ ଚାରି କୋଟି ଓଡ଼ିଶାବାସୀ ହେଉଛନ୍ତି ନବୀନ ବାବୁଙ୍କ ପରିବାର। ଆଉ ସେ ପରିବାରର ମୁଖିଆ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ନବୀନ ସରକାର ଲୋକଙ୍କ ସରକାର। ଲୋକଙ୍କ ଦାବି ପୂରଣ କରି ସେ ବହୁତ ଖୁସି ହୁଅନ୍ତି। ସମସ୍ତଙ୍କ ବିକାଶ ପାଇଁ ସେ ଅହରହ କାମ କରୁଛନ୍ତି। ଲୋକଙ୍କ କାମ କରୁଛନ୍ତି ଆଉ ଗୋଟି ଗୋଟି କାମର ହିସାବ ଦେଉଛନ୍ତି। ଏହା କେବଳ ନବୀନ ସରକାର ହିଁ ସମ୍ଭବ। ତେଣୁ ବିକାଶର ସାରଥୀ ନବୀନ ବାବୁଙ୍କୁ ଆପଣମାନେ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ପାଇଁ ଯୋଡ଼ା ଶଙ୍ଖରେ ଭୋଟ ଦେଇ ବିଜେଡିର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାନ୍ତୁ ବୋଲି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ▶ପୃଷ୍ଠା-୮

# ପୁଣି ଅଶାନ୍ତ ମଣିପୁର

**କେନ୍ଦ୍ରୀୟ ବାହିନୀ ଶିବିରକୁ ଉଗ୍ରବାଦୀଙ୍କ ବୋମାମାଡ଼**
**ସିଆରପିଏଫ୍ ଏସ୍‌ଆଇ, ହେଡ୍ କନଷ୍ଟେବଲ ସହିଦ**



■ ଇମ୍ଫାଲ, ୨୭।୪ (ଏଜେନ୍ସି): ମଣିପୁରରେ ପୁଣି ହିଂସା ହୋଇଛି। ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସରିବାର ଠିକ୍ ୬ ଘଣ୍ଟା ପରେ କୁକି ଉଗ୍ରବାଦୀ କେନ୍ଦ୍ରୀୟ ବାହିନୀ ପୋଷ୍ଟ ଉପରେ ବୋମା ମାଡ଼ କରିଛନ୍ତି। ଏହି ଆକ୍ରମଣରେ ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ୍)ର ୨ ଯବାନ ସହିଦ ହୋଇଯାଇଛନ୍ତି। ଆଉ ଦୁଇ ଜଣ ଯବାନ ମଧ୍ୟ ଆହତ ହୋଇଛନ୍ତି। ଇମ୍ଫାଲର ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (ରିମ୍ସ)ରେ ଉଭୟଙ୍କ ଚିକିତ୍ସା ଜାରି ରହିଛି। ୨ ଯବାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା କୁହାଯାଉଛି।

ମଣିପୁର ପୁଲିସର ସୂଚନା ଅନୁଯାୟୀ କୁକି ସମ୍ପ୍ରଦାୟର ଉଗ୍ରବାଦୀ ରାତି ପ୍ରାୟ ୧୨ଟା ୩୦ରୁ ୨ଟା ୧୫ ମଧ୍ୟରେ ମେଇତି ବହୁଳ ଗ୍ରାମ ନାରାନସେନା ଉପରେ ଗୁଳିମାଡ଼ କରିଥିଲେ। ଏହା ସହିତ ୪ଟି ବୋମା ଫୋପାଡ଼ି ଥିଲେ। ଏଥିରୁ ୨ଟି ବୋମା ସିଆରପିଏଫ୍ ପୋଷ୍ଟ ଭିତରେ ବିସ୍ଫୋରଣ ହୋଇଥିଲା। ସୁରକ୍ଷାବାହିନୀ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଆକ୍ରମଣକାରୀ ପଳାଇ ଥିଲେ। ଏହି ଘଟଣାରେ ସିଆରପିଏଫର ୧୨୮ ତମ ବାଟାଲିୟନର ▶ପୃଷ୍ଠା-୮

**ବିଜେଡିର ଅଷ୍ଟମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା**

# ଆଉ ୩ ପ୍ରାର୍ଥୀଙ୍କ ନାମ ଘୋଷଣା

**ଖୋର୍ଦ୍ଧାରୁ ଲଢ଼ିବେ ରାଜେନ୍ଦ୍ର**
**ଭୋଗରାଇରୁ ଗୌତମବୁଦ୍ଧ ଏବଂ ବେଗୁନିଆରୁ ପ୍ରଦୀପଙ୍କୁ ଟିକଟ**

■ ଭୁବନେଶ୍ୱର, ୨୭।୪ (ସମିସ): ବିଜେଡି ପକ୍ଷରୁ ଆଜି ବିଧାନସଭା ନିର୍ବାଚନ ପାଇଁ ଅଷ୍ଟମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପର୍ଯ୍ୟାୟରେ ଆଉ ୩ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଖୋର୍ଦ୍ଧାରୁ ଦଳ ରାଜେନ୍ଦ୍ର ସାହୁଙ୍କୁ ପ୍ରାର୍ଥୀ କରିଥିବା ବେଳେ ବେଗୁନିଆ ବିଧାନସଭା ଆସନରୁ ପ୍ରଦୀପ ସାହୁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ସେହିପରି ଭୋଗରାଇରୁ ଦଳ ଗୌତମବୁଦ୍ଧ ଦାସଙ୍କୁ ମତଦାନକୁ ଓହ୍ଲାଇଛି। ନୂଆମୁହଁ ଭାବେ ପ୍ରଦୀପ ଓ ଗୌତମବୁଦ୍ଧଙ୍କୁ ଦଳ ଟିକଟ ଦେଇଥିବା ବେଳେ ରାଜେନ୍ଦ୍ର ପୁଣିଥରେ ଖୋର୍ଦ୍ଧା ଆସନକୁ ଫେରିଛନ୍ତି।

ସୂଚନାଯୋଗ୍ୟ ଯେ ରାଜେନ୍ଦ୍ର ୨୦୦୯ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଏବଂ ୨୦୧୪ରେ ବିଜେଡି ଟିକଟରୁ ଖୋର୍ଦ୍ଧା ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଅନ୍ୟପକ୍ଷରେ ଆଜି ୩ ପ୍ରାର୍ଥୀଙ୍କୁ ମିଶାଇ ବିଜେଡି ଏଯାବତ୍ ୧୪୪ ଆସନରେ ନିଜର ପ୍ରାର୍ଥୀ ଘୋଷଣା କରିସାରିଛି। ତନ୍ମଧ୍ୟରୁ ୩୪ ଜଣ ମହିଳାଙ୍କୁ ଦଳ ମଇଦାନକୁ ଓହ୍ଲାଇଛି। କେବଳ କୋରେଇ, ନୀଳଗିରି ଓ ଖଣ୍ଡପଡ଼ା ଆସନରେ ଦଳୀୟ ପ୍ରାର୍ଥୀ ଘୋଷଣା ବାକି ରହିଛି। ଖୁବ୍‌ଶୀଘ୍ର ଦଳ ପକ୍ଷରୁ ଉପରୋକ୍ତ ଆସନରେ ପ୍ରାର୍ଥୀ କରାଯିବ ବୋଲି ଜଣାପଡ଼ିଛି।

## ଲୋକକଥା



ନବୀ ଗ୍ୟାରେଣ୍ଟିକୁ ମୁଠେଇ ଧରନ୍ତି
ମୋଦୀ ଗ୍ୟାରେଣ୍ଟିକୁ ଆଡ଼େଇ,
ଉଣେଇଶି ଭୋଟ ନେଇଯାଇଥିଲେ
'ଆଚ୍ଛାଦିନ' କହି ଭୁଡେଇ !
ଦର ତ ଖାଉଚି ସତେଇ
ଚବିଶିରେ ଏବେ ପଲକ ପଡ଼ୁନି
ଭୋଟର ଦେବେ କି ଠକେଇ !!

# ଟ୍ରକ୍-ବାଇକ୍ ଧକ୍କା; ୩ ମୃତ





**ମରଣଯନ୍ତା ପାଲଟିଛି ୫୫ ନମ୍ବର ଜାତୀୟ ରାଜପଥ**

■ ଅନୁଗୋଳ, ୨୭।୪ (ସମିସ): ମଣିଷଖିଆ ବିପର୍ଯ୍ୟସ୍ତ ୫୫ ନମ୍ବର ଜାତୀୟ ରାଜପଥରେ ଆଜି ପୁଣି ମୁଣ୍ଡ ଗଡ଼ିଛି। ଜଣେ କି ଦୁଇଜଣ ନୁହେଁ, ଏକାବେଳକେ ତିନିତିନିଟି ଜୀବନ ନେଇଛି ଏହି ରାସ୍ତା। ରାଜପଥର ପଞ୍ଚମହଲା ଛକ ନିକଟରେ ଏକ ଟ୍ରକ୍ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହେବାରୁ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ, କୃପା ଦେହୁରୀ (୪୮), ରାଜେନ୍ଦ୍ର ପ୍ରଧାନ(୨୧) ଓ ସୁବ୍ରତ ପ୍ରଧାନ (୧୭)। ଏମାନଙ୍କ ଘର ଅନୁଗୋଳ ଜିଲ୍ଲା ଡେରଜାଙ୍ଗ ଗାଁରେ। ପୁଲିସ୍ ଘଟଣାସ୍ଥଳରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାନୁସାରେ, ଆଜି ସକାଳେ କୃପା, ରାଜେନ୍ଦ୍ର ଓ ସୁବ୍ରତ ଏକ ▶ପୃଷ୍ଠା-୮

### ଆଉ କେତେ ମୁଣ୍ଡ ଗଡ଼ିଲେ ଚେତିବେ କେନ୍ଦ୍ରମନ୍ତ୍ରୀ

# 'ଶବ ଉପରେ ରାଜନୀତି କରୁଛନ୍ତି ଧର୍ମେନ୍ଦ୍ର'

■ ଅନୁଗୋଳ, ୨୭।୪ (ସମିସ): ଅନୁଗୋଳ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଏହି ରାସ୍ତାରେ ଜୀବନ ନେଉଥିବା ବେଳେ ଆଜି ପୁଣି ୩ ନିରୀହଙ୍କ ମୁଣ୍ଡ ନେଇଛି। ଏହି ଘଟଣାରେ ବିଜେଡି ଆଜି ପୁଣି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ବିଷୋଦ୍‌ଗାର କରିଛି। ଧର୍ମେନ୍ଦ୍ର ଶବ ଉପରେ ରାଜନୀତି କରୁଛନ୍ତି ବୋଲି ଆକ୍ଷେପ କରିବା ସହ ଏଥର ରାଜ୍ୟବାସୀ ଏହାର ଉଚିତ ଜବାବ ଦେବେ ବୋଲି ବିଜେଡି କହିଛି।

ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ ୫୫ ନମ୍ବର ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ପାଇଁ ବାରମ୍ବାର ଏହି ରାସ୍ତାରେ ଦୁର୍ଘଟଣା ଘଟୁଛି। କିନ୍ତୁ କେନ୍ଦ୍ରମନ୍ତ୍ରୀଙ୍କୁ ସତେଯେମିତି ଏଗୁଡ଼ିକ ଦେଖାଯାଉନାହିଁ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଲଢ଼ୁଥିବା

**ବାଜିରେ ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳବାସୀଙ୍କ ଜୀବନ**
**ଏଥର ଭୋଟ୍‌ରେ ଉପଯୁକ୍ତ ଜବାବ ଦେବେ ରାଜ୍ୟବାସୀ: ବିଜେଡି**

ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନରେ ଆଜି ଏହି ଦୁର୍ଘଟଣା ଘଟିଛି। ମୃତକମାନେ ଛେଣ୍ଡିପଦା ବିଧାନସଭା କ୍ଷେତ୍ର ଅଧୀନରେ ଥିବା ଡେରେଜାଙ୍ଗ ଗାଁର। ଆଜିର ଏହି ଅଘଟଣ ପାଇଁ ସେ କାହାକୁ ଦାୟୀ କରିବେ ବୋଲି ବିଜେଡି ପ୍ରଶ୍ନ କରିଛି। ଅପରପକ୍ଷେ କେନ୍ଦ୍ର ସରକାର ଦେଶର ବିକାଶ କରୁଥିବା କହି ଡିଣ୍ଡିମ ପିଟୁଥିବା ବେଳେ ୫୫ ନମ୍ବର ଜାତୀୟ ରାଜପଥ କାମ ସାରି ନପାରିବା କି' ପ୍ରକାର ବିକାଶ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏ ସଂପର୍କରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା କହିଛନ୍ତି, ଧର୍ମେନ୍ଦ୍ର ଏ ମାଟିର ପୁଅ। କିନ୍ତୁ ନିଜ ମାଟି ପାଇଁ କ'ଣ କରିଛନ୍ତି, ତାହା ଏହି ଜାତୀୟ ରାଜପଥ ତା'ର ପ୍ରମାଣ ଦେଉଛି। ଧର୍ମେନ୍ଦ୍ର ଚାହିଁଥିଲେ ଏହି ରାସ୍ତା କେବେଠାରୁ ଶେଷ ହୋଇସାରନ୍ତାଣି। କିନ୍ତୁ ଅନୁଗୋଳ, ସମ୍ବଲପୁର ଓ ଢେଙ୍କାନାଳ ଲୋକଙ୍କ ସମସ୍ୟା ତାଙ୍କ ଆଖିକୁ ଦିଶୁନି। ଏହାର ଜବାବ ଲୋକେ ନିଶ୍ଚିତ ଦେବେ ବୋଲି ସେ କହିଛନ୍ତି। ସେହିପରି ବିଜେଡି ନେତା କୁନବିହାରୀ ଦାସ କହିଛନ୍ତି ଯେ ଏଠାରେ ଧର୍ମେନ୍ଦ୍ର ନିର୍ବାଚନ ▶ପୃଷ୍ଠା-୮






କେନ୍ଦ୍ରକୁ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ସେନାରେ ମହିଳାଙ୍କ ପ୍ରତିନିଧିତ୍ୱ ଧାର୍ଯ୍ୟ କର

- ସେନା ଏକାଡେମୀରେ ନାମ ଲେଖାଇବାକୁ ଅନୁମତି ଦିଅ
- ୮ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୭।୪ (ଏଜେନ୍ସି)

ସେନାରେ ମହିଳାଙ୍କ ପ୍ରତିନିଧିତ୍ୱ ଧାର୍ଯ୍ୟ କରିବାକୁ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ କୋର୍ଟ ଭାରତୀୟ ସଶସ୍ତ୍ର ବାହିନୀର ଇଣ୍ଡିଆନ ମିଲିଟାରୀ ଏକାଡେମୀ (ଆଇଏମଏ), ଇଣ୍ଡିଆନ ନାଭାଲ ଏକାଡେମୀ (ଆଇଏନଏ) ଏବଂ ଏୟାରଫୋର୍ସ ଏକାଡେମୀ (ଆଇଏଫଏ)ରେ ନାମ କମ୍ବାଇନଡ୍ ଡିଫେନ୍ସ ଏଗ୍‌ଜାମିନେସନ (ସିଡିଏସ) ମାଧ୍ୟମରେ ମହିଳାଙ୍କୁ ନାମ ଲେଖାଇବାକୁ ଅନୁମତି ମିଳିପାରିବ କି ନାହିଁ ବୋଲି ପଚାରିଛନ୍ତି। ୮ ସପ୍ତାହ ମଧ୍ୟରେ ଏହାର ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୁଶ କାଲରାଙ୍କ ଆବେଦନ ଉପରେ ହାଇକୋର୍ଟ ଏହି ଆଦେଶ ଦେଇଛନ୍ତି। ଏଥିରେ ସେ ୨୦୨୩ ଡିସେମ୍ବରରେ ଜାରି ୟୁପିଏସ୍‌ସିର ବିଜ୍ଞପ୍ତିକୁ ବିରୋଧ କରିଥିଲେ। ଏହି ବିଜ୍ଞପ୍ତିରେ ଆଇଏମଏ, ଆଇଏଫଏ, ଆଇଏନଏ ଏବଂ ଅଫିସର୍ସ ଟ୍ରେନିଂ ଏକାଡେମୀ (ଓଟିଏ)ରେ ସିଡିଏସ୍ ମାଧ୍ୟମରେ ନିଯୁକ୍ତି ପାଇଁ ଆବେଦନ ମଗା ଯାଇଥିଲା। ଦିଲ୍ଲୀ ହାଇକୋର୍ଟର କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି ମନମୋହନ ଏବଂ ଜଷ୍ଟିସ ମନମୀତ ପିଏସ୍ ଆରୋରାଙ୍କ ଖଣ୍ଡପୀଠ ନିଜ ଆଡୁ ଏହି ମାମଲାର ବିଚାର କରିଥିଲେ। ଏହି ମାମଲା ଏ ପର୍ଯ୍ୟନ୍ତ ସମ୍ବନ୍ଧିତ ଅଧିକାରୀଙ୍କ ନିକଟରେ ପଡ଼ି ରହିଥିବା କହିଥିଲେ। ୮ ସପ୍ତାହ ଭିତରେ ଆଇନ ଅନୁଯାୟୀ ଏହି ମାମଲାରେ ନିଷ୍ପତ୍ତି ନେବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ।

ଆବେଦନକାରୀ ନିବେଦନ କରିଥିଲେ ଯେ ଆଇଏମଏ, ଆଇଏନଏ, ଆଇଏଏଫ ପକ୍ଷରୁ କରାଯାଉଥିବା ପରୀକ୍ଷାର ବିଜ୍ଞପ୍ତିରେ ମହିଳାଙ୍କୁ ଲିଙ୍ଗଗତ ଆଧାରରେ ଅନୁଚିତ ଭାବେ ବାହାରେ ରଖାଯାଉଛି। ମହିଳାଙ୍କୁ କେବଳ ଓଟିଏ ସର୍ଟ ସର୍ଭିସ କମିଶନ ପାଇଁ ଆବେଦନ କରିବାକୁ ଅନୁମତି ଦିଆଯାଉଛି। ଆବେଦନକାରୀଙ୍କ ଅନୁଯାୟୀ ପ୍ରତିରକ୍ଷା ମନ୍ତ୍ରାଳୟ ଏନ୍‌ଡିଏ ପରୀକ୍ଷାରେ ମହିଳାଙ୍କୁ ପ୍ରବେଶ ଅନୁମତି ଦେଉଛି। ପ୍ରତି ବର୍ଷ ସେନାରେ ନିଯୁକ୍ତି ପାଉଥିବା ମହିଳାଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ତେବେ ସିଡିଏସ ପରୀକ୍ଷା ମାଧ୍ୟମରେ ଆଇଏମଏ, ଆଇଏନଏ ଏବଂ ଆଇଏଏଫରେ ମହିଳାଙ୍କୁ କାହିଁକି ଭର୍ତ୍ତି କରାଯାଉ ନାହିଁ। ଆବେଦନରେ କୁହାଯାଇଛି ଯେ ଯୋଗ୍ୟ ମହିଳାଙ୍କୁ ଦେଶର ସବୁଠାରୁ ବଡ଼ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରେ ପ୍ରଶିକ୍ଷଣ ନେବା ପାଇଁ ଅନୁମତି ନ ଦେବା ଦ୍ୱାରା ମହିଳାଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଛି।

## ହେମନ୍ତ ସୋରେନଙ୍କ ଜାମିନ ଆବେଦନ ଖାରଜ



ରାଞ୍ଚି ,୨୭।୪(ଏଜେନ୍ସି) : ଅର୍ଥ ହେରଫେର ଏବଂ ଜମି ଦୁର୍ନୀତି ମାମଲାରେ ଇଡି ଦ୍ୱାରା ଗିରଫ ହୋଇ ଏବେ ଜେଲରେ ଥିବା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ଦେବାକୁ ସ୍ୱତନ୍ତ୍ର ପିଏମଏଲଏ ମନା କରିଦେଇଛନ୍ତି। ହେମନ୍ତଙ୍କ ଦାଦା ରାଜା ରାମ ସୋରେନଙ୍କ ଶନିବାର ସକାଳେ ପରଲୋକ ହୋଇଥିଲା। ତେବେ ଦାଦାଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସେ ନିଜ ଓକିଲଙ୍କ ମାଧ୍ୟମରେ କୋର୍ଟଙ୍କୁ ୧୩ ଦିନିଆ ମଧ୍ୟବର୍ତ୍ତୀକାଳୀନ ଜାମିନ ପାଇଁ ଆବେଦନ କରିଥିଲେ। କିନ୍ତୁ ରାଞ୍ଚିସ୍ଥିତ ପିଏମଏଲଏ କୋର୍ଟ ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ,ଝାଡ଼ଖଣ୍ଡରେ ଜମି ଘୋଟାଲାକୁ ନେଇ ହୋଇଥିବା ଅର୍ଥ ହେରଫେର ମାମଲାରେ ଇଡି ହେମନ୍ତ ସୋରେନଙ୍କୁ ଗତ ଜାନୁଆରୀ ୩୧ରେ ଗିରଫ କରିଥିଲା । ହେମନ୍ତ ଏବେ ରାଞ୍ଚିର ବିର୍ସା ମୁଣ୍ଡା ଜେଲରେ ନ୍ୟାୟିକ ହେପାଜତରେ ଅଛନ୍ତି ।

## ଆପ୍ ବିଧାୟକ ଅମାନତୁଲ୍ଲାଙ୍କୁ ଜାମିନ



ନୂଆଦିଲ୍ଲୀ, ୨୭।୪ (ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ବିଧାୟକ ଅମାନତୁଲ୍ଲା ଖାନଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିକଟରେ ହାଜର ନ ହେବା ଅଭିଯୋଗ ମାମଲାରେ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ତାଙ୍କୁ ଶନିବାର ଜାମିନ ପ୍ରଦାନ କରିଛନ୍ତି। ସେ ଦିଲ୍ଲୀ ୱାକଫ ବୋର୍ଡର ଅଧ୍ୟକ୍ଷ ଭାବେ ୩୨ ଲୋକଙ୍କୁ ବେଆଇନ ଭାବେ ନିଯୁକ୍ତି ଏବଂ ବୋର୍ଡର ଅନେକ ସମ୍ପତ୍ତିକୁ ଭଡ଼ାରେ ଦେଇଥିଲେ ବୋଲି ଅଭିଯୋଗ ଲାଗିଛି। ଏହି ମାମଲାରେ ଯାଞ୍ଚ ପାଇଁ ଇଡି ତାଙ୍କୁ ସମନ ଜାରି କରିଥିଲା। କିନ୍ତୁ ସେ ଉପସ୍ଥିତ ହୋଇ ନ ଥିଲେ। ଏହାକୁ ନେଇ ଇଡି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ପରେ କୋର୍ଟ ଅମାନତୁଲ୍ଲାଙ୍କୁ ସମନ ଜାରି କରିଥିଲେ। ତେଣୁ ସେ ଆଜି କୋର୍ଟରେ ଉପସ୍ଥିତ ହୋଇଥିଲେ।

ବିଶ୍ୱ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଇତିହାସରେ ପ୍ରଥମ




୬୦ ବର୍ଷରେ ବି ହାର ମାନି ନାହାନ୍ତି ଆଲେଜାଣ୍ଡ୍ରା ସାରିସା ରୋଡ୍ରିଗୁଏଜ୍ । ଆର୍ଜେଣ୍ଟିନା ରାଜଧାନୀ ବୁଏନୋସ୍ ଆୟରିସ୍ ପ୍ରଦେଶର ଲା ପ୍ଲାଟା ସହରର ଆଲେଜାଣ୍ଡ୍ରା ମିସ୍ ୟୁନିଭର୍ସ ହେବାର ସୌଭାଗ୍ୟ ଅର୍ଜନ କରି ବିଶ୍ୱ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଇତିହାସରେ ନୂଆ ରେକର୍ଡ କରିଛନ୍ତି।

ଇଡି ସତ୍ୟପାଠକୁ ସୁପ୍ରିମକୋର୍ଟରେ କେଜ୍ରିୱାଲଙ୍କ ଚ୍ୟାଲେଞ୍ଜ

## ତ୍ୱରିତ ଶୁଣାଣି ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନା’

ନୂଆଦିଲ୍ଲୀ,୨୭।୪(ଏଜେନ୍ସି): ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ସୁପ୍ରିମକୋର୍ଟରେ କରିଥିବା ସତ୍ୟପାଠକୁ କେଜ୍ରିୱାଲ ଚ୍ୟାଲେଞ୍ଜ କରିଛନ୍ତି। ତାଙ୍କ ବିରୋଧରେ ଇଡି ନିକଟରେ କୌଣସି ଠୋସ୍ ପ୍ରମାଣ ନାହିଁ। କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଗିରଫ କରାଯାଇଛି। ଇଡି ତାଙ୍କୁ ଯେଉଁ ସମୟରେ ଗିରଫ କରିଛି ତାହା ହିଁ ଏହି ବିଷୟକୁ ସ୍ପଷ୍ଟ କରିଛି ବୋଲି କେଜ୍ରିୱାଲ ତାଙ୍କ ତାଙ୍କ ଜବାବର ସୁପ୍ରିମକୋର୍ଟଙ୍କୁ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ଦିଲ୍ଲୀ ଅବକାରୀ ନୀତିରେ ଅର୍ଥ ହେର ଫେର କରାଯାଇଥିବା କୁହାଯାଉଥିଲେ ହେଁ ତାଙ୍କ ବିରୋଧରେ ଅର୍ଥ ହେରଫେରକୁ ନେଇ କୌଣସି ମାମଲା ରୁଜୁ କରାଯାଇ ନାହିଁ।ଏହାଛଡ଼ା ତାଙ୍କ ଦଳ ମଧ୍ୟ କୌଣସି ବାଟରେ ସାଉଥ ଗ୍ରୁପ୍ ଠାରୁ ଆଗୁଆ ଲାଞ୍ଚ ନେଇଥିବା ବିଷୟରେ ଇଡି ନିକଟରେ ପ୍ରମାଣ ନାହିଁ। ତାଙ୍କ ଦଳ କାହା ଠାରୁ ଟଙ୍କାଟିଏ ଲାଞ୍ଚ ନେବାର ପ୍ରମାଣ ମଧ୍ୟ ଇଡି ନିକଟରେ ନାହିଁ। କେବଳ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ଗିରଫ କରାଯାଇଛି ବୋଲି କେଜ୍ରିୱାଲ କହିଥିବା ବେଳେ ତାଙ୍କ ଜାମିନ ଆବେଦନ ଉପରେ ତ୍ୱରିତ ଶୁଣାଣି କରିବାକୁ ଆବେଦନ କରିଥିଲେ।

ସୁପ୍ରିମକୋର୍ଟରେ ଏମ୍‌ଏସପି ଧାର୍ଯ୍ୟ ମାମଲା

## ପଞ୍ଜାବ, ହରିୟାଣା ଓ କେନ୍ଦ୍ର ସରକାରଙ୍କୁ ଜବାବ ତଲବ



ନୂଆଦିଲ୍ଲୀ, ୨୭।୪ (ଏଜେନ୍ସି): ପୁଣି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଧାର୍ଯ୍ୟ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ସର୍ବୋଚ୍ଚ ନ୍ୟାୟାଳୟ ଶୁକ୍ରବାର ଏହି ମାମଲାର ଶୁଣାଣି କରି ପଞ୍ଜାବ, ହରିୟାଣା ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହି ଆବେଦନରେ ଧାନ ବ୍ୟତୀତ ଅନ୍ୟ ଫସଲର ଏମ୍‌ଏସ୍‌ପି ଧାର୍ଯ୍ୟ କରିବାକୁ ଦାବି କରାଯାଇଛି। ଏହା ସହିତ ସମୟ ସମୟରେ ମୂଲ୍ୟ ବଢ଼ାଇବା ସହିତ ସରକାର ଚାଷୀଙ୍କଠାରୁ ଫସଲ କିଣିବାକୁ ଦାବି କରାଯାଇଛି। ଜଷ୍ଟିସ ଅଭୟ ଏସ୍ ଓକା ଏବଂ ଉଜ୍ଜ୍ୱଳ ଭୂଇଁଆଙ୍କ ଖଣ୍ଡପୀଠ ଏହି ମାମଲାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କୃଷି ବିଶ୍ୱବିଦ୍ୟାଳୟ ଏବଂ ଆଇସିଏଆରକୁ ମଧ୍ୟ ଜବାବ ମାଗିଛନ୍ତି। ଜୁଲାଇ ଦ୍ୱିତୀୟ ସପ୍ତାହରେ ମାମଲାର ଶୁଣାଣି ହେବ ବୋଲି କହିଛନ୍ତି। ଆବେଦନକାରୀଙ୍କ ଓକିଲ ଚପଣୁପାଲ ସିଂହ ବାଗରି କହିଛନ୍ତି ଯେ ପଞ୍ଜାବ ଏବଂ ହରିୟାଣାର ଚାଷୀ ଧାନ ଏବଂ ଗହମ ଚାଷ କରିବାକୁ ବାଧ୍ୟ ହେଉଛନ୍ତି। କାରଣ ସରକାର ଏହି ଦୁଇ ଶସ୍ୟକୁ ଏମ୍‌ଏସ୍‌ପି ଦେଇ କିଣୁଛନ୍ତି। ଅନ୍ୟ ଫସଲଗୁଡ଼ିକୁ ଏମ୍‌ଏସ୍‌ପି ମିଳୁ ନ ଥିବାରୁ ଚାଷୀ ଆଉ କିଛି ଚାଷ କରିପାରୁ ନାହାନ୍ତି। କିନ୍ତୁ ଧାନ ଚାଷ ଦ୍ୱାରା ତିନୋଟି ସମସ୍ୟା ସୃଷ୍ଟି ହେଉଛି। ଧାନ ଚାଷ ଯୋଗୁଁ ଭୂତଳ ଜଳସ୍ତର ଶୁଖି ଯାଉଛି। ନଡ଼ା ଜାଳିବା ଯୋଗୁଁ ପ୍ରଦୂଷଣ ହେଉଛି ଏବଂ ଅଧିକ ଧାନ ମହଜୁଦ କରିବା ଯୋଗୁଁ ସରକାରଙ୍କ ଉପରେ ମଧ୍ୟ ବୋଝ ବଢୁଛି। ତେଣୁ ଅନ୍ୟ ଶସ୍ୟ ଉପରେ ଏମ୍‌ଏସ୍‌ପି ଦେଲେ ଚାଷୀ ମାଟି ଅନୁଯାୟୀ ଚାଷ କରିପାରନ୍ତେ ବୋଲି ସେ କହିଛନ୍ତି।

● ଆମେରିକାରେ ଭୟଙ୍କର ସଡ଼କ ଦୁର୍ଘଟଣା

## ୩ ଭାରତୀୟ ମହିଳାଙ୍କ ମୃତ୍ୟୁ

ୱାଶିଂଟନ, ୨୭।୪ (ଏଜେନ୍ସି): ଆମେରିକା ସାଉଥ୍ କ୍ୟାରୋଲିନାର ଗ୍ରିନଭିଲେ କାଉଣ୍ଟିରେ ଶନିବାର ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୩ ଭାରତୀୟ ମହିଳା ରେଖାବେନ ପଟେଲ, ସଙ୍ଗୀତାବେନ ପଟେଲ ଏବଂ ମନୀଷାବେନ ପଟେଲଙ୍କ ମୃତ୍ୟୁ ହୋଇଛି। ଜଣେ ମହିଳା ମଧ୍ୟ ଆହତ ହୋଇଛନ୍ତି। ସମସ୍ତ ମୃତକ ଗୁଜରାଟ ଆନନ୍ଦ ଜିଲ୍ଲାର ବାସିନ୍ଦା ଥିଲେ। ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ସଭିଏଁ ଆମେରିକାରେ ଅଲଗା ଅଲଗା ରହୁଥିଲେ। ରିପୋର୍ଟ ଅନୁଯାୟୀ ମହିଳାଙ୍କ ଏସ୍‌ୟୁଭି କାର ନିୟନ୍ତ୍ରଣ ହରାଇ ବ୍ୟାରିକେଡ୍‌କୁ ଧକ୍କା ଦେଇଥିଲା। ପରେ ପୋଲରୁ ତଳକୁ ଖସି ଗଛ ଭିତରେ ଫସି ରହିଥିଲା। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାର୍ ବ୍ୟାରିକେଡ୍‌କୁ ଧକ୍କା ଦେବା ପରେ ୨୦ ଫୁଟ ପର୍ଯ୍ୟନ୍ତ ଗଡ଼ି ଗଡ଼ି ଯାଇଥିଲା। ଏହି କାର୍‌ରେ ୪ ଜଣ ମହିଳା ଥିଲେ। ଦୁର୍ଘଟଣା ସମୟରେ କାର୍‌ର ବେଗ ଅଧିକ ଥିଲା।

● ସଲ୍‌ମାନଙ୍କ ଘର ଉପରେ ଆକ୍ରମଣ ମାମଲା

## ଅଭିଯୁକ୍ତଙ୍କ ବିରୋଧରେ ଲାଗିଲା ଏମ୍‌କୋକା



ମୁମ୍ବାଇ, ୨୭।୪ (ଏଜେନ୍ସି): ଅଭିନେତା ସଲ୍‌ମାନ ଖାନଙ୍କ ଘର ଉପରେ ଗୁଳିମାଡ଼ ମାମଲାରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ବିଷ୍ଣୋଇ ବିରୋଧରେ ମୁମ୍ବାଇ ପୁଲିସ ଲୁକ୍‌ଆଉଟ୍ ନୋଟିସ (ଏଲଓସି) ଜାରି କରିଛି। ଏହାକୁ ନେଇ ପୁଲିସ ସବୁ ଏଜେନ୍ସିଙ୍କୁ ସୂଚନା ଦେଇଛି। ପୁଲିସ ଏହି ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ଏମ୍‌କୋକା ଆଇନ ଲଗାଇଛି। ଏହା ସହିତ ମାମଲା ଅଧିକ ମଜବୁତ ହୋଇଯାଇଛି। ସୂଚନା ଅନୁଯାୟୀ ଦୁଇ ଦିନ ତଳେ ଜଳନ୍ଧରରୁ ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚ ସ୍ଥାନୀୟ ପୁଲିସକୁ କୌଣସି ସୂଚନା ନ ଦେଇ ୨ ଅଭିଯୁକ୍ତ ସୋନୁ ସୁଭାଷ ଚନ୍ଦର (୩୭) ଏବଂ ଅନୁଜ ଥାପନ (୩୨)କୁ ଗିରଫ କରି ମୁମ୍ବାଇ ନେଇ ଯାଇଥିଲା। ଉଭୟେ ପଞ୍ଜାବ ଅବୋହରର ବାସିନ୍ଦା। ଏହି ଦୁଇ ଜଣ ମୁଖ୍ୟ ଅଭିଯୁକ୍ତ ଭିକି ଗୁପ୍ତା ଏବଂ ସାଗର ପାଲ୍‌କୁ ଅସ୍ତ୍ରଶସ୍ତ୍ର ପ୍ରଦାନ କରିଥିଲେ। ଅଭିଯୁକ୍ତ ଅନୁପ ଟ୍ରକ୍‌ର ସହାୟକ ଭାବେ କାମ କରୁଥିଲା। ସେହିପରି ସୁଭାଷ ଏକ ଦୋକାନ କରିଥିଲା।

କେନ୍ଦ୍ରୀୟ ଜଳ କମିସନଙ୍କ ରିପୋର୍ଟକୁ ନେଇ ଉଦ୍‌ବେଗ

## ସର୍ବନିମ୍ନ ସ୍ତରରେ ଦକ୍ଷିଣ ଭାରତର ଜଳଭଣ୍ଡାର

ନୂଆଦିଲ୍ଲୀ,୨୭।୪(ଏଜେନ୍ସି): ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟର ସାଂପ୍ରତିକ ଜଳ ସଂରକ୍ଷଣ କ୍ଷମତାକୁ ନେଇ କେନ୍ଦ୍ରୀୟ ଜଳ କମିସନ ଯେଉଁ ରିପୋର୍ଟ ପ୍ରଦାନ କରିଛନ୍ତି ତାହା ବିଭିନ୍ନ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି। ଗୋଟିଏ ପକ୍ଷରେ କର୍ଣ୍ଣାଟକର ବିଭିନ୍ନ ସହର ସମେତ ବେଙ୍ଗାଲୁରୁରେ ଏବେ ଭୟଙ୍କର ଜଳ ସମସ୍ୟା ଦେଖାଯାଇଥିଲା ବେଳେ ଆନ୍ଧ୍ର ପ୍ରଦେଶ,ତେଲଙ୍ଗାନା,କର୍ଣ୍ଣାଟକ,କେରଳ ଏବଂ ତାମିଲନାଡୁର ବିଭିନ୍ନ ଜଳ ଭଣ୍ଡାରରେ ଜଳ ସ୍ତର ଅପ୍ରତ୍ୟାଶିତ ଭାବେ ହ୍ରାସ ପାଇବା ଚିନ୍ତାର ବିଷୟ ହୋଇଛି। କମିସନଙ୍କ ସର୍ବଶେଷ ରିପୋର୍ଟ ଅନୁସାରେ ଏହିସବୁ ରାଜ୍ୟର ବିଭିନ୍ନ ଜଳଭଣ୍ଡାରର ସାଂପ୍ରତିକ ଜଳ ସଂରକ୍ଷଣ କ୍ଷମତା ୧୭ ପ୍ରତିଶତ ରହିଛି।ଦେଶର ବିଭିନ୍ନ ସ୍ଥାନରେ ରହିଥିବା ଜଳଭଣ୍ଡାରର ସ୍ଥିତି ସମ୍ପର୍କରେ କେନ୍ଦ୍ରୀୟ ଜଳ କମିସନ ତଦାରଖ କରିଥିଲା ବେଳେ ନିକଟରେ ୪୨ଟି ଜଳଭଣ୍ଡାରର ସ୍ଥିତିକୁ ନେଇ ସମୀକ୍ଷା କରାଯାଇଥିଲା। ତେବେ ଏଥିମଧ୍ୟରୁ କେବଳ ଦକ୍ଷିଣ ଭାରତର ଏହିସବୁ ରାଜ୍ୟରେ ରହିଥିବା ଜଳଭଣ୍ଡାରଗୁଡ଼ିକର ଜଳ ସଂରକ୍ଷଣ କ୍ଷମତା ୫୩.୩୩୪ ବିସିଏମ(ବିଲିୟନ କ୍ୟୁବିକ୍ ମିଟର) ରହିଥିଲେ ହେଁ ବର୍ତ୍ତମାନ ଜଳସ୍ତର ମାତ୍ର ୮.୮୬୫ ବିସିଏମ ରହିଥିବା କୁହାଯାଇଛି। ଏଭଳି ସ୍ଥିତିରେ ଏହିସବୁ ରାଜ୍ୟଗୁଡ଼ିକର ଜଳସେଚନ ସମେତ ପାନୀୟ ଜଳ ଯୋଗାଣ ଏବଂ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଭାରି ସମସ୍ୟା ଉପୁଜିପାରେ ବୋଲି କୁହାଯାଇଛି।

● ଧସିଚାଲିଛି ରାମବନ: ଅମରନାଥ ଯାତ୍ରା ଉପରେ ପଡ଼ିବ ପ୍ରଭାବ

## ଭାଙ୍ଗିଲାଣି ୬୦ ଘର; ୫୫ ପରିବାର ଉଦ୍ଧାର

ରାମବନ, ୨୭।୪ (ଏଜେନ୍ସି): ଜମ୍ମୁ-କାଶ୍ମୀର ରାମବନ-ଗୁଲ୍ ମାର୍ଗରେ ଗୁରୁବାର ସନ୍ଧ୍ୟାରୁ ଭୂସ୍ଖଳନ ଜାରି ରହିଛି। ପ୍ରାୟ ୧ କିମି ପର୍ଯ୍ୟନ୍ତ ମାଟି ଧସିବା ପରେ ରାମବନରୁ ୬ କିମି ଦୂରରେ ଥିବା ପେରନୋଟ ଗ୍ରାମର ୬୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ଭୂସ୍ଖଳନ ପରେ ସ୍ଥାନୀୟ ପ୍ରଶାସନ ୫୫ ପରିବାରଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଇଛି। କିନ୍ତୁ ବର୍ଷା ଲାଗି ରହିଥିବାରୁ ସ୍ଥିତି ଅଧିକ ବିପଜ୍ଜନକ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ଅମରନାଥ ଯାତ୍ରା ଜୁନ୍ ୨୯ରୁ ଆରମ୍ଭ ହେବାକୁ ଯାଉଛି। ଏଭଳି ସ୍ଥିତି ରାମବନରେ ଭୂସ୍ଖଳନ ଯାତ୍ରା ଉପରେ ପ୍ରଭାବ ପକାଇପାରେ।କାରଣ ଏହି ଯାତ୍ରା ଜମ୍ମୁର ଭଗବତୀନଗର ବେସ୍‌କ୍ୟାମ୍ପରୁ ଉଧମପୁର, ପଟନିଟପ୍‌ରୁ ରାମବନ ଦେଇ ଅନନ୍ତନାଗରେ ପହଞ୍ଚିବ।

# ମମତା ବାନାର୍ଜୀ ପୁଣି ଆହତ



କୋଲକାତା,୨୭।୪(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବନାର୍ଜୀ ଶନିବାର ପୁଣି ଆହତ ହୋଇଥିବା ବେଳେ ତାଙ୍କ ତାଙ୍କ ଗୋଡରେ ଆଘାତ ଲାଗିଛି। ହେଲିକପ୍ଟର ଚଢିବା ବେଳେ ମମତାଙ୍କ ଗୋଡ ଖସିଯିବାର ସେ ପଡ଼ିଯିବା ସହିତ ଆହତ ହୋଇଥିବା କୁହାଯାଇଛି। ମିଳିଥିବା ଖବର ଅନୁସାରେ ଶନିବାର ମମତା ଏକ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ଯାଇ ଦୁର୍ଗାପୁରରେ ପହଞ୍ଚିଥିଲେ। ଏଠାରେ କାର୍ଯ୍ୟକ୍ରମ ଶେଷ କରିବା ପରେ ଫେରିବାକୁ ହେଲିକପ୍ଟରରେ ଚଢ଼ିବା ବେଳେ ତାଙ୍କ ଗୋଡ ଖସିଯିବାରୁ ସେ ତଳେ ପଡି ଯାଇଥିଲେ। ଏହାପରେ ସୁରକ୍ଷା କର୍ମୀମାନେ ତାଙ୍କୁ ତୁରନ୍ତ ଉଠାଇ ନେଇଥିଲେ। ଏହି ଦୁର୍ଘଟଣାରେ ମମତା ସାମାନ୍ୟ ଆହତ ହୋଇଥିବା କୁହାଯାଉଛି। ତେବେ ଆହତ ହେବା ପରେ ବି ସେ ଆସାନସୋଲ ଯାଇ ସେଠାରେ ପ୍ରଚାର କରିଥିବା ଜଣାପଡ଼ିଛି। ଏହି ଘଟଣାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହା ପୂର୍ବରୁ ଜାନୁଆରୀ ମାସରେ ମଧ୍ୟ ମମତା ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ କାର୍ ଅନ୍ୟ ଏକ ଗାଡି ସହ ଧକ୍କା ହେବା ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସେହିପରି ଅନ୍ୟ ଏକ ଘଟଣାରେ କିଛି ଦିନ ତଳେ ମମତା ତାଙ୍କ ଘରେ ଯାଉଥିବା ବେଳେ ଗୋଡ ଖସିଯିବାରୁ ତାଙ୍କ ମୁଣ୍ଡ କାନ୍ଥରେ ମାଡ଼ ହେବାରୁ ସେ ଆହତ ହୋଇଥିଲେ।

● ସନ୍ଦେଶଖାଲିରେ ସିବିଆଇ ଚଢଉ

### ଇଡିର ଦ୍ୱାରସ୍ଥ ହେଲେ ମମତା

ପଶ୍ଚିମବଙ୍ଗ ସନ୍ଦେଶଖାଲି ଘଟଣାରେ ଗତକାଲି ସିବିଆଇ ଏନଏସଜି କମାଣ୍ଡୋ ସହ ବିଭିନ୍ନ ସ୍ଥାନରେ ଚଢଉ କରିଥିଲା। ଏହି ସମୟରେ ସନ୍ଦେଶଖାଲି ଘଟଣାର ମୁଖ୍ୟଅଭିଯୁକ୍ତ ଶାହାଜାହାନ ଶେଖର ଜଣେ ଘନିଷ୍ଠ ବ୍ୟକ୍ତିଙ୍କ ଘରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା। ଏହି ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହେବା ସହିତ ବିଜେପି ଟିଏମସିକୁ ନିଶାଣ କରିଥିଲା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବର୍ତ୍ତମାନ ଲୋକସଭା ନିର୍ବାଚନକୁ ନେଇ ଆଚରଣ ସଂହିତା ଲାଗୁ ହୋଇଥିବା ସତ୍ତ୍ୱେ ବିଜେପି ରାଜନୀତି କରି ସିବିଆଇ ସହାୟତାରେ ଏଭଳି କାଣ୍ଡ ଚଳାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏପରିକି ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ବିଜେପି ପ୍ରାୟୋଜିତ ବୋଲି ସେ କହିଛନ୍ତି।

ସାମ୍ବିଧାନିକ ବିରୋଧାଭାସ ଓ ଅସଙ୍ଗତି

# ନିର୍ବାଚନ ଲଢ଼ିପାରିବେ ଅମ୍ରିତପାଲ୍; ଭୋଟ ଦେଇପାରିବେନି କେଜ୍ରିୱାଲ !

ନୂଆଦିଲ୍ଲୀ,୨୭।୪(ଏଜେନ୍ସି)



୨୦୨୪ ହେଉଛି ସାରା ବିଶ୍ୱ ପାଇଁ ନିର୍ବାଚନ ବର୍ଷ। ଏହି ବର୍ଷ ବିଶ୍ୱର ପ୍ରାୟ ୮୦ରୁ ଅଧିକ ରାଷ୍ଟ୍ରରେ ନିର୍ବାଚନ ହେଉଛି। ଏଥିପାଇଁ ସାରା ବିଶ୍ୱରେ ହେଉଥିବା ନିର୍ବାଚନ ପ୍ରକ୍ରିୟାକୁ ନେଇ ଗଣମାଧ୍ୟମର ଦୃଷ୍ଟି ନିବଦ୍ଧ ରହିଛି। ବିଶେଷକରି ବିଭିନ୍ନ ରାଷ୍ଟ୍ରର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ନିର୍ବାଚନ ପରିଚାଳିତ ହେଉଥିବା ବେଳେ ଏହାର ନୀତି ,ଆଦର୍ଶ ଭିତ୍ତିରେ କେଉଁଠି କିଭଳି ନିର୍ବାଚନ ପରିଚାଳନା କରାଯାଉଛି ତାହାକୁ ନେଇ ବିଭିନ୍ନ ଗଣମାଧ୍ୟମ ତର୍କ-ବିତର୍କରେ ମାତି ରହିଛନ୍ତି। ଏହିକ୍ରମରେ ଭାରତରେ ନିର୍ବାଚନ ଚାଲୁଥିବା ବେଳେ ଏଠାରେ ମଧ୍ୟ ସାମ୍ବିଧାନିକ ଆଦର୍ଶ , ନୀତି ଓ ଅସଙ୍ଗତିକୁ ନେଇ ଏକ ବିଚିତ୍ର ବିଷୟ ଦେଖିବାକୁ ମିଳିଛି। ଜେଲରେ ଥିବା ଜଣେ ବ୍ୟକ୍ତିଙ୍କୁ ଭାରତୀୟ ସମ୍ବିଧାନ ଗୋଟିଏ ପକ୍ଷରେ ନିର୍ବାଚନ ଲଢିବାକୁ ସୁଯୋଗ ଦେଉଥିବା ବେଳେ ଜେଲରେ ଥାଇ ଅନ୍ୟ ଜଣଙ୍କୁ କିଭଳି ଭୋଟ ଦେବାର ଅଧିକାର ଦେଇ ନାହିଁ ତାହା ଏବେ ଦୁଇ ବିଶେଷ ବ୍ୟକ୍ତିଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏଭଳି ବିଷୟ ଦେଖିବାକୁ ମିଳିଛି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଖଲିସ୍ତାନ ସମର୍ଥକ ଅମୃତପାଲ ସିଂହଙ୍କ କ୍ଷେତ୍ରରେ। କେଜ୍ରିୱାଲ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ଦ୍ୱାରା ଗିରଫ ହୋଇ ଏବେ ତିହାର ଜେଲରେ ରହିଛନ୍ତି। ସେହିପରି ଖଲିସ୍ତାନୀ ସମର୍ଥକ ଅମ୍ରିତପାଲ ସିଂ ମଧ୍ୟ ଆସାମର ଡିବ୍ରୁଗଡ଼ ଜେଲରେ ରହିଛନ୍ତି। କିନ୍ତୁ ଅମ୍ରିତପାଲ ଚଳିତ ନିର୍ବାଚନରେ ପଞ୍ଜାବର ଖଦୁର ସାହେବ ଲୋକସଭା ଆସନରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଆସନ୍ତା ମେ’ ୭ରୁ ୧୭ ମଧ୍ୟରେ ସେ ନାମାଙ୍କନ ଦାଖଲ କରିପାରନ୍ତି ବୋଲି ତାଙ୍କ ଓକିଲ କହିଛନ୍ତି। କିନ୍ତୁ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା କେଜ୍ରିୱାଲ ଭୋଟ୍ ଦେଇପାରିବେ ନାହିଁ। ସାମ୍ବିଧାନିକ ନିୟମ ଅନୁସାରେ ଜଣେ ବ୍ୟକ୍ତି ଯେଉଁ ପର୍ଯ୍ୟନ୍ତ କୌଣସି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ନଥିବେ ସେ ଜେଲରେ ଥିଲେ ମଧ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏପରିକି ଯେଉଁମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ସେମାନେ ଜେଲ ଅବଧି ଶେଷ ହେବାର ୬ ବର୍ଷ ପରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ସେହି ବ୍ୟକ୍ତି ଜେଲରେ ଥାଇ ମଧ୍ୟ ସମର୍ଥକଙ୍କ ସହଯୋଗରେ ନାମାଙ୍କନ ଦାଖଲ କରିପାରିବେ ବୋଲି ବ୍ୟବସ୍ଥା ରହିଛି। । ଯଦି ସମ୍ପୃକ୍ତ ପ୍ରାର୍ଥୀ ବିଜୟୀ ହୁଅନ୍ତି ତେବେ ତାଙ୍କୁ ଶପଥ ନେବା ପାଇଁ ମଧ୍ୟ ଅନୁମତି ଦିଆଯିବ। କିନ୍ତୁ ସମ୍ବିଧାନ ଅନୁସାରେ ଜେଲରେ ଥିବାବେଳେ ଜଣେ ବ୍ୟକ୍ତି ଭୋଟ ଦେଇପାରିବେ ନାହିଁ। ଜନ ପ୍ରତିନିଧି ଅଧିନିୟମ, ୧୯୫୧ର ଧାରା ୬୨(୫) ଅନୁସାରେ, ଯଦି କୌଣସି ବ୍ୟକ୍ତି ପୁଲିସ ହେପାଜତରେ କିମ୍ବା ଜେଲରେ ଥିବେ ତେବେ ସେ କୌଣସି ନିର୍ବାଚନରେ ଭୋଟ୍ ଦେଇ ପାରିବେ ନାହିଁ । ଯାହା କେଜ୍ରିୱାଲଙ୍କ କ୍ଷେତ୍ରରେ ପ୍ରଜୁଜ୍ୟ ହୋଇଥିବା କୁହାଯାଉଛି।

# ଆଜି ପ୍ରଚାର ପାଇଁ ଓଡ଼ିଶା ଆସୁଛନ୍ତି ନଡ୍ଡା, ରାହୁଲ

**ଭୁବନେଶ୍ୱର, ୨୭।୪(ସମିସ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ତାରିଖ ପାଖେଇ ଆସୁଥିବା ବେଳେ ନିର୍ବାଚନୀ ପାଣିପାଗ ସରଗରମ ହେବାରେ ଲାଗିଛି। ବିଶେଷକରି ଗତ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରୁ ନିର୍ବାଚନ ପ୍ରଚାରର ଶୁଭ ଶଙ୍ଖ ଫୁଙ୍କିବା ପରେ ବିରୋଧୀ ଶିବିର ଚଳଚଞ୍ଚଳ ହୋଇଉଠିଛି। ଗତ ୨୫ ତାରିଖରେ ବିଜେପିର ବରିଷ୍ଠ ନେତା ଅମିତ୍ ଶାହା ସୋନପୁରରୁ ନିର୍ବାଚନ ପ୍ରଚାର କରି ଦଳୀୟ ନେତା ଓ କର୍ମୀଙ୍କୁ ଉତ୍ସାହିତ କରିଛନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ୍ ହୋଇ ଉଠିଥିବା ବେଳେ ଆସନ୍ତାକାଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା ଏବଂ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ପ୍ରଚାର ପାଇଁ ଓଡ଼ିଶା ଆସୁଛନ୍ତି। ଏହି ଦୁଇ ହେଭିୱେଟ୍‌ଙ୍କ ପ୍ରଚାର ରାଜ୍ୟ ରାଜନୀତି ପାଣିପାଗକୁ ଆହୁରି ଉଷ୍ମ କରିବ ବୋଲି ଆକଳନ କରୁଛନ୍ତି ରାଜନୀତିକ ସମୀକ୍ଷକ।

ସୂଚନା ଅନୁଯାୟୀ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନ‡। ଆସନ୍ତାକାଲି ଭୁବନେଶ୍ୱର ବିମାନବନ୍ଦରରେ ଅପରାହ୍ଣ ୪ଟା ୩୦ରେ ପହଞ୍ଚିବେ। ବିମାନବନ୍ଦରରୁ ସେ ସିଧାସଳଖ ସ୍ୱତନ୍ତ୍ର ବିମାନରେ ବ୍ରହ୍ମପୁର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ ଯିବେ। ଅପରାହ୍ଣ ସାଢ଼େ ୫ଟାରେ ନଡ୍ଡା ମୟୂରଭଞ୍ଜର ଆମ୍ବପୁଆ ଠାରେ ଏକ ସାଧାରଣସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସନ୍ଧ୍ୟା ୬ଟା ୪୫ରେ ସେ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେବେ। ଏହି ବୈଠକରେ ବ୍ରହ୍ମପୁର, ଆସ୍କା, ନବରଙ୍ଗପୁର ଓ କୋରାପୁଟର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେବେ। ବ୍ରହ୍ମପୁରରେ ରାତ୍ରି ରହଣି କରି ପରଦିନ ସକାଳେ ସେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଆସନ୍ତାକାଲି ମଧ୍ୟ କଂଗ୍ରେସ ନେତା ରାହୁଲ ଗାନ୍ଧି ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଦିନ ୧୧ଟା ୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ଏହାପରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କଟକର ସତ୍ୟଭାମାପୁର ଯିବେ। ସେଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ସତ୍ୟଭାମାପୁରରୁ ହେଲିକପ୍ଟର ଯୋଗେ ସାଲେପୁର ଯିବେ। ସେଠାରେ ସେ ଦଳ ପକ୍ଷରୁ ଆୟୋଜିତ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହାପରେ ରାହୁଲ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି।

ଗୋଟିଏ ଦିନରେ ଜାତୀୟ ରାଜନୀତିର ଦୁଇ ହେଭିୱେଟ ନେତା ଓଡ଼ିଶା ଆସୁଥିବାରୁ ଏହାକୁ ନେଇ ରାଜ୍ୟ ରାଜନୀତିରେ ବେଶ୍ ଉଷ୍ମତା ଭରିଯାଇଛି। ବିଶେଷକରି ବିଜେପି ଓ କଂଗ୍ରେସର ସମର୍ଥକମାନେ ଦଳୀୟ ନେତାଙ୍କ ଓଡ଼ିଶା ଆଗମନକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି।

# ପୁଲିସ ପଞ୍ଝାରେ ଦୁର୍ଦ୍ଧାନ୍ତ ଡକାୟତ ଦାଶରଥୀ ଧୀବର

**କେନ୍ଦୁଝର,୨୭।୪(ସମିସ):** କେନ୍ଦୁଝର ପୁଲିସକୁ ଶନିବାର ଏକ ବଡ଼ ସଫଳତା ମିଳିଛି। କେନ୍ଦୁଝର ସମେତ ସୁନ୍ଦରଗଡ଼, ଢେଙ୍କାନାଳ ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଡକାୟତି କରି ପୁଲିସର ନିଦ ହଜାଇଥିବା କୁଖ୍ୟାତ ଡକାୟତ ସର୍ଦ୍ଦାର ଦାଶରଥୀ ଧୀବରକୁ ପୁଲିସ ଗିରଫ କରିଛି। ତା' ପାଖରୁ ପୁଲିସ ଗୋଟିଏ ପିସ୍ତଲ, ୧ ଖୁକ୍‌ରୀ, ୧୪ଟି ସୁନା ଲକେଟ, ୫୦୦ ଗ୍ରାମ ରୁପା ଅଳଙ୍କାର, ଗୋଟିଏ ବୋଲେରୋ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ତା' ନାଁରେ ୨୮ ରୁ ଊର୍ଦ୍ଧ୍ୱ ବଡ଼ ଡକାୟତି ସମେତ ବହୁ ସଂଗିନ୍ ମାମଲା ରହିଛି।

ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବର ୧୮ ତାରିଖରେ ଦାଶରଥୀ ନେତୃତ୍ୱରେ ୬ ଜଣ ଡକାୟତ ନୟାକୋଟ ଥାନା ଅଞ୍ଚଳ ଫୁଲଝରସ୍ଥିତ ସ୍ୱପ୍ନେଶ୍ୱର ଫିଲିଂ ଷ୍ଟେସନରେ ରାତ୍ରି ୧୨.୩୦ରୁ ୧ଟା ମଧ୍ୟରେ ଗୁଳି ଚଳାଇ ସେଠାରେ ସଟର ଭାଙ୍ଗି ବାକ୍ସରେ ଥିବା ୪ଲକ୍ଷ ଟଙ୍କା, ଲାପଟପ, ହାର୍ଡ ଡିସ୍କ ଲୁଟ୍ କରିନେଇଥିଲା। ଏହା ସହ ସେଠାରେ ଲାଗିଥିବା ୨ ସିସି କ୍ୟାମେରାକୁ ଭାଙ୍ଗିଦେଇ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ଏ ନେଇ କ୍ଷେତ୍ରମୋହନ ମହାନ୍ତ ନୟାକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଥାନା କେଶ ନମ୍ବର ୯୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲା ଆଧାରରେ ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ପୂର୍ବରୁ ଗତବର୍ଷ ଅକ୍ଟୋବର



୨୩ରେ ଘଟଣାରେ ସମ୍ପୃକ୍ତ ଯୋଡ଼ା ପାତ୍ର ବସ୍ତିର ବିଜୟ ପାତ୍ର, ପ୍ରଭାକର ଲୋହାର, ଅନିଲ ଗୋପଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ନଭେମ୍ବର ୧୬ ତାରିଖରେ ଯୋଡ଼ାର ବିଷ୍ଣୁ ନାଗିବ ଓ ସଦର ଥାନା କୁଶୁମୁଳାର ନିହାର ରଞ୍ଜନ ମହାନ୍ତ ସମେତ ୫ ଜଣ ଡକାୟତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିନ୍ତୁ ଏହି ଡକାୟତି ଘଟଣା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୨୮ ଡକାୟତି ଘଟଣାର ମାଷ୍ଟରମାଇଣ୍ଡ ବାମେବାରୀ ଥାନା ଧନୁର୍ଜୟପୁରର ଦାଶରଥୀ ଧୀବର ଫେରାର ହେବାରେ ସଫଳ ହୋଇଥିଲା।

କେନ୍ଦୁଝର ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶରେ ଗଠିତ ଏକ ଟିମ୍ ଶେଷରେ ଶନିବାର ଡକାୟତ ସର୍ଦ୍ଦାର ଦଶରଥୀ ଧୀବରକୁ ଗିରଫ କରିବାରେ ସଫଳ ହୋଇଛି। ତା' ନାମରେ କେନ୍ଦୁଝର ଜିଲ୍ଲାର ବାମେବାରୀ, ଯୋଡ଼ା, ଚମ୍ପୁଆ, ହରିଚନ୍ଦନପୁର, କେନ୍ଦୁଝର ସଦର, କେନ୍ଦୁଝର ଟାଉନ, ନୟାକୋଟ, ଝୁମ୍ପୁରା, ଘସିପୁରା ସମେତ ଜିଲ୍ଲାର ବିଭିନ୍ନ ଥାନାରେ ୨୦ରୁ ଊର୍ଦ୍ଧ୍ୱ ସଂଗିନ୍ ମାମଲା ରହିଥିବା ବେଳେ ସୁନ୍ଦରଗଡ଼, ସମ୍ବଲପୁର ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଜଣାଯାଇଛି।

- ପିସ୍ତଲ, ଅଳଙ୍କାର, ବୋଲେରୋ ଓ ବାଇକ୍ ଜବତ
- ୨୮ଟି ମାମଲାରେ ସମ୍ପୃକ୍ତ
- କେନ୍ଦୁଝର ସମେତ ରାଉରକେଲା, ଢେଙ୍କାନାଳ, ସମ୍ବଲପୁରରେ ରହିଛି ମାମଲା

ଏ ସମ୍ପର୍କରେ କେନ୍ଦୁଝର ପୁଲିସ ମୁଖ୍ୟାଳୟରେ ଶନିବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଦିଲ୍ଲୀପ ନାଏକ, ଏସ୍‌ଡିପିଓ ମହେନ୍ଦ୍ର ମୁର୍ମୁ, ନୟାକୋଟ ଥାନା ଅଧିକାରୀ ଅବିନାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରପାତରେ ମା'-ପୁଅ ମୃତ

**ଡେରାବିଶ,୨୭।୪(ସମିସ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମରେ ଶନିବାର ଅପରାହ୍ଣରେ ବଜ୍ରପାତ ଘଟି ମା' ଓ ପୁଅଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ, ଜହ୍ନିମୂଳ ଗ୍ରାମର ରବୀନ୍ଦ୍ର କୁମାର ବାରିକ (୨୭) ଓ ତାଙ୍କ ମା' ଶଶିରେଖା ବାରିକ (୫୮)। ଆଜି ରବୀନ୍ଦ୍ର ଓ ଶଶିରେଖା ନିକଟସ୍ଥ ବିଲକୁ ମୁଗ ଉପାଡ଼ିବା ପାଇଁ ଯାଇଥିବା ବେଳେ ଅପରାହ୍ଣରେ କାଳବୈଶାଖୀ ଜନିତ ବର୍ଷା ପବନ ହେବାରୁ ଦୁହେଁ ଘରକୁ ଫେରୁଥିଲେ। ତେବେ ସେହି ସମୟରେ ଏକ ବଡ଼ଧରଣର ବଜ୍ରପାତ ହେବାରୁ ଦୁହେଁ ସଂଜ୍ଞାହୀନ ହୋଇପଡ଼ିଥିଲେ। ବର୍ଷା ଛାଡ଼ିବା ପରେ ସ୍ଥାନୀୟ ଲୋକେ ଏକ ଗାଡ଼ି ସାହାଯ୍ୟରେ ଦୁହିଁଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହକୁ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ ରବୀନ୍ଦ୍ର ଜହ୍ନିମୂଳ ଗ୍ରାମର ୱାର୍ଡ଼ମେମ୍ବର ଥିଲେ।

# ବାର୍‌ହା ଫାଶ ନେଲା ଚାଷୀଙ୍କ ଜୀବନ

**ବୁଗୁଡ଼ା, ୨୭।୪ (ସମିସ):** ବୁଗୁଡ଼ା ବନାଞ୍ଚଳରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ଏକ ବିଦ୍ୟୁତ୍ ଫାଶରେ ପଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ବୁଗୁଡ଼ା ଥାନା ଅନ୍ତର୍ଗତ ତାଳସାକର ଗ୍ରାମର ଅରୁଣ ନାୟକ (୩୮)। ଏହି ଘଟଣାରେ ପୁଲିସ ସେହି ଗ୍ରାମର କୃଷ୍ଣଚନ୍ଦ୍ର ଜେନାଙ୍କୁ ଗିରଫ କରିଛି। ଅରୁଣଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ ୩୦୩/୨୪ରେ ଏକ ମାମଲା ରୁଜୁ କରିଥିବା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି।

**ଅଭିଯୁକ୍ତ ଗିରଫ**

ଶୁକ୍ରବାର ରାତିରେ କୃଷ୍ଣଚନ୍ଦ୍ର ବାରହା ଶିକାର କରିବା ଉଦ୍ଦେଶ୍ୟରେ ତାଳସାକର ଗାଁର ଆଗୁଳ ତଳ ବିଲରେ ୧୧ କେଭିରୁ ବିଦ୍ୟୁତ୍ ତାର ସଂଯୋଗ କରି ଫାଶ ବିଛାଇଥିଲେ। ଅରୁଣ ରାତିରେ ଚଣା ପଦରରେ ପାଣି ମଡ଼ାଇବାକୁ ଯାଉଥିଲା ବେଳେ ଉକ୍ତ ଫାଶରେ ଛନ୍ଦି ହୋଇ ପ୍ରାଣ ହରାଇଥିଲେ। ପରିବାରଲୋକେ ରାତିରେ ଅରୁଣଙ୍କ କୌଣସି ଖୋଜ ଖବର ପାଇ ପାଇନଥିଲେ। ଆଜି ସକାଳେ ସେହି ରାସ୍ତାରେ ଯାଉଥିବା କିଛି ଲୋକ ଅରୁଣଙ୍କ ମୃତଦେହ ବିଦ୍ୟୁତ ଫାଶରେ ଛନ୍ଦି ହୋଇ ପଡ଼ିଥିବା ଦେଖିବା ପରେ ଘଟଣା ପ୍ରଘଟ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଏବଂ ବିଦ୍ୟୁତ୍ ଫାଶର ସମସ୍ତ ସରଞ୍ଜାମକୁ ଜବତ କରିବା ସହ ଅରୁଣଙ୍କୁ ଗାଁ ନିକଟ ଜଙ୍ଗଲରୁ ଧରିଥିଲା।

# କେନ୍ଦ୍ରୀୟ ପ୍ରାଶାସନିକ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ହାଇକୋର୍ଟରେ ରଦ୍ଦ

**କଟକ, ୨୭।୪(ସମିସ):** ବିଭାଗ ପାଇଁ କାର୍ଯ୍ୟ କରିନଥିବା ସମୟ ତଥା ଦାୟିତ୍ୱରୁ ଅନ୍ତର ହୋଇଥିବା ଅବଧି ପାଇଁ କର୍ମଚାରୀଙ୍କୁ ପାରିଶ୍ରମିକ ମିଳିବ ନାହିଁ। ହେଲେ ଚାକିରିରେ ପୁନର୍ବାର ଅବସ୍ଥାପିତ ହେବା ପରେ ଅନ୍ତର ଅବଧିକୁ ବିଭାଗୀୟ ପରୀକ୍ଷା, ଅନୁକମ୍ପାମୂଳକ କ୍ଷତିପୂରଣ ଆଦି ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି। ଏଣୁ ଅନ୍ତର ହୋଇଥିବା ଅବଧି ତଥା ବିଭାଗ ପାଇଁ କାର୍ଯ୍ୟ କରି ନଥିବା କର୍ମଚାରୀଙ୍କୁ ପ୍ରାପ୍ୟ ପ୍ରଦାନ ପାଇଁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବୁନାଲ (କ୍ୟାଟ୍) ପ୍ରଦାନ କରିଥିବା ରାୟ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିବା ସହ କ୍ୟାଟଙ୍କ ଆଦେଶକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର ଓ ଡାକ ବିଭାଗ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ସୁଧୀର ନରେନ୍ଦ୍ର ନାମକ ଜଣେ ବ୍ୟକ୍ତି ୧୯୮୫, ମେ' ୧୧ରେ ପୁରୀ ପୋଷ୍ଟାଲ ଡିଭିଜନର କଣାସ ସବ୍-ପୋଷ୍ଟ ଅଫିସ

**'କାର୍ଯ୍ୟରୁ ଅନ୍ତର ହୋଇଥିବା ଅବଧି ବାବଦରେ କର୍ମଚାରୀଙ୍କୁ ମିଳିବ ନାହିଁ ପ୍ରାପ୍ୟ'**

ଅଧୀନସ୍ଥ ବଳଭଦ୍ରପୁର ଶାଖା ପୋଷ୍ଟ ଅଫିସରେ ଗ୍ରାମୀଣ ଡାକ ସେବକ ପୋଷ୍ଟମାଷ୍ଟର ଭାବେ ନିଯୁକ୍ତି ପାଇଥିଲେ। ପରେ ଏକ ଅପରାଧିକ ମାମଲାରେ ସୁଧୀର ଛନ୍ଦି ହୋଇ ନିମ୍ନ ଅଦାଲତରେ ଦୋଷୀ ସାବ୍ୟସ୍ତ ହେବାରୁ ତାଙ୍କୁ ୧୯୯୭, ସେପ୍ଟେମ୍ବର ୯ରେ ଚାକିରିରୁ ବହିଷ୍କାର କରାଯାଇଥିଲା। କିନ୍ତୁ ପୁରୀ ଦୌରା ଅଦାଲତଙ୍କ ଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହିତ ସୁଧୀରଙ୍କୁ ଦୋଷମୁକ୍ତ କରିଥିଲେ। ଏହାପରେ ସୁଧୀରଙ୍କୁ ଚାକିରିରେ ପୁନର୍ବାର ଅବସ୍ଥାପିତ କରାଯାଇଥିଲା। ସେ କାର୍ଯ୍ୟରୁ ଅନ୍ତର ରହିଥିବା ଅବଧି ଲାଗି ପ୍ରାପ୍ୟ ଦାବି କରି କ୍ୟାଟ୍‌ରେ ମାମଲା ରୁଜୁ କରିଥିଲେ। ସୁଧୀରଙ୍କ ମୃତ୍ୟୁ ହୋଇଯିବାରୁ ତାଙ୍କ ଉତ୍ତରାଧିକାରୀ ମାମଲାକୁ ଆଗକୁ ବଢ଼ାଇଥିଲେ। କ୍ୟାଟ୍ ଏହି ମାମଲାର ଶୁଣାଣି କରି କାର୍ଯ୍ୟ କରିନଥିବା ଅବଧି ପାଇଁ ସୁଧୀର ପ୍ରାପ୍ୟର ହକଦାର ବୋଲି ରାୟ ଦେଇଥିଲେ। କ୍ୟାଟ୍ ନିର୍ଦ୍ଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ଦର୍ଶାଇ କେନ୍ଦ୍ର ସରକାର ହାଇକୋର୍ଟରେ ମାମଲା ଦାୟର କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସିଜିସି ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରଥିଲେ।

■ ସରିଲା ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଯାଞ୍ଚ ପ୍ରକ୍ରିୟା

# ୨୮ ବିଧାନସଭା ଆସନ ପାଇଁ ୨୫୬ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ

**ଭୁବନେଶ୍ୱର, ୨୭।୪(ସମିସ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୪ଟି ଲୋକସଭା ଆସନରେ ଆସୁଥିବା ୨୮ ବିଧାନସଭା ଆସନରେ ମୋଟ ୨୫୬ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି। ଏଥିରେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସର୍ବାଧିକ ୧୮ ପ୍ରାର୍ଥୀ ରହିଛନ୍ତି। ସେହିପରି ଗୁଣପୁର ବିଧାନସଭା ଆସନ ପାଇଁ ୧୪ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଥିବା ବେଳେ କୋରାପୁଟ ଏବଂ ଦିଗପହଣ୍ଡି ଆସନରେ ୧୩ଜଣ ଲେଖାଏଁ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି। ଜୟପୁର ଓ ନର୍ଲାରେ ୧୨ ଜଣ ଲେଖାଏଁ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ଥିବାବେଳେ ଗୋପାଳପୁର, ପାରଳାଖେମୁଣ୍ଡି, ଭବାନୀପାଟଣା ଓ ଧର୍ମଗଡ଼ ବିଧାନସଭା ଆସନରେ ୧୧ ଜଣ ଲେଖାଏଁ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ସେହିପରି ପଟ୍ଟାଙ୍ଗୀ ଓ ଛତ୍ରପୁର ଆସନ ପାଇଁ ୧୦ ଜଣ ଲେଖାଏଁ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟର ସମସ୍ତ ୨୮ ବିଧାନସଭା ଆସନ ପାଇଁ ମୋଟ ୨୬୬ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ମାତ୍ର ଯାଞ୍ଚ ବେଳେ ବିଭିନ୍ନ ନିର୍ବାଚନମଣ୍ଡଳୀର ୧୦ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଖାରଜ ହୋଇଯାଇଛି। ଅପରପକ୍ଷେ ଆସନ୍ତା ୨୯ ତାରିଖ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି।

# ମହାନଦୀକୁ ମାରିବା ପାଇଁ ଛତିଶଗଡ଼ ସହ ହାତ ମିଳାଇଛନ୍ତି ଧର୍ମେନ୍ଦ୍ର: ବିଜେଡି

**ସମ୍ବଲପୁର, ୨୭।୪(ସମିସ):** ଏକଥା କାହାକୁ ଅଛପା ନାହିଁ ଯେ ୨୦୧୮ ରେ ଛତିଶଗଡ଼ରୁ ରାଜ୍ୟସଭା ଯିବାକୁ କେଉଁଭଳି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେତେବେଳେ ରମଣ ସିଂ ସରକାରଙ୍କ ଗୋଡ଼ାଣିଆ ସାଜିଥିଲେ। ମାଟି ନୁହେଁ ନିଜ ସ୍ୱାର୍ଥ ପାଇଁ ସେତେବେଳେ ଛତିଶଗଡ଼ର ସବୁ ବେଆଇନ କାମକୁ ସମର୍ଥନ ଦେଇଥିଲେ। ଛତିଶଗଡ଼ ବିରୋଧରେ ପଦୁଟିଏ କହି ନ ଥିଲେ। ଶ୍ରୀ ପ୍ରଧାନଙ୍କ ଏହି ଓଡ଼ିଶା ବିରୋଧୀ କାର୍ଯ୍ୟ ପାଇଁ ଆଜି ଅନେକ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି ଖାସ କରି ସମ୍ବଲପୁର ଜିଲ୍ଲାବାସୀ ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି। ସମୟଚକ୍ରରେ ସେଇ ସମ୍ବଲପୁରବାସୀଙ୍କ ହାତରେ ଶ୍ରୀ ପ୍ରଧାନଙ୍କ ରାଜନୈତିକ ଭାଗ୍ୟଡୋରି ରହିଛି। ଆମେ ଜାଣିଛୁ, ଶ୍ରୀ ପ୍ରଧାନଙ୍କୁ ଉଚିତ ଜବାବ ଦେବାକୁ ସମ୍ବଲପୁରବାସୀ ନିର୍ଣ୍ଣୟ କରିସାରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଥରେ ବି କେବେ କେନ୍ଦ୍ରରେ ଥିବା ନିଜ ସରକାରକୁ ମହାନଦୀ ପ୍ରସଙ୍ଗରେ ମୁହଁ ଖୋଲିକି କହିନାହାନ୍ତି ବରଂ କେମିତି ମହାନଦୀ ଟ୍ରିବ୍ୟୁନାଲକୁ ଭଣ୍ଡୁର କରାଯାଇପାରିବ ସେଥିପାଇଁ ଚକ୍ରାନ୍ତ କରିଛନ୍ତି ବୋଲି ମହାନଦୀ ଜଳ ବିବାଦ ବିଷୟରେ ବିଜେପିକୁ ଜବାବ ଦେବାକୁ ଯାଇ ବିଜୁ ଜନତା ଦଳର ମୁଖପାତ୍ର ସଞ୍ଜୟ ବାବୁ ଏକ ପ୍ରେସ୍‌ମିଟ ଜରିଆରେ କହିଛନ୍ତି।

# ପୁରୀ ପୌରାଞ୍ଚଳରେ ଝାଡ଼ାବାନ୍ତି; ୩୦ ଆକ୍ରାନ୍ତ

**ପୁରୀ, ୨୭।୪ (ସମିସ):** ପୁରୀ ପୌରାଞ୍ଚଳର ବିଭିନ୍ନ ସାହିରେ ଝାଡାବାନ୍ତି ବ୍ୟାପିଛି। ବିଶେଷକରି ବରାହୀ ଲେନରେ ଝାଡ଼ାବାନ୍ତିକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏଥିଯୋଗୁଁ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେମାନେ ହେଲେ, ବରାହୀ ଲେନ୍‌ର ଦାମୋଦର ପଣ୍ଡା

**ଦୁଇଜଣଙ୍କ ମୃତ୍ୟୁ ଅଭିଯୋଗ!**

ଏବଂ ଏକ ମଠର ଜଣେ ମାତା। ତେବେ ଝାଡ଼ାବାନ୍ତିର କାରଣ ଦୂଷିତ ପାଣି ବୋଲି କୁହାଯାଉଛି। ତୁରନ୍ତ ଝାଡ଼ାବାନ୍ତି ବ୍ୟାପି ଥିବା ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଦାବି କରିଛନ୍ତି ଲୋକେ। କେବଳ ବରାହୀ ଲେନ୍ ନୁହେଁ, ବାଲିସାହି, ରେଡ୍‌କ୍ରସ ରୋଡ ସହ ବିଭିନ୍ନ ଅଞ୍ଚଳରେ ପ୍ରାୟ ୩୦ ଜଣ ଆକ୍ରାନ୍ତ ଥିବା ସୂଚନା ମିଳିଛି। ଏକାଧିକ ପରିବାରର ଲୋକେ ଝାଡ଼ାବାନ୍ତିରେ ପଡ଼ି ସରକାରୀ ଏବଂ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏପରିକି, କେହି କେହି ଡାକ୍ତରଙ୍କ ପରାମର୍ଶକ୍ରମେ ଘରେ ରହି ଚିକିତ୍ସିତ ହେଉଛନ୍ତି। ମାଟି ତଳେ ଯାଇଥିବା ପାଣି ପାଇପ ଫାଟି ଯାଇଥିବାରୁ ଦୂଷିତ ପାଣି ଲୋକେ ପିଉଛନ୍ତି। ବିଭିନ୍ନ ସମୟରେ ପାଣି ଗୋଳିଆ ରହୁଥିବାରୁ ଲୋକେ ସିଝାଇ ପିଉଛନ୍ତି। ଏହା ସତ୍ତ୍ୱେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଥିବା ସାହିବାସୀ କହିଛନ୍ତି।

# ଜମ୍ମୁ-କାଶ୍ମୀରରେ ଓଡ଼ିଆ ଯବାନ ସହିଦ

**ଆନନ୍ଦପୁର, ୨୭।୪(ସମିସ):** ଭାରତୀୟ ସୀମା ସୁରକ୍ଷାରେ ବାହିନୀରେ କାର୍ଯ୍ୟରତ ଓଡ଼ିଆ ଯବାନ ଶରତ ମୁଦୁଲି(୪୨) ସୀମାରେ ସହିଦ ହୋଇଯାଇଛନ୍ତି। ଆନନ୍ଦପୁର ପୌରାଞ୍ଚଳ ଫକୀରପୁର ତଳସାହିର ମହେଶ୍ୱର ମୁଦୁଲିଙ୍କ ପୁଅ ଶରତ ଭାରତୀୟ ସୀମା ସୁରକ୍ଷା ବାହିନୀରେ ଗତ ୨୦୧୬ ମସିହାରେ ଯୋଗ ଦେଇଥିଲେ। ସେ ଜମ୍ମୁ କାଶ୍ମୀରର ୫୧ ବାଟାଲିଆନ୍‌ର ସୁବେଦାର ଭାବେ



ନିଯୁକ୍ତି ପାଇଥିଲେ। ସେ କାଶ୍ମୀର ସୀମାନ୍ତରେ କାର୍ଯ୍ୟରତ ଥିବା ବେଳେ ଆତତାୟୀଙ୍କ ଗୁଳିରେ ଟଳି ପଡ଼ିଥିଲେ। ତାଙ୍କର ପାର୍ଥିବ ଶରୀର ବିମାନ ଯୋଗେ ଆଜି ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଭୁବନେଶ୍ୱର ବିମାନବନ୍ଦରରେ ପୂର୍ବରୁ ସୂଚନା ପାଇ ଉପସ୍ଥିତ ଥିବା ବଡ଼ ଭାଇ ଭରତ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଆଜି ତାଙ୍କ ପାର୍ଥିବ ଶରୀରକୁ ଫକିରପୁରସ୍ଥିତ ବାସଭବନକୁ ଅଣାଯାଇଛି। ଏହି ଖବର ପ୍ରଚାର ହୋଇଯିବା ପରେ ଫକିରପୁର ଏବଂ ଆଖପାଖ ଅଞ୍ଚଳରେ ଗଭୀର ଦୁଃଖ ପ୍ରକାଶ ପାଇଛି। ଏହି ଖବର ପାଇବା ପରେ ଆନନ୍ଦପୁର ଉପଖଣ୍ଡ ପୁଲିସ ପ୍ରଶାସନ ପକ୍ଷରୁ ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ବୀରଗତି ହୋଇଥିବା ଶରତଙ୍କ ବାସଭବନ ନିକଟରେ ପୁଲିସ ପ୍ରଶାସନକୁ ମୁତୟନ କରିଥିବା ଜଣାଯାଇଛି।

# କେନ୍ଦ୍ର ସାହିତ୍ୟ ଅକାଦେମିର ବୃତ୍ତଚିତ୍ରକୁ ମଣିପୁରୀ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

**ଭୁବନେଶ୍ୱର, ୨୭।୪(ସମିସ):** କେନ୍ଦ୍ର ସାହିତ୍ୟ ଅକାଦେମି ଦ୍ୱାରା ନିର୍ମିତ ବୃତ୍ତଚିତ୍ରକୁ ମଣିପୁରୀ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ବୃତ୍ତଚିତ୍ରଟି ବିଶିଷ୍ଟ ମଣିପୁରୀ ଲେଖକ ଖୁମନ ପ୍ରକାଶ ସିଂହଙ୍କ ଉପରେ ଆଧାରିତ। ଆଜି ଇମ୍ଫାଲଠାରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ୧୫ତମ ମଣିପୁର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ମଣିପୁରର ରାଜ୍ୟପାଳ ସୁଶ୍ରୀ ଅନସୂୟା ଉଇକେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଅକାଦେମିକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଜୀବନୀ/କଳା ଏବଂ ସଂସ୍କୃତି ଚଳଚ୍ଚିତ୍ର ବିଭାଗରେ ମିଳିଥିବା ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ ସାହିତ୍ୟ ଅକାଦେମିର ସଚିବ ଡକ୍ଟର କେ. ଶ୍ରୀନିବାସରାଓ। ମଣିପୁର ସରକାରଙ୍କ ମୁଖ୍ୟ ଶାସନ ସଚିବ ଡକ୍ଟର ବିନୀତ ଯୋଶୀ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ।



ସୂଚନାଯୋଗ୍ୟ ଯେ 'ଖୁମନ ପ୍ରକାଶ ସିଂ' ଶୀର୍ଷକ ଜୀବନୀମୂଳକ ବୃତ୍ତଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଅରିବମ ଶ୍ୟାମ ଶର୍ମା। ପୂର୍ବରୁ ଏହାକୁ ୨୦୨୩ ବର୍ଷର ଶ୍ରେଷ୍ଠ ଜୀବନୀ ବୃତ୍ତଚିତ୍ର ଘୋଷଣା କରାଯାଇଥିଲା। ଖୁମନ ପ୍ରକାଶ ସିଂ ବିଂଶ ଶତାବ୍ଦୀର ମଣିପୁରୀ ଲେଖକମାନଙ୍କ ମଧ୍ୟରୁ ଅନ୍ୟତମ। ସାହିତ୍ୟ ଅକାଦେମିର ଅଭିଲେଖାଗାର ପ୍ରକଳ୍ପରେ ବିଶିଷ୍ଟ ଭାରତୀୟ ଲେଖକ, କବି ଏବଂ ବିଦ୍ୱାନମାନଙ୍କ ଉପରେ ବୃତ୍ତଚିତ୍ର ପ୍ରସ୍ତୁତ କରାଯାଇଥାଏ ଏବଂ ଏପର୍ଯ୍ୟନ୍ତ ୧୭୨ଟି ବୃତ୍ତଚିତ୍ର ପ୍ରସ୍ତୁତ ହୋଇସାରିଛି। ଭାରତୀୟ ଲେଖକମାନଙ୍କ ଉପରେ ବୃତ୍ତଚିତ୍ର ନିର୍ମାଣ କରି ସାହିତ୍ୟ ଅକାଦେମି ପ୍ରଥମଥର ପାଇଁ ରାଜ୍ୟ ସ୍ତରୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛି।

## ଲୋକନୃତ୍ୟକୁ ପୁନରୁଦ୍ଧାର କରିବାକୁ ପ୍ରୟାସ

# ଖୁବ୍‌ଶୀଘ୍ର ସବୁ ଜିଲ୍ଲାରେ ଖୋଲିବ ଡ୍ୟାନ୍ସ ସ୍କୁଲ

**ଭୁବନେଶ୍ୱର, ୨୭।୪(ସମିସ):** ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ରାଜ୍ୟର ୩ଟି ଜିଲ୍ଲାରେ ଖୋଲିବ ଲୋକନୃତ୍ୟ ପ୍ରଶିକ୍ଷଣ କେନ୍ଦ୍ର। ଏଥିପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଏହାଦ୍ୱାରା ଜିଲ୍ଲାର ୩୦ଜଣ କଳାକାର ବର୍ଷତମାମ ପ୍ରଶିକ୍ଷଣ ପାଇବେ। ୨ଜଣ ଦକ୍ଷ ଗୁରୁ ସେମାନଙ୍କୁ ପ୍ରଶିକ୍ଷଣ ଦେବେ। ଏଥିପାଇଁ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ଫଳରେ ସେହି ଜିଲ୍ଲାର କଳାକାରମାନେ ଆର୍ଥିକ ସହାୟତା ପାଇବା ସହ ଉକ୍ତ କଳାକୁ ଆପଣେଇବା ପାଇଁ ସେମାନଙ୍କ ମଧ୍ୟରେ ଇଚ୍ଛାଶକ୍ତି ବୃଦ୍ଧି ପାଇବ। ଆଗାମୀ ଦିନରେ ନୂତନ ପିଢ଼ି ନିଜକୁ ଏ ଦିଗରେ ପ୍ରସ୍ତୁତ କରାଇ ପାରିବେ। ହଜି ଯାଉଥିବା ଲୋକକଳା ଓ ଲୋକନୃତ୍ୟର ପୁନରୁଦ୍ଧାର ନିମନ୍ତେ ଏକାଡେମୀ ପକ୍ଷରୁ ଏହି ଯୋଜନା କରାଯାଇଛି।

ଲୋକନୃତ୍ୟ ହେଉଛି ଓଡ଼ିଶାର କଳା ଓ ସଂସ୍କୃତିର ପରିଚୟ। ପୂର୍ବରୁ ପର୍ବପର୍ବାଣିରେ ପାଲା, ଦାସକାଠିଆ, ଘୋଡ଼ା ନାଚ, ସଖୀ କଣ୍ଢେଇ ନୃତ୍ୟ, ଦଣ୍ଡ ନାଚ, କରମା ନାଚ, ରସରକେଲି ଆଦି ପାରମ୍ପରିକ ଲୋକନୃତ୍ୟର ଚାହିଦା ରହିଥିବା ବେଳେ ଧୀରେଧୀରେ ଏହା ଅପସରି ଗଲାଣି। ସେହିପରି ନାଗା ନାଚ, ଶୁଆ ନାଚ, ଡାଲଖାଇ, ମୁଣ୍ଡପୋତା, ଖରିଆ, ବାଉଁଶରାଣୀ ଆଦି ଲୋକନୃତ୍ୟ ଏବେ ପ୍ରାୟ ଲୁପ୍ତପ୍ରାୟ। ତେବେ ବିଦେଶରେ ଗଞ୍ଜାମର ଯୋଡ଼ିଶଙ୍ଖ, ଖୋର୍ଦ୍ଧାର ପାଇକ ଆଖଡ଼ା, କଳାହାଣ୍ଡିର ଘୁମୁରା, ମୟୂରଭଞ୍ଜର ଛଉ, ସମ୍ବଲପୁରର

**ଚଳିତବର୍ଷ ଆଉ ୩ ଜିଲ୍ଲାରେ ଖୋଲିବ ପ୍ରଶିକ୍ଷଣ କେନ୍ଦ୍ର**

ସମ୍ବଲପୁରୀ, ଜଗତସିଂହପୁରର ଘଣ୍ଟ ପାଟୁଆ, ନୟାଗଡ଼ର ସିଂହ ବାଦ୍ୟ, କେନ୍ଦୁଝରର ଚାଙ୍ଗୁ ନୃତ୍ୟ, ଗଜପତିର ସଉରା ନାଚ, ବ୍ରହ୍ମପୁରର ଚଢ଼େୟା-ଚଢ଼େୟାଣୀ, ଦେଓଗଡ଼ର କରମାନାଚ, ନୂଆପଡ଼ାର ଗନାବାଜା, ଝାରସୁଗୁଡ଼ାର ଡାଲଖାଇ ନୃତ୍ୟ ବିଶେଷ ଲୋକପ୍ରିୟତା ହାସଲ କରିଛି। ତଥାପି କିଛି ଲୋକନୃତ୍ୟ ଏବେ ବି ବିଲୁପ୍ତପ୍ରାୟ। ଧୀରେଧୀରେ ସମୟର ପରିବର୍ତ୍ତନ ଓ ଆଧୁନିକତାର ଛାପରେ ଏହି ଲୋକନୃତ୍ୟ ଲୋକପ୍ରିୟତା ହରାଉଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

ଏହି କ୍ରମରେ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ କୋରାପୁଟ, ସମ୍ବଲପୁର ଓ ଭଦ୍ରକ ଜିଲ୍ଲାରେ ଖୋଲିବ ଲୋକନୃତ୍ୟ ପ୍ରଶିକ୍ଷଣ କେନ୍ଦ୍ର। କୋରାପୁଟ ଜିଲ୍ଲାରେ ଢେମ୍‌ସା ନୃତ୍ୟକୁ ଅଧିକ ଲୋକାଦୃତ କରିବା ସହ ସମ୍ବଲପୁରରେ ଡାଲଖାଇ ଏବଂ ଭଦ୍ରକ ଜିଲ୍ଲାରେ ମୋଗଲ ତାମସାକୁ ନେଇ ପ୍ରଶିକ୍ଷଣ କେନ୍ଦ୍ରରେ ନୃତ୍ୟ ପ୍ରଶିକ୍ଷଣ ଦେବେ ୨ଜଣ ଗୁରୁ। ଏଥିପାଇଁ ସରକାର ସମସ୍ତ ଆର୍ଥିକ ସହାୟତା ଯୋଗାଇଦେବେ। ସେହିପରି ଆଗାମୀ ଦିନରେ ୩୦ଟି ଜିଲ୍ଲାରେ ୩୦ଟି ଆର୍ଟ ଫର୍ମକୁ ନେଇ ପ୍ରଶିକ୍ଷ କେନ୍ଦ୍ର ଖୋଲାଯିବାର ମଧ୍ୟ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଯୋଜନା କରାଯାଇଛି। ପ୍ରତ୍ୟେକ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ରହିଛି। ସେହି ଲୋକକଳା କିଭଳି ଉକ୍ତ ଜିଲ୍ଲାର ପରିଚୟ ପାଲଟିବ, ସେଥିପାଇଁ ଏକାଡେମୀ ଉଦ୍ୟମ କରୁଥିବା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ କହିଛନ୍ତି। ଶ୍ରୀ ରଥ କହିଛନ୍ତି ଯେ ୨୦୨୩-୨୪ ଆର୍ଥିକ ବର୍ଷରେ ଏକାଡେମୀରେ ନିର୍ମାଣ ହୋଇଛି ଫୋକ୍ କରିଡର୍ ବା ଲୋକକଳା କରିଡର୍। ଓଡ଼ିଶାରେ ମୋଟ୍ ୧୮୨ଟି ଲୋକକଳା ରହିଥିବା ବେଳେ ସେଥିମଧ୍ୟରୁ ଏହି ଫୋକ୍ କରିଡର୍‌ରେ ୭୫ଗୋଟି ଲୋକକଳାକୁ ସାମିଲ କରାଯାଇଛି। ଆଗାମୀ ଦିନରେ ଓଡ଼ିଶାର ସମସ୍ତ ଲୋକକଳା ଓ ଲୋକନୃତ୍ୟକୁ ଏହି କରିଡର୍‌ରେ ସାମିଲ କରାଯିବ। ଏହାସହ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ମଧ୍ୟ ପଦକ୍ଷେପ

**ବିଶ୍ୱ ନୃତ୍ୟ ଦିବସ ଆଜି**

ନିଆଯାଇଛି। ଆଗାମୀ ଦିନରେ ପ୍ରତ୍ୟେକ ଜିଲ୍ଲାରେ ଡ୍ୟାନ୍ସ ସ୍କୁଲ ଖୋଲାଯିବ। ବର୍ତ୍ତମାନ 'ଦିକ୍ଷାଶାଳା' ମାଧ୍ୟମରେ ୧୫ରୁ ୩୦ଜଣ କଳାକାରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଓଡ଼ିଶୀ ନୃତ୍ୟ କିଭଳି ଉପାନ୍ତ ଅଞ୍ଚଳରେ ଲୋକପ୍ରିୟତା ହାସଲ କରିବ ସେଥିପାଇଁ ଦକ୍ଷ ଗୁରୁମାନେ ଜିଲ୍ଲାକୁ ଯାଇ ସେଠାରେ ୱାର୍କସପ୍ ମାଧ୍ୟମରେ ପ୍ରଶିକ୍ଷଣ ଦେଉଛନ୍ତି। ଏହାବ୍ୟତୀତ ଆଦିବାସୀ ନୃତ୍ୟଶିଳ୍ପୀଙ୍କୁ ମଧ୍ୟ ଦୀକ୍ଷାନ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୋତ୍ସାହନ ଦିଆଯାଉଛି। ଏହା ମାଧ୍ୟମରେ କଳାକାରମାନେ ସିଧାସଳଖ ସରକାରଙ୍କ ଠାରୁ ସହାୟତା ପାଇ ପାରୁଛନ୍ତି।

## ବିଜେଡିର ୮ମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା



ଗୌତମବୁଦ୍ଧ ଦାସ
ଭୋଗରାଇ



ରାଜେନ୍ଦ୍ର ସାହୁ
ଖୋର୍ଦ୍ଧା



ପ୍ରଦୀପ ସାହୁ
ବେଗୁନିଆ

## ୮ ବିଧାନସଭା ଆସନ ପାଇଁ ବିଜେପିର ପ୍ରାର୍ଥୀ ତାଲିକା

| | |
|---|---|
| ତେଲକୋଇ | ଡ. ଫକୀର ମୋହନ ନାୟକ |
| ଚମ୍ପୁଆ | ମୁରଲୀ ମନୋହର ଶର୍ମା |
| ବସ୍ତା | ରବୀନ୍ଦ୍ର ଅଣ୍ଡିଆ |
| ବାସୁଦେବପୁର | ବାଣୀକଲ୍ୟାଣ ମହାନ୍ତି |
| ହିନ୍ଦୋଳ | ସୀମାରାଣୀ ନାୟକ |
| ସାଲେପୁର | ଅରିନ୍ଦମ ରାୟ |
| କେନ୍ଦ୍ରାପଡ଼ା | ଗୀତାଞ୍ଜଳି ସେଠୀ |
| ଖୋର୍ଦ୍ଧା | ପ୍ରଶାନ୍ତ କୁମାର ଜଗଦ୍ଦେବ |

### ବଢ଼ିଚାଲିଛି ସାଂସଦ, ବିଧାୟକ ପ୍ରାର୍ଥୀଙ୍କ ସଂଖ୍ୟା

# ବ୍ରହ୍ମପୁର ଲୋକସଭା ଆସନରେ ୧୧ ପ୍ରାର୍ଥୀ

**ବ୍ରହ୍ମପୁର, ୨୭।୪(ସମିସ):** ଗଣତନ୍ତ୍ରର ମହାପର୍ବରେ ପ୍ରତ୍ୟେକ ଭୋଟରଙ୍କ ଅଂଶଗ୍ରହଣ ଜରୁରୀ। ଗତ ୨୦୧୯ ସାଧାରଣ ନିର୍ବାଚନ ଅପେକ୍ଷା ୨୦୨୪ ସାଧାରଣ ନିର୍ବାଚନରେ ମଧ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ୨୦୧୯ ମସିହାରେ ବ୍ରହ୍ମପୁର ଲୋକସଭା ଆସନରେ ୮ଜଣ ସାଂସଦ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଥିବା ବେଳେ ଚଳିତ ନିର୍ବାଚନରେ ଏହି ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ବ୍ରହ୍ମପୁର ଲୋକସଭା ଆସନ ପାଇଁ କାଏମ ରହିଥିବା ମୋଟ ୧୧ଜଣ ପ୍ରାର୍ଥୀ ହେଲେ ଭି.ଚନ୍ଦ୍ରଶେଖର ନାଇଡୁ(ସ୍ୱାଧୀନ), ସୋମନାଥ ବେହେରା(ଏଏସୟୁସିଆଇ(କମ୍ୟୁନିଷ୍ଟ), ଡଃ ପ୍ରଦୀପ କୁମାର ପାଣିଗ୍ରାହୀ(ଭାରତୀୟଜନତାପାର୍ଟି), ସନ୍ତୋଷକୁମାରସାହୁ(ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ), ରଶ୍ମିରଞ୍ଜନ ପଟ୍ଟନାୟକ(ଭାରତୀୟ ଜାତୀୟ କଂଗ୍ରେସ), ଭୃଗୁ ବକ୍ସିପାତ୍ର(ବିଜୁ ଜନତା ଦଳ), ରାମଶଙ୍କର ଶତପଥୀ(ସ୍ୱାଧୀନ), ଡଃ ବନମାଳୀ କାନ୍ତା ରାଓ( ନବ ଭାରତ ନିର୍ମାଣ ସେବା ପାର୍ଟି), ଭାସ୍କର ଚୌଧୁରୀ(ବହୁଜନ ସମାଜ ପାର୍ଟି), ରାଜେନ୍ଦ୍ର ଦଳବେହେରା(ଭାରତୀୟ ବିକାଶ ପରିଷଦ), ସିରିନ ତମନ୍ନା(ସ୍ୱାଧୀନ)। କେବଳ ଲୋକସଭା ଆସନ ପାଇଁ ନୁହେଁ ବରଂ ବିଧାନସଭା ଆସନ କ୍ଷେତ୍ରରେ ମଧ ପ୍ରାର୍ଥୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ଥିବା ଗଞ୍ଜାମ ଜିଲ୍ଲାର ୫ଟି ଓ ଗଜପତି ଜିଲ୍ଲାର ୨ଟି ବିଧାନସଭା ଆସନରେ ୨୦୧୯ ନିର୍ବାଚନରେ ମୋଟ ୫୩ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଥିବା ବେଳେ ଚଳିତ ନିର୍ବାଚନରେ ଏହି ସଂଖ୍ୟା ବୃଦ୍ଧି ପାଇ ୭୯ରେ ପହଞ୍ଚିଛି। ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଛାଡ଼ିଦେଲେ ଅବଶିଷ୍ଟ ସମସ୍ତ ଆସନରେ ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସେହିଭଳି ବ୍ରହ୍ମପୁର ବିଧାନସଭା ଆସନରେ ୨୦୧୯ ନିର୍ବାଚନରେ ୧୦ଜଣ ପ୍ରାର୍ଥୀ ଥିବା ବେଳେ ଚଳିତ ନିର୍ବାଚନରେ ଏହି ସଂଖ୍ୟା ୧୮କୁ ବୃଦ୍ଧି ପାଇଛି। ବ୍ରହ୍ମପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ଚିକିଟି ବିଧାନସଭା ଆସନ ପାଇଁ ଚଳିତ ନିର୍ବାଚନରେ କାଏମ ରହିଥିବା ମୋଟ ୮ଜଣ ପ୍ରାର୍ଥୀଙ୍କ ମଧ୍ୟରେ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ(ବିଜୁ ଜନତା ଦଳ), ଡୁକା ଶ୍ରୀନିବାସ ରେଡ୍ଡୀ (ଆମ ଆଦମୀ ପାର୍ଟି), ମନୋରଞ୍ଜନ ଦ୍ୟାନସାମନ୍ତରା (ବିଜେପି), ରବୀନ୍ଦ୍ରନାଥ ଦ୍ୟାନସାମନ୍ତରା (ଭାରତୀୟ ଜାତୀୟ କଂଗ୍ରେସ), ବିଭୁଧେନ୍ଦ୍ର ପାଢ଼ୀ(ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ), କାଳିନା ଉମାଶଙ୍କର(ସମୃଦ୍ଧ ଓଡ଼ିଶା), ଏସ. ରେଣୁକେଶ୍ୱର ରାଓ ଓ ସୁରେନ୍ଦ୍ର ମଣ୍ଡଳ ଅନ୍ତର୍ଭୁକ୍ତ। ସେହିଭଳି ବ୍ରହ୍ମପୁର ବିଧାନସଭା ଆସନ ପାଇଁ କାଏମ ରହିଥିବା ୧୮ଜଣ ପ୍ରାର୍ଥୀଙ୍କ ମଧ୍ୟରେ କେ.ଅନୀଲ କୁମାର

- ସଂସଦୀୟ କ୍ଷେତ୍ରର ୭ ବିଧାନସଭା ଆସନରେ ୭୯ ପ୍ରାର୍ଥୀ
- ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସର୍ବାଧିକ ୧୮ ଜଣ ପ୍ରାର୍ଥୀ

(ବିଜେପି), ଅରୁଣ କୁମାର ସାହୁ(ବହୁଜନ ସମାଜ ପାର୍ଟି), ଦୀପକ ପଟ୍ଟନାୟକ (ଭାରତୀୟ ଜାତୀୟ କଂଗ୍ରେସ), ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ (ବିଜୁ ଜନତା ଦଳ), ସୁବାଷ ଚନ୍ଦ୍ର ରାଉତ (ଆମ ଆଦମୀ ପାର୍ଟି), ନିମାଇଁ ଚରଣ ସାହୁ, ଏସୟୁସିଆଇ (କମ୍ୟୁନିଷ୍ଟ), ପ୍ରଶାନ୍ତ କୁମାର ପଣ୍ଡା(ଭାରତୀୟ ବିକାଶ ପରିଷଦ), ମିହିର କୁମାର ସାହୁ(ନବ ଭାରତ ନିର୍ମାଣ ସେବା ପାର୍ଟି), ସମିମ ବେଗମ(ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ), ଆଶା କୁମାରୀ ଦାଶ(ସ୍ୱାଧୀନ), ଜୀବନ ପାତ୍ର(ସ୍ୱାଧୀନ), ଝସକେତନ ପାଢ଼ୀ(ସ୍ୱାଧୀନ), ବିଷ୍ଣୁ ଚରଣ ରଣା(ସ୍ୱାଧୀନ), ବ୍ରହ୍ମାନନ୍ଦ ତ୍ରିପାଠୀ(ସ୍ୱାଧୀନ), ମନୋଜ ପଟ୍ଟନାୟକ(ସ୍ୱାଧୀନ), ଶିବଶଙ୍କର ଦାଶ(ସ୍ୱାଧୀନ), ସରିତା ପଣ୍ଡା(ସ୍ୱାଧୀନ) ଓ ଲକ୍ଷ୍ମଣ ମହାରଣା(ସ୍ୱାଧୀନ) ଅଛନ୍ତି। ଦିଗପହଣ୍ଡି ବିଧାନସଭା ଆସନ ପାଇଁ କାଏମ ରହିଥିବା ୧୩ଜଣ ପ୍ରାର୍ଥୀଙ୍କ ମଧ୍ୟରେ ନୀଳମାଧବ ମିଶ୍ର(ବହୁଜନ ସମାଜ ପାର୍ଟି), ପୋଦଲ ମନୋଜ କୁମାର(ଆମ ଆଦମୀ ପାର୍ଟି), ବିପ୍ଳବ ପାତ୍ର(ବିଜୁ ଜନତା ଦଳ), ସାକା ସୁଜିତ କୁମାର(ଭାରତୀୟ ଜାତୀୟ କଂଗ୍ରେସ), ସିଦ୍ଧାନ୍ତ ମହାପାତ୍ର( ବିଜେପି), ପିଣ୍ଟୁ ପ୍ରଧାନ(ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ), କାହ୍ନୁ ଚରଣ ପାତ୍ର(ସ୍ୱାଧୀନ), କୁନା ଦାସ(ସ୍ୱାଧୀନ), ଜୟରାମ ରାଉତ(ସ୍ୱାଧୀନ), ବୃନ୍ଦାବନ ଖଟେଇ(ସ୍ୱାଧୀନ), ଯମୁନା ବେହେରା(ସ୍ୱାଧୀନ), ଶିମାଞ୍ଚଳ ଡାକୁଆ(ସ୍ୱାଧୀନ) ଓ ସୁକାନ୍ତ କିଶୋର ପଣ୍ଡା(ସ୍ୱାଧୀନ) ଅନ୍ତର୍ଭୁକ୍ତ। ଗୋପାଳପୁର ବିଧାନସଭା ଆସନ ପାଇଁ କାଏମ ରହିଥିବା ପ୍ରାର୍ଥୀ ହେଲେ ପି. ନୀଳକଣ୍ଠ




ରେଡୀ(ଆମ ଆଦମୀ ପାର୍ଟି), ବିକ୍ରମ କୁମାର ପଣ୍ଡା(ବିଜୁ ଜନତା ଦଳ), ବିଭୂତି ଭୂଷଣ ଜେନା(ବିଜେପି), ଶ୍ୟାମସୁନ୍ଦର ସାହୁ(ଭାରତୀୟ ଜାତୀୟ କଂଗ୍ରେସ), ସନ୍ତୋଷ କୁମାର ଦାସ(ବହୁଜନସମାଜପାର୍ଟି), ଏସ.କୁମାରୀ ମମତା(ଅଲଇଣ୍ଡିଆ ଫରୱାର୍ଡ ବ୍ଲକ), ପି. ତୁଳାସାୟା ରେଡୀ(ଭାରତୀୟ ବିକାଶ ପରିଷଦ), ଶୁଭସ୍ମିତା ପାଣିଗ୍ରାହୀ, ଏସୟୁସିଆଇ(କମ୍ୟୁନିଷ୍ଟ), ଉମାଚରଣ ନାୟକ(ସ୍ୱାଧୀନ), ଟି. ପଦ୍ମାବତି(ସ୍ୱାଧୀନ) ଓ ମନୋରଞ୍ଜନ ସାହୁ(ସ୍ୱାଧୀନ)। ସେହିଭଳି ଛତ୍ରପୁର ବିଧାନସଭା ଆସନ ପାଇଁ କାଏମ ରହିଥିବା ୧୦ଜଣ ପ୍ରାର୍ଥୀ ହେଲେ କୃଷ୍ଣଚନ୍ଦ୍ର ନାୟକ(ଭାରତୀୟ ଜନତା ପାର୍ଟି), ଭାଗିରଥୀ ବେହେରା(ଭାରତୀୟ ଜାତୀୟ କଂଗ୍ରେସ), ରିତୁ କୁମାରୀ ସେଠୀ(ଆମ ଆଦମୀ ପାର୍ଟି), ସୁବାସ ଚନ୍ଦ୍ର ବେହେରା(ବିଜୁ ଜନତା ଦଳ), ଲିଙ୍ଗରାଜ ବେହେରା(ବହୁଜନ ସମାଜ ପାର୍ଟି), ଗୁରୁନାଥ ପ୍ରଧାନ(ସିପିଆଇ), ସନ୍ତୋଷ କୁମାର ସେଠୀ(କଳିଙ୍ଗ ସେନା), ସିଏଚ. ମାମିନୀ(ସ୍ୱାଧୀନ), ସମ୍ରାଟ ରାଜ(ସ୍ୱାଧୀନ) ଓ ସରୋଜ କୁମାର ବେହେରା(ସ୍ୱାଧୀନ)। ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ବିଧାନସଭା ଆସନ ପାଇଁ କାଏମ ରହିଥିବା ମୋଟ ୧୧ଜଣ ପ୍ରାର୍ଥୀଙ୍କ ମଧ୍ୟରେ କେ. ନାରାୟଣ ରାଓ(ବିଜେପି), ଇଂ. ରୂପେଶ କୁମାର ପାଣିଗ୍ରାହୀ(ବିଜୁ ଜନତା ଦଳ), ବିଜୟ କୁମାର ପଟ୍ଟନାୟକ(ଭାରତୀୟ ଜାତୀୟ କଂଗ୍ରେସ), ପି. ମୁରଲୀ କ୍ରିଷ୍ଣା(ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ), ବିକାଶ ଚନ୍ଦ୍ର ସିଂ(ସ୍ୱାଧୀନ), ସଞ୍ଜୟ କୁମାର ରାଉତ(ସ୍ୱାଧୀନ), ମନୋଜ ବଡ଼ନାୟକ(ଆମ ଆଦମୀ ପାର୍ଟି), ଅମୋଦ କୁମାର ବର୍ଦ୍ଧନ(ଇଣ୍ଡିଆ ପ୍ରଜାବନ୍ଧୁ ପାର୍ଟି), ପ୍ରୀତିଲତା ପଟ୍ଟନାୟକ(ଜାତୀୟ ଆପନି ପାର୍ଟି), ପବିତ୍ର ସିଂ(ମାନସ ଲୋକଶକ୍ତି ଦଳ) ଓ ବିଦ୍ୟାଧର ମହାଙ୍କୁଡ(ସ୍ୱାଧୀନ) ଅଛନ୍ତି। ମୋହନା ବିଧାନସଭା ଆସନରେ କାଏମ ରହିଥିବା ମୋଟ ୮ଜଣ ପ୍ରାର୍ଥୀଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ଗମାଙ୍ଗ(ବିଜୁ ଜନତା ଦଳ), ଦାଶରଥୀ ଗମାଙ୍ଗ(ଭାରତୀୟ ଜାତୀୟ କଂଗ୍ରେସ), ପ୍ରଶାନ୍ତ ମଲ୍ଲିକ(ବିଜେପି), ମୋଜେଶ ଦଳବେହେରା(ସ୍ୱାଧୀନ), ରୁବେନ ମଣ୍ଡଳ(ସ୍ୱାଧୀନ), ଦଣ୍ଡାସି ଖଣ୍ଡୁଆଳ (ସ୍ୱାଧୀନ), ପୂର୍ଣ୍ଣଚନ୍ଦ୍ର ଗୋମାଙ୍ଗ (ସ୍ୱାଧୀନ) ଓ ଜୋହନ ମଲ୍ଲିକ (ମାନସ ଲୋକଶକ୍ତି ଦଳ) ସାମିଲ ଅଛନ୍ତି। ସେହିଭଳି ଗତ ୨୭ତାରିଖ ଯାଞ୍ଚ ବେଳେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ଦାଖଲ କରିଥିବା ଦୁଇଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଥିବା ଜଣାପଡ଼ିଛି। ଆସନ୍ତା ୨୯ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିବସ ଥିବା ବେଳେ କାଏମ ରହିଥିବା ପ୍ରାର୍ଥୀଙ୍କ ମଧ୍ୟରୁ କିଛି ଡମି ପ୍ରାର୍ଥୀ ନିଜର ନାମାଙ୍କନପତ୍ର ପ୍ରତ୍ୟାହାର କରିବାର ଯଥେଷ୍ଟ ସମ୍ଭାବନା ରହିଛି।




# କୋଟିଆ ଭୋଟରଙ୍କ ଉପରେ ଆନ୍ଧ୍ରର ନଜର

**କୋରାପୁଟ, ୨୭।୪(ସମିସ):** ଆସନ୍ତା ମେ' ୧୩ ତାରିଖରେ ୨୦୨୪ ସାଧାରଣ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବାକୁଥିବା ବେଳେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ଉଭୟ ଲୋକସଭା ସହ ବିଧାନସଭା ନିମନ୍ତେ ମତଦାନ ହେବ। ମେ' ୧୩ରେ ଆନ୍ଧ୍ରପ୍ରଦେଶର ସମସ୍ତ ୧୭୫ ବିଧାନସଭା ଓ ୨୫ ଲୋକସଭା ଆସନ ପାଇଁ ଭୋଟ୍ ଗ୍ରହଣ ହେବାକୁଥିବା ବେଳେ ଓଡ଼ିଶାର କୋରାପୁଟ ସମେତ ୪ଟି ଲୋକସଭା ଓ ୨୮ ବିଧାନସଭା ପାଇଁ ମତଦାନ ହେବ। ଗୋଟିଏ ଦିନରେ ଭୋଟଗ୍ରହଣ ହେବା ଦ୍ୱାରା କୋଟିଆର ବିବାଦୀୟ ଅଞ୍ଚଳରେ ଆନ୍ଧ୍ର ଭୋଟ୍ କେନ୍ଦ୍ର ସ୍ଥାପନା କରି ବିଭିନ୍ନ ପ୍ରଲୋଭନ ଦେଖାଇ ଓଡ଼ିଶା ଲୋକଙ୍କୁ ଆନ୍ଧ୍ରରେ ଭୋଟ୍ ଦେବାକୁ ଏକ ପ୍ରକାର ବାଧ କରୁଛି।

୨୦୧୯ରେ ଓଡ଼ିଶା ଓ ଆନ୍ଧ୍ରରେ ଗୋଟିଏ ଦିନରେ ସାଧାରଣ ନିର୍ବାଚନ (ଏପ୍ରିଲ ୧୧) ହୋଇଥିଲା। ସେତେବେଳେ ଓଡ଼ିଶା ସରକାରଙ୍କ ଦ୍ୱାରା କୋଟିଆରେ ମତଦାନ କେନ୍ଦ୍ର କରାଯାଇଥିବା ବେଳେ ଆନ୍ଧ୍ରପ୍ରଦେଶ ପକ୍ଷରୁ ସୀମାରେ ଥିବା ନେରେଡ଼ିୱାଲାସାରେ ଭୋଟଗ୍ରହଣ କେନ୍ଦ୍ର କରାଯାଇଥିଲା। ଉକ୍ତ ନିର୍ବାଚନରେ ଆନ୍ଧ୍ରପ୍ରଦେଶର ୱାଇଏସ୍ଆର୍ କଂଗ୍ରେସ ପାର୍ଟି କୋଟିଆ ପଞ୍ଚାୟତର ହଜାର ହଜାର ଭୋଟରଙ୍କୁ ଗାଡ଼ିରେ ବୋହି ନେଇ ଭୋଟ୍ ନିଜ ପକ୍ଷକୁ ନେଇଥିଲା। ଫଳରେ ସାଲୁର୍ ବିଧାୟକ ଭାବେ ୱାଇଏସ୍ଆର୍ କଂଗ୍ରେସ ପ୍ରାର୍ଥୀ ବିଡ଼ିକା ରାଜନ ଦୋରା ନିକଟତମ ପ୍ରତିଦ୍ୱନ୍ଦ୍ୱୀ

**ଗୋଟିଏ ଦିନରେ ଆନ୍ଧ୍ର-ଓଡ଼ିଶାରେ ମତଦାନ**

ତେଲୁଗୁ ଦେଶମ୍ ପାର୍ଟିର ରାଜେନ୍ଦ୍ର ପ୍ରସାଦ ଭଞ୍ଜଦେଓଙ୍କୁ ପଛରେ ପକାଇ ୨୦ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ବର୍ତ୍ତମାନ କୋରାପୁଟ ଜିଲ୍ଲା ପ୍ରଶାସନର ଭୋଟର ତାଲିକା ଅନୁଯାୟୀ କୋଟିଆ ପଞ୍ଚାୟତରେ ୨୯୧୩ ଜଣ ମହିଳା ଓ ୨୫୮୯ ଜଣ ପୁରୁଷ ମୋଟ ୫୫୦୨ ଜଣ ଭୋଟର ରହିଛନ୍ତି। ଲୋକେ କିପରି ସୁବିଧାରେ ମତଦାନ କରିବେ, ସେଥିପ୍ରତି ଧ୍ୟାନଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଟିଆ ସଦର ସମେତ ତଳକାଣ୍ଟି, ଫଗୁଣ ସିନେରି, ମାଡ଼କାର, ଗଞ୍ଜେଇପଦର, ଗୁମେଲପଦର, ଥୁରିଆ, ଟାଉପଦର, ରଣସିଂ ଗ୍ରାମରେ ୯ଟି ମତଦାନ କେନ୍ଦ୍ର କରାଯାଇଛି। ତେବେ ଏହି ବୁଥଗୁଡ଼ିକ ମଧ୍ୟରୁ ତଳକାଣ୍ଟି, ଗଞ୍ଜେଇପଦର, ଥୁରିଆ ଓ ଟାଉପଦର ଭଳି ୪ଟି ବୁଥ୍ ନିର୍ବିବାଦୀୟ ଅଞ୍ଚଳରେ ଥିବା ବେଳେ କୋଟିଆ, ଫଗୁଣ ସିନେରି, ମାଡ଼କାର, ଗୁମେଲପଦର ଏବଂ ରଣାସିଂ ବିବାଦୀୟ ଅଞ୍ଚଳରେ ରହିଛି। ତେଣୁ ବିବାଦୀୟ ଅଞ୍ଚଳର ପ୍ରାୟ ଅଢ଼େଇ ହଜାରରୁ ଉର୍ଦ୍ଧ୍ୱ ଭୋଟର ଆନ୍ଧ୍ର ମତଦାନ କେନ୍ଦ୍ରକୁ ଭୋଟ୍ ଦେବା ନିମନ୍ତେ ଯିବାର ଆଶଙ୍କା ରହିଛି। ଏଥିଲାଗି ଆନ୍ଧ୍ର ପକ୍ଷରୁ ପ୍ରଲୋଭନ ଦେଖାଯିବାର ସମ୍ଭାବନା ମଧ ରହିଛି। ବିବାଦୀୟ ଅଞ୍ଚଳରୁ ରାଜନୈତିକ ଫାଇଦା ନେବାକୁ ଆନ୍ଧ୍ରପ୍ରଦେଶ ସରକାର ୨୦୨୦ ପଞ୍ଚାୟତ ନିର୍ବାଚନରେ ବିବାଦୀୟ ଗାଁଗୁଡ଼ିକୁ ନେଇ ତଳ ଗଞ୍ଜେଇପଦର, ଫଗୁଣ ସିନେରି ଓ ଫାଟୁ ସିନେରି ନାମକ ତିନିଟି ପଞ୍ଚାୟତ ଗଠନ କରିଛି। ଏହି ତିନିଟି ପଞ୍ଚାୟତର ଲୋକେ ଯେପରି ନିର୍ଭୟରେ ମତଦାନ କରିବେ, ତାକୁ ବିଚାର କରି ପାର୍ବତୀପୁରମ୍ ମାନ୍ୟମ୍ ଜିଲ୍ଲା ପ୍ରଶାସନ ଚତୁରତାର ସହ ନେରେଡ଼ିୱାଲାସା ଏବଂ ତୋଡ଼ମରେ ଦୁଇଟି ବୁଥ୍ କରିଥିବା ଜଣାପଡ଼ିଛି। ଅନ୍ୟ ପକ୍ଷରେ ଚଳିତ ନିର୍ବାଚନରେ କୋଟିଆ ଭୋଟରମାନଙ୍କୁ ନିଜ ପଟକୁ ନେବା ପାଇଁ ଆନ୍ଧ୍ରପ୍ରଦେଶ ପ୍ରଶାସନ ଓ ରାଜନୈତିକ ଦଳଗୁଡ଼ିକ ଜୋରଦାର ପ୍ରଚାର ପ୍ରସାର କରୁଥିବା ଦେଖିବାକୁ ମିଳିଛି। ତେଣୁ ବିବାଦୀୟ ଗ୍ରାମଗୁଡ଼ିକର ମତଦାତା ଚଳିତ ନିର୍ବାଚନରେ ପୂର୍ବାହ୍ଣରେ ଓଡ଼ିଶାରେ ଭୋଟ୍ ଦେଇ ଅପରାହ୍ଣରେ ଆନ୍ଧ୍ର ବୁଥରେ ଭୋଟ୍ ଦେବାକୁ ଗାଁ ବୈଠକରେ ନିଷ୍ପତ୍ତି ହୋଇଥିବା ସ୍ଥାନୀୟ ଜଣେ ସମାଜସେବୀ ସୂଚନା ଦେଇଛନ୍ତି। ତେଣୁ କୋରାପୁଟ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ କୋଟିଆ ପଞ୍ଚାୟତର ସମସ୍ତ ଭୋଟର ଯେପରି ଓଡ଼ିଶା ବୁଥରେ ଭୋଟ୍ ଦେବେ, ତାହା ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଆମଦାନୀ ନେତାଙ୍କୁ ଟିକଟ

# ହରଡ଼ଘଣାରେ କେନ୍ଦ୍ରାପଡ଼ା ବିଜେପି ଓ ବୈଜୟନ୍ତ

**କେନ୍ଦ୍ରାପଡ଼ା, ୨୭।୪ (ସମିସ):** ବର୍ଷ ବର୍ଷ ଧରି ତୃଣମୂଳସ୍ତରରେ କାମ କରି କେନ୍ଦ୍ରାପଡ଼ାରେ ବିଜେପିର ଅସ୍ତିତ୍ୱ ବଞ୍ଚାଇ ରଖିଥିବା କର୍ମୀଙ୍କୁ ଅଣଦେଖା ଅଭିଯୋଗ ଏବେ ବିଜେପି ପାଇଁ ଘାତକ ସାବ୍ୟସ୍ତ ହେବାକୁ ଯାଉଛି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଆଜି କେନ୍ଦ୍ରାପଡ଼ା ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା ହେବା ପରେ ବିଜେପିରେ କନ୍ଦଳ ଆହୁରି ଉଗ୍ରରୂପ ନେଇଥିବା କୁହାଯାଉଛି। ଏହି ଆସନ ପାଇଁ ଆଶାୟୀ ରହି ବହୁ ଦିନରୁ ତୃଣମୂଳସ୍ତରରେ ସଂଗଠନ ଚଳାଇଥିବା ନେତାଙ୍କୁ ବାଦ୍ ଦେଇ ଦଳ ଜଣେ ଆମଦାନୀ ନେତ୍ରୀ ଗୀତାଞ୍ଜଳି ସେଠୀଙ୍କୁ ଟିକଟ ଦେଇଥିବାରୁ ଆଶାୟୀ ଓ କର୍ମୀ ମହଲରେ ତୀବ୍ର

- ପ୍ରାର୍ଥୀ ଘୋଷଣା ପରେ ଅସନ୍ତୋଷ
- କଣ୍ଟା ହେବେ ନିରାଶ ଆଶାୟୀ
- ସମର୍ଥନ ନ ଦେବାକୁ ଖୋଲାଖୋଲି ଧମକ

ଅସନ୍ତୋଷ ପ୍ରକାଶ ପାଇଛି। କର୍ମୀ ମହଲରେ ଏହି ଅସନ୍ତୋଷ କେନ୍ଦ୍ରାପଡ଼ା ଲୋକସଭା ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ପାଇଁ ମଧ ବଡ଼ ଅଡୁଆ ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି।

କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରରେ ୭ଟି ବିଧାନସଭା ଆସନ ମଧ୍ୟରୁ ବିଜେପି ବୈଜୟନ୍ତଙ୍କ ସୁପାରିସ କ୍ରମେ ପୂର୍ବରୁ ୫ଟି ଆସନରେ ପ୍ରାର୍ଥୀ ଚୟନ କରି ଟିକଟ୍ ବଣ୍ଟନ କରିଥିଲା। ଶନିବାର କେନ୍ଦ୍ରାପଡ଼ା ଓ ସାଲେପୁର ଦୁଇଟି ଯାକ ଆସନରେ ଦଳ ପକ୍ଷରୁ ଗୀତାଞ୍ଜଳି ସେଠୀ ଓ ଅରିନ୍ଦମ ରାୟଙ୍କୁ ପ୍ରାର୍ଥୀ କରାଯାଇଛି। ଏହି ଦୁଇଟି ସ୍ଥାନରେ ଟିକଟ ବଣ୍ଟାକୁ ନେଇ ଦଳରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଆସନରୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ ବିଜେପିରେ ମିଶିବା ପରେ ତାଙ୍କୁ ଟିକଟ ମିଳିଛି। ଏହି ଆମଦାନୀ ନେତ୍ରୀଙ୍କୁ ଦଳ ପକ୍ଷରୁ ଟିକଟ ମିଳିବା ପରେ ଦଳୀୟ କନ୍ଦଳ ଆହୁରି ଅଧିକ ବଢ଼ିଯାଇଛି। ବହୁ ଦିନରୁ ଟିକଟ ଦୌଡ଼ର ଥିବା ସୁନାକର ବେହେରା, କଳ୍ପନା ମଲ୍ଲିକ, ଅଭିମନ୍ୟୁ ଗୋଛାୟତ, ଶଶାଙ୍କ କୁମାର ଜେନାଙ୍କ ଭୂମିକା ଉପରେ ଏବେ ସମସ୍ତଙ୍କର ନଜର ରହିଛି। ଏମାନେ ଗୀତାଞ୍ଜଳିଙ୍କ ସାଥ୍ ଦେବେ ନା ଆତ୍ମଘାତୀର ଭୂମିକା ନେବେ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ବିଜେପି ନେତା ଶଶାଙ୍କ କୁମାର ଜେନା(ମଣ୍ଟୁ)ଙ୍କୁ କେନ୍ଦ୍ରାପଡ଼ା ବିଧାନସଭା ଆସନ ନିମନ୍ତେ ବିଜେପି ଦଳ ପକ୍ଷରୁ ଟିକଟ ଦେବା ଲାଗି ସଂଘ ପକ୍ଷରୁ ନେତୃମଣ୍ଡଳୀଙ୍କ ଜରିଆରେ ନିବେଦନ କରାଯାଇଥିଲା। ବୈଜୟନ୍ତ ଶଶାଙ୍କ ଜେନାଙ୍କୁ ଟିକଟ ନ ଦେବାରୁ ଜିଲ୍ଲା ସଂଘ ପକ୍ଷରୁ ସଂସଦୀୟ କ୍ଷେତ୍ରରେ ତାଙ୍କୁ କୌଣସି ସହଯୋଗ କରାଯିବ ନାହିଁ ବୋଲି ଧର୍ମରକ୍ଷା ସେନା, ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ରୋକଠୋକ୍ ମନା କରି ଦିଆଯାଇଛି। ଏହାକୁ ନେଇ ବୈଜୟନ୍ତ ଏବେ ହରଡ଼ଘଣାରେ ପଡ଼ି ଯାଇଛନ୍ତି। ସେପଟେ ଅଭିମନ୍ୟୁ ଓ ସୁନାକର ଗୋଷ୍ଠୀ ମଧ ଅସହଯୋଗ କରିବେ ବୋଲି ଚର୍ଚ୍ଚା ହେଲାଣି। ଏସବୁ କାରଣ ଯୋଗୁଁ କେନ୍ଦ୍ରାପଡ଼ାରେ ବିଜେପିର ଅସ୍ତିତ୍ୱ ରହିବ ନାହିଁ ବୋଲି ରାଜନୈତିକ ସମୀକ୍ଷକ ମତ ଦେଲେଣି। ଅପରପକ୍ଷେ ଏହି ଅସନ୍ତୁଷ୍ଟ ଗୋଷ୍ଠୀ ଏବେ ଲୋକସଭା ପ୍ରାର୍ଥୀ ବୈଜୟନ୍ତଙ୍କ ରାସ୍ତାରେ କଣ୍ଟା ସାଜିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

### ପ୍ରଚାର ଓ ପରିଚାଳନା ଦାୟିତ୍ୱରେ ପ୍ରାର୍ଥୀଙ୍କ ପରିବାର ସଦସ୍ୟ

# କାହା ପାଇଁ ବାପା ଷ୍ଟାର୍ ପ୍ରଚାରକ ତ କେଉଁଠି ଭାଇ, ଝିଅ ଓ ସ୍ତ୍ରୀ

**ବଲାଙ୍ଗିର,୨୭।୪(ସମିସ):** କୁହାଯାଏ ସଫଳତା ପଛରେ ପରିବାର ଲୋକଙ୍କ ସହଯୋଗ, ସଦିଚ୍ଛା ଓ ଆଶୀର୍ବାଦ ହିଁ ସବୁବେଳେ ସହାୟକ ହୋଇଥାଏ। ସେଥିପାଇଁ ଜଣେ ବ୍ୟକ୍ତିଙ୍କ ବଡ଼ କାମରେ ପରିବାରର ଅନ୍ତତଃ ଜଣେ ସଦସ୍ୟ ପଛରେ ଛିଡ଼ା ହୋଇଥାଏ। ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାରେ ନିର୍ବାଚନୀ ମାହୋଲ ରହିଛି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏବେ ପ୍ରାର୍ଥୀମାନେ ନାମାଙ୍କନ ଭରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହ ନିଜ ପ୍ରଚାର ଅଭିଯାନ ଜାରି ରଖିଛନ୍ତି। ଏହାରି ଭିତରେ ବଲାଙ୍ଗିର ଜିଲ୍ଲାରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନଙ୍କ ସହ ସବୁବେଳେ ପରିବାରଲୋକଙ୍କୁ ହିଁ ଦେଖିବାକୁ ମିଳିଛି। ନିର୍ବାଚନ ପରିଚାଳନାଠାରୁ ଆରମ୍ଭ କରି ପ୍ରଚାର ଆଉ ପ୍ରସାରରେ ସବୁଠି ପରିବାରଲୋକଙ୍କ ସହଯୋଗ ସାମ୍ନାକୁ ଆସିଛି। କିଛି ପ୍ରାର୍ଥୀଙ୍କ ରାଜନୈତିକ ସମ୍ପୃକ୍ତି ପୂର୍ବରୁ ରହିଥିବା ବେଳେ ଆଉ କିଛିଙ୍କ ଏବେ ଏବେ ଆରମ୍ଭ ହୋଇଛି। ତଥାପି ସେହି ପରିବାର ସଦସ୍ୟ ହିଁ ପ୍ରାର୍ଥୀଙ୍କ ପାଇଁ ସାଜିଛନ୍ତି ପ୍ରଚାରକ।

ବଲାଙ୍ଗିର ରାଜନୀତିରେ ପୂର୍ବରୁ ହିଁ ପରିବାରବାଦର ଛାପ ରହି ଆସିଛି। ରାଜା ପୁଅ ରାଜା ଭଳି ନେତା ପୁଅ ନେତା ନ୍ୟାୟରେ ଅନେକ ରାଜନୀତିରେ ରହିଆସିଛନ୍ତି। ଏଥିରେ ସର୍ବାଗ୍ରେ ରହିଛି ବଲାଙ୍ଗିର ରାଜପରିବାର। ବିଗତ ନିର୍ବାଚନରେ ଅନଙ୍ଗ ଉଦୟଙ୍କ ପ୍ରଭାବ ରହୁଥିବା ବେଳେ ତାଙ୍କର ଦୁଇ ପୁଅ ରାଜନୀତିରେ ସକ୍ରିୟ ରହିଛନ୍ତି। କିନ୍ତୁ ଏଥର କେବଳ କଳିକେଶ ନାରାୟଣ ସିଂହଦେଓଙ୍କୁ ବଲାଙ୍ଗିର ସଦର ବିଧାନସଭା ଟିକଟ ଦେଇଛି ଦଳ। ଫଳରେ କଳିକେଶଙ୍କ ପାଇଁ ଦିନରାତି ଏକ କରି ପ୍ରଚାର କରୁଛନ୍ତି ତାଙ୍କ ବାପା ଅନଙ୍ଗ ଉଦୟ ସିଂହଦେଓ ଓ ଭାଇ ମନ୍ମଥ

**ରାଜନୀତିରେ ପରିବାର ସଦସ୍ୟଙ୍କ ଗୁରୁତ୍ୱ**








ବିଜୟ ସିଂହଦେଓ। ଆଗକୁ କଳିକେଶଙ୍କ ସହ ତାଙ୍କ ସାନଭାଇ ଓ ସ୍ତ୍ରୀ ମଧ ଯୋଡ଼ି ହେବାର ସମ୍ଭାବନା ରହିଛି। ସେହିପରି ନରସିଂହ ମିଶ୍ରଙ୍କ ପୁଅ ସମରେନ୍ଦ୍ର ମିଶ୍ର ବଲାଙ୍ଗିର ସଦର ଆସନରେ ବିଧାୟକ ପାଇଁ ଲଢ଼େଇ କରୁଛନ୍ତି। ସମରେନ୍ଦ୍ର ଗତ ନିର୍ବାଚନରେ ସାଂସଦ ପ୍ରାର୍ଥୀ ଥିବା ବେଳେ ଏଥର ତାଙ୍କ ବାପାଙ୍କ ଆସନରୁ ନିର୍ବାଚନ ଲଢୁଛନ୍ତି। ତେବେ ସମରେନ୍ଦ୍ରଙ୍କ ପାଇଁ ତାଙ୍କ ବାପା ହିଁ ଏବେ ଷ୍ଟାର୍ ପ୍ରଚାରକ ସାଜିଛନ୍ତି। ଯୁଆଡ଼େ ଗଲେ ସମରେନ୍ଦ୍ର ତାଙ୍କ ଭଳି ଲୋକଙ୍କ ସେବା କରିବା ସହ ଲୋକଙ୍କ ସହ ଜଡ଼ିତ ହୋଇ ରହିବେ ବୋଲି ଭାଷଣ ଦେଉଛନ୍ତି। ଏପରିକି ତାଙ୍କ ଭାଇମାନେ ମଧ ପରଦା ପଛରେ ରହି ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛନ୍ତି। ଜିଲ୍ଲାରେ ଆଉ ଜଣେ ଟାଣୁଆ ନେତା ଯୋଗେନ୍ଦ୍ର ବେହେରାଙ୍କ ପୁଅ ନୀହାର ରଞ୍ଜନ ବେହେରା ନିର୍ବାଚନ ଲଢୁଛନ୍ତି। ସେ ଲୋଇସିଂହା ଆସନରୁ ନିର୍ବାଚନ ଲଢୁଥିବା ବେଳେ ନିର୍ବାଚନ ପରିଚାଳନାରେ ତାଙ୍କ ବଡ଼ପୁଅ ତଥା ବେଲଗାଁ ସରପଞ୍ଚ ରାମ ବେହେରା, ତାଙ୍କ ସ୍ତ୍ରୀ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାର୍ତ୍ତିକ ତରିଆଙ୍କ ଝିଅ ସହାୟତା କରୁଥିବା ବେଳେ ଆଗକୁ ତାଙ୍କ ବାପା ନିଜେ ଯୋଗେନ୍ଦ୍ର ମଧ ତାଙ୍କ ପାଇଁ ପ୍ରଚାରରେ ସାମିଲ ହେବେ ବୋଲି ଜଣାପଡ଼ିଛି।

ସେହିପରି ବଲାଙ୍ଗିରର ଅନ୍ୟତମ ପ୍ରଭାବଶାଳୀ ରାଜନୈତିକ ଦମ୍ପତି କନକବର୍ଦ୍ଧନ ସିଂହଦେଓ ଓ ସଙ୍ଗୀତା କୁମାରୀ ସିଂହଦେଓଙ୍କ ନିର୍ବାଚନ ପରିଚାଳନା ପାଇଁ ତାଙ୍କ ଝିଅ ନିବୃତ୍ତି ସିଂହଦେଓଙ୍କୁ ଏବେ ପ୍ରଚାର ମଇଦାନରେ ଦେଖିବାକୁ ମିଳୁଛି। ସେ ଉଭୟ ସଙ୍ଗୀତା ଓ କନକଙ୍କ ସହ ବୁଲାବୁଲି କରୁଛନ୍ତି। ଲୋକଙ୍କ ସହ ମିଶି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ଆଗକୁ ତାଙ୍କ ଜ୍ୱାଇଁ ଲକ୍ଷରାଜ ସିଂ ମେୱାର ମଧ ତାଙ୍କ ସହ ଯୋଗଦେଇପାରନ୍ତି ବୋଲି କର୍ମୀ ମହଲରେ ଆଲୋଚନା ହେଉଛି।

ଅନ୍ୟପକ୍ଷରେ ସନ୍ତୋଷ ସିଂ ସାଲୁଜାଙ୍କ ପାଇଁ ତାଙ୍କ ଭାଇ ବରିୟମ ସିଂ ସାଲୁଜା, ପୁଅ, ପୁତୁରା ମିଶି ନିର୍ବାଚନ ପରିଚାଳନା କରୁଥିବା ଜଣାପଡ଼ିଛି। ଟିଟିଲାଗଡ଼ ବିଜେପି ପ୍ରାର୍ଥୀ ନବୀନ ଜୈନଙ୍କ ପାଇଁ ମଇଦାନରେ ତାଙ୍କ ସ୍ତ୍ରୀ ମମତା ଦେବୀ ଜୈନ କସରତ କରୁଛନ୍ତି। ସେ ଟିଟିଟିଲାଗଡ଼ ପୌର ପରିଷଦ ଅଧ୍ୟକ୍ଷା ଅଛନ୍ତି। ବଲାଙ୍ଗିର ସଦର ବିଧାୟକ ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀଙ୍କ ସହ ପ୍ରାୟତଃ ତାଙ୍କ ସ୍ତ୍ରୀ ଓ ପୁଅ ବୁଲାବୁଲି କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ଅନ୍ୟ ପ୍ରାର୍ଥୀମାନଙ୍କ ସହ ମଧ ପରିବାରର କେହି ନା କେହି ରହି ନିର୍ବାଚନ ପରିଚାଳନା କରୁଥିବା ଚର୍ଚ୍ଚା ହେଉଛି। ଏଭଳି ଭାବେ ବଲାଙ୍ଗିର ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀମାନଙ୍କ ପାଇଁ ପରିବାରଲୋକ ପ୍ରଚାର ଓ ପରିଚାଳନା ଦାୟିତ୍ୱରେ ଥିବା ଦେଖିବାକୁ ମିଳିଛି।

# ଆଉ ୮ ପ୍ରାର୍ଥୀଙ୍କ ନାମ ଘୋଷଣା କଲା ବିଜେପି

## ଖୋର୍ଦ୍ଧାରୁ କାଳୁଚରଣ ନିରାଶ, ଟିକଟ ନେଇଗଲେ ପ୍ରଶାନ୍ତ ଜଗଦେବ

**ଭୁବନେଶ୍ୱର, ୨୭ ।୪(ସମିସ):** ବିଧାନସଭା ନିର୍ବାଚନ ପାଇଁ ଶନିବାର ବିଜେପି ପକ୍ଷରୁ ଆଉ ୮ ଜଣ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇଛି । ଏହାକୁ ମିଶାଇ ବିଜେପି ଏଯାବତ୍

- **ହିନ୍ଦୋଳରୁ ସୀମାରାଣୀ, ସାଲେପୁରରୁ ଅରିନ୍ଦମଙ୍କ ଉପରେ ଭରସା କଲା ଦଳ**
- **ଏଯାବତ୍ ୧୪୦ ଜଣଙ୍କ ନାମ ଘୋଷଣା, ୭ ଆସନ ଝୁଲାଇ ରଖିଲା ବିଜେପି**

ମୋଟ ୧୪୦ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଖୋର୍ଦ୍ଧାରୁ ପୂର୍ବ ଥରର ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତ ଟିକଟ ପାଇବାକୁ ଆଶା ରଖିଥିବା ବେଳେ ଦଳ ତାଙ୍କୁ ନିରାଶ କରିଛି । କାଳୁଙ୍କ ବଦଳରେ ଦଳ ପ୍ରଶାନ୍ତ ଜଗଦେବଙ୍କୁ ଟିକଟ ପ୍ରଦାନ କରିଛି । ସେହିପରି ବିଜେଡିରୁ ଟିକଟ ନ ପାଇ ନିକଟରେ ବିଜେପିରେ ଯୋଗଦେଇଥିବା ସୀମାରାଣୀ ନାୟକଙ୍କ ଉପରେ ଭରସା କରି ଦଳ ତାଙ୍କୁ ହିନ୍ଦୋଳରୁ ଟିକଟ ପ୍ରଦାନ କରିଛି । ସୀମାରାଣୀ ସେଠାରେ ବିଜେଡିର ହେଭିୱେଟ ତଥା ବର୍ତ୍ତମାନର ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ବିପକ୍ଷରେ ନିର୍ବାଚନ ଲଢ଼ିବେ । ଅନ୍ୟମାନଙ୍କ ମଧ୍ୟରେ ଦଳ ତେଲକୋଇରୁ ଡ. ଫକୀର ମୋହନ ନାଏକଙ୍କୁ ଟିକଟ ଦେଇଥିବା ବେଳେ ଚମ୍ପୁଆରୁ ମୁରଲୀ ମନୋହର ଶର୍ମାଙ୍କୁ ପ୍ରାର୍ଥୀ କରିଛି । ସେହିପରି ବସ୍ତାରୁ ରବୀନ୍ଦ୍ର ଅଣ୍ଡିଆ, ବାସୁଦେବପୁରରୁ ବାଣୀକଲ୍ୟାଣ ମହାନ୍ତି, ସାଲେପୁରରୁ ଅଭିନେତା ଅରିନ୍ଦମ ରାୟ ଓ କେନ୍ଦ୍ରାପଡ଼ାରୁ ଗୀତାଞ୍ଜଳି ସେଠୀଙ୍କୁ ମଇଦାନକୁ ଓହ୍ଲାଇଛି । ତେବେ ଦଳ ଘଷିପୁରା, ଭୋଗରାଇ, ନୀଳଗିରି, ଭଣ୍ଡାରିପୋଖରୀ, ବରୀ, ବାରବାଟୀ-କଟକ ଓ ବେଗୁନିଆ ଆସନକୁ ଏ ପର୍ଯ୍ୟନ୍ତ ଝୁଲାଇ ରଖିଛି । ଉପରୋକ୍ତ ଆସନରେ ଆଶାୟୀଙ୍କ ମଧ୍ୟରେ ଚାଲିଥିବା ଛକାପଞ୍ଝା ବିଜେପି ପାଇଁ ଆହ୍ୱାନ ସୃଷ୍ଟି କରିଥିବାବେଳେ ଆଉ କିଛି ଆସନରେ ଏବେବି ଅନ୍ୟ ଦଳର ପ୍ରାର୍ଥୀଙ୍କୁ ନେଇ ବିଜେପି ନେତୃତ୍ୱ ଅଙ୍କ କଷା ଜାରି ରଖିଛନ୍ତି ।

# ନିର୍ବାଚନ ଘମାଘୋଟ ଭିତରେ ପ୍ରିୟ ପଖାଳକୁ ଭୁଲିନାହାନ୍ତି ପାଣ୍ଡିଆନ୍

**ଭୁବନେଶ୍ୱର, ୨୭ ।୪(ସମିସ):** ଚାରିଆଡ଼େ ମୁଣ୍ଡଫଟା ଖରା । ନିର୍ବାଚନୀ ଉଷ୍ମତା ସାଙ୍ଗକୁ ପ୍ରଚଣ୍ଡ ରୌଦ୍ରତାପ ପରିବେଶକୁ ପୂରା ସରଗରମ୍ କରି ଦେଉଛି । ହେଲେ ଏହି ଘମାଘୋଟ ଭିତରେ ହଜିଯାଇନାହିଁ ଓଡ଼ିଆ ଘରର ପ୍ରିୟ ଖାଦ୍ୟ ପଖାଳ । ପଖାଳ ବେଲାଏ ଉଦର ଭିତରକୁ

- **ପଖାଳ ଖାଇ ଭୁରିଭୁରି ପ୍ରଶଂସା କଲେ ପ୍ରଖ୍ୟାତ ସାମ୍ବାଦିକ ରାହୁଲ କନୱାଲ**
- **ପଖାଳର ଉପକାରିତା ବୁଝାଇଲେ, ପ୍ରସ୍ତୁତି ଶୈଳୀ ବି କହିଲେ**

ଚାଲିଗଲେ ଶାନ୍ତି । କ୍ଷୁଧା, ତୃଷା, ବାଧା ସବୁ ଦୂର । ଆଜି କଳାହାଣ୍ଡିରେ ଏପରି ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି । ମାରାଥନ୍ ନିର୍ବାଚନ



ପ୍ରଚାର ଭିତରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ପାଖରେ ଥିଲା ପକାଳ କଂସା । ଶ୍ରୀ ପାଣ୍ଡିଆନ୍‌ଙ୍କ ସହ ଏକାଠି ଭୋଜନ କରିଥିଲେ ଜାତୀୟ ନ୍ୟୁଜ ଚ୍ୟାନେଲ ଇଣ୍ଡିଆ ଟୁଡେ ଟିଭିର ବରିଷ୍ଠ ସାମ୍ବାଦିକ ରାହୁଲ କନୱାଲ ।

ଆଜି ଶ୍ରୀ ପାଣ୍ଡିଆନ୍ କଳାହାଣ୍ଡିର ଜୁନାଗଡ଼ରୁ ନିର୍ବାଚନ ପ୍ରଚାର ସାରି ଦାସପୁର ରାସ୍ତାକଡ଼ ଜଙ୍ଗଲରେ ଦିନ ପ୍ରାୟ ତିନିଟା ବେଳକୁ ମଧ୍ୟାହ୍ନଭୋଜନ କରିଥିଲେ । ତାଙ୍କ ସହ ନିର୍ବାଚନ କଭରେଜ କରୁଥିବା ରାହୁଲ କନୱାଲ ମଧ୍ୟ ଶ୍ରୀ ପାଣ୍ଡିଆନଙ୍କୁ ମଧ୍ୟାହ୍ନଭୋଜନରେ ଯୋଗ ଦେଇଥିଲେ । ପଉଳ କଂସାରେ ଦହି ପଖାଳ ସହିତ ଥିଲା ଶାଗ, ବଡ଼ିଚୁରା, ଭେଣ୍ଡି ଆଳୁ ଭଜା । ସମ୍ପୂର୍ଣ୍ଣ ନିରାମିଷ ବ୍ୟଞ୍ଜନରେ ଦୁହିଁଙ୍କ ମୁହଁରୁ ଆତ୍ମତୃପ୍ତି ବେଶ୍ ବାରି ହୋଇପଡୁଥିଲା । ଭୋଜନ ସମୟରେ ରାହୁଲ ମଧ୍ୟ ପଖାଳର ଭୁରିଭୁରି ପ୍ରଶଂସା କରିବା ସହ ତାହା ବିଷୟରେ ଅଧିକ ଜାଣିବାକୁ ଚାହିଁଥିଲେ । ଶ୍ରୀ ପାଣ୍ଡିଆନ୍ ତାଙ୍କୁ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମୋର ପଖାଳ ବେଶ୍ ପସନ୍ଦର ଖାଦ୍ୟ । ପଖାଳର ଉପକାରିତା ଓ ପ୍ରସ୍ତୁତି ସମ୍ପର୍କରେ ରାହୁଲଙ୍କୁ ବୁଝାଇବା ସହ ଓଡ଼ିଆ ଘରର ଏହି ସାଧାରଣ ତଥା ହିତକରୀ ଖାଦ୍ୟକୁ ମୁଖ୍ୟମନ୍ତ୍ରୀ କିପରି ତାଙ୍କ ଅତିଥିମାନଙ୍କୁ ପରଷିଥାନ୍ତି ସେ ବିଷୟରେ ଶ୍ରୀ ପାଣ୍ଡିଆନ୍ ଖାଇବା ସମୟରେ କହିଥିଲେ । ମଧ୍ୟାହ୍ନ ଭୋଜନ ପରେ ଉଭୟେ ଲାଞ୍ଜିଗଡ଼ ସଭା ଅଭିମୁଖେ ବାହାରି ଥିଲେ ।

# ବରଗଡ଼ରେ ବଢ଼ିଲା ବିଜେଡି ବଳ

## ମିଶିଲେ ଅତାବିରା ନିର୍ବାଚନମଣ୍ଡଳୀର ବିଜେପି ନେତା ଓ କର୍ମୀ



**ଭୁବନେଶ୍ୱର,୨୭ ।୪(ସମିସ):** ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅତାବିରା ନିର୍ବାଚନମଣ୍ଡଳୀର ବିଜେପି ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଙ୍ଗ ଭରତ ବେହେରା, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାପତି ସୁନନ୍ଦ ମେହେର ଓ ଜିଲ୍ଲା ଶ୍ରମିକ ସେଲ ସଂଯୋଜକ ଉରଗୁଲ ତାଣ୍ଡିଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ବିଜେଡିରେ ମିଶିଛନ୍ତି । ଶଙ୍ଖଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ଅତାବିରା ବିଧାୟିକା ସ୍ନେହାଙ୍ଗିନି ଛୁରିଆ ଓ ଅତାବିରା ପର୍ଯ୍ୟବେକ୍ଷକ ବିଶ୍ୱନାଥ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ । ବିଜେପି କର୍ମୀମାନଙ୍କ ଯୋଗଦାନ ଫଳରେ ଅତାବିରା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ସାଂସଦ ଡ. ପାତ୍ର କହିଥିଲେ ।

ଏହି ଅବସରରେ ଦଳରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ପ୍ରତିକ୍ରିୟାରେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ଅଶ୍ୱିନ ବେହେରା, ଗୋବିନ୍ଦ ପ୍ରଧାନ, ପ୍ରଶାନ୍ତ ଅମାତ, ସୁନୀଲ ସେଠ, ବିନୋଦ ବେହେରା, ସୂର୍ଯ୍ୟ ନାରାୟଣ ମିଶ୍ର, ଈଶ୍ୱର ଧାରୁଆ, ରମାକାନ୍ତ ବିଶି, ଅଶ୍ୱିନୀ ସୁରୁଜାଲ, ଚାମରା ଦଣ୍ଡସେନା, ପ୍ରମୋଦ ଗରତିଆ, ସୁବ୍ରତ ପଟେଲ, ଯଶୋବନ୍ତ ସେଠ, ବିଦେଶ କୁମାର ଦାସ, ଚୁଡାମଣି ମହାରଣା, ସାଇଚନ୍ଦନ ମିଶ୍ର, ସିଲୁ ମିଶ୍ର, କୈଳାସ ବାଗ, ମଧୁ ଦୀପ, ଅରୁଣ ବାଗ, ଲିଲିମା ଗୁପ୍ତା, ଦୟା ସାଗର ପ୍ରଧାନ, ଦୀପକ ଦାସ, ପ୍ରକାଶ ଶଣ୍ଢ, ଚକା ପୋଢ ଓ ମାନସ ସାହୁଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ । ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ ।

## ମିଶିଲେ ପଦ୍ମପୁର ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେପି ନେତା ସିଦ୍ଧାର୍ଥ ଶଙ୍କର

**ଭୁବନେଶ୍ୱର,୨୭ ।୪(ସମିସ):** ବରଗଡ଼ ଜିଲ୍ଲା ଅନ୍ତର୍ଗତ ପଦ୍ମପୁର ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେପି ନେତା ସିଦ୍ଧାର୍ଥ ଶଙ୍କର ମିଶ୍ର ଆଜି ଶଙ୍ଖଭବନଠାରେ ବିଜେଡିରେ ଯୋଗ ଦେଇଛନ୍ତି । ରାଜ୍ୟସଭା ସାଂସଦ ଡକ୍ଟର



ସସ୍ମିତ ପାତ୍ର ଓ ପଦ୍ମପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ମୌସମ ମିଶ୍ରଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି । ସିଦ୍ଧାର୍ଥ ଶଙ୍କର ମିଶ୍ରଙ୍କ ଯୋଗଦାନ ଫଳରେ ବିଶେଷକରି ପଦ୍ମପୁର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ମିଶ୍ର କହିଥିଲେ । ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା ବରିଷ୍ଠ ବିଜେପି ନେତା ସିଦ୍ଧାର୍ଥ ଶଙ୍କର ମିଶ୍ର ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ ।

## ସୁଧୁରୁନାହାନ୍ତି ବିଜେପି ପ୍ରାର୍ଥୀ

# ପ୍ରଚଣ୍ଡ ଖରାରେ ପ୍ରଚାର ପାଇଁ ଛୋଟ ପିଲାଙ୍କୁ ବ୍ୟବହାର କରୁଛନ୍ତି



**ଭୁବନେଶ୍ୱର, ୨୭ ।୪(ସମିସ):** ଭୋଟ ପାଇଁ ବିଜେପି ନେତା ଯେ କୌଣସି ସ୍ତରକୁ ବି ଚାଲି ଯାଉଛନ୍ତି । ପ୍ରଚଣ୍ଡ ଖରାରେ ଛୋଟ ଛୋଟ ପିଲାମାନଙ୍କୁ ନିର୍ବାଚନ ରାଲିରେ ସାମିଲ କରିବାରୁ ସେମାନେ କ୍ଷାନ୍ତ ହେଉନାହାନ୍ତି । ପୁଣି ଜଣେ ବିଜେପି ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ କରିଛି ବିଜୁ ଜନତା

**ବଲାଙ୍ଗିର ପ୍ରାର୍ଥୀ ଗୋପାଳଜୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ଦଳ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ ବଲାଙ୍ଗିର ବିଜେପି ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଗତ ୨୩ ତାରିଖ ଦିନ ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ । ହେଲେ ଏସବୁ ସଭାରେ ଶ୍ରୀ ପାଣିଗ୍ରାହୀ ଛୋଟ ପିଲାଙ୍କ ବେକରେ ଦଳୀୟ ଉତ୍ତରୀୟ ଏବଂ ମୁଣ୍ଡରେ ଟୋପି ଲଗାଇ ନିର୍ବାଚନ ପ୍ରଚାର କରୁଥିବା ଦେଖାଯାଇଛି । ସମଗ୍ର ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଥିବା ବେଳେ ବିଜେପି ପ୍ରାର୍ଥୀମାନେ ବାରମ୍ବାର ଛୋଟ ପିଲାଙ୍କୁ ନିର୍ବାଚନୀ ସଭାରେ ବ୍ୟବହାର କରୁଛନ୍ତି । ଏହା ସମ୍ପୂର୍ଣ୍ଣ ଭାବେ ଆଦର୍ଶ ଆଚରଣ ବିଧିର ଅବମାନନା । ପୂର୍ବରୁ ମଧ୍ୟ ଅନେକ ବିଜେପି ନେତାଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆସିଛି । ସମ୍ବଲପୁର ବିଜେପି ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ଭୁବନେଶ୍ୱର ସାଂସଦ ପ୍ରାର୍ଥିନୀ ଅପରାଜିତା ଷଡ଼ଙ୍ଗୀ, ଚିକିଟି ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ ବିରୋଧରେ ଅଭିଯୋଗ ହୋଇଛି । ତେଣୁ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଜରିଆରେ ଅନ୍ୟମାନଙ୍କୁ ଚେତାବନୀ ଦିଆଯିବାର ଯଥାର୍ଥତା ରହିଛି ବୋଲି ବିଜେଡି କହିଛି । ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ସାଂସଦ ଡ. ସସ୍ମିତ ପାତ୍ରଙ୍କ ସମେତ ତୁମ୍ବନାଥ ପଣ୍ଡା, ମିହିର ରାୟ, ଡ଼ ପ୍ରିୟବ୍ରତ ମାଝୀ, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ଓମ୍ ପ୍ରକାଶ ସାହୁ, ମାହିକ୍ଷୀତା ମିଶ୍ର ପ୍ରମୁଖ ସାମିଲ ଥିଲେ ।

# ନିର୍ଣ୍ଣାୟକ ହୋଇପାରେ ୩୦ ଲକ୍ଷ ପ୍ରବାସୀ ଓଡ଼ିଆଙ୍କ ମତଦାନ

**ଭୁବନେଶ୍ୱର,୨୭ ।୪(ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି, ପ୍ରାର୍ଥୀମାନେ ଭୋଟରଙ୍କର ସେତିକି ନିକଟତର ହେବାକୁ ଉଦ୍ୟମ କରୁଛନ୍ତି । ତେବେ କେବଳ ଓଡ଼ିଶାର ବାସିନ୍ଦା ନୁହେଁ, କାମଧନ୍ଦା ପାଇଁ ଅନ୍ୟ ରାଜ୍ୟରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ଉପରେ ନିର୍ବାଚନ ରଣାଙ୍ଗନରେ ଥିବା ପ୍ରାର୍ଥୀଙ୍କ ନଜର ରହିଛି । କୁହାଯାଉଛି, ପ୍ରବାସୀ ଓଡ଼ିଆଙ୍କ ସଂଖ୍ୟା ୩୦ ଲକ୍ଷରୁ ଅଧିକ ହେବ । ଏତେ ସଂଖ୍ୟାକ ଭୋଟ ଚଳିତ ନିର୍ବାଚନରେ ବଡ଼ ପ୍ରଭାବ ପକାଇବା ପାଇଁ ଯଥେଷ୍ଟ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି ।

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପରେ ଦ୍ୱିତୀୟ ପର୍ଯ୍ୟାୟ ଚାଲିଛି । ପ୍ରାୟତଃ ସବୁ ଆସନରେ ପ୍ରାର୍ଥୀ ଘୋଷଣା ସରିଛି । ସବୁ ଦଳର ପ୍ରାର୍ଥୀ ଭୋଟରଙ୍କୁ ମନେଇବା ପାଇଁ ଭରପୂର ଉଦ୍ୟମ ଚଳାଇଛନ୍ତି । ପ୍ରଚଣ୍ଡ ଖରାରେ ଘରକୁ ଘର ଯାଇ, ହାଟ ବଜାର ବୁଲି, ସଭା ସମିତିରେ ଭୋଟ ଭିକ୍ଷା କରୁଛନ୍ତି । ଗୋଟିଏ ଭୋଟ ଯେପରି ହାତରୁ ଖସି ନଯାଏ ତାହା ସୁନିଶ୍ଚିତ କରୁଛନ୍ତି । ତେବେ ରାଜ୍ୟ ବାହାରେ ରହୁଥିବା ନିଜ ଅଞ୍ଚଳର ଲୋକଙ୍କୁ ମତଦାନ କେନ୍ଦ୍ର ପର୍ଯ୍ୟନ୍ତ ଆଣିବା ଏବଂ ସେମାନଙ୍କ ଭୋଟ ନିଜ ସପକ୍ଷରେ ନେବା କିଛି କମ୍ କାଠିକର ପାଠ ନୁହେଁ । ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାର ଲୋକେ ଅନ୍ୟ ରାଜ୍ୟରେ ରହି କାମଧନ୍ଦା କରୁଛନ୍ତି । ତେବେ ପଶ୍ଚିମ, ଦକ୍ଷିଣ, ଉପକୂଳ ସବୁ ଜିଲ୍ଲାର ଲକ୍ଷଲକ୍ଷ ଲୋକ ବାହାରେ ରହୁଛନ୍ତି । ସେମାନଙ୍କୁ ଏବେଠାରୁ ଯୋଗାଯୋଗ କରି ଭୋଟ ଦିନ ନିଶ୍ଚୟ ଆସି ଭୋଟ ଦେବା ପାଇଁ ପ୍ରାର୍ଥୀମାନେ ଅନୁରୋଧ କରୁଛନ୍ତି । ନିଜ ଅଞ୍ଚଳର ପ୍ରବାସୀ ଭୋଟରଙ୍କ ସହିତ ଯୋଗାଯୋଗ ପାଇଁ ଯଥାସମ୍ଭବ ଉଦ୍ୟମ କରାଯାଉଛି । ପ୍ରଥମ ପର୍ଯ୍ୟାୟ ମତଦାନ କ୍ରମେ ଚାରିଟି ଲୋକସଭା ଏବଂ ୨୮ ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହେବ । କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ମେ' ମାସ ୧୩ ତାରିଖରେ ମତଦାନ ହେବ । ଏହି ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ବେଶ୍ ବଢ଼ିଯାଇଛି ।

ସୂଚନା ଅନୁସାରେ, ପ୍ରାର୍ଥୀମାନେ ପ୍ରବାସୀ ଭୋଟରଙ୍କ ତାଲିକା ଧରି ବୁଲୁଛନ୍ତି । ସେମାନଙ୍କୁ ମତଦାନ କେନ୍ଦ୍ର ପର୍ଯ୍ୟନ୍ତ ଆଣି ନିଜ ସପକ୍ଷରେ ସେମାନଙ୍କ ଭୋଟ ନେବା ପାଇଁ ପ୍ରାର୍ଥୀମାନେ ଆଗୁଆ ଯିବା ଆସିବା ଟ୍ରେନ୍ ଟିକଟ ବୁକିଂ ଆରମ୍ଭ କଲେଣି । ଯେଉଁ ରାଜ୍ୟରେ ଅଧିକ ଓଡ଼ିଆ ମତଦାତା ଅଛନ୍ତି ସେମାନଙ୍କ ନିକଟକୁ ନିଜ ପ୍ରତିନିଧିଙ୍କୁ ପଠାଇ ନିଜ ଆଡକୁ ଆକର୍ଷିତ କରିବା ଉଦ୍ୟମରେ ଅଛନ୍ତି । ଏଥିପାଇଁ ପ୍ରାର୍ଥୀମାନେ ବ୍ୟକ୍ତିଗତ ଉଦ୍ୟମ କରୁଛନ୍ତି । ପ୍ରବାସୀ ଭୋଟରଙ୍କୁ

- **ନିଜ ଆଡକୁ ଟାଣିବା ପାଇଁ ଲାଗି ପଡ଼ିଲେଣି ପ୍ରାର୍ଥୀ**
- **ଆଗୁଆ ଟ୍ରେନ୍ ଟିକଟ ବୁକ୍ କରି ଦେଉଛନ୍ତି**
- **ବିକାଶର ଦ୍ୱାହି ଦେଇ ଭୋଟ ଦିନ ନିଶ୍ଚୟ ଆସିବା ପାଇଁ ନିବେଦନ କରୁଛନ୍ତି**
- **ପ୍ରଥମ ପର୍ଯ୍ୟାୟ ଭୋଟ ହେଉଥିବା ଆସନରେ ବଢ଼ିଛି ଉତ୍ସାହ**

ନେଇ ପ୍ରାର୍ଥୀଙ୍କ କର୍ମୀମାନେ ହ୍ୱାଟ୍ସଆପ୍ ଗ୍ରୁପ୍ କରି ଯୋଗାଯୋଗ କରୁଛନ୍ତି । ପ୍ରାର୍ଥୀମାନେ ବ୍ୟକ୍ତିଗତ ଭାବେ ଫୋନ୍ କରି ମତଦାନ ପାଇଁ ନିବେଦନ କରୁଛନ୍ତି । ଶାସକ ଦଳର ପ୍ରାର୍ଥୀ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ, ଯୋଜନାର ଦ୍ୱାହି ଦେଇ ପ୍ରବାସୀ ଓଡ଼ିଆଙ୍କୁ ଭୋଟ ଦେବା ପାଇଁ ନିବେଦନ କରୁଥିବା ବେଳେ ବିରୋଧୀ ପ୍ରାର୍ଥୀମାନେ ଭଲ କାମ କରିବାର ଆଶ୍ୱାସନା ଦେଇ ଭୋଟରଙ୍କୁ ଆକୃଷ୍ଟ କରୁଛନ୍ତି ।

ସାଧାରଣତଃ ଗ୍ରାମାଞ୍ଚଳରେ ମତଦାନକୁ ନେଇ ଉତ୍ସାହ ଅଧିକ ରହିଥାଏ । ବାହାରେ ରହୁଥିଲେ ମଧ୍ୟ ସେମାନେ ନିଜ ଅଞ୍ଚଳର ପ୍ରାର୍ଥୀଙ୍କୁ ଜାଣିଥାନ୍ତି । ତେଣୁ ପ୍ରାର୍ଥୀ ନିମନ୍ତ୍ରଣ କରନ୍ତୁ ଅବା ନକରନ୍ତୁ ସେମାନେ ନିଜେ ଆସି ପ୍ରଚାରରେ ଭାଗ ନିଅନ୍ତି । ଅନେକ ପ୍ରବାସୀ ଭୋଟର ନିଜ ପକେଟରୁ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଟଙ୍କା ଖର୍ଚ୍ଚ କରିଥାନ୍ତି ମଧ୍ୟ । ସେହିପରି ଆଉ କିଛି ପ୍ରବାସୀ ଭୋଟର ତାଙ୍କ ଅଞ୍ଚଳରେ ବିଧାୟକ ଭଲ କାମ କରିଛନ୍ତି କି ନାହିଁ, କିମ୍ବା ନୂଆ ପ୍ରାର୍ଥୀଙ୍କର କ'ଣ ଆଭିମୁଖ୍ୟ ରହିଛି ତାହା ପଚାରି ବୁଝୁଛନ୍ତି । ପରିବାର ସଦସ୍ୟ, ସାଙ୍ଗସାଥୀ, ଗ୍ରାମବାସୀଙ୍କ ଠାରୁ ପ୍ରାର୍ଥୀଙ୍କ ସମ୍ପର୍କରେ ମତାମତ ନେଇ ଭୋଟ ଦେବା ପାଇଁ ଆସିଥାନ୍ତି । ଅନେକ ଭୋଟର ନିର୍ବାଚନର ୧୦/୧୫ ଦିନ ଆଗରୁ ଗ୍ରାମକୁ ଆସି ପ୍ରଚାର ମଇଦାନକୁ ଓହ୍ଲାଇବା ଆରମ୍ଭ କଲେଣି । ଏମିତି ବି ଦେଖାଯାଏ ଯେ କିଛି ପ୍ରାର୍ଥୀ ପ୍ରବାସୀ ଓଡ଼ିଆଙ୍କୁ ଆଣି ନିର୍ବାଚନରେ ଅସାମାଜିକ ଏବଂ ଅପରାଧିକ କାର୍ଯ୍ୟରେ ନିୟୋଜିତ କରନ୍ତି । ବିଶେଷକରି ବିରୋଧୀ ଦଳର ପ୍ରାର୍ଥୀମାନେ ଏପରି କାର୍ଯ୍ୟରେ ଲିପ୍ତ ରହିବାର ନଜୀର ରହିଛି । ତେବେ ପ୍ରବାସୀ ଓଡ଼ିଆ ଭୋଟରଙ୍କ ପାଇଁ ଏବେ ସବୁ ପ୍ରାର୍ଥୀଙ୍କ ପ୍ରାଣ କାନ୍ଦୁଛି ।

ରାଜନୈତିକ ସମୀକ୍ଷକ ସୁଦର୍ଶନ ଛୋଟରାୟ କହିଛନ୍ତି, ଅନ୍ୟ ରାଜ୍ୟରେ ଓଡ଼ିଶାର ଲକ୍ଷାଧିକ ଲୋକ ରହୁଛନ୍ତି । କୋଭିଡ୍ ଲକ୍ ଡାଉନ୍ ସମୟରେ ପ୍ରାୟ ୧୫ ଲକ୍ଷ ପ୍ରବାସୀ ଓଡ଼ିଆ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଯେଉଁଠି ଗଣତନ୍ତ୍ରରେ ଗୋଟିଏ ଭୋଟ ବି ମୂଲ୍ୟବାନ ସେଠି ପ୍ରବାସୀ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । କଡ଼ା ମୁକାବିଲା ହେଉଥିବା ଅନେକ ଆସନରେ ଏହି ଭୋଟ ନିର୍ଣ୍ଣାୟକ ହେବାର ମଧ୍ୟ ସମ୍ଭାବନା ଅଛି । ତେବେ ଯେଉଁ ସବୁ ରାଜ୍ୟରେ ଅଧିକ ପ୍ରବାସୀ ଭୋଟର ରହୁଛନ୍ତି, ନିର୍ବାଚନ କମିସନ ସେଠାରେ ବାଲଟ ମତଦାନ ବ୍ୟବସ୍ଥା କରିବା ଆବଶ୍ୟକ । ଏହା ଦ୍ୱାରା ମତଦାନ ହାରକୁ ଆମେ ବୃଦ୍ଧି କରିପାରିବା ।

## ଭୋଟରଙ୍କୁ ଅଟା, ଲୁଣ ଓ ତେଲ ବାଣ୍ଟୁଛନ୍ତି ବିଜେପି ବିଧାୟକ ପ୍ରାର୍ଥୀ

# ସିଇଓଙ୍କୁ ଫେରାଦ ହେଲା ବିଜେଡି




**ଭୁବନେଶ୍ୱର, ୨୭ ।୪(ସମିସ):** ଖଲିକୋଟ ବିଜେପି ବିଧାୟକ ପ୍ରାର୍ଥୀ ପୂର୍ଣ୍ଣ ସେଠୀଙ୍କ ବିରୋଧରେ ଆସିଛି ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ । ବିଜୁ ଜନତା ଦଳ ଏପରି ଅଭିଯୋଗ ଆଣିବା ସହ ତାଙ୍କ ବିରୋଧରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି । ବିଜେଡିର ଅଭିଯୋଗ ଅନୁସାରେ, ଗତ ୨୩ ତାରିଖ ଦିନ ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ସେଠୀ ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବି ବଡ଼ଗ୍ରାମରେ ଜନସାଧାରଣଙ୍କୁ ପ୍ରଲୋଭିତ କରିବା ଉଦ୍ଦେଶ୍ୟରେ ଅଟା ପ୍ୟାକେଟ, ଲୁଣ ପ୍ୟାକେଟ୍ ଏବଂ ରୋଷେଇ ତେଲ ବୋତଲ ବାଣ୍ଟିଥିଲେ । ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ସମୟରେ ବିଜେପି ପ୍ରାର୍ଥୀ ଲୋକଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରି ଆଇନ୍ ଉଲ୍ଲଂଘନ କରିଛନ୍ତି । ଅନୈତିକ ଉପାୟରେ ନିଜ ସପକ୍ଷରେ ମତଦାନ ପାଇଁ ଶ୍ରୀ ସେଠୀଙ୍କ ଉଦ୍ୟମ ପାଇଁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ବୋଲି ବିଜେଡି କହିଛି । ଯଦି ବେଳ ଥାଉଥାଉ ଏପରି କାର୍ଯ୍ୟରେ ଲିପ୍ତ ବିଜେପି ପ୍ରାର୍ଥୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୁଏ, ତା ହେଲେ ରାଜ୍ୟରେ ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନରେ ବାଧକ ସୃଷ୍ଟି ହେବା ଆଶଙ୍କା ରହିଛି ବୋଲି ବିଜେଡି କହିଛି । ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ସାଂସଦ ଡ. ସସ୍ମିତ ପାତ୍ର, ଡ. ପ୍ରିୟବ୍ରତ ମାଝୀ, ଓମ୍ ପ୍ରକାଶ ସାହୁ, ଇପ୍ସିତା ସାହୁ, ମାହିକ୍ଷୀତା ମିଶ୍ର, ମିହିର ରାୟ, ତୁମ୍ବନାଥ ପଣ୍ଡା, ମଧୁସ୍ମିତା ନାୟକ ସାମିଲ ହୋଇଥିଲେ ।

## ବସ୍ତା ବିଧାନସଭା ଆସନ

# ପୁଣି ଦଳଡିଆଁଙ୍କ ଉପରେ ବିଜେପିର ଭରସା

**ବସ୍ତା ବ୍ଲକ, ୨୭।୪ (ସମିସ):** ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନ ବସ୍ତା ବିଧାନସଭା ଆସନ ପାଇଁ ଆଜି ବିଜେପି ପ୍ରାର୍ଥୀ ଘୋଷଣା କରିଛି । ଦଳ ଏଠାରେ ରବୀନ୍ଦ୍ର ଅଣ୍ଡିଆଙ୍କୁ ପ୍ରାର୍ଥୀ କରିଛି । ତେବେ ଆଜି ଅପରାହ୍ନରେ ତାଙ୍କ ନାଁ ଘୋଷଣା ହେବା ପରେ ନିର୍ବାଚନମଣ୍ଡଳୀର ପୁରୁଣା ବିଜେପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଜଣେ ଦଳଡିଆଁ ନେତାଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଅନ୍ୟ ଆଶାୟୀ ଓ କର୍ମୀମାନେ ତାଙ୍କୁ ବିରୋଧ କରିବାକୁ ସଜବାଜ ହେଉଥିବା ଅନ୍ଦରମହଲରୁ ସୂଚନା ମିଳିଛି ।

**ବିରୋଧ କରିବାକୁ ଆଶାୟୀ ଓ କର୍ମୀମହଲ ସଜବାଜ**

ସୂଚନାଯୋଗ୍ୟ, ବିଜେଡି ଏଠାରେ ଜିଲ୍ଲାର ଅନ୍ୟତମ ହେଭିୱେଟ୍ ନେତା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଧର୍ମପତ୍ନୀ ସୁବାସିନୀ ଜେନାଙ୍କୁ ପ୍ରାର୍ଥୀ କରି ମହିଳା କାର୍ଡ ଖେଳିଥିବା ବେଳେ ୨୦୧୯ର ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ବିଜନ ନାୟକଙ୍କୁ ପୁଣିଥରେ କଂଗ୍ରେସ ରିପିଟ କରିଛି । ମାତ୍ର ବିଜେପିରେ ଟିକଟ ଘୋଷଣା ବିଳମ୍ବ ହୋଇଥଲା । ୫ବର୍ଷ ଧରି ବସ୍ତାରେ ବିଜେପି ସଂଗଠନକୁ ଜାବୁଡ଼ି ଧରିଥିବା ନେତାମାନେ ଆଶାୟୀ ଥିବାରୁ ଦଳ କାହାକୁ ପ୍ରାର୍ଥୀ କରିବ ସେ ନେଇ ବିଷମ ପରିସ୍ଥିତିରେ ରହିଥିଲା । ସବୁ କଳ୍ପନାଜଳ୍ପନାର ଅନ୍ତଃ କରି ପୁରୁଣା ନେତାଙ୍କୁ ବିଶ୍ୱାସକୁ ନ ନେଇ ବିଜେପି ୨୦୧୯ ଭଳି ପୁଣି ଜଣେ ଦଳଡିଆଁ ନେତାକୁ ଭରସା କରି ବସ୍ତାରୁ ବିଜେପି ବିଧାୟକ ପ୍ରାର୍ଥୀ ଘୋଷଣା କରିଛି । କିଛି ମାସ ପୂର୍ବରୁ ବିଜେଡିରୁ ନିଲମ୍ବନ ହୋଇ ଦଳ ଛାଡ଼ି ବିଜେପିରେ ମିଶିଥିବା ବାଲିଆପାଳର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ଅଣ୍ଡିଆଙ୍କ ନାମ ଘୋଷଣା କରାଯାଇଛି । ଯାହାକୁ ନେଇ ବସ୍ତା ନିର୍ବାଚନମଣ୍ଡଳୀର ପୁରୁଣା ବିଜେପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହାର ପ୍ରଭାବ ଖୋଦ୍ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପରେ ପଡ଼ିବ ବୋଲି ଏବେଠାରୁ ବିଜେପି କର୍ମୀମହଲରେ ଆଲୋଚନା ଜୋର୍ ଧରିଲାଣି । ଯଦି ଦଳ କନ୍ଦଳରେ ବୁଡ଼ି ରହେ, ତା'ହେଲେ ତାହା ବସ୍ତା ବିଜେପି ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ ଓ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଚର୍ଚ୍ଚା ଜୋର ଧରିଛି ।

# ଅର୍ଥ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼, ୨୭ ।୪(ସମିସ)



ସ୍ଥାନୀୟ ସଦ୍‌ଭାବନା ଭବନରେ ଅର୍ଥ ପର୍ଯ୍ୟବେକ୍ଷକମାନଙ୍କ ସୁନ୍ଦରଗଡ଼ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ପାଇଁ ଅର୍ଥ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କ୍ରୀଷ୍ଣା କୁମାର ପ୍ରସାଦ, ତଳସରା, ସୁନ୍ଦରଗଡ଼ ଓ ରାଜଗାଙ୍ଗପୁର ବିଧାନସଭା କ୍ଷେତ୍ରର ଅର୍ଥ ପର୍ଯ୍ୟବେକ୍ଷକ ରାମଜୀ କେଥାବନ୍ଥୁ ଏବଂ ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା ଓ ବଣାଇଁ ବିଧାନସଭା କ୍ଷେତ୍ରର ଅର୍ଥ ପର୍ଯ୍ୟବେକ୍ଷକ ଅତୁଲ କୁମାର ତିର୍କୀ ଯୋଗଦେଇ ଚଳିତ ସାଧାରଣ ନିର୍ବାଚନରେ ଜିଲ୍ଲାରେ ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଜିଲ୍ଲାରେ ନିର୍ବାଚନ ନିମନ୍ତେ ନିୟୋଜିତ ଫ୍ଲାଇଂ ସ୍କ୍ୱାଡ୍, ଏସଏସଟି, ଭିଭିଟି ଆଦିର ସକ୍ରିୟ କାର୍ଯ୍ୟକଳାପ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ସଂସଦୀୟ କ୍ଷେତ୍ରର ରିଟର୍ଣ୍ଣିଂ ଅଧିକାରୀ ଡା. ପରାଗ ଗଭାଲି, ଅତିରିକ୍ତ ଜିଲ୍ଲାପାଳ ତଥା ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ର ରିଟର୍ଣ୍ଣିଂ ଅଧିକାରୀ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ରାଜଗାଙ୍ଗପୁର ବିଧାନସଭା କ୍ଷେତ୍ର ରିଟର୍ଣ୍ଣିଂ ଅଧିକାରୀ ଅଭିମନ୍ୟୁ ମାଝୀ ଓ ସଦର ଉପଜିଲ୍ଲାପାଳ ତଥା ତଳସରା ବିଧାନସଭା କ୍ଷେତ୍ର ରିଟର୍ଣ୍ଣିଂ ଅଧିକାରୀ ଦାସରଥି ସରାବୁ ଉପସ୍ଥିତ ରହି ନିଜ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପରିଚାଳନା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ନିର୍ବାଚନ ଖର୍ଚ୍ଚ ପରିଚାଳନାର ନୋଡାଲ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ ନିର୍ବାଚନ ଖର୍ଚ୍ଚ ତଦାରଖ କରିବା ପାଇଁ କାର୍ଯ୍ୟକାରୀ ହେଉଥିବା ଥିବା ବିଭିନ୍ନ ଟିମ୍/ସେଲ ଉପରେ ସୂଚନା ଦେଇଥିଲେ। ଜିଲ୍ଲାର ସମସ୍ତ ବିଧାନସଭା କ୍ଷେତ୍ର ନିମନ୍ତେ ଥିବା ସହାୟକ ଅର୍ଥ ପର୍ଯ୍ୟବେକ୍ଷକ ଓ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରର ସହାୟକ ଅର୍ଥ ପର୍ଯ୍ୟବେକ୍ଷକ, ପୁଲିସ ଅଧିକାରୀ ଏବଂ ନିର୍ବାଚନ ପ୍ରକ୍ରିୟା ପାଇଁ ନିଯୁକ୍ତ ବିଭିନ୍ନ ସେଲର ନୋଡାଲ ଅଧିକାରୀମାନେ ଉପସ୍ଥିତ ଥିଲେ।

● ଭାରୀଯାନ ଧକ୍କାରେ ୩ ଯୁବକଙ୍କ ମୃତ୍ୟୁରୁ ଉତ୍ତେଜନା ଘଟଣା

# ଆନ୍ଦୋଳନ ପ୍ରତ୍ୟାହୃତ, ଏନଟିପିସି କାର୍ଯ୍ୟ ସ୍ୱାଭାବିକ

**ସୁନ୍ଦରଗଡ଼, ୨୭ ।୪(ସମିସ):** ଗୁରୁବାର ବିଳମ୍ବିତ ରାତିରେ ଏନଟିପିସିର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ଲାଣ୍ଟ ରାସ୍ତାରେ ଭାରୀଯାନ ଧକ୍କାରେ ୩ ବାଇକ ଆରୋହୀଙ୍କ ମୃତ୍ୟୁ ଘଟଣାକୁ ନେଇ ଲାଗି ରହିଥିବା ଉତ୍ତେଜନା ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୧ଟାରେ ପ୍ରଶମିତ ହୋଇଛି। ବିଭିନ୍ନ ଦାବିରେ ଜାରି ରହିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ମୃତକଙ୍କ ପରିବାର ଲୋକଙ୍କୁ ବିଭିନ୍ନ ସୂତ୍ରରୁ ୩ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରାଯିବା ପରେ ଆନ୍ଦୋଳନକାରୀମାନେ ଏନଟିପିସି ଫାଟକ ପ୍ରାଙ୍ଗଣରୁ ମୃତଦେହ ହଟାଇ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ଫଳରେ ଏନଟିପିସିରେ କାର୍ଯ୍ୟ ସ୍ୱାଭାବିକ ହୋଇଛି।

ଶୁକ୍ରବାର ବିଳମ୍ବିତ ରାତିରେ ସ୍ଥାନୀୟ ହୁଟୁପଡ଼ାର ରଞ୍ଜନ ପ୍ରଧାନ, ଆଶିଷ ଭୋଇ ଏବଂ ରୂପକ ଧୁଆ ଏକ ବାଇକରେ ଯାଉଥିବା ବେଳେ ଏକ ଭାରୀଯାନ ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଏଥିରେ ସମସ୍ତ ତିନି ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଶୁକ୍ରବାର ସକାଳେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇ କାରଖାନାର ସମସ୍ତ ଗେଟ୍ ବନ୍ଦ କରିଦେଇଥିଲେ। ଫଳରେ କାରଖାନାର 'ସି' ସିଫ୍ଟ କର୍ମଚାରୀମାନେ ଡ୍ୟୁଟି ସରିବା ପରେ ଘରକୁ ଯାଇ ନ ପାରି ଭିତରେ ଫସି ରହିଥିଲେ। ସେହିପରି ଅନ୍ୟ ସିଫ୍ଟ କର୍ମଚାରୀମାନେ କାମ କରିବାକୁ କାରଖାନା ଭିତରକୁ ପଶିପାରି ନ ଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଆନ୍ଦୋଳନକାରୀମାନେ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ସୁନ୍ଦରଗଡ଼ ବିଧାନସଭା ବିଜେପି ପ୍ରାର୍ଥିନୀ କୁସୁମ ଟେଟେ ଆନ୍ଦୋଳନକାରୀଙ୍କ ଦାବିକୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ ହେଁ ଆନ୍ଦୋଳନ ପ୍ରତ୍ୟାହାର ହେବା ପୂର୍ବରୁ ସେ ପଳାଇ ଯାଇଥିଲେ। ବିଜେଡି ପ୍ରାର୍ଥୀ ଯୋଗେଶ କୁମାର ସିଂ ଆନ୍ଦୋଳନ ପ୍ରତ୍ୟାହାର ଯାଏ ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇଥିଲେ। ପରେ ନିଜ ଗ୍ରାମରେ ଶୋକାକୁଳ ପରିବେଶରେ ମୃତଦେହଗୁଡ଼ିକୁ ଅନ୍ତିମ ସଂସ୍କାର କରାଯାଇଥିଲା।

# ଯୁବ ବିଜେଡି ପକ୍ଷରୁ ନୂତନ କର୍ମୀଙ୍କୁ ସ୍ୱାଗତ



**ହେମଗିରି, ୨୭ ।୪(ସମିସ):** ହେମଗିରି ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି କଳାକାହ୍ନୁ ମେହେରଙ୍କ ଆହ୍ୱାନ କ୍ରମେ ଶହ ଶହ କର୍ମୀଙ୍କ ସମେତ ୩୦୦ରୁ ଉର୍ଦ୍ଧ୍ୱ ନୂତନ ଭୋଟର୍ ଦଳରେ ଯୋଗଦେଇଛନ୍ତି। ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନୂତନ ଭୋଟର୍‌ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଯୋଗଦେଇଥିବା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ଜିଲ୍ଲା ମହିଳା ସଭାପତି ରଞ୍ଜନା ପଣ୍ଡା, କୃଷକ ନେତା ଗୋପାଳ ଚନ୍ଦ୍ର ପଧାନ, ବ୍ଲକ ସଭାପତି ସୁକାନ୍ତ ପତି, ଜିଲ୍ଲା ପରିଷଦ ସଭ୍ୟ ଉଦିତ ସେଠ, ସଭ୍ୟା ମହିମା ସେଠ, କାଶୀନାଥ ରାଉତ, ସୁନୀଲ ପାଟ୍ଟଯୋଶୀ, ସମେନ୍ଦ୍ର ସିଂଦେଓ, ବିଜୟ ନାଏକ ବେହେରା, ମୁସ୍ତାକ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ବିଜେଡି କର୍ମକର୍ତ୍ତା ଜୟସିଂ ମାଝୀ, କିରଣ ଚୌଧୁରୀ, ଗୋବିନ୍ଦ ବହିଦାର, ସ୍ୱାଗତ ପଟେଲ, ପପୁନ କଲୋ, ସୁମନ ଖମାରୀ, ତପନ ପାଧନ, ନେହେରୁ କିଶନ, ବାବଲୁ ପ୍ରଧାନ, ପ୍ରଦୀପ, ଦୀନେଶ, ଯୋସେଫ, ନିତ୍ୟାନନ୍ଦ, ଶରତ, ଫିରୋଜ, ପ୍ରଶାନ୍ତ, ମଧୁ, ଦିଲୀପ ପ୍ରମୁଖ ସହଯୋଗ କରିଥିଲେ।

# ସଦର ବ୍ଲକ୍‌ରେ ଯୋଗେଶଙ୍କ ମାରାଥନ୍ ପ୍ରଚାର

**ସୁନ୍ଦରଗଡ଼, ୨୭ ।୪(ସମିସ):** ବିଜେଡିର ସୁନ୍ଦରଗଡ଼ ବିଧାନସଭା ପ୍ରାର୍ଥୀ ଯୋଗେଶ କୁମାର ସିଂହ ଶନିବାର ସଦର ବ୍ଲକ ମଝାପଡ଼ା ପଞ୍ଚାୟତ ସୁନାମୁଣ୍ଡା, ଆଲାଜୋର, ବୁଦେଲକାନି, ମେଢ଼ା, ତେଲିମାଲ, ମଝାପଡ଼ା, ଅମସରଙ୍ଗା, ଡୁମେଲବୁଡ଼ ଆଦି ଗ୍ରାମରେ ମାରାଥନ୍ ନିର୍ବାଚନ ପ୍ରଚାର କରିଛନ୍ତି। ପ୍ରଚାର ସମୟରେ ଗ୍ରାମବାସୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯୋଗେଶ ସମସ୍ତ ସମସ୍ୟା ସମାଧାନ ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ନବୀନ ସରକାରଙ୍କ ବିକାଶ ତାଲିକା ଉପସ୍ଥାପନ କରିଥିଲେ। ଚଳିତ ସାଧାରଣ ନିର୍ବାଚନରେ ଲୋକସଭା ଏବଂ ବିଧାନସଭାରେ ଇଭିଏମରେ ଶଙ୍ଖଚିହ୍ନରେ ବଟନ୍ ଟିପି ବିଜୟୀ କରାଇବା ପାଇଁ ଅନୁରୋଧ କରିଥିଲେ।





ବ୍ଲକ ବିଜେଡି ସଭାପତି ତଥା ସଦର (କ) ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, (ଖ) ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକ, ଡା. ହିମାଂଶୁ ଶେଖର ଷଡ଼ଙ୍ଗୀ, ଅମୃତ ଶେଖର ଦେଓ, ନନ୍ଦଲାଲ ଶେଖର ଦେଓ, ନବୀନ ସା, ଲେଡ଼ିମଙ୍ଗ ସରପଞ୍ଚ ଅନିରୁଦ୍ଧ ଠେମରିଆ, ବସନ୍ତ ଶେଖର ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମବାସୀ ଯୋଗେଶଙ୍କୁ ସ୍ୱତଃପ୍ରବୃତ୍ତ ଭାବେ ସମର୍ଥନ ଜଣାଉଥିବା ପରିଲକ୍ଷିତ ହୋଇଥିଲା।

# ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ସୁନ୍ଦରଗଡ଼, ୨୭ ।୪(ସମିସ):** ଆଭାସୀ ମାଧ୍ୟମରେ ପୋଲିଂ ଅଧିକାରୀମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥିତ ଭର୍ଚୁଆଲ ଷ୍ଟୁଡିଓରୁ ସୁନ୍ଦରଗଡ଼ ଜିଲ୍ଲାର ୧୩୫ ବିଦ୍ୟାଳୟରେ ଥିବା ଭର୍ଚୁଆଲ ଷ୍ଟୁଡିଓଗୁଡ଼ିକରେ ମୋଟ ୨୨୩୩ ପ୍ରିଜାଇଡିଂ ଅଫିସର ଏବଂ ୨୨୩୩ ଜଣ ପ୍ରଥମ ପୋଲିଂ ଅଫିସର ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଜିଲ୍ଲାପାଳ ଡା. ପରାଗ ଗଭାଲି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବିନାରାୟଣ ସାହୁ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଉପସ୍ଥିତ ଥିଲେ। ମାଷ୍ଟର ଟ୍ରେନର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ଟାଙ୍ଗରପାଲି ତହସିଲଦାର ରାଜୀବ ହାଁସଦା, ଜିଲ୍ଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ମତଦାନ ସମୟରେ ବୁଥ ପରିଚାଳନା କିଭଳି କରିବେ ସେ ନେଇ ତାଲିମ ଦେଇଥିଲେ। ବୁଥରେ ପ୍ରିଜାଇଡିଂ ଅଫିସରଙ୍କ ଭୂମିକା କ'ଣ ରହିବ, ସେ କେଉଁ କେଉଁ ଫର୍ମ ପୂରଣ କରିବେ ତାହା ଉପରେ ବିସ୍ତୃତ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିଭଳି ବୁଥରେ ପ୍ରଥମ ପୋଲିଂ ଅଧିକାରୀଙ୍କ କ'ଣ ଭୂମିକା ରହିବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଆଚିଭର୍ ସ୍ୱରିତଙ୍କୁ ସମ୍ବର୍ଦ୍ଧନା




**ସୁନ୍ଦରଗଡ଼, ୨୭ ।୪(ସମିସ):** ନିକଟରେ ଇଣ୍ଡିଆ ବୁକ ଅଫ ରେକର୍ଡରେ ଆଚିଭର ହେବାର ଗୌରବ ଲାଭ କରିଥିବା ସୁନ୍ଦରଗଡ଼ ମାଟିର ପୁଅ ତଥା ରିଭରଷ୍ଟୋନ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ର ସ୍ୱରିତ ଉପାଧ୍ୟାୟଙ୍କୁ ଶନିବାର ସୁନ୍ଦରଗଡ଼ଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ଅମ୍ବା ରେସିଡେନ୍ସିରେ ହେଲୋ କିଡ୍ସ ଓ ରିଭରଷ୍ଟୋନ ଇଣ୍ଟରନ୍ୟାସନାଲ ସ୍କୁଲ ତରଫରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱରିତଙ୍କ ସଫଳତା ଜିଲ୍ଲାର ଅନ୍ୟ ଛାତ୍ରଛାତ୍ରୀଙ୍କ ଜ୍ଞାନର ପରିସୀମା ବୃଦ୍ଧି କରିବା ସହ ଗୁଣାତ୍ମକ ଶିକ୍ଷା ତଥା ସାଧାରଣ ଜ୍ଞାନ ଉପରେ ରୁଚି ବଢ଼ାଇବା ନିମନ୍ତେ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ କରିଥିଲେ। ଏଭେରେଷ୍ଟ ଶୃଙ୍ଗ ଆରୋହୀ ଆଡମଣ୍ଡ ହିଲାରୀଙ୍କ କାହାଣୀ ଶୁଣାଇ ଶିକ୍ଷକ ତଥା ଅଭିଭାବକମାନଙ୍କୁ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ସମ୍ମାନ ଦେଇ ସେ ଦିଗରେ ଉତ୍ସାହିତ କଲେ ସ୍ୱରିତ ଭଳି ଆଚିଭର ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଏସ୍‌ଡିପିଓ ଅମୃତା ନନ୍ଦିନୀ ମହାନ୍ତି ସ୍ୱରିତଙ୍କ ସଫଳତା ପାଇଁ ବିଦ୍ୟାଳୟ ତଥା ପରିବାର ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ। ସ୍ୱତନ୍ତ୍ର ଅତିଥି ଆନ୍ତଃ ରାଜ୍ୟ ବନ୍ୟପ୍ରାଣୀ ବିଶେଷଜ୍ଞ ବିପିନ ପ୍ରଧାନ ସ୍ୱରିତଙ୍କ ଲୁକ୍କାୟିତ ପ୍ରତିଭା ତଥା ବନ୍ୟଜନ୍ତୁ ଉପରେ ଜ୍ଞାନ ଆହରଣ କରିବାର ଆହେତୁକ ଜିଜ୍ଞାସା ପାଇଁ ସେ ଏହି ସଫଳତା ହାସଲ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ସୁନ୍ଦରଗଡ଼ ପୁନର୍ବାସ ସେବାର ନୋଡାଲ ଅଧିକାରୀ ଡ. ସିଏମ ଶଙ୍କର ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ସ୍ୱରିତଙ୍କ ପ୍ରତିଭା ଅତି କମ ବୟସରୁ ପ୍ରସ୍ଫୁଟିତ ହେଉଛି ତଥା ତାଙ୍କର ଏହି ଦକ୍ଷତା ଆଗାମୀ ଦିନରେ ତାଙ୍କ ଜୀବନର ଲକ୍ଷ୍ୟ ହାସଲ ଦିଗରେ ବରଦାନ ହେବ ବୋଲି କହିଥିଲେ। ରିଭରଷ୍ଟୋନ ଇଣ୍ଟରନ୍ୟାସନାଲ ସ୍କୁଲ ନିର୍ଦ୍ଦେଶକ ରୋଶନ ପଟେଲ ସ୍ୱାଗତ ଅଭିଭାଷଣ ଦେଇ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିବା ସହ ନୂଆ କିଛି କରିବାର ଆଗ୍ରହ ତଥା ନିୟମିତ ଭାବରେ ବିଭିନ୍ନ ପ୍ରକଳ୍ପରେ ସକ୍ରିୟ ଅଂଶଗ୍ରହଣ ପାଇଁ ଆଜି ସ୍ୱରିତ ଏହି ସଫଳତା ହାସଲ କରିପାରିଛନ୍ତି ବୋଲି ମତ ଦେଇଥିଲେ। ସ୍ୱରିତ ତାଙ୍କ ସମ୍ବର୍ଦ୍ଧନାର ଉତ୍ତର ଦେଇ ନିଜର ସଂଘର୍ଷ, ବିଦ୍ୟାଳୟ ତଥା ପରିବାର ସଦସ୍ୟଙ୍କ ସହଯୋଗ ଏବଂ ନିଜ ପରିଶ୍ରମର ଭାବପୂର୍ଣ୍ଣ ଉପସ୍ଥାପନା କରିଥିଲେ। ଏହି ଅବସରରେ ସ୍ୱରିତଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଇଣ୍ଡିଆ ବୁକ ଅଫ ରେକର୍ଡର ମାନପତ୍ର ଓ ମେଡାଲ ପ୍ରଦାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାକୁ ବେଦବ୍ୟାସ ଧୁଆ ଓ ଅର୍ଚ୍ଚନା ଭିତ୍ରିଆ ପରିଚାଳନା କରିଥିଲେ।

# ନିଖିଳ ଭାରତ ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘର ପ୍ରତିଷ୍ଠା ଦିବସ




**ସୁନ୍ଦରଗଡ଼, ୨୭ ।୪(ସମିସ):** ସୁନ୍ଦରଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ବ୍ୟାଙ୍କ ପରିସରରେ ୩୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସଭାପତି ବିମଳ କୁମାର ବୋଷ ସଂଘର ୩୭ ବର୍ଷର ଦୀର୍ଘ ଯାତ୍ରାରେ କର୍ମଚାରୀଙ୍କ ସମର୍ପଣ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଅଶୋକ କୁମାର ପଶାୟତ ବ୍ୟାଙ୍କ କର୍ମଚାରୀଙ୍କ ଦାବି ଓ ସୁବିଧା ଅସୁବିଧା ସମ୍ପର୍କରେ କହିବା ସହ ବ୍ୟାଙ୍କର ଉନ୍ନତି ଓ ନିରନ୍ତର ଆର୍ଥିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ହେମନ୍ତ କୁମାର ମହାପାତ୍ର, ତପନ ପ୍ରଧାନ, ଦେବରାଜ ବୁଢ଼ା, କିରନ ସୋରେନ, ଅଜୟ କୁମାର ପଣ୍ଡିତ, ବିଜୟ କୁମାର ପଟେଲ, ଦିଲୀପ କୁମାର ଶର୍ମା, ଶ୍ରୀରାଜ ପଟେଲ, ଇତୁ ଅନନ୍ୟା, ଅଭିନ ରକ୍ସାଙ୍କ ସମତେ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପ୍ରଦୂଷଣରେ ଅତିଷ୍ଠ ଖୁଣ୍ଟିଝରିଆ ଗ୍ରାମବାସୀ

● ଦାଉସାଧୁଛି ସୈନିକ୍ ମାଇନିଂ ଓ ଏନ୍‌ଟିପିସି ଡୁଲିଙ୍ଗା



**ହେମଗିରି, ୨୭ ।୪(ସମିସ):** ହେମଗିରି ବ୍ଲକ ଡୁଲିଙ୍ଗା ଏନ୍‌ଟିପିସି ଏବଂ ସୈନିକ ମାଇନିଂ ଦ୍ୱାରା ନିକ୍ଷେପିତ ଗ୍ରାମ ଖୁଣ୍ଟିଝରିଆ। ଏହି ଦୁଇ କମ୍ପାନୀ ଗାଁ ପାଖରେ ବ୍ଲାଷ୍ଟିଂ କରିବା ସହ ଓବି ଡମ୍ପୟାଡ୍‌ର୍ ତିଆରି କରି ସମସ୍ୟା ସୃଷ୍ଟି କରୁଥିବା ନଜିର ରହିଛି। ହେଲେ ଏବେ ବଡ଼ ସମସ୍ୟା ରୂପେ ଜଳ ସଙ୍କଟ ସାଙ୍ଗକୁ ଧୂଳି ପ୍ରଦୂଷଣ ମୁଣ୍ଡ ଟେକିଛି। ଗ୍ରାମବାସୀଙ୍କ କହିବାନୁଯାୟୀ ପ୍ରତିଦିନ ଘର ଧୋଇବାକୁ ପଡୁଥିବା ସହ ଗାଧୋଇ ସାରି ଓଦା କନା ଶୁଖାଇବା ଅସମ୍ଭବ ହୋଇପଡୁଛି। ଧୂଳି ପ୍ରଦୂଷଣ ରୂପୀ ରାକ୍ଷସଠାରୁ ରକ୍ଷା ପାଇବାକୁ ହେଲେ ବିସ୍ଥାପନ ହିଁ ଏକମାତ୍ର ଉପାୟ। ପ୍ରଶାସନ ତଥା କମ୍ପାନୀ ପରିସ୍ଥିତିକୁ ଅନୁଧ୍ୟାନ କରି ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି। ନଚେତ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ନିଖିଳ ଓଡ଼ିଶା କେନ୍ଦୁପତ୍ର ଶ୍ରମିକ ସଂଘର ବାର୍ଷିକ ଅଧିବେଶନ



**ସୁନ୍ଦରଗଡ଼, ୨୭ ।୪(ସମିସ):** ନିଖିଳ ଓଡ଼ିଶା କେନ୍ଦୁପତ୍ର ଶ୍ରମିକ ସଂଘ ଲେଫ୍ରିପଡ଼ା ଶାଖାର ବାର୍ଷିକ ଅଧିବେଶନ ବିଜାଡିହିଠାରେ ଅନୁଷ୍ଠିତ ହୋଇଛି। ସୁଜାତା ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଅଧିବେଶନରେ କେନ୍ଦୁପତ୍ର ଶ୍ରମିକଙ୍କ ବହୁବିଧ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦୁପତ୍ର ଶ୍ରମିକଙ୍କ ହକ୍ ଓ ଅଧିକାର ପାଇଁ ହେଉଥିବା ଲଢ଼େଇକୁ ଆଗାମୀ ଦିନରେ ଅଧିକ ଶାଣିତ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଉରକେଲା ଡିଭିଜନ ସଭାପତି ସୁନୀଲ କୁମାର ନାଏକ ନିଖିଳ ଓଡ଼ିଶା କେନ୍ଦୁପତ୍ର ଶ୍ରମିକ ସଂଘର ସଂଘର୍ଷପୂର୍ଣ୍ଣ ଇତିହାସ ଉପରେ ଆଲୋକପାତ କରିଥିଲେ। ସରକାର କେନ୍ଦୁପତ୍ର ତୋଳାଳିଙ୍କୁ କିପରି ପ୍ରତାରିତ କରୁଛନ୍ତି ସେ ସମ୍ପର୍କରେ ଶ୍ରମିକ ନେତା କମଳ ଷଣ୍ଢ ବଖାଣିଥିଲେ। ଟିକେଶ୍ୱରୀ ବେହେରା, ସରୋଜିନୀ ମହାନନ୍ଦିଆ, ମହରଗି କିଶାନ, ଜୟନ୍ତୀ ଭୋଇ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ଆରତୀ ପୂଝାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନିଖିଳ ଓଡ଼ିଶା କେନ୍ଦୁପତ୍ର ଶ୍ରମିକ ସଂଘର ଉଜ୍ଜ୍ୱଳପୁର ରେଞ୍ଜ ପକ୍ଷରୁ ଆଗାମୀ ବିଧାନସଭା ନିର୍ବାଚନରେ କମ୍ୟୁନିଷ୍ଟ ପାର୍ଟି ପ୍ରାର୍ଥୀ ରାଜେନ୍ଦ୍ର ନାଏକଙ୍କୁ ସମର୍ଥନ କରାଯାଇଥିଲା। ରାଜେନ୍ଦ୍ର ଜଣେ କେନ୍ଦୁପତ୍ର ଶ୍ରମିକ ପରିବାରରୁ ଆସି କେନ୍ଦୁପତ୍ର ଶ୍ରମିକଙ୍କ ବିଭିନ୍ନ ଆନ୍ଦୋଳନରେ ସାମିଲ ହୋଇ ଆସୁଛନ୍ତି। ତେଣୁ ସଂଘର ହକ୍ ଅଧିକାର ଓ ଦାବିଗୁଡ଼ିକ ବିଧାନସଭାରେ ଉପସ୍ଥାପିତ ହେବାର ଦୃଢ଼ ବିଶ୍ୱାସରେ ସଂଘ ତାଙ୍କୁ ସମର୍ଥନ ଘୋଷଣା କରିଛି।

ନବଜୀବନର ବସନ୍ତ ମହୋତ୍ସବ ଉଦ୍‌ଘାଟିତ

# ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ନାଟକ 'ଚିଠି' ମଞ୍ଚସ୍ଥ

ସୁନ୍ଦରଗଡ଼, ୨୭ ।୪(ସମିସ)



ସୁନ୍ଦରଗଡ଼ର ଅନ୍ୟତମ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ନବଜୀବନ ପ୍ରଯୋଜିତ ୨୪ତମ ବସନ୍ତ ମହୋତ୍ସବ ଉଦଘାଟିତ ହୋଇଛି। ମା' ସମଲେଇଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ଓ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଖ୍ୟାତ ନାଟ୍ୟକାର, ନିର୍ଦ୍ଦେଶକ ଓ ପ୍ରଯୋଜକ ସ୍ୱର୍ଗତ ପ୍ରଦୀପ ଭୋଳଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ମହୋତ୍ସବର ଶୁଭାରମ୍ଭ କରାଯାଇଥିଲା। ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସୁନ୍ଦରଗଡ଼ ସହରର ସୁନାମଧନ୍ୟ ଡାକ୍ତର ଦିଲୀପ ମିଶ୍ର ମୁଖ୍ୟଅତିଥି ଓ ପ୍ରସିଦ୍ଧ ଓଡ଼ିଆ ସିନେତାରକା ପ୍ରଦୀପ ଦତ୍ତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଭୋଳଙ୍କ ଅବର୍ତ୍ତମାନରେ ନବଜୀବନ ଏହି ପରମ୍ପରାକୁ ଜୀବିତ ରଖିଛି ବୋଲି କହିଥିଲେ। ପରେ ସେଣ୍ଟ ଥେରେସା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଭାପା ଅଧ୍ୟକ୍ଷ ଅମରେଶ ସାମଲଙ୍କ ଦ୍ୱାରା ପରିବେଷିତ ଭାଓଲିନ ବାଦନ ସମସ୍ତଙ୍କୁ ମୋହିତ କରିଥିଲା।

ସୁନାମଧନ୍ୟ ନିର୍ଦ୍ଦେଶକ ଡ. କୃଷ୍ଣଚନ୍ଦ୍ର ଦାଶ ନିକଟ ଅତୀତରେ ଦାମନଯୋଡ଼ିଠାରେ ଅନୁଷ୍ଠିତ ପଞ୍ଚ ପଟମାଳୀ ଉତ୍ସବରେ ଶ୍ରେଷ୍ଠ ରଚୟିତା ଭାବେ ପୁରସ୍କୃତ ହୋଇଥିବା 'ଚିଠି' ନାଟକର ଟ୍ରଫି ମୂଳସ୍ରଷ୍ଟା ସ୍ୱର୍ଗତ ଭୋଳଙ୍କ ଧର୍ମପତ୍ନୀ ସ୍ନେହଲତା ଭୋଳଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ନାଟକ ଚିଠି ମଞ୍ଚସ୍ଥ ହୋଇଥିଲା। ଭାରତର ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଥିବା କିଛି ସ୍ୱାଧୀନତା ସଂଗ୍ରାମୀଙ୍କ ଅଧୁନା ସମାଜରେ ଅବହେଳିତ ହେବାର କାହାଣୀ ହେଉଛି 'ଚିଠି'। ସ୍ୱର୍ଗତ ପ୍ରଦୀପଙ୍କ ମୂଳ ରଚନାର ଅନୁସୃଜନ ଓ ନିର୍ଦ୍ଦେଶନା ଡ. ଦାଶ ଦେଇଥିଲେ। ନାଟ୍ୟ ଚରିତ୍ର ଚନ୍ଦ୍ରମଣି ଭୂମିକାରେ କୃଷ୍ଣଚନ୍ଦ୍ର ଦାଶ, ଶିବ ଚରିତ୍ରରେ କ୍ଷୀରୋଦ ପାତ୍ର, ଅବିନାଶ ଚରିତ୍ରରେ ମଣିରଞ୍ଜନ ପଟ୍ଟନାୟକ, ଉଷାରାଣୀ ଚରିତ୍ରରେ ସୁକାନ୍ତି ମହାପାତ୍ର, ବିନି ଚରିତ୍ରରେ ପ୍ରତିମା ପଣ୍ଡା ଓ ବିକ୍ରମ ଭୂମିକାରେ କୈଳାସ ପାତ୍ରଙ୍କ ହୃଦୟସ୍ପର୍ଶୀ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲେ। ନବଜୀବନ ସଭାପତି ପ୍ରଭାତ ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହରେ ସମ୍ପାଦକ ଅଜୟ ବହିଦାର, କୋଷାଧ୍ୟକ୍ଷ ଶ୍ୟାମନନ୍ଦନ ସହାୟ, ବରିଷ୍ଠ ସଦସ୍ୟ ଚନ୍ଦ୍ରମଣି ମିଶ୍ର, କୁମୁଦ ପଣ୍ଡା, ଆଶିଷ ଦେ, ସମରେନ୍ଦ୍ର ଠାକୁର, ଦେବେନ ଅମାତ, ରାଜେନ୍ଦ୍ର ପଣ୍ଡା, ଗୋପକୃଷ୍ଣ ନାଏକ, ବିଜୁ ମହାରଣା, ଅଶ୍ୱିନୀ ନାଏକ, ବିଭୁରଞ୍ଜନ ମହାନ୍ତି, ଲକ୍ଷ୍ମୀପ୍ରିୟା ପତି, ରୀତା ସାହୁ, ଲତିକା ପଟ୍ଟନାୟକ ଓ ବୃନ୍ଦାବନ ଦାଶ ପ୍ରମୁଖ ଭୂମିକା ନିଭାଇଥିଲେ। ବିଶ୍ୱରଞ୍ଜନ ହୋତା ମଞ୍ଚ ପରିଚାଳନା କରିଥିଲେ।



# ବଣାଇଁରେ ବଢୁଛି ଅପରାଧିକ କାର୍ଯ୍ୟକଳାପ






**ବଣାଇଁ, ୨୭ ।୪(ସମିସ)**

କିଛିଦିନ ହେବ ବଣାଇଁ ସହର ସମେତ ଆଖପାଖ ଅଞ୍ଚଳରେ ଚୋରି, ଛିନ୍‌ତାଇ, ଡକାୟତି, ଗାଡ଼ି ଭଙ୍ଗାରୁଜା ଭଳି ଅପରାଧିକ ଘଟଣା ବଢ଼ି ଚାଲିଛି। ଏହାକୁ ନେଇ ଜନସାଧାରଣ ଆତଙ୍କିତ ହୋଇପଡ଼ିଛନ୍ତି। ବଣାଇଁ ଥାନା ପୁଲିସର ନିଷ୍କ୍ରିୟତା ଯୋଗୁଁ ଅପରାଧୀମାନେ ଅଧିକ ପ୍ରୋତ୍ସାହିତ ହେଉଥିବା ଅଭିଯୋଗ ହେଉଛି। ଅଞ୍ଚଳରେ ଅସାମାଜିକ ବ୍ୟକ୍ତିଙ୍କ ଆତଙ୍କରାଜ ଯୋଗୁଁ ଲୋକେ ତ୍ରାହି ତ୍ରାହି ଡାକିଲେଣି। ୨ ଦିନ ପୂର୍ବରୁ ସହରର ଶୁଣ୍ଡିକୋଣ ବସ୍ତିରେ ଲୋକେ ଗରମ ଗୁଳୁଗୁଳି ଯୋଗୁଁ ଘର ଝରକା ଖୋଲା ରଖି ଶୋଇଥିଲା ବେଳେ ଅଧରାତିରେ ଦୁର୍ବୃତ୍ତମାନେ ଝରକା ପଟୁ ଭ୍ୟାନିଟି ବ୍ୟାଗ୍ ଚୋରି କରି ନେଇଥିଲେ। ଅଧରାତିରେ ଦୁର୍ବୃତମାନେ ବିଭିନ୍ନ ଘର ସାମନାରେ ଥିବା କଲିଂ ବେଲ୍ ବଜାଉଥିବା ମଧ୍ୟ ଶୁଣିବାକୁ ମିଳୁଛି। ସେହିପରି ଶୁକ୍ରବାର ବିଳମ୍ବିତ ରାତିରେ ଦେଓଗାଁ ଛକରେ ଥିବା ସୁଦର୍ଶନ ସାହୁଙ୍କ ସ୍କର୍ପିଓ ଗାଡ଼ି ଓ ଜୀବନ ବେହେରାଙ୍କ ଟ୍ରାଭେଲର ଗାଡ଼ିର ସମ୍ମୁଖ କାଚକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ସବୁଦିନ ଭଳି ସୁଦର୍ଶନ ନିଜ ସ୍କର୍ପିଓ ଗାଡ଼ିକୁ ଦୋକାନ ସମ୍ମୁଖରେ ଥିବା ଛକ ନିକଟରେ ରାତିରେ ପାର୍କିଂ କରିଥିଲେ। ଶନିବାର ସକାଳେ ଗାଡ଼ିର କାଚ ଭାଙ୍ଗାଯାଇଥିବା ଜଣାପଡ଼ିଥିଲା। ଏନେଇ ସେ ବଣାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ବଣାଇଁ ବ୍ୟାଙ୍କ ସମ୍ମୁଖରେ ହାର୍ଡୱେର ଦୋକାନ କରିଥିବା ପ୍ରଣବ ସେନ୍‌ଙ୍କ ବୋଲେରୋ ପିକଅପ୍ ଭ୍ୟାନଟି ଦୁଇମାସ ତଳେ ଦୋକାନ ସମ୍ମୁଖରୁ ଚୋରି ହୋଇଥିଲେ ମଧ୍ୟ ପୁଲିସ ଏଯାଏ ଚୋରଙ୍କ ଟେର୍ ପାଇନାହିଁ। ମାସକ ପୂର୍ବରୁ କେନ୍ଦ୍ରିକଳା, ଉପରପଡ଼ା ଗ୍ରାମରେ ବିଳମ୍ବିତ ରାତିରେ ଝାଡ଼ଖଣ୍ଡ ନମ୍ବର ଥିବା ଏକ ସ୍କର୍ପିଓ ଘୂରି ବୁଲୁଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲେ ମଧ୍ୟ ତା'ର କୌଣସି ଖବର ପୁଲିସ ନିକଟରେ ନାହିଁ। ବଣାଇଁ ସାପ୍ତାହିକ ହାଟରୁ ମଧ୍ୟ ଅନେକ ସମୟରେ ମୋବାଇଲ ଓ ବାଇକ୍ ଚୋରି ହୋଇଥିବା ଦୃଷ୍ଟାନ୍ତ ରହିଛି।

ନାମକୁ ମାତ୍ର ରାତିରେ ବିଭିନ୍ନ ଛକରେ ହୋମଗାର୍ଡମାନେ ନିଜ ଡ୍ୟୁଟି କରୁଥିଲେ ମଧ୍ୟ ତାହା ଧର୍ମକୁ ଆଖିଠାର ସଦୃଶ ହୋଇଛି। ଦିନକୁ ଦିନ ସହରରେ ମଦ୍ୟପ ଗାଡ଼ି ଚାଳକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ, ଦ୍ରୁତ ଗାଡ଼ିଚାଳନା ଉପରେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସେମାନେ ବେପିକର ଭାବେ ବିନା ହେଲମେଟର ଗାଡ଼ିଚାଳନା

## ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି

କରୁଛନ୍ତି। ଫଳରେ ଜନସାଧାରଣ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଦିନକୁ ଦିନ ବଣାଇଁରେ ଅସାମାଜିକ ବ୍ୟକ୍ତିଙ୍କ ଆତଙ୍କରାଜ ଯୋଗୁଁ ସହରରେ ଭୟର ବାତାବରଣ ସୃଷ୍ଟି ହେଉଛି। ଆଗାମୀ ଦିନରେ ଏସବୁ ଅସାମାଜିକ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

# ଡିଏଭି ସ୍କୁଲରେ ଓଡ଼ିଆ ନବବର୍ଷ ପାଳିତ



**ରାଉରକେଲା, ୨୭ ।୪(ସମିସ):** ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଏ। ପ୍ରତିବର୍ଷ ଏହି ସଂକ୍ରାନ୍ତିକୁ ସ୍ଥାନୀୟ ଡ. ଏଏନ୍‌କେ ଡିଏଭି ପବ୍ଲିକ ସ୍କୁଲରେ ପାରମ୍ପାରିକ ରୀତିରେ ପାଳନ କରାଯାଏ। ଚଳିତ ବର୍ଷ ଅଧ୍ୟକ୍ଷ ଲୋକନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବିଷୁବ ସଂକ୍ରାନ୍ତି ସହ ଓଡ଼ିଆ ନବବର୍ଷ ପାଳନ କରାଯାଇଛି। ଏହି ସମୟରେ ଉତ୍ତାପ ବୃଦ୍ଧି ହେଉଥିବାରୁ ପରମ୍ପରା ଅନୁଯାୟୀ ବୃକ୍ଷକୁ ଜଳ ଯୋଗାଇଦେବା ବିଧିକୁ ବସୁନ୍ଧରା ଠେକି କରି ପାଳନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଧାନ ଏହାର ବିଜ୍ଞାନଭିତ୍ତିକ ତଥ୍ୟ ଉପରେ ଆଲୋଚନା କରିଥିଲେ। ସଙ୍ଗୀତ ଶିକ୍ଷକଙ୍କ ନିର୍ଦ୍ଦେଶନାରେ ଶିକ୍ଷୟିତ୍ରୀମାନେ ଭଜନ ପରିବେଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହାୟତାରେ ପଣା ପ୍ରସ୍ତୁତ କରାଯାଇ ମୁଖ୍ୟ ରାସ୍ତାରେ ଯାଉଥିବା ଜନସାଧାରଣଙ୍କୁ ବଣ୍ଟନ କରାଯାଇଥିଲା। ଗ୍ରୀଷ୍ମ ଉତ୍ତାପକୁ ଦୃଷ୍ଟିରେ ରଖି ଏକ ଜଳଛତ୍ର ଆୟୋଜନ କରାଯାଇଥିଲା। ଶିକ୍ଷକ ପ୍ରବୀର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆର୍‌ଏସ୍‌ପି ଠିକା ଶ୍ରମିକଙ୍କୁ ଆର୍‌ପିଏଲ୍ ସାର୍ଟିଫିକେଟ୍ ପ୍ରଦାନ

**ରାଉରକେଲା, ୨୭ ।୪(ସମିସ):** ରାଉରକେଲା ଇସ୍ପାତ କାରଖାନାର ମାନବ ସମ୍ବଳ ବିକାଶ କେନ୍ଦ୍ର ପକ୍ଷରୁ ବିଭିନ୍ନ ବିଭାଗରେ ବିଭାଗୀୟ ମୁଖ୍ୟଙ୍କ ଉପସ୍ଥିତିରେ ଠିକା ଶ୍ରମିକମାନଙ୍କୁ ଆରପିଏଲ୍ ପ୍ରମାଣପତ୍ର ହସ୍ତାନ୍ତର କରାଯାଇଛି। ରିଫ୍ରାକ୍ଟୋରୀ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଏମ୍ ଇନ୍-ଚାର୍ଜ ଏସ୍‌ଏସ୍ ପଣ୍ଡା ୩୫ ଠିକା ଶ୍ରମିକଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରିଫ୍ରାକ୍ଟୋରୀ ବିଭାଗ ଡିଜିଏମ୍ ହରୀଶ ପାତ୍ର ସଂଯୋଜନା କରିଥିଲେ।



ପ୍ଲେଟ ମିଲରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ପ୍ଲେଟ୍ ମିଲ୍ ବିଭାଗ ସିଜିଏମ୍ ଏତୁଆ ଓରାମ ଏବଂ ଏଚଆରଡି ବିଭାଗ ସିଜିଏମ ରାଜଶ୍ରୀ ବାନାର୍ଜୀ ମିଳିତ ଭାବରେ ଅଧ୍ୟକ୍ଷତା କରି ୩୫ ଜଣ ଠିକା ଶ୍ରମିକଙ୍କୁ ଆରପିଏଲ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପ୍ଲେଟ୍ ମିଲ୍ ବିଭାଗ ଜିଏମ୍ ଜେପି ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇନଷ୍ଟ୍ରୁମେଣ୍ଟେସନ୍ ବିଭାଗରେ ୨୦ ଠିକା ଶ୍ରମିକଙ୍କୁ ଆରପିଏଲ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଇନଷ୍ଟ୍ରୁମେଣ୍ଟେସନ୍ ବିଭାଗ ଜିଏମ୍ ଇନ୍-ଚାର୍ଜ ଚୈତାଲୀ ଦାସ ଏବଂ ଅଟୋମେସନ୍ ଓ ଇନଷ୍ଟ୍ରୁମେଣ୍ଟେସନ୍ ବିଭାଗ ଜିଏମ୍ ଇନ୍-ଚାର୍ଜ ଏସ୍‌ସି ପାତ୍ର ଠିକା ଶ୍ରମିକଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଜିଏମ୍ (ଇନଷ୍ଟ୍ରୁମେଣ୍ଟେସନ୍) ରବୀଶ ପାଟିଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଉଲ୍ଲେଖଯୋଗ୍ୟ, ଏହି ସମସ୍ତ ଠିକାଶ୍ରମିକ ଡୋମେନ୍ କୌଶଳ ସହ ସୂକ୍ଷ୍ମ କୌଶଳ ଉପରେ ତାଲିମପ୍ରାପ୍ତ। ପାଠ୍ୟକ୍ରମ ସମୟରେ ସେମାନଙ୍କୁ ଉଦ୍ୟୋଗୀ ଟିପ୍ସ ପ୍ରଦାନ କରାଯାଇଥିଲା। ମୂଲ୍ୟାଙ୍କନ ପରେ ସେମାନେ ସମସ୍ତେ ସାର୍ଟିଫିକେଟ୍ ଲାଭ କରିଛନ୍ତି। ଦେଶର ବିଦ୍ୟମାନ ଶ୍ରମ ଦକ୍ଷତାକୁ ମାନକ ଜାତୀୟ ଦକ୍ଷତା ଯୋଗ୍ୟତା ଢାଞ୍ଚା ଅନୁରୂପ ଗଢ଼ିବା ଏହି ସାର୍ଟିଫିକେସନର ମୂଳ ଉଦ୍ଦେଶ୍ୟ ରହିଛି। ସିନିୟର ମ୍ୟାନେଜର ଅନ୍ନପୂର୍ଣ୍ଣା ବେହେରା, ଜୁନିୟର ଅଫିସର ଆଲୋକ ରଞ୍ଜନ ବେହେରାଙ୍କୁ ନେଇ ଏଚଆରଡି ବିଭାଗୀୟ ଦଳ ଏଚଆରଡି ବିଭାଗର ଜିଏମ ଏଚ୍‌ଏନ ପତି ଏବଂ ଏସ୍ କୋଣ୍ଡାଙ୍କ ନେତୃତ୍ୱରେ ସିଜିଏମ ବାନାର୍ଜୀଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱିତ କରୁଛନ୍ତି।

# 'ନିକୁଞ୍ଜ ବିହାର' ସେବାଶ୍ରମ ନିର୍ମାଣ ପାଇଁ ଭୂମିପୂଜନ

**ବଣାଇଁ, ୨୭ ।୪(ସମିସ):** ବଣାଇଁ ବ୍ଲକ କେନ୍ଦ୍ରିକଳା ପଞ୍ଚାୟତ ଅଲେଖପୁର ଗମ୍ଭାଡ଼ିହିଠାରେ ବଣାଇଁଗଡ଼ ଇସ୍କନ ଭକ୍ତମାନଙ୍କ ଦ୍ୱାରା ନୂତନ 'ନିକୁଞ୍ଜ ବିହାର' ସେବାଶ୍ରମ ନିର୍ମାଣ ନିମନ୍ତେ ଭୂମିପୂଜନ ଉତ୍ସବ ଶନିବାର ଶ୍ରୀପାଦ ରାଜେନ୍ଦ୍ର ହରିଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବଲାଙ୍ଗିର, କେନ୍ଦୁଝର ଜିଲ୍ଲାର ବଡ଼ବିଲ, ଝାରସୁଗୁଡ଼ା, ରାଉରକେଲା ଆଦି ବିଭିନ୍ନ ସ୍ଥାନରୁ ଭକ୍ତମାନେ ଆସି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମରେ ହରିନାମ କୀର୍ତ୍ତନ କରାଯାଇଥିଲା। ଦିବ୍ୟ ଯଜ୍ଞାନୁଷ୍ଠାନରେ ମୁଖ୍ୟ ପୁରୋହିତ ରୂପେ ଶ୍ରୀପାଦ ଗୋପସଖା ମାଧବ ଦାସ ଦାୟିତ୍ୱ ତୁଲାଇଥିଲେ। ଦୀନବନ୍ଧୁ ବ୍ରଜେଶ ଦାସ (ଦିଲୀପ ପାତ୍ର), ତାରଣ ଜଗନ୍ନାଥ ଦାସ (ତରଣୀସେନ ଆପଟ), ରତ୍ନାବାହୁ ବ୍ରଜେଶ ଦାସ (ରତ୍ନା ତନ୍ତୀ), ଦୁର୍ଯ୍ୟୋଧନ ପାତ୍ର, ମନୋଜ କୁମାର ସାହୁ, ପ୍ରେମାନନ୍ଦ ପାତ୍ର ଯଜ୍ଞରେ ନିଜ ନିଜର ଧର୍ମପତ୍ନୀଙ୍କ ସହ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଯଜ୍ଞ ଶେଷରେ ନିକୁଞ୍ଜ ବିହାର ସେବାଶ୍ରମ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କେନ୍ଦ୍ରିକଳାର ଶ୍ରୀଯୁକ୍ତ ନାରାୟଣ ତ୍ରିପାଠୀ ପୂଜାସେବା ଗ୍ରହଣ କରିଥିଲେ। ବିଭିନ୍ନ ସେବା କାର୍ଯ୍ୟରେ ଲକ୍ଷ୍ମଣ ଲୋକପାଳକ ଦାସ, ଢୁଲେଶ୍ୱର ଦାସ, ସୌମ୍ୟରଞ୍ଜନ ଦାସ, ପ୍ରେମଗୋବିନ୍ଦ ଦାସ, ରାକେଶ ଦାସ ସହଯୋଗ କରିଥିଲେ। ଆଧ୍ୟାତ୍ମିକ ପରିବେଶରେ ରୀତିନୀତି ଅନୁସାରେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରାଯାଇ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ ହୋଇଥିଲା। ଶେଷରେ ପ୍ରସାଦ ସେବନ କରାଯାଇଥିଲା।

# ରାଉରକେଲା ଡିଏଭି ସ୍କୁଲ ଛାତ୍ରଛାତ୍ରୀଙ୍କ ବାଜିମାତ୍



**ରାଉରକେଲା, ୨୭ ।୪(ସମିସ):** ହରିଆନାର ପାନିପତ୍‌ଠାରେ ଥିବା ଡିଏଭି ବିଦ୍ୟାଳୟରେ ମହାତ୍ମା ହଂସରାଜ ଜୟନ୍ତୀ ପାଳନ ଉପଲକ୍ଷେ ଅନୁଷ୍ଠିତ ସର୍ବଭାରତୀୟ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରି ରାଉରକେଲାର ଡ. ଏଏନ୍‌କେ ଡିଏଭି ବିଦ୍ୟାଳୟ ଛାତ୍ରଛାତ୍ରୀମାନେ କୃତିତ୍ୱ ପ୍ରଦର୍ଶନ ପୂର୍ବକ ପୁରସ୍କୃତ ହେବାର ଗୌରବ ଅର୍ଜନ କରିଛନ୍ତି। କରାଟେ ପ୍ରତିଯୋଗିତାରେ ହିମାଂଶୁ ଶେଖର ନାୟକ ଏବଂ କବାଡ଼ି ବାଳିକା ବିଭାଗର ୧୧ ଜଣ ପ୍ରତିଯୋଗୀ ଅଧିନାୟିକା ସ୍ନେହା ମୁଖାର୍ଜୀଙ୍କ ସହ ନିମନ୍ ସ୍ମୃତି ବାଗେ, ଗୁରପ୍ରୀତ କୌର, କ୍ରିତିଷା ସାମଲ, ପରିଣୀତା ଦାସ, ସ୍ନେହା ସୁମନ ସାହୁ, ରୋହିଣୀ ଦାସ, ବିଦ୍ୟୁତ୍‌ପ୍ରଭା ଲାକ୍ରା, ଶର୍ମିଷ୍ଠା ବେହେରା, ତପସ୍ୱିନୀ ରାଉତ ଏବଂ ସ୍ନେହା ଦାସ ଚାମ୍ପିଅନ ଟ୍ରଫି ସହ ପ୍ରତ୍ୟେକ ୫, ୧୦୦ କରି ମୋଟ୍ ୬୧, ୨୦୦ ଟଙ୍କା ଆର୍ଥିକ ପୁରସ୍କାର ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି।

## ସାଧାରଣ ନିର୍ବାଚନ

# ବିଶ୍ରା, ବନ୍ଧମୁଣ୍ଡା ଓ ଝିରପାଣିରେ ପୁଲିସର ଫ୍ଲାଗମାର୍ଚ୍ଚ





**ରାଉରକେଲା, ୨୭ ।୪(ସମିସ):** କଡ଼ା ସୁରକ୍ଷା ତଥା ଅବାଧ, ମୁକ୍ତ ତଥା ଭୟ ଓ ଚାପରହିତ ନିର୍ବାଚନ ପାଇଁ ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ଝିରପାଣି, ବନ୍ଧମୁଣ୍ଡା ଏବଂ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବିଶ୍ରା ଥାନା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବନ୍ଧୁକଧାରୀ ସିଆରପିଏଫ ଯବାନ ଫ୍ଲାଗମାର୍ଚ୍ଚ କରି ମତଦାତାଙ୍କ ମନ ଭିତରେ ନିର୍ବାଚନ ନେଇ ବିଶ୍ୱାସ ଓ ଭରସା ସୃଷ୍ଟି କରିଥିଲେ। ଜୋନାଲ ଡିଏସପି ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ଏହି ଫ୍ଲାଗମାର୍ଚ୍ଚ ବାହାରି ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ରାସ୍ତା, ଗଳି ପରିକ୍ରମା କରିଥିଲା। ଏହି ଅବସରରେ ଏସଡିପିଓ ମହାପାତ୍ର କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ସର୍ବସାଧାରଣରେ ଆତଙ୍କ ନ ଖେଳେଇବା, ଆଇନକୁ ହାତକୁ ନେଇ ବିଶୃଙ୍ଖଳା ସୃଷ୍ଟି ନ କରିବା, ରାଜନୈତିକ କାର୍ଯକ୍ରମ ଓ ରାଲି ବା ରୋଡ୍ ଶୋ' ବେଳେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜେ ସେହି ଉଦ୍ଦେଶ୍ୟ ନେଇ ପୁଲିସ ପକ୍ଷରୁ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଛି। ଅଞ୍ଚଳବାସୀ କିପରି ଭୟରହିତ ହୋଇ ନିର୍ବିଘ୍ନରେ ମତଦାନ କରିପାରିବେ ତାକୁ ନେଇ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ଉକ୍ତ ଅଞ୍ଚଳରେ ନିଶା କାରବାର, ବେଆଇନ ମଦ ବିକ୍ରି ଓ ଅମାନିଆ ଭାବେ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଗାଡ଼ି ଚାଳନା ଆଦି ବିଭିନ୍ନ ଦିଗକୁ ନେଇ ପୁଲିସ ନଜର ରଖିଛି। ଶାନ୍ତିଶୃଙ୍ଖଳା ସହ ଅଞ୍ଚଳରେ କିପରି ନିର୍ବାଚନ ପରିଚାଳନା କରାଯିବ ସେ ନେଇ ପୁଲିସ ପ୍ରଶାସନ ସବୁବେଳେ ଜନସାଧାରଣଙ୍କ ସାଙ୍ଗରେ ଅଛି। ଏହି ଫ୍ଲାଗମାର୍ଚ୍ଚ ବେଳେ ଅଞ୍ଚଳର ଲୋକେ ନିଜ ନିଜ ଘରୁ ବାହାରି ରାସ୍ତାକଡ଼ରେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଡିଏସପି ପୁଷ୍ପାଞ୍ଜଳି ଲିଙ୍ଗିଙ୍କ ସମେତ ଝିରପାଣି ଥାନା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ବନ୍ଧମୁଣ୍ଡା ଥାନା ଅଧିକାରୀ ଅଶୋକ କୁମାର ଦାସ, ବିଶ୍ରା ଥାନା ଅଧିକାରୀ ପ୍ରଦୀପ କୁମାର ନାୟକ, ଏସ୍‌ଆଇ ମାନସ ସାହୁ, ଅଶୋକ ବେହେରା, ଏଏସଆଇ ଶ୍ରୀନିବାସ ସେଠୀ, ପୃଥ୍ୱୀରାଜ ଧଙ୍ଗଡ଼ ପ୍ରମୁଖ ଉପସ୍ଥିତ ଥିଲେ।



# ସାପ କାମୁଡ଼ାରେ ପୁଅର ମୃତ୍ୟୁ ଖବର ପାଇ ଘରେ ମାଆର ମୃତ୍ୟୁ

**ରାଉରକେଲା, ୨୭ ।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ ବୁଢ଼ାଆମ ପଞ୍ଚାୟତ ଡେଙ୍ଗୁରପାଣି ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ସାପ କାମୁଡ଼ାରେ ପୁଅର ମୃତ୍ୟୁ ଖବର ପାଇ ଘରେ ମାଆଙ୍କ ମୃତ୍ୟୁ ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।



ଡେଙ୍ଗୁରପାଣି ଗ୍ରାମର ଜନ ଅମିତ କୁଜୁରଙ୍କ ୬ ବର୍ଷୀୟ ପୁଅ ଜ୍ଞାନଦୀପ କୁଜୁର ଘର ପାଖରେ ଖେଳୁଥିବା ସମୟରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ପ୍ରଥମେ ତାକୁ ଝଡ଼ାଫୁଙ୍କା କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ତେବେ ଡାକ୍ତରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଜ୍ଞାନଦୀପଙ୍କ ମୃତ୍ୟୁ ହୋଇଥିଲା। ପୁଅର ମୃତ୍ୟୁ ବିଷୟରେ ମା' ସୁକାନ୍ତି କୁଜୁର (୩୬)ଙ୍କୁ ଜଣାଇବା ପରେ ସେ ଘରେ ବସିଥିବା ଅବସ୍ଥାରେ ଛାତିରେ ଯନ୍ତ୍ରଣା ହେବା ସହ ତଳେ ପଡ଼ିଯାଇ ମୃତ୍ୟୁବରଣ କରିଥିଲେ। ସ୍ଥାନୀୟ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ଡେଙ୍ଗୁରପାଣି ଗ୍ରାମକୁ ଯାଇ ତଦନ୍ତ କରିବା ସହ ସୁକାନ୍ତିଙ୍କ ମୃତଦେହ ଜବତ କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଡାକ୍ତରଖାନା ଓ ଡେଙ୍ଗୁରପାଣି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଦୁଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଆର୍‌ଏସ୍‌ପିରେ 'ଚୁନୌତି' ଶୀର୍ଷକ ସ୍ୱତନ୍ତ୍ର ଗଣଯୋଗାଯୋଗ ଅଧିବେଶନ

# ପ୍ରକ୍ରିୟା ଦକ୍ଷତାକୁ ସୁଦୃଢ଼ ଓ କଞ୍ଚାମାଲ ବ୍ୟବହାର ନିୟନ୍ତ୍ରଣ ଉପରେ ଗୁରୁତ୍ୱ






**ରାଉରକେଲା, ୨୭ ।୪(ସମିସ)**

ପ୍ରତ୍ୟେକ ସୋପାନରେ ଅତୁଳନୀୟ ପ୍ରଦର୍ଶନ ସୁନିଶ୍ଚିତ କରିବା ପାଇଁ ପ୍ରକ୍ରିୟା, ମାନସିକତା ଏବଂ ଫଳାଫଳରେ ରୂପାନ୍ତରଣ ଆଣିବା ଏବଂ ଇସ୍ପାତ ଶିଳ୍ପରେ ନୂତନ ମାନଦଣ୍ଡ ସ୍ଥିର କରିବା ନିମନ୍ତେ ପ୍ରକ୍ରିୟା ଦକ୍ଷତାକୁ ସୁଦୃଢ଼ କରିବା ଓ କଞ୍ଚାମାଲ ବ୍ୟବହାର ନିୟନ୍ତ୍ରଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ଆରଏସପି ଡିଆଇସି ଅତନୁ ଭୌମିକ। ଶନିବାର ଆରଏସପିର ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ 'ଚୁନୌତି' ଶୀର୍ଷକ ସ୍ୱତନ୍ତ୍ର ଗଣଯୋଗାଯୋଗ ଅଧିବେଶନରେ ଆରଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ ଭୌମିକ ଯୋଗଦେଇ ଆରଏସପି ସାମୁଦାୟିକଙ୍କୁ ଆହ୍ୱାନ ଦେଇ କହିଲେ, ବଜାର ସ୍ଥିତି ଏବଂ ଇନପୁଟ୍ ମୂଲ୍ୟ ଆମ ନିୟନ୍ତ୍ରଣ ବାହାରେ। ତେଣୁ ପ୍ରକ୍ରିୟା ଦକ୍ଷତାକୁ ସୁଦୃଢ଼ ଗଢ଼ିବା, କଞ୍ଚାମାଲ ବ୍ୟବହାର ନିୟନ୍ତ୍ରଣ ଉପରେ ବିଶେଷ ରୂପେ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ। ବିଶେଷ କରି କାରଖାନାର ଯେକୌଣସି ୟୁନିଟରେ ବ୍ରେକଡାଉନକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ସଙ୍କଳ୍ପବଦ୍ଧ ହୋଇ ଆମର ଉତ୍ପାଦନ ଖର୍ଚ୍ଚକୁ କମ କରିବାକୁ ହେବ। ନିରବଚ୍ଛିନ୍ନ ଅପରେସନ ଏବଂ ମୂଲ୍ୟ ଦକ୍ଷତା ହାସଲ କରିବାରେ ପୂର୍ବାନୁମାନ ରକ୍ଷଣାବେକ୍ଷଣର ମହତ୍ତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବ୍ଲାଷ୍ଟ ଫର୍ଣ୍ଣେସ୍-୪, ହଟ୍ ଷ୍ଟ୍ରିପ୍ ମିଲ୍-୧ ଭଳି ଅର୍ଥନୈତିକ ଦୃଷ୍ଟିରୁ ବ୍ୟୟସାପେକ୍ଷ ୟୁନିଟ୍‌ରୁ ଉତ୍ପାଦନ ବନ୍ଦ କରିବାର ପ୍ରମୁଖ ରଣନୀତିକ ପଦକ୍ଷେପ ପରିପ୍ରେକ୍ଷୀରେ ଲକ୍ଷ୍ୟ ହାସଲ ପାଇଁ ପ୍ରତ୍ୟେକ କର୍ମଚାରୀଙ୍କ ଭୂମିକା ଉପରେ ଡିଆଇସି ଆଲୋକପାତ କରିଥିଲେ। ଇସ୍ପାତ ସହରକୁ ଅଧିକ ପରିଷ୍କାର, ସବୁଜ ଏବଂ ଅଧିକ ମନୋରଞ୍ଜକ କରିବା ପାଇଁ କାରଖାନାର ବିଭିନ୍ନ ପଦକ୍ଷେପ ବିଷୟରେ ମଧ୍ୟ ସେ କହିଥିଲେ। କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ମଞ୍ଚାସୀନ ଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ଧାର୍ଯ୍ୟ ଲକ୍ଷ୍ୟ ଏବଂ ପ୍ରମୁଖ ରଣନୀତିକ ପଦକ୍ଷେପ ବିଷୟରେ କର୍ମଚାରୀମାନଙ୍କୁ ଅବଗତ କରାଇବା ପାଇଁ ସ୍ୱତନ୍ତ୍ର ଗଣଯୋଗାଯୋଗ ଅଧିବେଶନ 'ଚୁନୌତି'ର ନକ୍ସା ପ୍ରସ୍ତୁତ କରାଯାଇଛି। ଏହି ଅବସରରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ, ଯେଉଁଥିରେ ସେ କାରଖାନାର ପ୍ରଦର୍ଶନ, ଆହ୍ୱାନ ଓ ସୁଯୋଗ, ଚଳିତ ଆର୍ଥିକ ବର୍ଷ ପାଇଁ ବ୍ୟକ୍ତିଗତ ୟୁନିଟଗୁଡ଼ିକ ନିମନ୍ତେ ତଥା ସାମଗ୍ରିକ କାରଖାନା ପାଇଁ ଧାର୍ଯ୍ୟ ଲକ୍ଷ୍ୟ, ସଫଳତାର ୮ ସୂତ୍ରୀ ରଣନୀତି ଉପରେ ବର୍ଣ୍ଣନା କରିଥିଲେ। ଶକ୍ତି, ଦୁର୍ବଳତା, ସୁଯୋଗ ଏବଂ ଆଶଙ୍କା ବିଶ୍ଳେଷଣ ମାଧ୍ୟମରେ ସେ ଆରଏସପି ପାଇଁ ଆଗାମୀ ଆହ୍ୱାନ ଏବଂ ରଣନୀତି ବିଷୟରେ ସୂଚନା ଦେଇଥିଲେ।

ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏକେ ବେହୁରିଆ ବ୍ଲାଷ୍ଟ ଫର୍ଣ୍ଣେସ୍-୪, ସିଆରଏମ ଏବଂ ଏଚଏସଏମ-୨ ଚଳାଇବାର ଆର୍ଥିକ ପ୍ରଭାବ ବିଷୟରେ ଉଲ୍ଲେଖ କରିଥିଲେ। ସେ ବିଭିନ୍ନ ଦୃଶ୍ୟପଟ୍ଟର ତୁଳନା କରିବା ସହ ଲକ୍ଷ୍ୟ ହାସଲ ଓ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ସର୍ବଶ୍ରେଷ୍ଠ ଦୃଶ୍ୟପଟ୍ଟ ଉପରେ ଆଲୋକପାତ କରିଥିଲେ। ଉତ୍ପାଦନ ପରିମାଣ ସହ ମୂଲ୍ୟ ଏବଂ ଗୁଣବତ୍ତା ସମାନ ଭାବରେ ମହତ୍ତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ପରେ ମତବିନିମୟ ଅଧିବେଶନରେ କର୍ମଚାରୀମାନେ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ସମ୍ବନ୍ଧୀୟ ପ୍ରସ୍ତାବ ଦେଇଥିଲେ। ଭାରପ୍ରାପ୍ତ ନିର୍ଦ୍ଦେଶକ ତାଙ୍କ ଚୂଡ଼ାନ୍ତ ବକ୍ତବ୍ୟରେ ସମ୍ପୂର୍ଣ୍ଣ ଆଲୋଚନାର ପର୍ଯ୍ୟାଲୋଚନ କରି ଆରଏସପିକୁ ଦେଶର ସର୍ବନିମ୍ନ ମୂଲ୍ୟର ଉଚ୍ଚମାନର ଇସ୍ପାତ ଉତ୍ପାଦନକାରୀଙ୍କ ମଧ୍ୟରେ ପରିଗଣିତ କରିବାକୁ ମିଳିତ ପ୍ରୟାସ କରିବାକୁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏଚଆରଡି ବିଭାଗ ମ୍ୟାନେଜର ବିନୀତା ତିର୍କୀ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଆଜି ୪୬ ଛୁଇଁବ...

ବେଳେ ୧୩ ସହରରେ ୪୩ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ଏପରିକି, ବିଶ୍ୱର ପ୍ରଥମ ୧୫ ଉତ୍ତପ୍ତ ସହର ମଧ୍ୟରେ ଅନୁଗୋଳ ୧୧ତମ ସ୍ଥାନ ଏବଂ ଭୁବନେଶ୍ୱର ୧୩ତମ ସ୍ଥାନରେ ରହିଛି। ଆଜି ରାଜ୍ୟରେ ପ୍ରବଳ ତାତିରେ ଲୋକେ ସନ୍ତୁଳି ହୋଇଥିବା ବେଳେ ଆସନ୍ତାକାଲି ତାତି ଆହୁରି ବଢ଼ିବ। ଆସନ୍ତାକାଲି ୧୩ ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏପଟେ ଆସନ୍ତାକାଲି ଭୁବନେଶ୍ୱରରେ ତାପମାତ୍ରାକୁ ନେଇ ଆହୁରି ସାଂଘାତିକ ଆକଳନ କରିଛନ୍ତି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ। ଆସନ୍ତାକାଲି ଭୁବନେଶ୍ୱରର ଦିନ ତାପମାତ୍ରା ୪୬ ଡିଗ୍ରୀ ଛୁଇଁପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି।

ପାଣିପାଗ କେନ୍ଦ୍ରର ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ, ଆସନ୍ତାକାଲି ଯାଜପୁର, କେନ୍ଦୁଝର, ଅନୁଗୋଳ, ମୟୂରଭଞ୍ଜ, ଢେଙ୍କାନାଳ, ବୌଦ୍ଧ, ସୁନ୍ଦରଗଡ଼, ଝାରସୁଗୁଡା, ଖୋର୍ଦ୍ଧା, କଟକ, ସମ୍ବଲପୁର, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ରେଡୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଦେବଗଡ଼, ସୋନପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ରାୟଗଡ଼ା, ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡ଼ା, ମାଲକାନଗିରି, ଗଞ୍ଜାମ, ଗଜପତି, ନବରଙ୍ଗପୁର ଓ ବରଗଡ଼ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବାର ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଅପରପକ୍ଷେ କୋରାପୁଟ ଓ ପୁରୀ ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ଅନୁଭୂତ ହେବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର। ସେହିପରି ୨୯ ତାରିଖରେ ୧୩ ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଥିବା ବେଳେ ୧୬ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି। ଅପରପକ୍ଷେ ଆସନ୍ତାକାଲିର ପାଣିପାଗକୁ ନେଇ ପୂର୍ବାନୁମାନ କରିଛନ୍ତି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ। ଆଜି ପରି ଆସନ୍ତାକାଲି ମଧ୍ୟ ରାଜ୍ୟରେ ତାତି ଅନୁଭୂତ ହେବ। ଏହାସହ ସମ୍ବଲପୁରଠାରୁ କଳାହାଣ୍ଡି ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶା, କେନ୍ଦ୍ରୀୟ ଓଡ଼ିଶା ଏବଂ ଅବିଭକ୍ତ କୋରାପୁଟ ବ୍ୟତୀତ ବାକି ଦକ୍ଷିଣ ଆଭ୍ୟନ୍ତରରେ ତାପମାତ୍ରା ୧ରୁ ୨ ଡିଗ୍ରୀ ବଢ଼ିପାରେ। ଏପରିକି ଭୁବନେଶ୍ୱରରେ ତାପମାତ୍ରା ୪୬ ଡିଗ୍ରୀ ଛୁଇଁପାରେ ବୋଲି ସେ ଆକଳନ କରିଛନ୍ତି। ଅପରପକ୍ଷେ ପାଣିପାଗ କେନ୍ଦ୍ର ପ୍ରଦତ୍ତ ସୂଚନା ଅନୁଯାୟୀ, ଚଳିତ ସିଜିନରେ ପ୍ରଥମ ଥର ପାଇଁ ଯୁଗ୍ମ ଭାବେ ଗୋଟିଏ ଦିନରେ ଟ୍ୱିନ ସିଟି ଭୁବନେଶ୍ୱର-କଟକରେ ତାତି ୪୩ ଡିଗ୍ରୀ ଅତିକ୍ରମ କରିଛି। ଭୁବନେଶ୍ୱରରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୬.୮ ଡିଗ୍ରୀ ଅଧିକ ରେକର୍ଡ କରାଯାଇଥିବା ବେଳେ କଟକରେ ୬.୩ ଡିଗ୍ରୀ ଅଧିକ ରେକର୍ଡ କରାଯାଇଛି। ସେହିପରି ଶନିବାର ଅନ୍ୟ ପ୍ରମୁଖ ସହର ମଧ୍ୟରେ ବାରିପଦାରେ ୪୪.୨ ଡିଗ୍ରୀ, ବୌଦ୍ଧ, ଢେଙ୍କାନଳ ଓ ଭବାନୀପାଟଣାରେ ୪୩.୭ ଡିଗ୍ରୀ, ନୂଆପଡ଼ା ଓ ଝାରସୁଗୁଡ଼ାରେ ୪୩.୬ ଡିଗ୍ରୀ, ବଲାଙ୍ଗୀର, ଯାଜପୁର, ତାଳଚେର ଓ ନୟାଗଡ଼ରେ ୪୩.୫ ଡିଗ୍ରୀ ତାତି ରେକର୍ଡ କରାଯାଇଛି।

## ତାତି ବଢ଼ାଉଛି...

'ନ୍ୟୁରୋଲୋଜି' ପତ୍ରିକାରେ ପ୍ରକାଶ ପାଇଛି। ଅଧ୍ୟୟନରେ ସାମିଲ ଗବେଷକମାନେ କହିଛନ୍ତି ଯେ ଏହି ଅଧ୍ୟୟନରୁ ଜଳବାୟୁ ପରିବର୍ତ୍ତନ ଏବଂ ଷ୍ଟ୍ରୋକ୍ ମଧ୍ୟରେ ଥିବା ସମ୍ବନ୍ଧ ଉଜାଗର ହୋଇଛି। କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଷ୍ଟ୍ରୋକ୍ ହେଉଛି ତାହାକୁ ସମ୍ପୂର୍ଣ୍ଣ ଭାବେ ସାବ୍ୟସ୍ତ କରିବା ପାଇଁ ଆହୁରି ଅଧିକ ଗବେଷଣା କରାଯିବା ଆବଶ୍ୟକ।

ରିପୋର୍ଟ ଅନୁଯାୟୀ ବ୍ରେନ୍ ଷ୍ଟ୍ରୋକ ଯୋଗୁ ୫ ଲକ୍ଷରୁ ଅଧିକ ମୃତ୍ୟୁ ହୋଇଥିଲା। ତେବେ ତାପମାତ୍ରା ବୃଦ୍ଧି ପାଇଁ ଏଥିରୁ ୯୧ ପ୍ରତିଶତ ଅର୍ଥାତ୍ ୪, ୭୪, ୦୦୨ ଜଣଙ୍କ ମୃତ୍ୟୁ ହୋଇଥିଲା। ପାଣିପାଗ ଜନିତ ଚରମ ସ୍ଥିତି (ଅଦିନରେ ଅଧିକ ଖରା, ବର୍ଷା ଏବଂ ଶୀତ) ମଧ୍ୟ ଏହି ମୃତ୍ୟୁ ପାଇଁ ଦାୟୀ। ବିଶେଷ କରି ସ୍ୱାସ୍ଥ୍ୟସେବାରେ ଅସମାନତା ଥିବା କ୍ଷେତ୍ର ଗୁଡିକରେ ବୟସ୍କ ଲୋକଙ୍କ ପ୍ରତି ଷ୍ଟ୍ରୋକ୍‌ର ବିପଦ ବୃଦ୍ଧି ପାଇଚାଲିଛି। ମଧ୍ୟ ଏସିଆରେ ତାପମାତ୍ରା ବୃଦ୍ଧି ଯୋଗୁଁ ଷ୍ଟ୍ରୋକ୍ ମାମଲା ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ତାପମାତ୍ରାରେ ହେଉଥିବା ପରିବର୍ତ୍ତନ ଯୋଗୁଁ ମହିଳାଙ୍କ ତୁଳନାରେ ପୁରୁଷଙ୍କୁ ଷ୍ଟ୍ରୋକ୍‌ର ବିପଦ ଅଧିକ ରହିଛି। ତାପମାତ୍ରାରେ ହ୍ରାସବୃଦ୍ଧି ହେଉଥିବା ଅଞ୍ଚଳରେ ପ୍ରତି ଦଶ ଲକ୍ଷ ଜନସଂଖ୍ୟାରେ ପୁରୁଷଙ୍କ ମୃତ୍ୟୁହାର ୭.୭ ରହିଛି। ସେହିପରି ମହିଳାଙ୍କ ସଂଖ୍ୟା ୫.୮ ୯ ରେକର୍ଡ କରାଯାଇଛି। ନ୍ୟୁରୋଲୋଜିରେ ପ୍ରକାଶିତ ଅନ୍ୟ ଏକ ଅଧ୍ୟୟନ ଅନୁଯାୟୀ ଇସ୍କେମିକ୍ ଷ୍ଟ୍ରୋକ୍ ଯୋଗୁଁ ୧୯ ୯୦ରେ ବିଶ୍ୱରେ ୨୦ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲା। ୨୦୧୯ ବେଳକୁ ଏହି ସଂଖ୍ୟା ୩୦ ଲକ୍ଷରେ ପହଞ୍ଚି ଯାଇଥିଲା। ୨୦୩୦ ସୁଦ୍ଧା ଏଥିରେ ୫୦ ଲକ୍ଷ ଲୋକଙ୍କ ଜୀବନ ଯାଇପାରେ ବୋଲି ଗବେଷକ ଆକଳନ କରିଛନ୍ତି। ଏଥିପାଇଁ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ଦୋଷ ଦେଇଛନ୍ତି।

## ପୁଣି ଅଶାନ୍ତ...

ଇନ୍ସପେକ୍ଟର ଯାଦବ ଦାସ, ସବ୍-ଇନ୍ସପେକ୍ଟର (ଏସଆଇ) ଏନ୍ ସରକାର, ହେଡ୍ କନଷ୍ଟେବଲ ଅରୁପ ସୈନି ଏବଂ କନଷ୍ଟେବଲ ଅଫତାବ ହୁସେନ ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଏନ୍ ସରକାର ଏବଂ ଅରୁପ ସୈନି ପ୍ରାଣ ହରାଇ ଥିଲେ। ଅନ୍ୟପକ୍ଷରେ ମଣିପୁର କାଙ୍ଗପୋକପୀ ଏବଂ ଇମ୍ଫାଲ ଇଷ୍ଟ ଜିଲ୍ଲାର ସୀମାରେ ଥିବା ସିନମ କୋମ ଗ୍ରାମରେ ଶୁକ୍ରବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଜଣେ ସ୍ୱେଚ୍ଛାସେବୀଙ୍କ ମୃତ୍ୟୁ ହୋଇଛି।

## ଓଡ଼ିଶାର ବିକାଶ...

ଦେଖିବାକୁ ମିଳିଥିଲା। ଏହି ରାଲିରେ ଶ୍ରୀ ପାଣ୍ଡିଆନ୍ ସଭାସ୍ଥଳରେ ପହଞ୍ଚିଥିବା ବେଳେ ରାସ୍ତାରେ ହଜାର ହଜାର ଜନତା ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ। ଜନସଭାକୁ ସମ୍ବୋଧିତ କରି ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ଆପଣମାନଙ୍କର ଏପରି ଜୋଶ୍ ଦେଖି ବିରୋଧୀଙ୍କ ହୋସ୍ ଉଡ଼ିଯାଉଛି। ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ଶେଷ ହେଉଛି। ସେମାନେ ବାରମ୍ବାର ଡବଲ ଇଞ୍ଜିନ୍ କଥା କହୁଛନ୍ତି। ହେଲେ ଯେଉଁଠି ଡବଲ ଇଞ୍ଜିନ୍ ଅଛି, ସେଠି ବାରମ୍ବାର ସରକାର କାହିଁକି ବଦଳୁଛି। କାହିଁକି ସେଠାରେ ଶାନ୍ତି ନାହିଁ, କାହିଁକି ବିକାଶ ନାହିଁ? ଆମର ଡବଲ ଇଞ୍ଜିନ୍ ଦରକାର ନାହିଁ। ଓଡ଼ିଶାକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ନବୀନ ଇଞ୍ଜିନ୍ ବେଶ୍ ସକ୍ଷମ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ। ବିରୋଧୀଙ୍କ ଉପରେ ଆକ୍ରମଣ କରି ଶ୍ରୀ ପାଣ୍ଡିଆନ୍ କହିଥିଲେ, ଆପଣଙ୍କ ସାଂସଦ ଗତ ୫ ବର୍ଷରେ କ'ଣ କରିଛନ୍ତି? ନୂଆପଡ଼ା-ଭବାନୀପାଟଣା ଏନ୍‌ଏଚ୍‌ର ଦୁରବସ୍ଥା ଦେଖିଲେ ସେମାନଙ୍କ ଦକ୍ଷତା ବାରିହୋଇ ପଡୁଛି। ଆଜି ପର୍ଯ୍ୟନ୍ତ ଏହି ଏନ୍‌ଏଚ୍ ଦୁଇ ଲେନ୍ ଭିତରେ ସୀମିତ ରହିଛି। ରାସ୍ତା ଅବସ୍ଥା ବି ବହୁତ ଖରାପ। ନୂଆପଡ଼ାର ଅନେକ ପଞ୍ଚାୟତରେ ମୋବାଇଲ୍ ନେଟ୍‌ୱର୍କ ନାହିଁ। ଏହା ହେଉଛି ଆପଣଙ୍କ ସାଂସଦଙ୍କ କାମ। ଅନ୍ୟପଟେ ଆପଣ ନବୀନ ବାବୁଙ୍କ ବିଜୁ ଏକ୍ସପ୍ରେସ୍-ୱେ ଦେଖନ୍ତୁ, ଆଉ କେନ୍ଦ୍ର ସରକାରଙ୍କ ଏନ୍‌ଏଚ୍ ଦେଖନ୍ତୁ; ଫରକ ନିଜେ ଜାଣିପାରିବେ। ଧର୍ମଗଡ଼ରେ ଯେଉଁଠି ବିଲ-ପଡ଼ିଆ ଥିଲା, ଆଜି ସେଠାରେ ବିଜୁ ଏକ୍ସପ୍ରେସ୍-ୱେ ଲମ୍ବିଛି। ଗମନାଗମନ ବ୍ୟବସ୍ଥା ସହଜ ହୋଇଛି। ଏଥିରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ କାମ ଭିତରେ ଥିବା ପାର୍ଥକ୍ୟ ଜଣାପଡୁଛି। କିଏ ଲୋକଙ୍କ ପାଇଁ କାମ କରୁଛି, ଆଉ କିଏ ନିଜ ହିତରେ ଅଛି, ତାହା ସ୍ପଷ୍ଟ ବାରି ହେଉଛି। ସେ ଆହୁରି କହିଥିଲେ, ଭୋଟ ପାଇଁ ବିରୋଧୀ ଆପଣମାନଙ୍କୁ ମିଠା ମିଠା କଥା କହିବେ। ତାଙ୍କର ଏହି ମିଠା କଥାର ମାୟାଜାଲରୁ ଦୂରେଇ ରୁହନ୍ତୁ। ସେମାନେ ଗୋଟିଏ ପଟେ ଲୋଭନୀୟ କଥା କହନ୍ତି; ଅନ୍ୟପଟେ ଲୋକଙ୍କୁ ମିଳୁଥିବା ସୁବିଧା ବନ୍ଦ କରିବାକୁ ଚକ୍ରାନ୍ତ କରନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି ଭଳି ଅଭିନବ ଯୋଜନା ବନ୍ଦ କରିବା ଉଦ୍ୟମରେ ସେମାନେ ଅଛନ୍ତି। ତେଣୁ ଆପଣମାନଙ୍କ ଭୋଟ ହିଁ ସେମାନଙ୍କ ପାଇଁ ଉଚିତ ଜବାବ୍ ହେବ।

ଶ୍ରୀ ପାଣ୍ଡିଆନ କହିଥିଲେ ଯେ ନବୀନ ବାବୁଙ୍କ କଥା କମ୍; କାମ ବେଶି, ତାଙ୍କ ହାତ ମୁଠାକୁ ଟାଣ କରନ୍ତୁ, ନବୀନ ସରକାରରେ ଆପଣ ଯାହା ଚାହିଁବେ, ତାହା ପାଇବେ। ନବୀନ ସରକାର, ଲୋକଙ୍କ ସରକାର। ଲୋକେ ଯାହା କହନ୍ତି, ମୁଖ୍ୟମନ୍ତ୍ରୀ ତାହା କରନ୍ତି। ଓଡ଼ିଶାର ଏହି ରୂପାନ୍ତରଣ ଯାତ୍ରା ଆହୁରି ଆଗକୁ ଯିବ। ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ହେବ। ଆପଣମାନେ ସବୁ ଥର ପରି ଏଥର ମଧ୍ୟ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ବହୁମତରେ ଜିତାନ୍ତୁ, ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରନ୍ତୁ। ବିରୋଧୀ ଆସିବେ ଯିବେ, କିନ୍ତୁ ନବୀନ ସରକାର ସବୁବେଳେ ଓଡ଼ିଶାବାସୀଙ୍କ ସହିତ ରହିଛି ଆଉ ରହିବ। ତେଣୁ ବିଜେଡି ପ୍ରାର୍ଥୀଙ୍କୁ ୯୦%ରୁ ଅଧିକ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବା ପାଇଁ ସେ ନିବେଦନ କରିଥିଲେ।

## ପରିବାରର ମୁଖ୍ୟ...

ଶ୍ରୀ ପାଣ୍ଡିଆନ୍ ଆଜି କଳାହାଣ୍ଡି ଲୋକସଭା ପ୍ରାର୍ଥୀ ଲମ୍ବୋଧର ନିଆଲ, ନୂଆପଡ଼ାରେ ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ, ଧର୍ମଗଡରେ ପୁଷ୍ପେନ୍ଦ୍ର ସିଂଦେଓ ଏବଂ ଜୁନାଗଡ଼ରେ ଦିବ୍ୟଶଙ୍କର ମିଶ୍ରଙ୍କ ପାଇଁ ପ୍ରଚାର କରିଥିଲେ। ନିଜ କ୍ୟାରିୟର୍ ଆରମ୍ଭ କରିଥିବା ଧର୍ମଗଡକୁ ଜନ୍ମମାଟି ବୋଲି କହି ଶ୍ରୀ ପାଣ୍ଡିଆନ୍ ଭାବବିହ୍ୱଳ ହୋଇପଡ଼ିଥିଲେ। କଳାହାଣ୍ଡି, ନୂଆପଡ଼ା, ଧର୍ମଗଡ଼, ଜୁନାଗଡ଼ରେ ନିର୍ବାଚନ ପ୍ରଚାର କରିବା ଅବସରେ ଜନସଭାକୁ ସମ୍ବୋଧିତ କରି ଶ୍ରୀ ପାଣ୍ଡିଆନ୍ କହିଥିଲେ, ମିଶନ୍ ଶକ୍ତି ମା'ମାନଙ୍କୁ ସମ୍ମାନ ଦେଇଛି, ନୂଆ ପରିଚୟ ଦେଇଛି। ମା' ମାନଙ୍କ ମନରେ ସାହସ ଭରିଛି। ମୁଖ୍ୟମନ୍ତ୍ରୀଙ୍କ ହୃଦୟରେ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି। ଆପଣଙ୍କ ଖୁସିରେ ସେ ଖୁସି ହୁଅନ୍ତି। ଆପଣଙ୍କ ସମସ୍ୟାକୁ ହୃଦବୋଧ କରି ୫୦ ହଜାର ଛୋଟ ଛୋଟ ମାମଲା ରଦ୍ଦ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆପଣଙ୍କ ଭାଷା, ସଂସ୍କୃତି, ଐତିହ୍ୟସ୍ଥଳୀର ଉନ୍ନତି ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଆପଣମାନେ ଯେଉଁ ଦରଖାସ୍ତ ଦେଇଥିଲେ ତାହା ଉପରେ କ'ଣ କାମ ହୋଇଛି, ତା'ର ହିସାବ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆପଣଙ୍କ ଦରଖାସ୍ତ ଉପରେ ୭ଦିନ, ୧୦ ଦିନ, ୧୫ଦିନ ଭିତରେ ନିଷ୍ପତ୍ତି ହୋଇଛି। ଜନଜାତିଙ୍କ ପାଇଁ କ'ଣ କରିଛୁ, ତାହା ତାଙ୍କୁ ଆଉ ଆମେ ନିଶ୍ଚୟ ଜଣାଇବୁ। ମୁଁ ଆପଣଙ୍କୁ ସବୁ କାମର ହିସାବ ଦେବାକୁ ଆସିଛି ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ।

କଳାହାଣ୍ଡି ସମାବେଶରେ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଲାଞ୍ଜିଗଡ଼ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୧୧୦ କୋଟି ଟଙ୍କାର କାମ ଚାଲିଛି। ରାମପୁର ମା' ମାଣିକେଶ୍ୱରୀ ମନ୍ଦିର ପାଇଁ ୧ କୋଟି ୭୦ ଲକ୍ଷ, ଥୁଆମୂଳ ରାମପୁର ଜଗନ୍ନାଥ ମନ୍ଦିର ପାଇଁ ୨୦ ଲକ୍ଷ, ଭାଲୁଯୋର ନଇ ଉପରେ ସେତୁ ପାଇଁ ୧୫ କୋଟି, ହାତୀ ନଦୀ ଉପରେ ସେତୁ ପାଇଁ ୧୧ କୋଟି, ଜୟପାଟଣାର ୨୦ଟି ପଞ୍ଚାୟତରେ ମେଗା ପାଇପ୍ ପାଣି ପାଇଁ ୧୬୯ କୋଟି, ରାମପୁରର ୧୪ଟି ପଞ୍ଚାୟତରେ ମେଗା ପାଇପ୍ ପାଣି ପାଇଁ ୬୬ କୋଟି ଟଙ୍କାର କାମ ଚାଲିଛି। ଲାଞ୍ଜିଗଡ଼ରେ ୮୬,୦୦୦ ହିତାଧିକାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସୁବିଧା ପାଉଛନ୍ତି। ଲାଞ୍ଜି ପଞ୍ଚାୟତର ଗଜିନ ସୁନା ବିଏସ୍‌କେୱାଇରେ ୭.୭୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପାଇଛନ୍ତି। ସେହିପରି ଟି ରାମପୁର ପଞ୍ଚାୟତର ଇତିଶ୍ରୀ ଦଳପତିଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ୬.୭୦ ଲକ୍ଷ ଟଙ୍କାର ସାହାଯ୍ୟ ଦେଇଛନ୍ତି।

ଶ୍ରୀ ପାଣ୍ଡିଆନ୍ କହିଥିଲେ, ଲାଞ୍ଜିଗଡ଼ ପାଇଁ ୫୪ଟି ଆମ ବ୍ୟାଙ୍କ ମଞ୍ଜୁର ହୋଇଛି। ସେହିପରି ନର୍ଲାରେ କାମର ହିସାବ ଦେଇ ସେ କହିଥିଲେ ଯେ ବର୍ଷେ ତଳେ ମୁଁ ଆସିଥିଲି। ସାବିତ୍ରୀ ବ୍ରତ ସତ୍ତ୍ୱେ ବହୁ ସଂଖ୍ୟାରେ ମା'ମାନେ ଆସିଥିଲେ। ସେଥିପାଇଁ ମୋର କୋଟି ପ୍ରଣାମ। ନର୍ଲାରେ ୫୮୦ କୋଟି ଟଙ୍କାର କାମ ଚାଲିଛି। ବେଲଖଣ୍ଡି ମନ୍ଦିର ପାଇଁ ୨.୫୦ କୋଟି, ତେଲ ନଦୀ ଉପରେ ସେତୁ ପାଇଁ ୨୫ କୋଟି, ତେଲ ନଦୀ ଦକ୍ଷିଣ ବନ୍ଧ ପଟେ ବନ୍ୟା ନିୟନ୍ତ୍ରଣ ପାଇଁ ୧୦ କୋଟି ମଞ୍ଜୁର ହୋଇଛି। ସେହିପରି ନୂଆ ଓ'ରେ ୨୩୦୦ ଛାତ୍ରଛାତ୍ରୀ ୨.୨୮ କୋଟି ଟଙ୍କାର ବୃତ୍ତି ପାଇଛନ୍ତି। ନର୍ଲାରେ ମିଶନ୍ ଶକ୍ତି ଗୋଷ୍ଠୀଙ୍କୁ ୬୨ କୋଟି ଟଙ୍କାର ବିନା ସୁଧରେ ଋଣ ଦିଆଯାଇଛି। ୬୪ ଲକ୍ଷ ୮୦ ହଜାର ଟଙ୍କା ସୁଧ ଫେରସ୍ତ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନର୍ଲାର ୮୨,୨୦୦ ହିତାଧିକାରୀ ଅଛନ୍ତି। ବୋରିଆ ପଞ୍ଚାୟତର ବାସନ୍ତୀ ଗଉଡ଼ ଚିକିତ୍ସା ପାଇଁ ୬.୨୦ ଲକ୍ଷ ଟଙ୍କା ପାଇଛନ୍ତି। ଗଜବହାଲ ପଞ୍ଚାୟତର ସିମାଞ୍ଚଳ ବଗର୍ତ୍ତି ୯.୩୬ ଲକ୍ଷ ଟଙ୍କା ସହାୟତା ପାଇଛନ୍ତି ବୋଲି ସୂଚନା ଦେଇଥିଲେ।

ନୂଆପଡ଼ାରେ ଶ୍ରୀ ପାଣ୍ଡିଆନ୍ କହିଥିଲେ, କୋଭିଡ୍ ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଁ ନୂଆପଡ଼ା ଆସି ଡାକ୍ତରଖାନାର ଉନ୍ନତି କଥା ବୁଝିକରି ଯାଇଥିଲି। ନୂଆପଡ଼ା ପାଇଁ ୧୩୧ କୋଟି ଟଙ୍କାର କାମ ହୋଇଛି। ନୂଆପଡ଼ା ଯୋଗେଶ୍ୱର ମନ୍ଦିର ପାଇଁ ୪ କୋଟି, ସୁନାଦେଇ ମନ୍ଦିର ପାଇଁ ୨.୬୦ କୋଟି, କୋନାବିରା ବୃହତ ଉଠା ଜଳସେଚନ ପ୍ରକଳ୍ପ ପାଇଁ ୪୨ କୋଟି, ଆଉ ୫ଟି ବୃହତ ଜଳସେଚନ ପ୍ରକଳ୍ପ ପାଇଁ ୧୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଘାଟିପଡ଼ାରୁ ସିନାପଲ୍ଲୀ ବିଜୁ ଏକ୍ସପ୍ରେସ୍-ୱେ ୨୦୮ କୋଟି ଟଙ୍କାରେ ହୋଇଛି। ୧୦ ହଜାର ପିଲାଙ୍କ ପାଇଁ ୯୩ଟି ଆଦିବାସୀ ହଷ୍ଟେଲ ନିର୍ମାଣ କରାଯାଇଛି। ନୂଆପଡ଼ାର ୩୧୦୦ ମିଶନ୍ ଶକ୍ତି ଗ୍ରୁପ୍‌କୁ ୧୩୦ କୋଟି ଟଙ୍କାର ବିନା ସୁଧରେ ଋଣ ଦିଆଯାଇଛି। ବିଏସ୍‌କେୱାଇରେ ୮୪ ହଜାର ହିତାଧିକାରୀ ସାମିଲ ହୋଇଛନ୍ତି। ୧୨ କୋଟି ଟଙ୍କା ବିନିଯୋଗରେ ନୂଆପଡ଼ା ଓ ଖଡିଆଳ ଠାରେ ବହୁମୁଖୀ ଇଣ୍ଡୋର ହଲ୍ ନିର୍ମାଣ ହୋଇଛି। ଜିଲ୍ଲାର ୪୨,୫୦୦ କେନ୍ଦୁପତ୍ର ହିତାଧିକାରୀଙ୍କୁ ୬.୩ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ୩୬ଟି ଆମ ବ୍ୟାଙ୍କ କାର୍ଯ୍ୟକ୍ଷମ ହୋଇଛି ବୋଲି କହିଥିଲେ।

ଧର୍ମଗଡ଼ରେ ବିକାଶ କାମର ହିସାବ ଦେଇ ଶ୍ରୀ ପାଣ୍ଡିଆନ୍ କହିଥିଲେ, ଏଠାରେ ୧୧୦ କୋଟି ଟଙ୍କାର କାମ ଚାଲିଛି। ମା' ଭଣ୍ଡାରଘରଣୀ ମନ୍ଦିର ପାଇଁ ୧ କୋଟି ୧୦ ଲକ୍ଷ, ବୁଢ଼ାରଜା ମନ୍ଦିର ପାଇଁ ୭୫ ଲକ୍ଷ, କରକ ଜଳପ୍ରପାତ ଉନ୍ନୟନ ପାଇଁ ୧୫ ଲକ୍ଷ, କୋକସରା ବ୍ଲକ୍‌ରେ ମେଗା ପାଇପ୍ ପାଣି ପ୍ରକଳ୍ପ ପାଇଁ ୧୫୦ କୋଟି, କଲମପୁରରେ ମେଗା ପାଇପ୍ ପାଣି ପ୍ରକଳ୍ପ ପାଇଁ ୫୩ କୋଟି, ୩୨ଟି ପବିତ୍ର ପୀଠର ଉନ୍ନତି ପାଇଁ ୧.୨୦ କୋଟି ଟଙ୍କା ଦିଆଯାଇଛି। ଧର୍ମଗଡ଼ରେ ୨୨୬୦ ମିଶନ୍ ଶକ୍ତି ଗୋଷ୍ଠୀ ପାଇଁ ୫୮ କୋଟି ଟଙ୍କାର ବିନା ସୁଧରେ ଋଣ ଦିଆଯାଇଛି। ଧର୍ମଗଡ଼ରେ ୯୦,୫୦୦ ହିତାଧିକାରୀ ବିଏସକେୱାଇ କାର୍ଡ ପାଇଛନ୍ତି। ଜୁନାଗଡ଼ ସମ୍ପର୍କରେ କହିଥିଲେ, ଏଠାରେ ୨୨୫ କୋଟି ଟଙ୍କାର କାମ ଚାଲିଛି। ଗତ ବର୍ଷ ମେ' ମାସରେ ମୁଁ ଏଠାକୁ ଆସିଥିଲି। ଆପଣଙ୍କ ଦରଖାସ୍ତ ଉପରେ ବହୁତ କାମ ହୋଇଛି। ମା ଲଙ୍କେଶ୍ୱରୀ ମନ୍ଦିର ପାଇଁ ୨ କୋଟି ୫୦ ଲକ୍ଷ, ୧୦୯ଟି ମଠ ମନ୍ଦିର, ଚର୍ଚ୍ଚ, ମସଜିଦ, ଗୁରୁଦ୍ୱାର ଆଦି ପାଇଁ ୧୧.୫୦ କୋଟି, ଉପର ଇନ୍ଦ୍ରାବତୀ ଦକ୍ଷିଣପଟ ମେନ୍ କେନାଲ ପାଇଁ ୧୫୦ କୋଟି, ଜୁନାଗଡ଼ରେ ମେଗା ପାଇପ୍ ପାଣି ପାଇଁ ୧୯୦ କୋଟି, ଗୋଲମୁଣ୍ଡାରେ ମେଗା ପାଇପ୍ ପାଣି ପାଇଁ ୧୭୮ କୋଟି ଟଙ୍କାର କାମ ଚାଲିଛି। ଜୁନାଗଡ଼ରେ ୨୦୦୦ ମିଶନ ଶକ୍ତି ଗୋଷ୍ଠୀଙ୍କୁ ୪୮ କୋଟି ଟଙ୍କାର ବିନା ସୁଧରେ ଋଣ ଦିଆଯାଇଛି। ଏଠାରେ ୯୦ ହଜାର ହିତାଧିକାରୀ ବିଏସକେୱାଇ କାର୍ଡ ପାଇଛନ୍ତି। ଚିଚେଇଗୁଡା ପଞ୍ଚାୟତର ମାଧବୀ ନାଏକ ନାମକ ଜଣେ ମହିଳାଙ୍କ ଚିକିତ୍ସା ପାଇଁ ୧୦ ଲକ୍ଷ ଓ କୁହୁରା ପଞ୍ଚାୟତର ଦେବରାଜ ସାହୁଙ୍କୁ ଅପରେସନ୍ ପାଇଁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କା ଦେଇଛନ୍ତି ବୋଲି କହିଥିଲେ। ଏହି ସବୁ ସଭାରେ ସ୍ଥାନୀୟ ସାଂସଦ ଓ ବିଧାୟକ ପ୍ରାର୍ଥୀ ଉଦ୍‌ବୋଧନ ଦେଇଥିଲେ।

## ଟ୍ରକ୍-ବାଇକ୍...

ବାଇକ୍‌ରେ ନିଜ ଗାଁରୁ ଅନୁଗୋଳ ଅଭିମୁଖେ ଯାଉଥିଲେ। ସେମାନେ ଏନ୍‌ଏଚ୍-୫୫ରେ ଯାଉଥିବା ବେଳେ ପଞ୍ଚମହଲା ଛକ ନିକଟରେ ସାମ୍ନା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ୩ଜଣଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା।

## 'ଶବ ଉପରେ...

ଲଢୁଛନ୍ତି। କିନ୍ତୁ ଲୋକଙ୍କ ବାରମ୍ବାର ଦାବି କେମିତି ତାଙ୍କୁ ଶୁଭୁନି, ତାହା ଆଶ୍ଚର୍ଯ୍ୟ କରୁଛି। କେନ୍ଦ୍ରମନ୍ତ୍ରୀ ଏହି ରାସ୍ତାର ଦାୟିତ୍ୱ ନିଜ ମୁଣ୍ଡକୁ ନେବା କଥା। କିନ୍ତୁ ସେ ହାତଝାଡ଼ି ଦେଇଥିବାରୁ ନିଜେ ଜାତୀୟ ରାଜପଥରେ ଫସି ରହୁଛନ୍ତି। ଆଉ କେତେ ମୁଣ୍ଡ ଗଡ଼ିଲେ ଧର୍ମେନ୍ଦ୍ର ଚେତିବେ ବୋଲି ସେ ପ୍ରଶ୍ନ କହିଛନ୍ତି। ସେହିପରି ଶୋଚନୀୟ ରାସ୍ତା ପାଇଁ ଅକାଳରେ ଜୀବନ ହାରୁଥିବା ଲୋକଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ନିଜେ ନୈତିକ ଦାୟିତ୍ୱ ନିଅନ୍ତୁ ବୋଲି ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଅପରପକ୍ଷରେ ରାସ୍ତାର ଏଭଳି ଅବସ୍ଥା ପାଇଁ ବିଜେଡି ନେତ୍ରୀ ସଂଯୁକ୍ତା ସିଂହ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଦାୟୀ କରିଛନ୍ତି। ସେ କହିଛନ୍ତି, ୧୦ ବର୍ଷ ହେଲା କାମ ଚାଲୁଥିଲେ ମଧ୍ୟ କାହିଁକି ସରିପାରୁନି, ତା'ର ଉତ୍ତର ଜନସାଧାରଣଙ୍କୁ ଦେବା ଦରକାର। ଆସନ୍ତା ନିର୍ବାଚନରେ ଲୋକେ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି।

# ମାଓ ବର୍ବରତା; ପୂର୍ବତନ ସରପଞ୍ଚଙ୍କୁ ହତ୍ୟା ୧୦୬

ମାଲକାନଗିରି, ୨୭।୪ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀମାନେ ପୁଣି ଏକ ବର୍ବର କାଣ୍ଡ ଘଟାଇଛନ୍ତି। ଜଣେ ପୂର୍ବତନ ସରପଞ୍ଚ ତଥା କଂଗ୍ରେସ ନେତାଙ୍କୁ ହତ୍ୟା କରିଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଦନ୍ତେୱାଡ଼ା ଜିଲ୍ଲାରେ ଏପରି ଘଟଣା ଘଟିଛି। କଂଗ୍ରେସ ନେତା ଜଗା ପୋଡିୟମଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଆରାନପୁର ଥାନା ଅନ୍ତର୍ଗତ ପୋଟାଲି ସିଏଏଫ କ୍ୟାମ୍ପଠାରୁ ମାତ୍ର ୫୦୦ମିଟର ଦୂରରେ ଏହି ହତ୍ୟା ଘଟାଇଛନ୍ତି ମାଓବାଦୀ। ଘରେ ଶୋଇଥିବା ସମୟରେ ମାଓବାଦୀମାନେ ସେଠାରେ ପହଞ୍ଚି ଧାରୁଆ ଅସ୍ତ୍ରରେ ତାଙ୍କର ଗଳା କାଟି ହତ୍ୟା କରିଛନ୍ତି। ପ୍ରାୟ ୨୦-୩୦ ସଶସ୍ତ୍ର ମାଓବାଦୀ ଗ୍ରାମରେ ଆସି ଏହି ହତ୍ୟାକାଣ୍ଡ କରିଥିବା ଗ୍ରାମବାସୀ କହିଛନ୍ତି। ୧୦ ବର୍ଷ ପୂର୍ବେ ତାଙ୍କ ପୁଅକୁ ମଧ୍ୟ ହତ୍ୟା କରିଥିଲେ ମାଓବାଦୀ। ଜଗା ଲୋକଙ୍କୁ ଭୋଟ ଦେବା ଲାଗି ଉତ୍ସାହିତ କରୁଥିବାରୁ ମାଓବାଦୀମାନେ ଏହି ହତ୍ୟା କରିଥିବା ଜଣାପଡ଼ିଛି। ଏହି ଘଟଣା ପରେ ପୁଲିସ ସର୍ଚ୍ଚ ଅପରେସନ ଆରମ୍ଭ କରିଛି।

# ପ୍ରଦୀପଙ୍କ ଉପରୁ ଉଠିଲା ନିଲମ୍ବନ

ଭୁବନେଶ୍ୱର, ୨୭।୪(ସମିସ): ଫୁଲବାଣୀ ପୌରପାଳିକାର ପୂର୍ବତନ କାଉନସିଲର୍ ପ୍ରଦୀପ ମୁନିଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି ବୋଲି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ବିଜେଡିରୁ ନିଲମ୍ବିତ ହେଲେ ରଘୁନାଥ ଓ ହରେକୃଷ୍ଣ

ଭୁବନେଶ୍ୱର, ୨୭।୪ (ସମିସ): ଦଳବିରୋଧୀ କାର୍ଯ୍ୟ ପାଇଁ ଧାମନଗର ନିର୍ବାଚନ ମଣ୍ଡଳୀର ରଘୁନାଥ ଲେଙ୍କା ଏବଂ ହରେକୃଷ୍ଣ ପାଢ଼ୀଙ୍କୁ ବିଜୁ ଜନତା ଦଳରୁ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ଆଦେଶ ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବାର୍ତ୍ତାରେ ଜଣାଇଛନ୍ତି।

# ତିନି ବିଜେଡି ନେତାଙ୍କୁ ସଂଯୋଜକ ଦାୟିତ୍ୱ

ଭୁବନେଶ୍ୱର, ୨୭।୪(ସମିସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ତିନିଜଣ ବିଜେଡି ନେତାଙ୍କୁ ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ଦୁଷ୍ମନ୍ତ ଗଡ଼ନାୟକଙ୍କୁ ଛେଣ୍ଡିପଦା ବିଧାନସଭା କ୍ଷେତ୍ର ପାଇଁ ବିଜେଡି ସଂଯୋଜକ ନିଯୁକ୍ତ କରାଯାଇଛି। ସେହିପରି ଦିନେଶ ପ୍ରଧାନ ଆଠମଲିକ୍ ଏବଂ କାଳନ୍ଦି ଚରଣ ପ୍ରଧାନ ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ସଂଯୋଜକ ନିଯୁକ୍ତ କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି।

# ଲାଞ୍ଚ ମାମଲାରେ ପୂର୍ବତନ ସରପଞ୍ଚଙ୍କୁ ବର୍ଷେ ଜେଲ୍

**ଭୁବନେଶ୍ୱର, ୨୭।୪(ସମିସ):** ଲାଞ୍ଚ ମାମଲାରେ ପୂର୍ବତନ ସରପଞ୍ଚଙ୍କୁ ଏକ ବର୍ଷ ଜେଲ୍‌ଦଣ୍ଡ ସହ ଜରିମାନା କରାଯାଇଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଆଦ୍ରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଫୁଲମତି ମାଝୀଙ୍କୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଦେଇଛନ୍ତି। ପୂର୍ବତନ ସରପଞ୍ଚଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି ସ୍ୱତନ୍ତ୍ର କୋର୍ଟ ବିଚାରପତି। ଜରିମାନା ଅନାଦେୟ ହେଲେ, ଆଉ ଦୁଇ ମାସ ଜେଲରେ ରହିବାକୁ ପଡ଼ିବ। ଯୋଗାଣ ପଦବୀ ପାଇଁ ଯୋଗଦାନ ଆଦେଶ ଦେବାକୁ ଜଣେ ଅଭିଯୋଗକାରୀଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ଟଙ୍କା ମାଗିଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛା ହୋଇଥିଲା। ସେ କେମିକାଲ ବୋଳା ଲାଞ୍ଚ ଟଙ୍କା ନେବା ସମୟରେ ଭିଜିଲାନ୍ସ ହାତରେ ଧରା ପଡ଼ିଯାଇଥିଲେ। ଭିଜିଲାନ୍ସ ତାଙ୍କର ଦୁଇ ହାତକୁ ଧୋଇବା ପରେ କେମିକାଲର ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏହାପରେ ତାଙ୍କ ବିରୋଧରେ ତଦନ୍ତ କରାଯାଇ ତଦନ୍ତ ଅଧିକାରୀ ଦୃଢ ପ୍ରମାଣ କୋର୍ଟରେ ଦାଖଲ କରିଥିଲେ। ଯାହାବଳରେ ତାଙ୍କୁ ଜେଲ୍ ଦଣ୍ଡ ମିଳିଛି।


**ପୂର୍ବତଟ ରେଳପଥ**

Tender Notice No.: MSM-TCC-SBPDIV-05-24
ତାରିଖ: 23.04.2024

କାର୍ଯ୍ୟର ନାମ: ଜୁନାଗଡ଼ ରୋଡ୍, ଟିଟିଲାଗଡ଼, କଣ୍ଟାବାଞ୍ଜି ଏବଂ ବଲାଙ୍ଗିର ଠାରେ ୩ ବର୍ଷର ଅବଧି ନିମନ୍ତେ ପ୍ଲାଟଫର୍ମ ରିଟର୍ଣ୍ଣ ଟ୍ରେନ୍ ଗୁଡିକର ଟର୍ମିନାଲ କୋଚ୍ କ୍ଲିନିଙ୍ଗ୍ (ସଫେଇ) କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.2,06,58,270/-

ଟେଣ୍ଡର କାଗଜାତ୍ ମୂଲ୍ୟ: ଟ.11,800/- EMD : ଟ.2,53,300/-

କାର୍ଯ୍ୟ ସମାପ୍ତିର ଅବଧି : 36 (ଛତିଶ) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.14.05.2024 ରିଖ 1500 ଘଟିକାରେ

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର କାଗଜାତ ୱେବସାଇଟ: www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ମେକାନିକାଲ ଇଞ୍ଜିନିୟର, ସମ୍ବଲପୁର
PR-60/P/24-25

**AFFIDAVIT**

I, Jitendra Kumar, S/o- Late Brindra Sinha, resident of At MIG-89, Housing Board, Charbatia, Choudwar, Dist-Cuttack, Pin-754028, Odisha declare by this affidavit No.796, dtd.-26/04/2024, that now onwards I shall be known as **JEETENDRA KUMAR** for all future purposes.

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

REF. NO.- ER&C/331 DATE:- 19-04-2024

NOTICE INVITING APPLICATIONS FOR ALLOTMENT OF KIOSK INSIDE ROURKELA STEEL PLANT

The application forms containing of the terms and conditions for allotment of kiosk (S.P - I Kiosk near S.P - I area) on license basis is available in the office of GM (PL - IR, ER, C, T & M) on payment of Rs.200/- (Rupees two hundred only) including all taxes towards cost of application papers. The application papers can also be downloaded from our website **https://sailtenders.co.in.** In such case, the duly filled in application form shall be treated as valid application and should be sent along with the receipt of Rs.200/- (Online deposit through SB collect).

Applications will be accepted up to 3.00 P.M of 20-05-2024.

GM (PL - IR, ER, C, T & M)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

**AFFIDAVIT**

I, Sai Krisna Das, S/o- Kalakar Das, resident of Ward No. 9, Fakirpur chaka, Po/Ps- Fakirpur, Dist- Keonjhar, Pin- 758022 Odisha declare by this affidavit No. 14 dtd.- 27.04.2024 that now onwards I shall be known as SAI KRISHNA DAS for all future purposes.

**AFFIDAVIT**

I, Umacharana Behera, S/o- Boishnaba Behera, resident of At- Khala Street, Lanjipalli, PS- B N Pur, Berhampur, Dist-Ganjam, Pin- 760008, Odisha declare by this affidavit No. 559, Dated- 25/04/2024, that now onwards I Shall be known as **UMA CHARAN BEHERA** for all future purposes.

**ପ୍ରେସ୍ ଇସ୍ତାହାର**

ଏତଦ୍ୱାରା ଗଞ୍ଜାମ ଜିଲ୍ଲା ନିର୍ବାଚନ ମଣ୍ଡଳୀର ସମସ୍ତ ଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ନିମ୍ନ ଲିଖିତ ପର୍ଯ୍ୟବେକ୍ଷକଗଣ ଗଞ୍ଜାମ ଜିଲ୍ଲାରେ ଉପସ୍ଥିତ ଅଛନ୍ତି । ନିର୍ବାଚନ ସମ୍ପର୍କିତ ଆପତ୍ତି ଅଭିଯୋଗ ନିମନ୍ତେ ତଳ ଲିଖିତ ମୋବାଇଲ୍ ନମ୍ବର କିମ୍ବା ସେମାନଙ୍କ ମେଲ୍ କୁ ଯୋଗାଯୋଗ କରିପାରିବେ ।

| Sl. No | Name of the Observer | Contact No | Mail ID |
|---|---|---|---|
| 01 | **Sri Swaroop P, IAS** 20-Berhampur P.C. General Observer<br>**Room Alloted: Room No-8** Special Circuit House, Berhampur | 9692194145 | |
| 02 | **Sri Saurav Dubey, IRS** 20-Berhampur P.C. Expenditure Observer | 9692201530 | eopcberhampur@gmail.com |
| 03 | **Ms. Kanchi Gupta, IRS**(C&CE) 20-Berhampur P.C. Expenditure Observer | 9692194157 | expenditureobserverberhampur@gmail.com |
| 04 | **Ms. Chandrika Garg, IRAS** 134-Digapahandi A.C. Expenditure Observer | 8144214486 | observerdigapahandiac@gmail.com |
| 05 | **Sri Ajaya Linda, IPS** 20-Berhampur P.C. Police Observer<br>Office Place is BeDA, Berhampur | 9692185164 | |

ଜିଲ୍ଲାପାଳ- ତଥା- ଜିଲ୍ଲା ନିର୍ବାଚନ ଅଧିକାରୀ
ଗଞ୍ଜାମ

केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
**CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT**
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in

**ADMISSIONS - 2024**

CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2024-25.

| PROGRAMME | QUALIFICATION | DURATION |
|---|---|---|
| B.Tech. (Plastics Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| B.Tech. (Manufacturing Engineering & Technology) (Equivalent to Production Engg.) | | |
| Integrated M.Sc. (B.Sc. + M.Sc.) Material Science and Engineering | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering) | Passed Diploma with minimum 45% mark (40% mark for SC/ST category) from any branch. or | 3 Years |
| Lateral Entry for B. Tech. (Manufacturing Engineering & Technology) | Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering) | Passed B. Tech in Plastics Engineering or Tech. / Mechanical Engg./ Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastics Tech. / Textile Engg./ M.Sc. in Polymer Science / Polymer Physics / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |
| M.Tech. (Polymer Nanotechnology) | | |

Candidates may apply through the link : https://forms.gle/SGJkWrj5gqdf5rE5A
Last date for filling online application : 29.05.2024
Date of CIPET- Joint Entrance Examination : 04.06.2024
Scan Me
Excellent Placement Track Record
**Contact: 9692417472 / 8144919800 / 8170044113**






# ବୌଦ୍ଧ ରାମଲୀଳା

# ସଂସ୍କୃତି ପାଇଁ ସଂକଳ୍ପ

*କେଉଁ ଆବହମାନ କାଳରୁ ଭାରତୀୟ ଜନମାନସରେ ରାମଲୀଳା ଏକ ବିଶେଷ ସ୍ଥାନ ଅଧିକାର କରି ଆସିଛି । ତେବେ ଓଡ଼ିଶାରେ ଚୈତ୍ର ନବରାତ୍ରି ସମୟରେ ରାମଲୀଳା ଅନୁଷ୍ଠିତ ହେଉଥିବା ବେଳେ ବୌଦ୍ଧ ସହରର ମଧ୍ୟଭାଗରେ ଥିବା ଶ୍ରୀରଘୁନାଥ ମନ୍ଦିର ପରିସରରେ ପ୍ରତିବର୍ଷ ଶ୍ରୀରାମ ନବମୀଠାରୁ ୧୮ ଦିନ ପର୍ଯ୍ୟନ୍ତ ରାମଲୀଳା ଯାତ୍ରା ଅନୁଷ୍ଠିତ ହେଉଛି । ବୌଦ୍ଧର ଏହି ରାମଲୀଳା କେବଳ ପରମ୍ପରା ଭିତରେ ସୀମିତ ହୋଇନାହିଁ, ବରଂ କଳାସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଏକ ବଳିଷ୍ଠ ସଂକଳ୍ପ ।*

**ବୌଦ୍ଧରୁ ଦିବ୍ୟ ରଞ୍ଜନ ପଟ୍ଟନାୟକ**



## ■ ରାମଲୀଳା ଯାତ୍ରା

ବର୍ତ୍ତମାନ ରାମଲୀଳାରେ ପ୍ରାୟ ୮୦ ଜଣ ସଦସ୍ୟ ଅଛନ୍ତି । ଏହି ଯାତ୍ରାରେ ଅଣପେସାଦାର କଳାକାର ସ୍ୱଳ୍ପ ସମୟ ମଧ୍ୟରେ ତାଲିମ ପାଇ ଅଭିନୟ ପ୍ରଦର୍ଶନ କରନ୍ତି । ରାମଜନ୍ମଠାରୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ପର୍ଯ୍ୟନ୍ତ ୧୮ ଦିନ ବ୍ୟାପୀ ହେଉଥିବା ଲୀଳାନାଟ୍ୟରେ ପ୍ରତ୍ୟହ ରାତ୍ରିରେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନଙ୍କ ପିତ୍ତଳ ପ୍ରତିମାଙ୍କୁ ମାରୁତି ମଣ୍ଡପର ସିଂହାସନରେ ବିଜେ କରାଯାଇ ଭକ୍ତିସଙ୍ଗୀତ ଗାନ ପୂର୍ବକ ଯାତ୍ରା ଆରମ୍ଭ ହୁଏ । ଭକ୍ତି ସଙ୍ଗୀତ ପରେ କୌଣସି ପୌରାଣିକ ବିଷୟବସ୍ତୁକୁ ନେଇ ନିର୍ବାକ ନୃତ୍ୟନାଟିକା ପ୍ରଦର୍ଶନ କରାଯାଏ । ପରେ ଶିବ, ପାର୍ବତୀଙ୍କୁ ସଙ୍ଗୀତ ମାଧ୍ୟମରେ ରାମାୟଣର କଥାବସ୍ତୁ ଶୁଣନ୍ତି । ସେହି କଥାବସ୍ତୁ ସେହି ରାତିରେ ନାଟକ ମାଧ୍ୟମରେ ପ୍ରଦର୍ଶିତ ହୁଏ । ଶେଷ ଦିନର ରାବଣ ବଧ ଯାତ୍ରାରେ ଉଭୟ ରାମ ଓ ରାବଣ ନିଜ ନିଜ ସୈନ୍ୟ ସାମନ୍ତଙ୍କ ସହ ରଥାରୂଢ଼ ହୋଇ ସହରର ଦୁଇପ୍ରାନ୍ତରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲା ଷ୍ଟାଡିୟମ ଠାରେ ମୁହାଁମୁହିଁ ହୁଅନ୍ତି । ରାବଣର ଦଶଟି ମୁଣ୍ଡର ପ୍ରତୀକ ସ୍ୱରୂପ ନିକଟସ୍ଥ ୯ଟି ଗାଁର ରାମଲୀଳା କମିଟିର ରାବଣ ସମେତ ବୌଦ୍ଧର ରାବଣକୁ ମିଶାଇ ସମୁଦାୟ ୧୦ଟି ରାବଣ ପୃଥକ ପୃଥକ ଭାବେ ଶୋଭାଯାତ୍ରାରେ ସାମିଲ ହୁଅନ୍ତି । ରଥରୁ ଓହ୍ଲାଇ ଉଭୟ ପକ୍ଷଙ୍କ ସୈନ୍ୟ କିଛି ସମୟ ଲଢ଼େଇ କରନ୍ତି । ବିଭିନ୍ନ ପ୍ରକାର ଉଜ୍ଜ୍ୱଳ ଆଲୋକ ସହିତ ଆଧୁନିକ ବାଣ ଓ ଆତସବାଜି ପ୍ରଦର୍ଶନ ହୁଏ । ସେଠାରୁ ସହର ପରିକ୍ରମା ପୂର୍ବକ ରାମଲୀଳା ପଡ଼ିଆରେ ପୁଣି ପରସ୍ପରର ସମ୍ମୁଖୀନ ହୁଅନ୍ତି । ସେଠାରେ ମଧ୍ୟ ଆତସବାଜି ପ୍ରଦର୍ଶନ ହୁଏ । ସମର ଶୋଭାଯାତ୍ରା ପରେ ରାବଣ ବଧ ଲୀଳା ପ୍ରଦର୍ଶିତ ହୁଏ । ଏହାପରେ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ଭରତ, ଶତ୍ରୁଘ୍ନ ରଥରେ ସହର ପରିକ୍ରମା କରନ୍ତି । ଯାତ୍ରାର ଶେଷଦିନ ପ୍ରାୟତଃ ୫୦ ହଜାରରୁ ଅଧିକ ଲୋକ ନିକଟସ୍ଥ ଗ୍ରାମ ତଥା ପଡ଼ୋଶୀ ଜିଲ୍ଲାଗୁଡ଼ିକରୁ ଯାତ୍ରା ଦେଖିବାକୁ ଆସିଥାନ୍ତି । ୧୮ ଦିନ ବ୍ୟାପୀ ଏହି ଯାତ୍ରାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହା ସ୍ଥାନୀୟ ଲୋକଙ୍କଠାରୁ ସଂଗୃହୀତ ହୁଏ ।




ଗଣପର୍ବ ଭାବେ ପରିଗଣିତ ହୋଇଥିବା ରାମଲୀଳା ସଂସ୍କୃତି ବା ପରମ୍ପରାକୁ ଏଠାରେ କେବଳ ଏକ ଲୋକକଳା ଭାବେ ବିବେଚନା କରାଯାଏ ନାହିଁ କି କେବଳ ଦେହରେ ରଙ୍ଗ ବୋଳି ହୋଇ ଯାତ୍ରା ପୋଷାକ ପରିଧାନ ପୂର୍ବକ ଲୋକନୃତ୍ୟକୁ ବୁଝାଏ ନାହିଁ; ପ୍ରକୃତରେ ଏହା ଏକ ପ୍ରକାର ନିଷ୍ଠା, ତ୍ୟାଗ ଓ ସର୍ବୋପରି ସଂକଳ୍ପର ପ୍ରତୀକ । ଯେଉଁମାନେ ରାମଲୀଳାରେ ଅଂଶଗ୍ରହଣ କରନ୍ତି ସେମାନଙ୍କୁ କିଛି ନିର୍ଦ୍ଦିଷ୍ଟ ନୀତିନିୟମ ମାନି ଚଳିବାକୁ ପଡ଼ିଥାଏ । ଶ୍ରୀରାମ ନବମୀ ଦିନ ବ୍ରତଧାରୀ କଳାକାରମାନେ କାଷ୍ଠାରେ ରହି ଭକ୍ତିପୂତ ସ୍ନାନାଦି କର୍ମସାରି ନବବସ୍ତ୍ର ପରିଧାନ ପୂର୍ବକ ଶ୍ରୀରଘୁନାଥଜୀଉ ମନ୍ଦିରରେ ପୂଜା ଆରମ୍ଭ କରିଥାନ୍ତି । ନବଉପବୀତ ଧାରଣ କରି ପୂଜାମଣ୍ଡପରେ ପ୍ରସାଦ ସେବନ କରନ୍ତି । ଯାତ୍ରାର ୧୮ ଦିନ ପର୍ଯ୍ୟନ୍ତ ଦିନରେ ଥରେ ସାତ୍ତ୍ୱିକ ଆହାର, ଆଖଡ଼ି ଘରେ ଅବା ନାଟ୍ୟ ମଣ୍ଡପରେ ଭୂମିରେ ଶୟନ, ବିଳାସବ୍ୟସନ ତ୍ୟାଗକରି ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ସେମାନେ ଗୃହ ସହ ସମ୍ପର୍କ ମଧ୍ୟ ରଖନ୍ତି ନାହିଁ । ଯାତ୍ରା ସମୟରେ ବ୍ରତୀମାନଙ୍କ ମନରେ ଭେଦଭାବ ଆଦି କୌଣସି ସାମାଜିକ ନିୟମର ବନ୍ଧନ ନ ଥାଏ । ଏହି ପରମ୍ପରା ସହିତ ଯେଉଁମାନେ ଜଡ଼ିତ ହୁଅନ୍ତି ସେମାନେ ଅନ୍ତତଃପକ୍ଷେ ୧୪ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ସାମିଲ ହେବେ ବୋଲି ଶପଥ ନିଅନ୍ତି । ସବୁ ବ୍ରତୀ ଯେ ଅଭିନୟ କରନ୍ତି ତାହା ନୁହେଁ, ଯେଉଁମାନେ ଯାତ୍ରାର ବିଭିନ୍ନ ପରିଚାଳନା କାର୍ଯ୍ୟରେ ସହଯୋଗ କରନ୍ତି ସେମାନେ ମଧ୍ୟ ସଂକଳ୍ପରେ ସାମିଲ ହୋଇଥାନ୍ତି ।



## ଦେଶ ବିଦେଶରେ ରାମଲୀଳା

ରାମଲୀଳା ଉତ୍ସବ ଉତ୍ତର ଭାରତର ଅଯୋଧ୍ୟା, ବାରାଣସୀ, ବୃନ୍ଦାବନ, ଆଲମୋରା, ସତନା, ମଧୁବନି ଭଳି ସହରରେ ଧୁମ୍‌ଧାମରେ ପାଳିତ ହେଉଥିବା ସ୍ଥଳେ ଏହି କାବ୍ୟ ଏବଂ ଏହାର ଗତିଶୀଳ ନାଟକ ପ୍ରାୟତଃ ପ୍ରଥମ ଶତାବ୍ଦୀରେ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକୁ ପ୍ରସାରିତ ହୋଇଥିବା ଜଣାଯାଏ । ରାମଲୀଳା ବର୍ତ୍ତମାନ ଇଣ୍ଡୋନେସିଆ, ମ୍ୟାନମାର, କାମ୍ବୋଡ଼ିଆ, ଥାଇଲାଣ୍ଡ ଭଳି ଦେଶରେ କଳା ସଂସ୍କୃତି ପ୍ରଦର୍ଶନର ଅଂଶ ଭାବେ ପରିଗଣିତ ହେଉଛି । ଊନବିଂଶ ଏବଂ ବିଂଶ ଶତାବ୍ଦୀରେ ଉପନିବେଶବାଦ ଦ୍ୱାରା ସାଂସ୍କୃତିକ ସଞ୍ଚରଣ ଯୋଗୁଁ ରାମଲୀଳା ମରିସସ୍, ଆଫ୍ରିକା, ଫିଜି, ଗୁଏନା, ମାଲେସିଆ, ସିଙ୍ଗାପୁର, ତ୍ରିନିଦାଦ, ଟୋବାଗୋ ଭଳି ପୃଥିବୀର ଅନ୍ୟ ପ୍ରାନ୍ତରେ ବିଦ୍ୟମାନ । ଏହାଛଡା ଆମେରିକା, କାନାଡ଼ା, ଇଂଲଣ୍ଡ, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଭଳି ଦେଶରେ ମଧ୍ୟ ରାମଲୀଳା ସଂସ୍କୃତି ଦେଖାଯାଏ ।

ଭାରତରେ ରାମଲୀଳା ଉତ୍ସବ ୟୁନେସ୍କୋ ଦ୍ୱାରା ୨୦୦୮ ସାଲରେ ମାନବ ସଭ୍ୟତାର ଅସ୍ପର୍ଶ ସାଂସ୍କୃତିକ ଐତିହ୍ୟ ଭାବେ ମାନ୍ୟତା ପାଇଥିବା ବେଳେ ବୌଦ୍ଧ ରାମଲୀଳା ନାଟ୍ୟ ସଂସଦର ସଦସ୍ୟମାନେ ଭକ୍ତି, ନିଷ୍ଠା ସହିତ ଏହି କଳା, ସଂସ୍କୃତି ଓ ପରମ୍ପରାକୁ ଆଗେଇ ନେବା ଧାରାରେ ସଂକଳ୍ପବଦ୍ଧ ଭାବେ ସାମିଲ ହୋଇ ନିରନ୍ତର ଅଗ୍ରସର ହୋଇ ଚାଲିଛନ୍ତି ।

## ବୌଦ୍ଧ ରାମଲୀଳାର ଇତିହାସ

ବୌଦ୍ଧ ସହରରେ ରହିଛି ନବମ ଶତାବ୍ଦୀରେ ନିର୍ମିତ ଏକ ଶୈବପୀଠ, ଯାହା ରାମେଶ୍ୱର ମନ୍ଦିର ନାମରେ ପରିଚିତ । ରାଜତନ୍ତ୍ର ଅମଳରେ ଏହି ରାମେଶ୍ୱର ମନ୍ଦିର ପରିସରରେ ରାମାୟଣ ପାଠ କରାଯାଉଥିଲା । ରାମାୟଣ ପାଠ ସମୟରେ ସ୍ଥାନୀୟ କିଛି କଳାକାର ପୋଇ, ଅଙ୍ଗାର, ହଳଦୀ, ଅଳତା, ସିନ୍ଦୂର, ଶିମ୍ବ ପତ୍ର ଇତ୍ୟାଦି ଦ୍ୱାରା ରଙ୍ଗେଇ ହୋଇ ରାମାୟଣ ପଠନର ତାଳେ ତାଳେ ନିର୍ବାକ ଅଭିନୟ କରୁଥିଲେ । ଏ ପ୍ରକାର ଶୈଳୀକୁ ସ୍ଥାନୀୟ ଭାଷାରେ ଝଟାଟିଂ କୁହାଯାଉଥିଲା । ବୌଦ୍ଧ ଗଡ଼ଜାତର ରାଜା ଯୋଗୀନ୍ଦ୍ରଦେବଙ୍କ ସାନଭାଇ ବୈଦ୍ୟନାଥ ଦେବଙ୍କ ସହଧର୍ମିଣୀ କେଶବ ପ୍ରିୟା ଦେବୀଙ୍କ ଦ୍ୱାରା ୧୯୧୩ ମସିହାରେ ରଘୁନାଥ ମନ୍ଦିର ନିର୍ମାଣ କରାଯାଇଥିଲା । ଏହି ମନ୍ଦିରରେ ପୂର୍ବଦିଗକୁ ମୁହଁକରି ଧଳା ମାର୍ବଲ ନିର୍ମିତ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ମୂର୍ତ୍ତି ପୂଜା ପାଉଛନ୍ତି । ଏହି ପୀଠରେ ରାମନବମୀଠାରୁ ରାମାୟଣ ପାଠ ଆରମ୍ଭ କରାଯାଇ ସାତଖଣ୍ଡ ଯାକ ରାମାୟଣ ସରିବା ପର୍ଯ୍ୟନ୍ତ ପାଠ କରାଯାଉଥିଲା । ପରେ ଶ୍ରୀରାମ ଜନ୍ମଠାରୁ ରାବଣବଧ ପର୍ଯ୍ୟନ୍ତ ଗୀତିନାଟ୍ୟ ମାଧ୍ୟମରେ ଯାତ୍ରା ପ୍ରଦର୍ଶିତ ହେଲା । ରାଜାଙ୍କ ନିର୍ଦ୍ଦେଶ ଏବଂ ପୃଷ୍ଠପୋଷକତାରେ ଛାତନିଆକଟା, ପଳାସ, ମର୍ଯ୍ୟାଦାପୁର, ବଡ଼ିଗାଁ, ମର୍ଜାକୁଦ ଇତ୍ୟାଦି ଗାଁ ରୁ କଳାକାରମାନେ ଆସି ଏଠାରେ ଗୀତିନାଟ୍ୟ ମାଧ୍ୟମରେ ରାମଲୀଳା ପ୍ରଦର୍ଶନ କରୁଥିଲେ । ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟରେ ରାଜାଙ୍କ ଉତ୍ତରାଧିକାରୀଙ୍କ ପୃଷ୍ଠପୋଷାକତା ବନ୍ଦ ହୋଇଗଲା ପରେ ରାମଲୀଳା ବନ୍ଦହେବା ସ୍ଥିତିକୁ ଆସିଯାଇଥିଲା । ତେଣୁ ୧୯୭୦ ମସିହାରେ ଶମ୍ଭୁ ପ୍ରସାଦ ମିଶ୍ର, ଲିଙ୍ଗରାଜ ମହାପାତ୍ର, ଦୁର୍ଗାଚରଣ ନାଏକ, ରଘୁନାଥ ବଡ଼ମାଳୀ, ଭିକାରି ଚରଣ ନାଏକ, ଟାଲୁ ବାରିକ, କାଳୀଚରଣ ମହାପାତ୍ର, ଭବାନୀ ଶଙ୍କର ମହାପାତ୍ର ଭଳି ସେ ସମୟର କିଛି ଉତ୍ସାହୀ ବ୍ୟକ୍ତିଙ୍କ ଦ୍ୱାରା ଶ୍ରୀରାମଲୀଳା ନାଟ୍ୟ ସଂସଦ ନାମକ ଏକ ଅନୁଷ୍ଠାନ ଗଠନ କରାଗଲା । ଦୁଇବର୍ଷ ପର୍ଯ୍ୟନ୍ତ ସ୍ଥାନୀୟ କଳାକାରଙ୍କୁ ନେଇ ଗୀତିନାଟ୍ୟ ମାଧ୍ୟମରେ ଶ୍ରୀରାମଲୀଳା ପ୍ରଦର୍ଶନ କରାଗଲା ।

ପ୍ରଥମେ ରଘୁନାଥ ବଡ଼ମାଳୀ ଶ୍ରୀରାମଜନ୍ମ, ସୀତା ବିବାହ ଓ ରାମ ବନବାସ ତିନିଦିନର ନାଟକଗୁଡ଼ିକୁ ବାଚନିକ ଶୈଳୀରେ ରୂପାନ୍ତରିତ କରିଥିଲେ, ଯାହାକି ୧୯୭୨ ସାଲରୁ ପ୍ରଦର୍ଶିତ ହେଲା । ପରେ ପରେ ତରୁଣ ନାଟ୍ୟକାର ହୃଦାନନ୍ଦ ମେହେର ସୀତାଚୋରି, ବାଳିବଧ, ଲଙ୍କାଦହନ, ସେତୁବନ୍ଧ ପ୍ରତିଷ୍ଠା, କୁମ୍ଭକର୍ଣ୍ଣ ବଧ, ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ ଇତ୍ୟାଦି ୧୮ ଦିନର ସମସ୍ତ ଲୀଳାନାଟ୍ୟ ବାଚନିକ ଶୈଳୀରେ ରୂପାନ୍ତରିତ କରିବାପରେ ଦର୍ଶକଙ୍କ ଆଗ୍ରହ ବଢ଼ିବାରେ ଲାଗିଲା । ଯାତ୍ରା ପ୍ରଦର୍ଶନର ସ୍ଥାୟୀ ବ୍ୟବସ୍ଥା ପାଇଁ ୧୯୭୯ ସାଲରେ ଶମ୍ଭୁ ପ୍ରସାଦ ବାରିକ, କୁଶଧ୍ୱଜ ସାହୁ, ଅନନ୍ତ ଚରଣ ପୃଷ୍ଟି, କୃଷ୍ଣଚନ୍ଦ୍ର ପରିଡ଼ା, ରାଜକୁମାର ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ପ୍ରଚେଷ୍ଟା ତଥା ସ୍ଥାନୀୟ ବଦାନ୍ୟ ବ୍ୟକ୍ତିଙ୍କ ଦାନ ଅନୁଦାନରେ ସ୍ଥାୟୀ ନାଟ୍ୟ ମଞ୍ଚ "ମାରୁତି ମଣ୍ଡପ"ର ନିର୍ମିତ ହୋଇଥିଲା ।

ନାଟ୍ୟ ସଂସଦ ଆରମ୍ଭ ହେବା ଦିନଠାରୁ ଗଡ଼ଜାତ ଅମଳରେ ରାଜଉଆସରେ କାର୍ଯ୍ୟ କରିଥିବା ବୌଦ୍ଧ ଅଞ୍ଚଳର ବିଖ୍ୟାତ ନାଟ୍ୟଗୁରୁ ଭିକାରି ଚରଣ ନାଏକଙ୍କ ସଙ୍ଗୀତ, ନୃତ୍ୟ ଓ ନାଟ୍ୟ ନିର୍ଦ୍ଦେଶନା ଯୋଗୁଁ ଲୀଳାନାଟ୍ୟଗୁଡ଼ିକ ଅଧିକ ଜନାଦୃତ ହୋଇପାରିଥିଲା । ତେବେ ୧୯୭୨ ମସିହାଠାରୁ ରାମଲୀଳା ନାଟ୍ୟ ସଂସଦ ସହିତ ସଂଶ୍ଳିଷ୍ଟ ଥିବା ଏବଂ ଗୁରୁ ଭିକାରି ଚରଣଙ୍କ ଠାରୁ ତାଲିମ ପାଇଥିବା ଭବାନୀ ଶଙ୍କର ମହାପାତ୍ର ୧୯୮୦ ସାଲରୁ ଅଦ୍ୟାବଧି ନାଟ୍ୟ ନିର୍ଦ୍ଦେଶନା ଦେଇ ଆସୁଛନ୍ତି ।



## ସେମାନେ କହନ୍ତି...



ନିଷ୍ଠା ଓ ସଂକଳ୍ପର ପ୍ରତୀକ ବୌଦ୍ଧ ଗଡ଼ଜାତର ଗଣପର୍ବ ରାମଲୀଳା ଯାତ୍ରା ୨୦୧୫ ମସିହାରେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ନ୍ୟାସନାଲ ସେଣ୍ଟର ଫର ଆର୍ଟ୍ସରେ ଅନୁଷ୍ଠିତ ରାମଲୀଳା ସମ୍ବନ୍ଧିତ ଜାତୀୟ ସମ୍ମିଳନୀରେ ଭାଗ ନେବା ବୌଦ୍ଧ ପାଇଁ ଗର୍ବର ବିଷୟ । ଏଠାରେ ୪୬ଟି ଦେଶର ପ୍ରତିନିଧି ଯୋଗ ଦେଇଥିବା ବେଳେ ଓଡ଼ିଶାରୁ ବୌଦ୍ଧ, ଦଶପଲ୍ଲା ଏବଂ କନ୍ଧମାଳ ଜିଲ୍ଲା ବିଶିପଡ଼ା ରାମଲୀଳା କମିଟି ଭାଗ ନେଇଥିଲେ ।

- ମୃତ୍ୟୁଞ୍ଜୟ ମିଶ୍ର, ରାମଲୀଳା ନାଟ୍ୟ ସଂସଦ ସଭାପତି



୧୯୭୨ ମସିହାରୁ ମୁଁ ବୌଦ୍ଧ ରାମଲୀଳା ସହିତ ସଂଶ୍ଳିଷ୍ଟ ଥିବା ବେଳେ ଗୁରୁ ଭିକାରି ଚରଣ ନାୟକଙ୍କ ପ୍ରେରଣା ଯୋଗୁଁ ରାମାୟଣକୁ ବାଚନିକ ଶୈଳୀରେ ଲେଖିବାର ସୁଯୋଗ ପାଇଲି, ଯାହାକି ଏଯାବତ ବୌଦ୍ଧ ରାମଲୀଳାରେ ବ୍ୟବହାର ହୋଇଆସୁଛି । ତେବେ ରାମଲୀଳା ଭଳି ଏକ ମହାନ ସଂସ୍କୃତି ବଞ୍ଚାଇ ରଖିବାରେ ମୋର ଯୋଗଦାନ ପାଇଁ ମୁଁ ବେଶ୍ ଆନନ୍ଦିତ ।

- ହୃଦାନନ୍ଦ ମେହେର, ସଂଳାପ ଲେଖକ



ଗୁରୁ ଭିକାରି ଚରଣ ନାୟକଙ୍କ ସହାୟକ ଭାବେ ୧୯୭୨ ରୁ ୧୯୮୦ ପର୍ଯ୍ୟନ୍ତ କାର୍ଯ୍ୟ କରିବାର ସୁଯୋଗ ପାଇବା ପରେ ୧୯୮୦ ସାଲ ରୁ ଏପର୍ଯ୍ୟନ୍ତ ମୁଁ ରାମଲୀଳାର ନାଟ୍ୟ ନିର୍ଦ୍ଦେଶନା ଦେଇ ଆସୁଛି । ଆଜି ମଧ୍ୟ ମୁଁ ଭକ୍ତି, ନିଷ୍ଠାର ସହିତ ଏହି କଳା ସଂସ୍କୃତି ରକ୍ଷା ପାଇଁ ସଂକଳ୍ପବଦ୍ଧ ।

- ଭବାନୀ ଶଙ୍କର ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ



କଳା ସଂସ୍କୃତିକୁ ବଞ୍ଚାଇ ରଖିବା କମିଟିର ମୁଖ୍ୟ ଆଭିମୁଖ୍ୟ ହୋଇଥିବା ବେଳେ ଆଧ୍ୟାତ୍ମିକ ଚିନ୍ତାଧାରାରେ ଲୋକଙ୍କୁ ସାମିଲ କରାଯାଉଛି ।

- ପ୍ରଦୋଷ ମିଶ୍ର, ପୁରାତନ ସଦସ୍ୟ

# ଗୁଡ଼ ମର୍ଣ୍ଣି

## ଓଡ଼ିଶା

ଦିନ ଥିଲା ଚାରିପଟ ଘଞ୍ଚ ଜଙ୍ଗଲ । ହୀରାପୁରର ସେଇ ଝାଉଁ, ଖଜୁରୀ ଓ ଆମ୍ବ ବଣ ଭିତରେ ରହିଥିଲେ ମା' ଚଉଷଠି ଯୋଗିନୀ । ତନ୍ତ୍ର ମନ୍ତ୍ରର ଯୁଗ ଥିଲା । ବଣ ଭିତରେ କେତେ କେତେ ଉପାସକ ଆଉ ସାଧକଙ୍କ ରାତି କଟୁଥିଲା । କିଏ ମାନସିକ ପୂରଣ ତ କିଏ ରୋଗ ବ୍ୟାଧି ସମସ୍ୟା ନେଇ ଧାଇଁ ଆସୁଥିଲେ ଓଡ଼ିଶାର ପ୍ରତ୍ୟେକ ପ୍ରାନ୍ତରୁ । ହେଲେ ଏବେ ସେ ଯୁଗ ବଦଳିଛି ଏବଂ ବଦଳିଛି ମନ୍ଦିରର ଚାରିପାଖ ପରିବେଶ । ଯେଉଁଠି ମନ୍ଦିରକୁ ଘେରି ଝାଉଁ ବଣ ଥିଲା ଆଜି କଂକ୍ରିଟ ରାସ୍ତା ମନ୍ଦିରକୁ ପହଞ୍ଚିଛି । ମନ୍ଦିର ଚାରିପାଖକୁ ଆହୁରି ମନୋରମ କରୁଛି ସୁନ୍ଦର ବଗିଚା । ମନ୍ଦିରର ସେଇ ଅପୂର୍ବ କୀର୍ତ୍ତିରାଜି ଦେଖିବାକୁ କାହିଁ କେତେ ପର୍ଯ୍ୟଟକଙ୍କ ଭିଡ଼ ମନ୍ଦିରର ଶୋଭାରାଜିକୁ ଆହୁରି ବଢ଼ାଇ ଦେଇଛି । ଓଡ଼ିଶାରେ ଦୁଇଟି ଚଉଷଠି ଯୋଗିନୀ ମନ୍ଦିର ମଧ୍ୟରୁ ହୀରାପୁରର ଏହି ମନ୍ଦିରଟି ଅନ୍ୟତମ । ତନ୍ତ୍ର ସାଧନା ପାଇଁ ପ୍ରସିଦ୍ଧି ଲାଭ କରିଥିବା ଏହି ମନ୍ଦିରକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା ।

**ପ୍ରସ୍ତୁତି: ସମ୍ପୂର୍ଣ୍ଣା ଦାସ**

### ଇତିହାସ ପୃଷ୍ଠାରେ ହୀରାପୁର

ଭୌମକର ରାଜବଂଶର ଶାସନ କାଳରେ ଶାସକମାନଙ୍କ ଦ୍ୱାରା ହୀରାପୁରର ଚଉଷଠି ଯୋଗିନୀ ମନ୍ଦିର ନିର୍ମିତ ହୋଇଥିଲା ବୋଲି ଅନୁମାନ କରାଯାଏ । ଏହି ମନ୍ଦିରର ନିର୍ମାଣ କାଳ ନବମ ଶତାବ୍ଦୀର ଶେଷଭାଗକୁ ହେବାର କିଛିଟା ସ୍ଥାନରେ ଉଲ୍ଲେଖ ରହିଛି । ଭାରତରେ ଯେତେ ଯୋଗିନୀ ମନ୍ଦିର ରହିଛି ତାହା ମଧ୍ୟରୁ ହୀରାପୁରର ଏହି ଯୋଗିନୀ ମନ୍ଦିର ଆୟତନରେ କ୍ଷୁଦ୍ରତମ । କିମ୍ବଦନ୍ତୀରୁ ଜଣାଯାଏ ଯେ ହୀରାପୁରର ଏହି ଚଉଷଠି ଯୋଗିନୀ ମନ୍ଦିର ଭୌମକର ରାଜବଂଶର ହୀରାମହାଦେବୀ ନାମକ ରାଣୀଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ଏବଂ ତାଙ୍କରି ନାମରେ ଗ୍ରାମର ନାମ ହୀରାପୁର ହୋଇଛି । ଏହି ମନ୍ଦିରଟି ଅବହେଳିତ ଅବସ୍ଥାରେ ରହି ବଣ ଜଙ୍ଗଲରେ ଘେରି ଯାଇଥିଲା । ୧୯୫୩ ମସିହାରେ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର ଏହି ମନ୍ଦିରକୁ ପୁନଃ ଆବିଷ୍କାର କରିଥିଲେ ।



### ପୂଜା ପାଉଥିବା ୬୪ ଯୋଗିନୀ

ହୀରାପୁରର ଏହି ଚଉଷଠି ଯୋଗିନୀ ମନ୍ଦିରର ଭିତର ପାର୍ଶ୍ୱରେ ଥିବା ୬୦ଟି ଖୋପରେ ୬୦ଟି ଯୋଗିନୀ ବିଗ୍ରହ ସ୍ଥାନ ପାଇଛନ୍ତି । ସେମାନେ ସମସ୍ତେ କଳା ମୁଗୁନି ପଥରରେ ଖୋଦିତ ହୋଇଛନ୍ତି । ପ୍ରାୟତଃ ସମସ୍ତ ଯୋଗିନୀ ଦଣ୍ଡାୟମାନ ଏବଂ କିଛି ନୃତ୍ୟ ମୁଦ୍ରାରେ ରହିଥିବା ଦେଖିବାକୁ ମିଳେ । ହାର, ମାଳ, ବାଜୁବନ୍ଧ, ପାଉଁଜି ଓ ବିଭିନ୍ନ ଅଳଙ୍କାରରେ ସଜେଇ ହୋଇ ନିଜ ନିଜ ବାହାନରେ ଖୋଦିତ ହୋଇ ରହିଛନ୍ତି । ଏହି ୬୪ ଦେବୀଙ୍କ ମଧ୍ୟରେ ଗଣେଶ ମଧ୍ୟ ନାରୀଙ୍କ ରୂପରେ ଅଛନ୍ତି । ଏଭଳି ଆହୁରି ଦେବତା ମଧ୍ୟ ଦେବୀଙ୍କ ରୂପରେ ଏଠାରେ ପୂଜା ପାଉଛନ୍ତି । ଏହି ୬୪ ଦେବୀ ଚଣ୍ଡିକା, ତାରା, ନର୍ମଦା, ଯମୁନା, ମାନଦା, ବାରୁଣୀ, ଗୌରୀ, ଇନ୍ଦ୍ରାଣୀ, ବାରାହୀ, ପଦ୍ମାବତୀ, ବୈଷ୍ଣବୀ, କାଳରାତ୍ରି, ବାଦ୍ୟ ରୂପା, ଚର୍ଚ୍ଚିକା, ମାର୍ଜାରୀ, ଛିନ୍ନମସ୍ତକା, ବିନ୍ଧ୍ୟବାସିନୀ, ଜଳକାମିନୀ, ଘଟବରା, ବିକାରାଳୀ, ସରସ୍ୱତୀ, ବିରୂପା, କୌବେରୀ, ବାରାହୀ, ସିଂହମୁଖୀ, ବିରଜା, ବିକଟାନନା, ମହାଲକ୍ଷ୍ମୀ, କୌମାରି, ମହାମାୟା, ରତି, କର୍କରୀ, ଚିତ୍ତଳା, ଯଶା, ଅଘୋରା, ଭଦ୍ରକାଳୀ, ଶୀତଳା, ବିନ୍ଧ୍ୟବାଳିନୀ, ଅଭୟା, ମାହେଶ୍ୱରୀ, କାମାକ୍ଷୀ, କାମାୟଣୀ, ଘଟବରୀ, ସ୍ତୁତି, କାଳୀ, ଉମା, ନାରାୟଣୀ, ସମୁଦ୍ରା, ବ୍ରାହ୍ମଣୀ, ଜ୍ୱାଳାମୁଖୀ, ଆଗ୍ନେୟୀ, ଅଦିତୀ, ଚନ୍ଦ୍ରକାନ୍ତି, ବାୟୁବେଗା, ଚାମୁଣ୍ଡା, ମୁରାଟୀ, ଗଙ୍ଗା, ତାରିଣୀ, ଗାନ୍ଧାରୀ, ସର୍ବମଙ୍ଗଳା, ଅଜିତା, ସୂର୍ଯ୍ୟପୁତ୍ରୀ ଓ ବାୟୁବୀଣା । ଏଥି ମଧ୍ୟରୁ ୬୧ ତମ ଯୋଗିନୀ ଅର୍ଥାତ ସର୍ବମଙ୍ଗଳାଙ୍କ ବିଗ୍ରହ ଏଠାରେ ନାହିଁ । ପୁରାଣ ଅନୁଯାୟୀ ଏଠାରୁ ତାଙ୍କୁ ଅନ୍ୟ କେଉଁଠିକୁ ନିଆଯାଇ ଥାଇପାରେ ବୋଲି କୁହାଯାଏ । ତେଣୁ ବର୍ତ୍ତମାନ ଏଠାରେ ୬୩ଜଣ ଯୋଗିନୀଙ୍କୁ ଦେଖିବାକୁ ମିଳେ ।

## ହୀରାପୁରର ଚଉଷଠି ଯୋଗିନୀ ମନ୍ଦିର

# ଶକ୍ତିପୀଠର ଭିନ୍ନରୂପ



(ଫଟୋ-ଦୀପକ)

### ମନ୍ଦିରର ଆକାର ଓ ଗଠନ

ଏହା ଅନ୍ୟ ସମସ୍ତ ଚଉଷଠି ଯୋଗିନୀ ମନ୍ଦିରରୁ ସର୍ବପୁରାତନ ଓ କ୍ଷୁଦ୍ର । ମନ୍ଦିରର ଗୋଲାକାର ବାଡ଼ କନ୍ଦାପଥରରେ ନିର୍ମିତ ଏବଂ ୮ ଫୁଟ ଉଚ୍ଚତା ବିଶିଷ୍ଟ । ଏହି ମନ୍ଦିରର କୌଣସି ଛାତ ନାହିଁ । ମନ୍ଦିରର ପ୍ରବେଶ ପଥରେ ଦୁଇ ଦ୍ୱାରପାଳ ଜୟା ଓ ବିଜୟା । ମନ୍ଦିରର ବାହାର ବାଡ଼ରେ ବା ବାହାର ପାର୍ଶ୍ୱରେ ରହିଛନ୍ତି ୯ଟି କାତ୍ୟାୟନୀ ବା ନବ ଦୁର୍ଗା । ଏମାନଙ୍କୁ ନବ କାତ୍ୟାୟନୀ କୁହାଯାଏ । ସେହିପରେ ପ୍ରବେଶ ପୂର୍ବରୁ ପ୍ରବେଶପଥ ବିଗ୍ରହ ଦେଖିବାକୁ ମିଳେ । ଯାହାଙ୍କୁ କାଳ ଭୈରବ ରୂପରେ ଚିହ୍ନିତ କରାଯାଇଛି । ଏହି ମୂର୍ତ୍ତି ବାମ ହାତରେ ଗୋଟିଏ କଟାମୁଣ୍ଡ ଧାରଣ କରିଥିଲାବେଳେ ଅନ୍ୟ ସେବକଟି ଖପୁରୀ ପାନପତ୍ର ଧାରଣ କରିଛନ୍ତି ।

### ମନ୍ଦିରର ପୂଜାପର୍ବାଣୀ

ଏଠାରେ ମା' ଙ୍କ ଦୁଇଟି ବିଶେଷ ପୂଜା କରାଯାଇଥାଏ । ଗୋଟାଏ ହେଲା ଶୋଳ ପୂଜା । ଯାହା ଦୁର୍ଗାପୂଜା ସମୟରେ ପଡ଼ିଥାଏ ଓ ଅନ୍ୟଟି ହେଲା ବାସନ୍ତୀ ପୂଜା । ଦୁର୍ଗାପୂଜାରେ ଆରମ୍ଭ ହୋଇ ଏହା ବିଜୟ ଦଶମୀରେ ସରିଥାଏ । ଏହି ସମୟରେ ମା' ଙ୍କୁ ଉଷୁନା ଭାତ, ଡାଲମା ଓ ମାଛପୋଡ଼ା ଭୋଗ ଦିଆଯାଇଥାଏ । ହେଲେ ଅନ୍ୟ ଦିନରେ ଭୋରୁ ମାର୍ଜନା କରିବା ପରେ ବାଳ ଭୋଗରେ ଫଳମୂଳ ଓ ମଧ୍ୟାହ୍ନରେ ଅନ୍ନ, ଡାଲମା ଭୋଗ ଲାଗେ । ପରେ ସନ୍ଧ୍ୟା ଆଳତି ସାରି ୭ ଟାରେ ମନ୍ଦିର ବନ୍ଦ ହୋଇଯାଏ ବୋଲି ପୂଜକ କହିଛନ୍ତି ।



### ମନ୍ଦିର ବେଢ଼ାରେ ହୁଙ୍କାପୂଜା





ମନ୍ଦିର ଗେଟରେ ପ୍ରବେଶ କଲାବେଳେ ଦେଖିବାକୁ ମିଳେ ପ୍ରଭୁ ଶଙ୍କଟେଶ୍ୱରଙ୍କ ମନ୍ଦିର । ଯେଉଁଠି ପ୍ରଭୁ ଶିବ ପୂଜା ପାଉଛନ୍ତି । ତାଙ୍କ ବେଢ଼ାକୁ ଲାଗିରହିଛି ଏକ ବିରାଟ ବଡ଼ ଉଇ ହୁଙ୍କା । ଏହି ହୁଙ୍କା ମନ୍ଦିର ସ୍ଥାପିତ ଦିନରୁ ରହିଥିବା କୁହାଯାଏ । ତେଣୁ ହୁଙ୍କାକୁ ମଧ୍ୟ ପୂଜା କରାଯାଇଥାଏ । ଏହି ଉଇ ହୁଙ୍କା ବର୍ଷା ଦିନରେ କମି କମି ଯାଏ ଓ ପରେ ପୁଣି ଆପେ ଆପେ ବଢ଼ିଯାଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି । ସେହିପରି ଶଙ୍କଟେଶ୍ୱରଙ୍କ ବେଢ଼ାରେ ଗୋପୀନାଥ କୃଷ୍ଣ ମଧ୍ୟ ପୂଜା ପାଉଛନ୍ତି । ଏହି ମୂର୍ତ୍ତିଟି କୁଆଖାଇ ନଦୀରେ ଭାସି ଆସିଥିଲା । ସେଠାରୁ ଆଣି କେହିଜଣେ ମନ୍ଦିରରେ ରଖିଥିବା କୁହାଯାଉଛି । ସେବେଠାରୁ ଗୋପୀନାଥ କୃଷ୍ଣ ମଧ୍ୟ ପୂଜା ପାଏ ଆସୁଛନ୍ତି ।



### ଭୂକମ୍ପ ପ୍ରତିରୋଧୀ ସ୍ଥାପତ୍ୟ

କଳିଙ୍ଗର ଅନ୍ୟ ମନ୍ଦିରଗୁଡ଼ିକ ମୁଖ୍ୟତଃ ବିମାନ ଶୈଳୀରେ ତିଆରି ହୋଇଛି । କିନ୍ତୁ ହୀରାପୁର ମନ୍ଦିରର ସ୍ଥାପତ୍ୟ ସବୁଠୁ ଭିନ୍ନ ଓ ସ୍ୱତନ୍ତ୍ର । ହରିପୁର ମନ୍ଦିର ବୃତ୍ତାକାର ଶୈଳୀରେ ନିର୍ମିତ ହୋଇଛି । ମଧ୍ୟପ୍ରଦେଶର ମୋରେନାସ୍ଥିତ ୬୪ ଯୋଗିନୀ ମନ୍ଦିର ଢାଞ୍ଚାରେ ଏହା ତିଆରି ହୋଇଛି । ଏଭଳି ବୃତ୍ତାକାର ମନ୍ଦିର ସ୍ଥାପତ୍ୟ ପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି । ବୃତ୍ତାକାର ସ୍ଥାପତ୍ୟର ଭୂକମ୍ପ ନିରୋଧୀ କ୍ଷମତା ଅଛି । ମନ୍ଦିର ନିର୍ମାଣକୁ ଅନୁଧ୍ୟାନ କଲେ ବୃତ୍ତର କୌଣସି କୋଣ ନଥାଏ ଏବଂ କେନ୍ଦ୍ର ବିନ୍ଦୁରୁ ଏହାର ପରିଧି ମଧ୍ୟରେ ସବୁ ଦିଗକୁ ସମାନ ଦୂରତା ରହିଛି । ଭୂକମ୍ପ ସମୟରେ ସେସିମିକ୍ ତରଙ୍ଗ ଭୂପୃଷ୍ଠରେ ପହଞ୍ଚିବା ପରେ ବୃତ୍ତର ସବୁ ଦିଗକୁ ସମାନ ଭାବରେ ପ୍ରସାରିତ ହୁଏ । ଫଳରେ ଆକୃତିର ସନ୍ତୁଳନ ବଜାୟ ରହେ ଏବଂ ମନ୍ଦିର ଭୁଷୁଡ଼ିବା ଆଶଙ୍କା କମିଯାଏ । ବିଭିନ୍ନ ଜର୍ଣ୍ଣାଲରେ ଏ ସମ୍ପର୍କିତ ଗବେଷଣାତ୍ମକ ସନ୍ଦର୍ଭ ପ୍ରକାଶିତ ହୋଇଛି । ମଧ୍ୟପ୍ରଦେଶର ୬୪ ଯୋଗିନୀ ମନ୍ଦିର ସେସିମିକ ଜୋନ୍-୩ ରେ ଥିବା ଯୋଗୁଁ ସମ୍ଭାବ୍ୟ ଭୂମିକମ୍ପରୁ ମନ୍ଦିରକୁ ବଞ୍ଚାଇବା ପାଇଁ ପ୍ରାଚୀନ ଶିଳ୍ପ ବିଜ୍ଞାନୀମାନେ ଏଭଳି ବୃତ୍ତାକାର ଆକୃତିର ମନ୍ଦିର ପରିକଳ୍ପନା କରିଥିଲେ । ଓଡ଼ିଶାର ହୀରାପୁର ଏବଂ ରାଣୀପୁର ଝରିଆଲରେ ଥିବା ୬୪ ଯୋଗିନୀ ମନ୍ଦିର ମଧ୍ୟ ସମାନ ଢାଞ୍ଚାରେ ନିର୍ମିତ । କୁହାଯାଏ ଯେ ୬୪ ଯୋଗିନୀ ମନ୍ଦିର ଆଧାରରେ ଭାରତର ପୁରୁଣା ସଂସଦ ଭବନର ବୃତ୍ତାକାର ନକ୍ସା ପ୍ରସ୍ତୁତ କରାଯାଇଥିଲା ।



### ଭ୍ରମଣ ପାଇଁ ରାତିରେ ଆସୁଥିଲେ ଯୋଗିନୀ



ତନ୍ତ୍ର ସାଧନା ପାଇଁ ପରିଚିତ ହୀରାପୁରର ଚଉଷଠି ଯୋଗିନୀ ମନ୍ଦିର ଭୌମ ବଂଶ ସମୟର ଅର୍ଥାତ୍ ୯ମ ଶତାବ୍ଦୀର ବୋଲି ଜଣାଯାଏ । ଗବେଷଣାରୁ ଜଣାଯାଏ ଯେ ଓଡ଼ିଶାରେ ଥିବା ଦୁଇଟି ଯୋଗିନୀ ମନ୍ଦିର ମଧ୍ୟରୁ ପ୍ରଥମେ ହୀରାପୁରର ଯୋଗିନୀ ମନ୍ଦିର ପରେ ପରେ ବଲାଙ୍ଗିରର ରାଣୀପୁର ଝରିଆଲ ସ୍ଥାପନ ହୋଇଥିଲା । କୁହାଯାଏ ରାତ୍ରି ସମୟରେ ଯୋଗିନୀମାନେ ଭ୍ରମଣ କରିବାକୁ ଏଠାକୁ ଆସୁଥିଲେ । ସେଥିପାଇଁ ଏହା ଉପରେ କୌଣସି ଛାତ ନାହିଁ । ସେଠାରେ ବର୍ତ୍ତମାନ ୬୩ଟି ଯୋଗିନୀ ଅଛନ୍ତି । ୬୧ ନମ୍ବରଟି ଚୋରି ହୋଇଯାଇଛି । ସେଥିମଧ୍ୟରୁ କିଛି ଭାଙ୍ଗିଯାଇଛି ମଧ୍ୟ । ଯେଉଁ ମୂର୍ତ୍ତି ସେଠାରେ ଖୋଦିତ ହୋଇରହିଛି ସେଥିରୁ କିଛି ନୃତ୍ୟ ଅବସ୍ଥାରେ ଅଛନ୍ତି ତ ଆଉ କିଛି ଯୋଗ ଅବସ୍ଥାରେ ରହିଛନ୍ତି । ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଏହି ମୂର୍ତ୍ତି ଯେଉଁଭଳି ଭାବେ କ୍ଷତିଗ୍ରସ୍ତ ଅବସ୍ଥାରେ ରହିଛନ୍ତି ଏହା କୌଣସି ମନୁଷ୍ୟକୃତ ନୁହେଁ ବରଂ ଜଳ, ବାୟୁର ଆଘାତରେ କ୍ଷତିଗ୍ରସ୍ତ ହୋଇଛନ୍ତି । ଯୋଗିନୀ ମନ୍ଦିରରେ ତନ୍ତ୍ର ସାଧନାର ଅନୁମତି ବହୁତ ଆଗରୁ ଉଚ୍ଛେଦ କରାଯାଇଛି । ଏହା ବଦଳରେ ମାଛ ପୋଡ଼ା ବଳି ବା କଖାରୁ ବଳି ଦିଆଯାଉଛି ।

**ଭାଗ୍ୟଲିପି ମଲ୍ଲ**
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଅଧୀକ୍ଷକ

### ଭାରତରେ ଚାରି, ଓଡ଼ିଶାରେ ଦୁଇ

ପ୍ରାଚୀନ କାଳରେ ଉତ୍କଳ ବା କଳିଙ୍ଗରେ ବହୁ ଧର୍ମ, ଧର୍ମୀୟ ପରମ୍ପରା ଏବଂ ଧର୍ମ ଧାରଣାର ପ୍ରଚଳନ ହୋଇଆସିଛି । ଶକ୍ତି ପୂଜନ ବା ଦେବୀ ପୂଜନ ଯଦିଓ ହିନ୍ଦୁଧର୍ମର ଅଂଶ ଥିଲା ତଥାପି ଶକ୍ତି ପୂଜନର ଏକ ସ୍ୱତନ୍ତ୍ର ପରମ୍ପରା କାଳକ୍ରମେ ସୃଷ୍ଟି ହୋଇପାରିଥିଲା । ତନ୍ତ୍ରସାଧନାରେ ଏହା ପରିଚିତ ହେଲା । ସମ୍ପୂର୍ଣ୍ଣ ଭାରତ ବର୍ଷରେ ୪ଟି ଚଉଷଠି ଯୋଗିନୀ ମନ୍ଦିର ରହିଛି । ମଧ୍ୟ ପ୍ରଦେଶରେ ଦୁଇଟି ଥିବାବେଳେ ଏଥି ମଧ୍ୟରୁ ଓଡ଼ିଶାରେ ଆଉ ଦୁଇଟି ଚଉଷଠି ଯୋଗିନୀ ମନ୍ଦିର ଦେଖିବାକୁ ମିଳେ । ଗୋଟାଏ ବଲାଙ୍ଗିର ଜିଲ୍ଲାର ରାଣୀପୁର ଝରିଆଲଠାରେ ଥିବାବେଳେ ଅନ୍ୟଟି ରାଜଧାନୀର ହୀରାପୁର ଗ୍ରାମରେ ରହିଛି । ଏହି ସମସ୍ତ ମନ୍ଦିର ତନ୍ତ୍ର ସାଧନା ପାଇଁ ପରିଚିତ । ହେଲେ କାଳକ୍ରମେ ମନ୍ଦିର ମଧ୍ୟରେ ତନ୍ତ୍ରସାଧନା କରିବାର ଅନୁମତି ଦିଆଗଲା ନାହିଁ । ମଇଁଷି ଏବଂ ଛେଳି ବଳିକୁ ମଧ୍ୟ ବନ୍ଦକରି ଦିଆଗଲା । ଏବେ ଅନ୍ୟ ମନ୍ଦିର ଭଳି ଏଠାରେ ମଧ୍ୟ ଦେବୀଙ୍କୁ ପୂଜା କରାଯାଉଛି । ତେଣୁ ମା' ଙ୍କ ବିଶେଷ ଦିନରେ ପରମ୍ପରାକୁ ବଞ୍ଚାଇ ରଖିବାକୁ କେବଳ ମାଛ ପୋଡ଼ା ଭୋଗ ଦିଆଯାଉଛି ।





### ସୋମବଂଶୀୟ କୀର୍ତ୍ତିରାଜି



# ରାଣୀପୁର-ଝରିଆଲ

**ବଲାଙ୍ଗିର ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ହେଉଛି ରାଣୀପୁର ଝରିଆଲର ଚଉଷଠି ଯୋଗିନୀ ମନ୍ଦିର । ବହୁ ବର୍ଷ ପୂର୍ବରୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହି ପୀଠକୁ ସାମିଲ କରାଯାଇଛି । ପ୍ରତିବର୍ଷ ଏହି ପୀଠକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ତଥା ଗବେଷକମାନେ ଆସିଥାନ୍ତି ।**

### ଚଣ୍ଡୀ ମଣ୍ଡପ

ମନ୍ଦିର ଭିତରେ ଏକ ମଣ୍ଡପ ମଝି ଭାଗକୁ ଦେଖିବାକୁ ମିଳେ । ଯାହାକୁ ଚଣ୍ଡୀ ମଣ୍ଡପ ବୋଲି କୁହାଯାଏ । ଏହାକୁ ତନ୍ତ୍ର ସାଧନା ପୀଠ ମଧ୍ୟ କୁହାଯାଏ । ଏଠାରେ ସାଧକମାନେ ରାତି ରାତି ଉଜାଗର ରହି ତନ୍ତ୍ର ସାଧନା କରି ମାନସିକ ପୂରଣ କରୁଥିଲେ । ଏହି ମଣ୍ଡପର ଚାରି କୋଣରେ ଚାରିଟି ଖମ୍ବ ରହିଛି । ଯେଉଁଠି ଆଠଟି ଖୋପରେ ଚାରି ଭୈରବ ଏବଂ ଚାରି ଯୋଗିନୀ ସ୍ଥାନ ପାଇଛନ୍ତି । କିନ୍ତୁ ୬୧ ନମ୍ବର ଯୋଗିନୀ ନ ଥିବାରୁ ତାଙ୍କ ଖୋପଟି ଫାଙ୍କା ରହିଛି । ଏହି ଚଣ୍ଡୀ ମଣ୍ଡପରେ ଶିବଙ୍କ ମହାଭୈରବ ମୂର୍ତ୍ତି ସ୍ଥାନିତ ହୋଇଥିଲା । କାଳକ୍ରମେ ତାହା ସ୍ଥାନିତ ହୋଇଛି ।



### ସୂର୍ଯ୍ୟ ମଣ୍ଡପ ଓ ଐତିହ୍ୟ ମହାମାୟା ପୁଷ୍କରିଣୀ



ମନ୍ଦିର ଠିକ ସାମ୍ନାରେ ରହିଛି ଏକ ବିରାଟ ମଣ୍ଡପ । ଏହାକୁ ସୂର୍ଯ୍ୟ ମଣ୍ଡପ ବୋଲି କୁହାଯାଇଥାଏ । ଯେଉଁଠାରେ ସୂର୍ଯ୍ୟପୂଜା କରାଯାଇ ଥାଏ । ଏହି ମଣ୍ଡପକୁ ଲାଗି ଏକ କୂଅ ମଧ୍ୟ ଅଛି । ଯେଉଁଠୁ ପ୍ରତିଦିନ ପାଣି ଅଣାଯାଇ ମା' ଙ୍କୁ ମାର୍ଜନା କରାଯାଇ ଥାଏ । ମନ୍ଦିର ଚାରିପାର୍ଶ୍ୱକୁ ଲାଗି ଗଛଲତା ଓ ଫୁଲ ବଗିଚା ପରିପୂର୍ଣ୍ଣ ରହିଛି । ସେହିପରି ମନ୍ଦିରରୁ ବାହାରୁକୁ ବାହାରିଲେ ସାମ୍ନାରେ ଏକ ପୁଷ୍କରିଣୀ ରହିଛି । ଯାହାର ଠିକ ମଝି ପାଣିରେ ଏକ ଖାଲି ମନ୍ଦିର ଅଛି । ଏହାକୁ ମହାମାୟା ପୁଷ୍କରିଣୀ କୁହାଯାଏ । ପୂର୍ବରୁ ଏଠାରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିଲା । ଏଥିରେ ମା' ଙ୍କ ପ୍ରତିମୂର୍ତ୍ତିକୁ ନେଇ ଖାଲି ମନ୍ଦିରରେ ପୂଜା କରାଯାଉଥିଲା । ହେଲେ କାଳକ୍ରମେ ଏହା ବନ୍ଦ ହୋଇ ପଡ଼ିଛି ।

**ଶିଶିରକାନ୍ତ ଶତପଥୀ, ବଲାଙ୍ଗିର**

ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ରାଣୀପୁର ଝରିଆଲଠାରେ ଥିବା ତନ୍ତ୍ରପୀଠ ଚଉଷଠି ଯୋଗିନୀ ଓ ଇନ୍ଦ୍ରଲାଠ ମନ୍ଦିର ସପ୍ତମରୁ ନବମ ଶତାବ୍ଦୀ ମଧ୍ୟରେ ସୋମବଂଶୀ ରାଜାମାନଙ୍କ ସମୟରେ ନିର୍ମାଣ କରାଯାଇଥିବା ଇତିହାସରୁ ଜଣାଯାଏ । ମେଜର୍ ଜେନେରାଲ୍ ଜନ୍ କେମ୍ପବେଲଙ୍କ ଅନୁସାରେ ୧୮୫୩ ମସିହାରେ ରାଣୀପୁର-ଝରିଆଲଠାରେ ପ୍ରଥମ ଯୋଗିନୀ ମନ୍ଦିର ଆବିଷ୍କାର କରାଯାଇଥିଲା । ଝରିଆଲଠାରେ ଥିବା ଚଉଷଠି ଯୋଗିନୀ ପୀଠରେ ପଥରରେ ତିଆରି ମନ୍ଦିରରେ ୬୪ଟି ଯୋଗିନୀ ମୂର୍ତ୍ତି ଦେଖିବାକୁ ମିଳିଥାଏ । ଏହି ମନ୍ଦିର ଦେଶର ଅନ୍ୟତମ ଗୋଲେଇ ମୁକ୍ତ ମନ୍ଦିର ଭାବେ ମଧ୍ୟ ଖ୍ୟାତି ଅର୍ଜନ କରିଛି । ଚଉଷଠି ଯୋଗିନୀ ମନ୍ଦିରର ମଧ୍ୟ ଭାଗରେ ଚାରୋଟି ପଥର ପିଲରରେ ଏକ ଛୋଟ ମନ୍ଦିର ରହିଛି । ଯେଉଁଠି ଏକ ବଡ଼ ପଥର ଖଣ୍ଡରେ ନଟରାଜଙ୍କ ଛବି ରହିଛି । ଯାହାଙ୍କର ୩ଟି ମୁହଁ ଓ ୮ଟି ହାତ ରହିଛି । ଏହାକୁ ଲାଗି ହାତୀମୁହାଁ ଗଣେଶ, ନନ୍ଦି ଓ ଚାମୁଣ୍ଡାଙ୍କ ଛବି ପଥରର ତଳଭାଗରେ ଦେଖିବାକୁ ମିଳିଥାଏ । ଯୋଗିନୀ ମନ୍ଦିରରେ ପାହାଡ଼ୀ ଝରଣା ରହିଛି । ଏହାକୁ ଆବଦ୍ଧ କରି ରଖିବା ପାଇଁ ୫ଏକର ଆୟତନ ବିଶିଷ୍ଟ ଏକ ପୋଖରୀ ରହିଛି । ପୋଖରୀକୁ ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ଫୁଲ ବଗିଚା କରାଯାଇଛି । ପୋଖରୀକୁ ଲାଗି ସୋମେଶ୍ୱର ମନ୍ଦିର ଓ ଆଖପାଖରେ ଅନେକ ଛୋଟ ଛୋଟ ମନ୍ଦିର ରହିଛି । ଯୋଗିନୀ ପୀଠ ସମେତ ଆଖପାଖରେ ଥିବା କଳାକୃତି ବୌଦ୍ଧଯୁଗୀୟ କଳାର ନିଦର୍ଶନ ବୋଲି ଗବେଷକମାନେ ମତ ଦିଅନ୍ତି । ଏହାର ମାତ୍ର କିଛି ଦୂରତାରେ ଥିବା ରାଣୀପୁରରେ ରହିଛି ଇନ୍ଦ୍ରଲାଠ ମନ୍ଦିର । ଏହି ମନ୍ଦିରର ଚଟାଣ ସମେତ ମନ୍ଦିରର ୭ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ କାନ୍ଥ ଧଳାବାଲି ପଥରରେ ନିର୍ମାଣ କରାଯାଇଥିଲା । ମନ୍ଦିର କାନ୍ଥରେ ପୁରୁଣା ଲିପି ଖୋଦିତ ହୋଇଥିବା ଦେଖିବାକୁ ମିଳିଥାଏ । ଏଠାରେ ଅନୁପମ ନଟରାଜଙ୍କ ମୂର୍ତ୍ତି ରହିଛି । ମନ୍ଦିର ଗଠନ ଶୈଳୀକୁ ଦେଖି କିଛି ଐତିହାସିକ ଏହା ଶୈବପୀଠ ବୋଲି କହୁଥିବା ବେଳେ ଆଉ କିଛି ଏହାକୁ ବୁଦ୍ଧ ଓ ବିଷ୍ଣୁ ମନ୍ଦିର ବୋଲି କହିଥାନ୍ତି । ରାଣୀପୁରଠାରେ ପୂର୍ବରୁ ଛୋଟବଡ଼ ୧୨୦ଟି ମନ୍ଦିର ରହିଥିବା ବେଳେ ସେଥିରୁ ଅନେକ ମନ୍ଦିର ଏବେ ଭାଙ୍ଗିରୁଜି ମାଟିରେ ମିଶିଗଲାଣି । ତଥାପି ବର୍ତ୍ତମାନ ପ୍ରାୟ ୪୦ଟି ମନ୍ଦିର ରହିଥିବା ଦେଖିବାକୁ ମିଳେ । ଏହା ଏକ ବିଶ୍ୱପ୍ରସିଦ୍ଧ ପୀଠ ହୋଇଥିବା ବେଳେ ଏଠାକୁ ରାଜ୍ୟ, ଦେଶ ତଥା ବିଦେଶରୁ ପର୍ଯ୍ୟଟକମାନେ ବୁଲିବାକୁ ଆସିବା ସହ ମନ୍ଦିରର କଳାକୃତି ବିଷୟରେ ଗବେଷଣା କରିଥାନ୍ତି । କିନ୍ତୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାକୁ ଆହୁରି ସମୃଦ୍ଧ କରିବାର ଆବଶ୍ୟକତା ରହିଛି । ଉପଯୁକ୍ତ ସୁରକ୍ଷା ଅଭାବରୁ ଅନେକ ସମୟରେ ମୂର୍ତ୍ତିଗୁଡ଼ିକ ଚୋରି ହେଉଥିବାର ଅଭିଯୋଗ ରହିଛି । ପ୍ରସ୍ତର ମୂର୍ତ୍ତିରେ ଅନେକ ମୂଲ୍ୟବାନ ଧାତୁ ରହିଥିବା ଅନୁମାନ କରାଯାଉଥିବାରୁ ଏହା ଚୋରି ହେଉଥିବା ଜଣାଯାଏ ।

### କେମିତି ଯିବେ

ବଲାଙ୍ଗିର ସହରରୁ ପ୍ରାୟ ୧୦୫ କିଲୋମିଟର ଦୂରରେ ରହିଛି ଏହି ପ୍ରସିଦ୍ଧ ଯୋଗିନୀ ପୀଠ । ରାଜଧାନୀ ଭୁବନେଶ୍ୱରରେ ବସ୍ କିମ୍ବା ଟ୍ରେନ୍‌ରେ ଆସି ବଲାଙ୍ଗିରରୁ ଟାକ୍ସିରେ ଏହି ପୀଠକୁ ଯାଇପାରିବେ । ସେହିପରି ସିଧାସଳଖ କଣ୍ଟାବାଞ୍ଜିକୁ ମଧ୍ୟ ବସ୍ କିମ୍ବା ଟ୍ରେନ୍‌ରେ ଯାଇ ସେଠାରୁ ଟାକ୍ସିରେ ଏହି ପୀଠକୁ ଯାଇପାରିବେ ।



### ଅନ୍ୟାନ୍ୟ ପୀଠ

ରାଣୀପୁର-ଝରିଆଲକୁ ଆସୁଥିବା ପର୍ଯ୍ୟଟକ ଏହି ସ୍ଥାନ ବୁଲିବା ସହିତ ହରିଶଙ୍କର, ଟିଟିଲାଗଡ଼ର କୁମ୍ଭଡ଼ା ପାହାଡ଼ରେ ଥିବା ଗୁପ୍ତେଶ୍ୱର ମନ୍ଦିରକୁ ମଧ୍ୟ ବୁଲିବାକୁ ଯାଇପାରିବେ । ଏହାସହ ଜିଲ୍ଲାର ଅନ୍ୟ ପର୍ଯ୍ୟଟନସ୍ଥଳୀଗୁଡ଼ିକ ମଧ୍ୟ ବୁଲିଯାଇପାରିବେ ।

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର

ଏକ ମସିହା ଦେହରେ କଛାମରା ଲୁଙ୍ଗି । ଦେହଟା ସମ୍ପୂର୍ଣ୍ଣ ଖାଲି । ପେଡ଼ାଲ୍ ମାରିବା ବେଳେ ଗୋଡ଼ ଶିରା ଟାଣି ହୋଇ ଫୁଲି ଯାଉଥିବ । ସତେ ଯେମିତି ଅବିକା ଶିରା ଫାଟି ପୁଚ୍‌କିନା ରକ୍ତ ବାହାରି ଆସିବ...କାନ୍ଧ ପଛପାଖ ମାଂସ ଗୋଟେ ପେଡ଼ାଲ ସହ ତାଳ ଦେଇ ଉପର ତଳ ହେଉଥିବ...ଶକ୍ତ ହାତରେ ହ୍ୟାଣ୍ଡେଲ୍ ମୁଠାକୁ ମୁଠେଇ ଧରିଥିବ । କାନ ସନ୍ଧିରୁ ଝାଳ ବୋହିଆସି ଲୁଙ୍ଗିରେ ଭେଦି ଯାଉଥିବ...ଉଠାଣି ଉଠେଇଲା ବେଳେ ଦାନ୍ତ ଭିଡି ପେଡ଼ାଲ କଷୁଥିବା ମୁହଁକୁ, ଭିତରକୁ ପୋଷେ ପଶିଯାଉଥିବା ପେଟକୁ, କଳିଜା ଫୁଟେଇ ବୁନ୍ଦା ବୁନ୍ଦା ଝାଳରେ ଝାଳେଇ ଯାଉଥିବା ଛାତିକୁ ଆଉ ଦେଖିବାକୁ ମିଳୁନାହିଁ । ଏ ରିକ୍ସାବାଲାମାନେ ଏବେ ଜୀବିକା ହରାଇଛନ୍ତି । କିଏ ଜୀବନ ସହିତ ସଂଗ୍ରାମ କରୁଛି ତ କିଏ କଟକ ସହର ଛାଡି ଦେଇଛି । ଏବେ ରୌପ୍ୟନଗରୀରେ ଅଲୋଡା ହୋଇଛି ରିକ୍ସା । ରିକ୍ସା ସଂଖ୍ୟା ୩ ହଜାରରରୁ ୬୦ରେ ପହଞ୍ଚିଲାଣି । ୨୦୧୮ ମସିହା ପରଠାରୁ ମହାନଗର ନିଗମରେ ରିକ୍ସା ପଞ୍ଜିକରଣ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି । ଏହି ୬ବର୍ଷ ଭିତରେ ଓଲା, ଉବେର୍ ଭଳି କମ୍ପାନୀ ଏହି ଐତିହାସିକ ସହରରେ ଗମନାଗମନର ମୁଖ୍ୟ ବାହକ ପାଲଟିଛନ୍ତି । କାଁ ଭାଁ ରିକ୍ସାକୁ ଦେଖିଲେ ପୁଣି ମନେପଡୁଛି ସେହି ଗ୍ରାମଫୋନ୍ ରେକର୍ଡରୁ ଭାସି ଆସୁଥିବା ଗୀତ “ମୁଁ ରିକ୍ସାବାଲା... ଆସ ବାବୁ...ଏସୋ.. ଦାଦା..ହୋ ଲାଲା ..”

# ରୌପ୍ୟନଗରୀରୁ ହଜିଯାଉଛି ରିକ୍ସା




ବାଦାମବାଡ଼ି ବସ୍ ଷ୍ଟାଣ୍ଡ ହେଉ କି କଟକ ରେଳଷ୍ଟେସନ୍ । ଚାନ୍ଦିବନ୍ଧ ହେଉ ଅବା ବକ୍ସିବଜାର । ସବୁକିଛି ଏବେ ବଦଳିଗଲାଣି । କଟକ ସହର ଏବେ ଆଉ ପୂର୍ବ ଭଳି ନାହିଁ । ରୂପାନ୍ତରଣର ସ୍ପର୍ଶରେ ଏ ସହରର କଳେବର ବୃଦ୍ଧି ଘଟିଛି । କିନ୍ତୁ ଏ ସହରର ଭାବାବେଗ ସହିତ ଜଡ଼ିତ ରିକ୍ସା ଏବେ ଅଲୋଡା । ଆଉ କଟକୀ ରାସ୍ତାରେ ଗଡ଼ୁନାହିଁ ରିକ୍ସା । ମହାନଗର ନିଗମରେ ୨୦୧୮ ମସିହା ପରଠାରୁ ରିକ୍ସାର ପଞ୍ଜୀକରଣ କରାଯାଇ ନାହିଁ । ଏଥିରୁ ସ୍ପଷ୍ଟ ହେଉଛି ଯେ, ରିକ୍ସା ଚାଳକମାନେ ନିଜ ବେଉସାକୁ ଛାଡି ଅନ୍ୟ ଉପାୟରେ ପରିବାର ଭରଣପୋଷଣ କରୁଛନ୍ତି । ଅଟୋ ଓ କାର୍ ଭଳି ରିକ୍ସାଚାଳକଙ୍କୁ ପ୍ରୋତ୍ସାହନ ନ ଦେବାରୁ ଏ ବୃତ୍ତିରୁ ଚାଳକମାନେ ଦୂରେଇ ଯାଉଛନ୍ତି । ଯେଉଁଥି ପାଇଁ ରିକ୍ସା ସଂଖ୍ୟା କମିବାରେ ଲାଗିଛି । ଏଭଳି ସ୍ଥିତି ଆଉ ବର୍ଷଟିଏ ଲାଗି ରହିଲେ, କଟକ ସହରରୁ ରିକ୍ସା ସମ୍ପୂର୍ଣ୍ଣ ଭାବେ ହଜିଯିବ । କଟକରେ ଇତିହାସ ପାଲଟିବ ରିକ୍ସା । ୩୦ବର୍ଷ ପୂର୍ବକୁ ଫେରିଲେ ଏଠାରେ ରିକ୍ସାର ଚାହିଦା ଢେର୍ ଅଧିକ ରହିଥିଲା । ଷ୍ଟେସନ୍, ବସଷ୍ଟାଣ୍ଡ, ଫିଲ୍ମହଲ୍, ସ୍କୁଲ ଓ କଲେଜ ପାଖ ରାସ୍ତାରେ ମାଳ ମାଳ ରିକ୍ସା ଚଳପ୍ରଚଳ ହେଉଥିଲା । ପିଲାଙ୍କ ସ୍କୁଲ ଯିବା, ଚାକିରୀଆମାନେ ଅଫିସ ଯିବା ଏବଂ ଗୃହିଣୀମାନେ ବଜାର ବୁଲିବାଠାରୁ ଆରମ୍ଭ କରି ଧନୀ, ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଓ ଗରୀବ ଶ୍ରେଣୀର ଲୋକମାନେ ଏହି ରିକ୍ସା ଉପରେ ନିର୍ଭର କରୁଥିଲେ । ଦଶହରା ଓ କାଳୀପୂଜା ସମୟରେ ୫୨ ବଜାର ୫୩ ଗଳିରେ ରିକ୍ସା ଧାଡିବାନ୍ଧି ରହୁଥିଲା । ଭସାଣୀ ଶୋଭାଯାତ୍ରାରେ ସାହି ମୁରବୀମାନେ ରିକ୍ସାରେ ବସି ବେକରେ ଫୁଲମାଳ ପକାଇ ଯାଉଥିଲେ । ରିକ୍ସା ସହିତ ଏ ସହରର ଅନେକ ମୂଲ୍ୟବାନ ସ୍ମୃତି ଜଡ଼ିତ ଥିଲା । ଏବେ ସେହି ସ୍ମୃତି ସ୍ୱପ୍ନ ପାଲଟିଛି । ମହାନଗର ନିଗମର ସୂଚନା ଅନୁସାରେ, ମାତ୍ର ୧୫ଜଣ ମାଲିକଙ୍କ ପାଖରେ ରିକ୍ସା ରହିଛି । କ୍ରମଶଃ ରିକ୍ସାର ଚାହିଦା କମିଯାଉଥିବା ହେତୁ ଏହାକୁ ବ୍ୟବସାୟ ଭାବେ ଗ୍ରହଣ କରିବାକୁ ଚାଳକମାନେ ରାଜି ହେଉ ନାହାନ୍ତି । ପୂର୍ବରୁ କଟକ ସହରର ବସ୍ତି ଅଞ୍ଚଳରେ ରହୁଥିବା କେତେକ ଚାଳକ ମାଲିକଙ୍କ ଠାରୁ ରିକ୍ସା ନେଇ ବ୍ୟବସାୟ କରୁଥିଲେ । ଏବେ ସେମାନେ ଅନ୍ୟ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି । ବ୍ରହ୍ମପୁର, ଢେଙ୍କାନାଳ, ଅନୁଗୁଳ, ତାଳଚେର୍ ଓ କଟକର ଗ୍ରାମାଞ୍ଚଳରୁ ଆସି ଏଠାରେ ରିକ୍ସା ଟାଣୁଥିବା ଚାଳକମାନେ ଅନ୍ୟ ଉପାୟରେ ଜୀବିକା ନିର୍ବାହ କରୁଛନ୍ତି । ଏ ସମ୍ପର୍କରେ ବକ୍ସିବଜାର ପଟ୍ଟପୋଲ ଅଞ୍ଚଳରେ ରହୁଥିବା ରିକ୍ସା ଚାଳକ ମଧୁସୂଦନ ଦେହୁରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଲୋକମାନେ ଆଉ ରିକ୍ସାରେ ଯିବାକୁ ପସନ୍ଦ କରୁ ନାହାନ୍ତି । ସମୟ ବଦଳିଛି । ଗମନାଗମନରେ ଆଧୁନିକତାର ପ୍ରବେଶ ହେତୁ ଲୋକମାନେ କାର୍, ଟ୍ୟାକ୍ସି ଓ ଅଟୋ ଭଳି ଗାଡିରେ ଯିବାକୁ ପସନ୍ଦ କରୁଛନ୍ତି । ଏବେ ରିକ୍ସା ଚଳାଇ ପେଟ ପୋଷିବା କଷ୍ଟ ବୋଲି ସେ କହିଛନ୍ତି ।



ରାଜେଶ ନାୟକ
କଟକ

ଅନ୍ୟପଟେ, କଟକ ସହରରେ ନୂଆ ରିକ୍ସା ଆଉ ପୂର୍ବଭଳି ବିକ୍ରି କିମ୍ବା ମରାମତି ହେଉନାହିଁ । ଏବେ ଯେଉଁ ମାଲିକମାନେ ରିକ୍ସା ରଖିଛନ୍ତି, ସେମାନେ ନିଜ ନିଜର ଘରେ ମରାମତି କରୁଛନ୍ତି । ନୂଆ ରିକ୍ସାଟିଏ କ୍ରୟ କରିବାକୁ ୩୦ରୁ ୩୫ହଜାର ଟଙ୍କା ଖର୍ଚ୍ଚ ହୁଏ । ଏବେ ନୂଆ ରିକ୍ସା କଟକରେ ବିକ୍ରୟ ହେଉନାହିଁ । ମହାନଗର ନିଗମ ପକ୍ଷରୁ ରିକ୍ସାର ଅତ୍ୟାଧୁନିକ ମଡେଲ୍ ଚଳାଇବାକୁ ଯୋଜନା ପ୍ରସ୍ତୁତ ହୋଇଛି । ସହରର ରୂପାନ୍ତରଣରେ ୬ଥାକିଆ ରିଂ ରୋଡ୍ କାମ କରାଯାଉଛି । ସହରର ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ଇ-ରିକ୍ସା ପଏଣ୍ଟ କରାଯିବ । ଏଥିପାଇଁ କଟକ ସହରରେ ଥିବା ରିକ୍ସା ଚାଳକଙ୍କୁ ସବସିଡ୍‌ରେ ଇ-ରିକ୍ସା ଓ ବ୍ୟାଟେରୀ ପ୍ରଦାନ କରାଯିବା ସହିତ ଏହି ବୃତ୍ତିକୁ ପ୍ରୋତ୍ସାହିତ କରାଯିବ ବୋଲି ଜଣାପଡ଼ିଛି । ୬୦ପ୍ରତିଶତ ସବ୍‌ସିଡ୍‌ରେ ଇ-ରିକ୍ସା ପ୍ରଦାନ କରାଯିବ । ଏହି ଯୋଜନା ଖୁବଶୀଘ୍ର କାର୍ଯ୍ୟକାରୀ ହେବାକୁ ଥିବା ବେଳେ ମଣିଷ ଟଣା ରିକ୍ସା ବିଲୋପ ହେବାକୁ ବସିଛି ।



# ଆଦିବାସୀଙ୍କ ଲକ୍ଷ୍ମୀ କେନ୍ଦୁପତ୍ର

କେନ୍ଦୁପତ୍ର ସଂଗ୍ରହରେ ପ୍ରତ୍ୟେକ ବର୍ଷ ଏହି ଆଦିବାସୀ ମହିଳାଙ୍କ ଏପ୍ରିଲ ମାସରେ କିଛିଟା ଦୁଇପଇସା ବହୁତ ଭଲ ରୋଜଗାର ହୋଇଯାଏ, ଯଦି ଠିକ୍ ଭୋରରୁ ଯାଇ ପତ୍ର ସଂଗ୍ରହ କଲେ । ଏପ୍ରିଲ ମାସରେ ବର୍ଷକୁ ଥରେ, ଠିକ୍ କାମ କଲେ ଏହା ଏକ ଲାଭଜନକ ଆୟ ପନ୍ଥା ବୋଲି ଖୋଦ୍ କେନ୍ଦୁପତ୍ର ସଂଗ୍ରହ କରୁଥିବା ମହିଳାମାନେ କହିବା ସହ ସରକାରଙ୍କ ତରଫରୁ ଏହି ଜୀବିକାକୁ ମାନ୍ୟତା ପ୍ରଦାନ କରିବା ସହ ସମସ୍ତ ତୋଳାଳିଙ୍କ ପାଇଁ ଇନ୍ସୁରାନ୍ସର ବ୍ୟବସ୍ଥା କରିଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକର କେନ୍ଦୁପତ୍ର ତିନିଟି ସେକ୍ସନରେ ଭାଗ ହୋଇଛି । ଯାହାକି ନବରଙ୍ଗପୁର ରେଞ୍ଜରେ ୧୫ଟି ଫଡି ଓ ପାପଡ଼ାହାଣ୍ଡି ରେଞ୍ଜରେ ୮ ଟି ଫଡ଼ି ରହିଛି । ଏହି ୨୩ଟି କେନ୍ଦୁପତ୍ର ଫଡ଼ିରେ କୋଷାଗୁମୁଡ଼ାର ପ୍ରାୟ ୯ହଜାର ପରିବାର ପେଟ ପୋଷୁଛନ୍ତି । ଏହି କେନ୍ଦୁପତ୍ର ଫଡି ଦ୍ୱାରା ଏପ୍ରିଲ ପହିଲାରୁ ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ ଆଦିବାସୀ ମହିଳାମାନେ ଜଙ୍ଗଲରୁ ନୂତନ କେନ୍ଦୁପତ୍ର ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି । କୋଷାଗୁମୁଡ଼ା ଘୋଡାଧନୁଆ, କୋକଡାଗୁଡା, ବଣୁଆଗୁଡା, ହର୍ଦଲୀ, ଉମରଗାଁ, ହଳଦୀଗୁଡା, ଜୁନାପାଣି, ପରଜାଗୁଡ, ପଣ୍ଡୁଗୁଡ, ନେଗାନାର, ଖୁଟିଗୁଡା ପ୍ରଭୃତି ସହ ଅନେକ ଛୋଟବଡ ଗାଁଗୁଡିକର ଆଦିବାସୀ ମହିଳାମାନେ କେନ୍ଦୁପତ୍ର ଜଙ୍ଗଲରୁ ସଂଗ୍ରହ କରି କେନ୍ଦୁପତ୍ର ଫଡିରେ ଗୋଟିଏ ବିଡ଼ାକୁ ୩ ଟଙ୍କା ୨୦ ପଇସା ବା ୧୦୦ ବିଡାକୁ ୩୨୦ ଟଙ୍କା ଅନୁସାରେ ପ୍ରାପ୍ୟ ମୂଲ୍ୟ ନିଜ ବ୍ୟାଙ୍କ ଆକାଉଣ୍ଟ ଖାତାରୁ ପାଇଥାନ୍ତି । ଗୋଟିଏ ବିଡ଼ାରେ ୪୦ଟି ପତ୍ର ରହିଥାଏ । ଏହି କେନ୍ଦୁପତ୍ର ସଂଗ୍ରହ ପ୍ରତ୍ୟେକ ବର୍ଷ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଯାଏ ।



ସନ୍ତୋଷ ସିଂଦେଓ
କୋଷାଗୁମୁଡ଼ା



ବ୍ଲକର ୨୬ଟି ପଞ୍ଚାୟତର ପ୍ରାୟ ୯୦୦୦ ପରିବାର ଏପ୍ରିଲ ଓ ମେ’ ମାସରେ ଜୀବିକା ନିର୍ବାହ କରିଥାନ୍ତି । କେନ୍ଦୁପତ୍ର ବନ ବିଭାଗ ପକ୍ଷରୁ ସରକାରଙ୍କ ଦ୍ୱାରା ପଞ୍ଜିକୃତ ଶ୍ରମିକ ଖାତାରେ ସବସିଡି ବର୍ଷକୁ ଥରେ ପାଇଥାନ୍ତି । କେନ୍ଦୁପତ୍ର ସଂଗ୍ରହ କରିବା ସ୍ଥାନକୁ ଫଡି ବୋଲି ସରକାରୀ ନାମ ଥିବାବେଳେ ଏହି ଫଡିର ନୂତନ କେନ୍ଦୁପତ୍ର ତୋଳାଳି ଓ ପୁରୁଣା ତୋଳାଳିଙ୍କ ପତ୍ର ଆକଳନ, ନୂତନ ପଞ୍ଜୀକରଣ, ଟଙ୍କା ପ୍ରଦାନ ନିମନ୍ତେ ବ୍ୟାଙ୍କ ଆକାଉଣ୍ଟକୁ ସଂଯୋଗୀକରଣ କରିଥାନ୍ତି । ଯଦି କେନ୍ଦୁପତ୍ର ପଞ୍ଜିକୃତ ତୋଳାଳି କିଛି ଅଘଟଣରେ ପ୍ରାଣ ହରାଇଥାନ୍ତି; ତେବେ ସରକାରଙ୍କ ଦ୍ୱାରା ପ୍ରାୟ ୨ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯିବାର ସୁବିଧା ଯୋଗାଇ ଦିଆଯିବ ବୋଲି ସମ୍ପୃକ୍ତ କେନ୍ଦୁପତ୍ର ଏରିଆ ଫରେଷ୍ଟର କହିଛନ୍ତି । ଏହି କେନ୍ଦୁପତ୍ର ଫଡି ବା ନୂତନ କେନ୍ଦୁପତ୍ର ସଂଗ୍ରହ କେନ୍ଦ୍ର ଅନୁସାରେ ବିକ୍ରମପୁର-୧, ୨ ଓ ପାପଡ଼ାହାଣ୍ଡି ଦ୍ୱାରା କୋଷାଗୁମୁଡା, ରାଜୋଡା, କୁସୁମପାଲି, କୋଡ଼ିଙ୍ଗା, ଫାର୍ସାଗୁଡା, ବିଜାଭଟା, କୋଷାଗୁମୁଡା, ଟେମରା, ସନ୍ତୋଷପୁର, ଚଳିତ ଏପ୍ରିଲ ମାସରୁ ଏହି କେନ୍ଦୁପତ୍ର ସଂଗ୍ରହ କାମ ଆରମ୍ଭ ହୋଇଥିଲା ବୋଲି କେନ୍ଦୁପତ୍ର ଫଡି ଚାଳକ ମଦନ ଭତ୍ରା ଓ ବୈଦ୍ୟନାଥ ଭତ୍ରା ପଣ୍ଡୁଗୁଡା ଗାଁର ଫଡିରେ ସୂଚନା ଦେଇଥିଲେ । ଏହି ଏପ୍ରିଲ ମାସରେ ସାଧାରଣତଃ ଯେତେକ ଆଦିବାସୀ ମହିଳା କେନ୍ଦୁପତ୍ର ଫଡିରେ ନୂତନ ଭାବେ ଓ ପୁରାତନ କେନ୍ଦୁପତ୍ର ସଂଗ୍ରହ ପାସ୍ ବହିର ପଞ୍ଜିକୃତ ପାଇ ଲମ୍ବା ଧାଡି ଲଗାଇଥାନ୍ତି । ଏ ବିଷୟରେ ନବରଙ୍ଗପୁର ବନାଞ୍ଚଳ ଅଧିକାରୀ ସନ୍ତୋଷକୁମାର ସୁନାନୀ ଓ ବନପାଳ ଡି. ଉମେଶ୍ୱର ନାଇଡୁଙ୍କୁ ଫୋନ୍ ଯୋଗେ ପଚାରି ବୁଝିବାରୁ ସଠିକ୍ ତଥ୍ୟ ମିଳିଛି ।



# ଇଚ୍ଛାଶକ୍ତି ଆଗରେ ହାର୍‌ମାନିଛି ଗରିବୀ

ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଚିତ୍ରଡା ପଞ୍ଚାୟତ ବାରୁଡ଼ିହି ଗ୍ରାମର ୧୮ ବର୍ଷୀୟ ଓମପ୍ରକାଶ । ପାଠ ପଢ଼ିବା ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇବା ପରିବାର ପକ୍ଷରେ କଷ୍ଟକର ହୋଇପଡ଼ିଥିଲା । ପରେ ମୋବାଇଲରେ ୟୁଟ୍ୟୁବ୍ ଦେଖୁଥିବା ସମୟରେ ହଠାତ ଛତୁ ଚାଷ କିପରି ହେଉଛି ସେ ନେଇ ଜ୍ଞାନ ଆହରଣ କରିଥିଲେ । ତା ପରେ ଛତୁ ଚାଷ କରିବା ପାଇଁ ମନ ବଳାଇଥିଲେ । ଏବେ ଅଳ୍ପ ବୟସରେ ସେ ଏହି ଛତୁ ଚାଷ କରି ଅଞ୍ଚଳରେ ମସରୁମ ବୟ ଭାବରେ ନାମିତ ହୋଇଛନ୍ତି ।





ଅଜୟ କୁମାର ମହନ୍ତ
ମୋରଡ଼ା

ପାଳ ଛତୁ ଚାଷ କରି ଜଣେ ଛାତ୍ର ପାଠ ପଢ଼ିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ଏପରିକି ସେ ବର୍ଷକୁ ୨ ଲକ୍ଷ ଟଙ୍କା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ଏଭଳି ଜଣେ ଛାତ୍ର ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଚିତ୍ରଡା ପଞ୍ଚାୟତ ବାରୁଡ଼ିହି ଗ୍ରାମର ଓମପ୍ରକାଶ ମହାନ୍ତ । ଓମପ୍ରକାଶଙ୍କ ବୟସ ୧୮ । ସେ ଏବେ ପୁରୁଣା ବାରିପଦା ଆଞ୍ଚଳିକ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ର । ସେ ଚିତ୍ରଡା କଲେଜରୁ +୨ ପାସ କରିବା ପରେ +୩ ପାଇଁ ୪୦କିମି ଦୂରରେ ଥିବା କଲେଜରେ ନାମ ଲେଖାଇବା ପାଇଁ ମନୋନୀତ ହୋଇଥିଲେ । ଫଳରେ ସେ ପାଠ ପଢ଼ିବା ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇବା ପରିବାର ପକ୍ଷରେ କଷ୍ଟକର ହୋଇପଡ଼ିଥିଲା । ପରେ ମୋବାଇଲରେ ୟୁଟ୍ୟୁବ୍ ଦେଖୁଥିବା ସମୟରେ ହଠାତ ଛତୁ ଚାଷ କିପରି ହେଉଛି ସେ ନେଇ ଜ୍ଞାନ ଆହରଣ କରିଥିଲେ । ତା ପରେ ଛତୁ ଚାଷ କରିବା ପାଇଁ ମନ ବଳାଇଥିଲେ । ବାରିପଦାରୁ ଛତୁ ମଞ୍ଜି ଆଣି ଏବେ ଚାଷ କରି ମାସକୁ ସମସ୍ତ ଖର୍ଚ୍ଚ ଯାଇ ୨୦ ହଜାର ରୋଜଗାର ହେଉଥିବା ସେ କହିଛନ୍ତି । ଲମ୍ବା ଡେମ୍ଫ ଓ ଗୋଲିଆ ଆକୃତି ଥିବା ଏହି ଛତୁ ସୁପ, ପକୋଡା ଏବଂ ଅନ୍ୟାନ୍ୟ ଚାଇନିଜ ଓ ଭାରତୀୟ ରୋଷେଇରେ ଖୁବ ଲୋକପ୍ରିୟତା ହାସଲ କରିଛି । ଏହି ଚାଷ ଲାଗି ନଡା, ପଲିଥିନ, ଛତୁ ମଞ୍ଜି, ବେସନ, ଚୋକଡା ଆଦି ଆବଶ୍ୟକ । ପ୍ରଥମେ ନଡାକୁ ୧ କିଗ୍ରା ଲେଖାଁଏ ଓଜନ କରି ବିଡା ବାନ୍ଧି ତାହାକୁ ପ୍ରାୟ ୧୨-୧୮ ଘଣ୍ଟା ପାଣିରେ ବତୁରାଇ ରଖିବା ପରେ ବାଭିଷ୍ଟିନ ମିଶାଇଲେ ନଡା ବିଶୋଧନ କରାଯାଇଥାଏ । ତାପରେ ବିଡାକୁ କାଢି ତାକୁ ଗରମ ପାଣିରେ ୧ ଘଣ୍ଟା ଲାଗି ବାମ୍ଫ ଦେଇଥାନ୍ତି । ପରେ ବିଡାରୁ ପାଣି ନିଗାଡ଼ି ଭୂଇଁରେ ନ ଲାଗିବା ପାଇଁ ବାଉଁଶର ଭାଡ଼ି ତିଆରି କରିଥାନ୍ତି । ଉପରେ ପ୍ରଥମେ ୪ଟି ବିଡାକୁ ସିଧା ରଖି ଏବଂ ପରେ ଅନ୍ୟ ୪ଟି ବିଡାକୁ ଓଲଟା ଭାବରେ ରଖିଥାନ୍ତି । ତାପରେ ଛତୁ ମଞ୍ଜିଗୁଡିକୁ ୧୫ ସେମି ଛାଡିକି ବୁଣି ଦିଅନ୍ତି । ଛତୁ ମଞ୍ଜି ଉପରେ ସମାନ୍ୟ ଚୋକଡ ଓ ବେସନ ଗୋଳାଇ ବୁଣିଦିଅନ୍ତି । ଏହାପରେ ପଲିଥିନ ଦ୍ୱାରା ବିଡାକୁ ସମ୍ପୂର୍ଣ୍ଣ ଭାବେ ଘୋଡାଇ ଏହାର ତାପମାତ୍ରା ୩୦-୩୫ ଡିଗ୍ରୀ ସେଲସିଅସ ରଖିବା ପାଇଁ ପାଣି ଛିଞ୍ଚନ କରିଥାନ୍ତି । ଛତୁ ଛୋଟ ଛୋଟ ଦାନା ପରି ଆକୃତି ହେଲେ ପଲିଥିନ କାଢିଦିଅନ୍ତି । ପ୍ରାୟ ଏକ ସପ୍ତାହ ପରେ ଛତୁ କଢ ଅବସ୍ଥାକୁ ଆସିଯାଇଥାଏ ବୋଲି ସେ କହିଛନ୍ତି । ଏବେ ସେ ଚିତ୍ରଡା ବଜାରରେ କେଜି ୨୦୦ ଟଙ୍କାରେ ବିକ୍ରି କରୁଥିବା ବେଳେ ବାରିପଦାରେ ତିନିଶହ ଟଙ୍କା ରହିଛି । ଅଳ୍ପ ବୟସରେ ସେ ଏହି ଛତୁ ଚାଷ କରି ଅଞ୍ଚଳରେ ମସରୁମ ବୟ ଭାବରେ ନାମିତ ହୋଇଛନ୍ତି । ତେବେ ତାଙ୍କୁ ଏ ଯାଏ ସରକାରୀସ୍ତରରେ କୌଣସି ସବ୍‌ସିଡି ମିଳିନାହିଁ । ସବ୍‌ସିଡି ଟଙ୍କା ମିଳିବା ପରେ ଅନ୍ୟ ଏକ ଜାଗାରେ ଚାଷ କରିବେ ବୋଲି କହିଛନ୍ତି ।



## ଧର୍ମଗଡ଼ ନିର୍ବାଚନମଣ୍ଡଳୀରେ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ

# ‘ବିକାଶ ପାଇଁ ଯୋଡ଼ି ଶଙ୍ଖରେ ଭୋଟ ଦିଅ’

କୋକସରା, ୨୭ ।୪(ସମିସ)

କଳାହାଣ୍ଡି ସଂସଦୀୟ କ୍ଷେତ୍ରକୁ ନିର୍ବାଚନୀ ପ୍ରଚାରରେ ବିଜୁ ଜନତା ଦଳର ଷ୍ଟାର ପ୍ରଚାରକ ତଥା ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆସି ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ଶନିବାର ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକର ଗୋତମୁଣ୍ଡାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଶ୍ରୀ ପାଣ୍ଡିଆନ ବିକାଶ ପ୍ରସଙ୍ଗରେ ବିରୋଧୀ ଦଳକୁ ସିଧା ଟାର୍ଗେଟ୍ କରିଛନ୍ତି। ନବୀନ ସରକାର ମାତ୍ର ଦୁଇ ସପ୍ତାହ ମଧ୍ୟରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିଥିବା ବେଳେ ସେମାନଙ୍କ ପୁରୁଣା ଗ୍ୟାରେଣ୍ଟି କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି। କଳାହାଣ୍ଡି-ନୂଆପଡ଼ାବାସୀ ୨୦୧୯ରେ ନିର୍ବାଚିତ କରିଥିବା ଲୋକସଭା ସାଂସଦ ଲୋକଙ୍କ ସମସ୍ୟାର ସମାଧାନ କରି ପାରିଲେ ନାହିଁ। ତେଣୁ ଏଥର ଡବଲ ଶଙ୍ଖ ଚିହ୍ନରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇବବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଶ୍ରୀ ପାଣ୍ଡିଆନ ଉଦବୋଧନ ଦେଇ ଓଡ଼ିଶା ସରକାର ‘୫-ଟି’ ଅଧୀନରେ ୮ ହଜାରରୁ ଅଧିକ ହାଇସ୍କୁଲର ରୂପାନ୍ତର କରିଛନ୍ତି। ଗାଁ ଗାଁକୁ ଲକ୍ଷ୍ମୀ ବସ ଚାଲିବା ସହ ମନ୍ଦିର, ମସଜିଦ, ଗିର୍ଜା ଓ ସମସ୍ତ ଧର୍ମପୀଠ ରୂପାନ୍ତରିତ ହୋଇଛି। ଶିକ୍ଷା, କୃଷି, ଗମନାଗମନ, ପାନୀୟଜଳ, ସ୍ୱାସ୍ଥ୍ୟ, କୃଷି, ଜୀବନଜୀବିକା ଆଦି ପ୍ରତ୍ୟକ କ୍ଷେତ୍ରରେ ଓଡ଼ିଶା ଆଗେଇଛି। ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଶାନ୍ତି ପ୍ରତିଷ୍ଠା କରିଛନ୍ତି ଫଳରେ ବିକାଶ ହେଉଛି। ନିର୍ବାଚନ ବେଳେ କେମିତି ବିରୋଧୀଙ୍କ ଭୋଟରଙ୍କ କଥା ମନେପଡେ ବୋଲି ଉଲ୍ଲେଖ କରିଛନ୍ତି ଶ୍ରୀ ପାଣ୍ଡିଆନ। ସେ କହିଛନ୍ତି କିଛି ଲୋକଙ୍କ ନିଦ ଭାଙ୍ଗିଯାଇଛି। ନିର୍ବାଚନ ବେଳେ ବଡ ବଡ ମିଠା କଥା କହିବେ। ନିର୍ବାଚନ ପରେ ସେମାନେ ଖୋଜିଲେ ବି ମିଳିବେନି। ଆପଣମାନେ ଯାହା ମାଗିଥିଲେ ତାହା ମିଳିଛି। ଏଇଟା ନବୀନ ପଟ୍ଟନାୟକଙ୍କ ଗ୍ୟାରେଣ୍ଟି। ଶଙ୍ଖ ଚିହ୍ନର ଗ୍ୟାରେଣ୍ଟି। ବିକାଶର ଚିହ୍ନ ହେଉଛି ଶଙ୍ଖ ଚିହ୍ନ। ଆପଣଙ୍କ ସମସ୍ୟାକୁ ଜଣେ ଲୋକ ଦୂର କରିପାରିବେ ସିଏ ହେଉଛନ୍ତି ନବୀନ ପଟ୍ଟନାୟକ। ଶ୍ରୀ ପାଣ୍ଡିଆନ ଆହୁରି ମଧ୍ୟ କହିଛନ୍ତି ଯେ ଗତ ୨୪ ବର୍ଷ ଧରି ରାଜ୍ୟରେ ନବୀନ ସରକାର ଚାଲିଛି, ଆଗକୁ ଆହୁରି ଚାଲିବ। ପଡୋଶୀ ଛତିଶଗଡ଼ରେ ଡବଲ ଇଞ୍ଜିନ ଥିଲା, ସିଙ୍ଗଲ ଇଞ୍ଜିନ ହୋଇଗଲା। ଏବେ ଆଉ ଗୋଟେ ଇଞ୍ଜିନ ଆସିଛି। ଯଦି ଡବଲ ଇଞ୍ଜିନ ଭଲ କାମ କରୁଛି ତେବେ ଗୋଟେ ଇଞ୍ଜିନ କାହିଁକି ବନ୍ଦ ହୋଇଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀ ପାଣ୍ଡିଆନ ଭାଷଣ ପ୍ରସଙ୍ଗରେ ଆହୁରି କହିଥିଲେ ଯେ ଧର୍ମଗଡ଼ ମୋର ଜନ୍ମଭୂମି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆପଣଙ୍କ ସେହି ୨୦ ବର୍ଷ ତଳର ଭଲ ପାଇବା ଆଜି ମଧ୍ୟ ମୋ ଉପରେ ଅଛି। ମୁଁ ଦେଖିଛି ଏହି ଗୋତମୁଣ୍ଡା ରାସ୍ତା ପଡ଼ିଆ ପରି ରହିଥିଲା। ଶଗଡ଼ ଗାଡି ଚାଲିବା ମଧ୍ୟ କଷ୍ଟକର ହୋଇଥିଲା। ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ରାସ୍ତାକୁ ଚାରିଥାକିଆ ରାସ୍ତା କରି ଏଅଞ୍ଚଳର ଗମନାଗମନକୁ ସୁଗମ କରିଛନ୍ତି। ଗତ ମେ ମାସରେ ସେ କଳାହାଣ୍ଡି ଗସ୍ତରେ ଆସିଥିବା ବେଳେ ପାଇଥିବା ଆବେଦନପତ୍ର ଉପରେ ମୁଖ୍ୟମନ୍ତ୍ରୀ କି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ତାର ହିସାବ ମଧ୍ୟ ଦେଇଛନ୍ତି। ବିଜେଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ପାଇଁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ଜିତାଇବାକୁ ଆହ୍ୱାନ ଦେଇଛନ୍ତି। ଶ୍ରୀ ପାଣ୍ଡିଆନ ଉଦବୋଧନ ଦେଇ ସଭା ସ୍ଥଳରୁ ପ୍ରତ୍ୟାବର୍ତ୍ତନ ପରେ ଏକ ମିଶ୍ରଣ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ଓ ବିଜେପିରୁ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡ଼ିରେ ସାମିଲ ହୋଇଛନ୍ତି। ସେମାନଙ୍କୁ ଦଳ ପକ୍ଷରୁ ଧର୍ମଗଡ଼ ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ଓ ବିଧାୟକ ମୌଷଧୀ ବାଗ ପ୍ରମୁଖ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସମାବେଶରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ସୁଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଧର୍ମଗଡ଼ ବ୍ଲକ ବିଜେଡି ସଭାପତି ଟିକମନ ଯାଦବଙ୍କ ସମେତ ଧର୍ମଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

**ବିରୋଧୀଙ୍କୁ ଟାର୍ଗେଟ**










## ପ୍ରେମିକ ସହ ଫେରାର ହେଉଥିବା ମହିଳାକୁ ଧରିଲେ ସ୍ୱାମୀ

**ତୁରେକେଲା, ୨୭ ।୪(ସମିସ):** ପ୍ରେମିକଙ୍କ ସହ ଫେରାର ମାରୁଥିବା ସ୍ତ୍ରୀକୁ ଧରି ପକାଇଲେ ସ୍ୱାମୀ। ଏହି ଅଭାବନୀୟ ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଧୀନ ମହଖଣ୍ଡ ଗାଁରେ। ସ୍ୱାମୀ ଘରେ ନ ଥିବା ବେଳେ ପୂର୍ବ ପ୍ରେମିକକୁ ଡାକି ଶଶୁର ଘରୁ ଫେରାର ମାରୁଥିବାବେଳେ ମହିଳାଙ୍କ ସ୍ୱାମୀ ହାବୁଡ଼ରେ ପଡ଼ିଗଲେ ପ୍ରମୀ ଯୁଗଳ।

ମହଖଣ୍ଡ ଗାଁର ସନାତନ ରାଉତ ଗତ ୧ ମାସ ପୂର୍ବରୁ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁରରୁ ବିବାହ କରିଥିଲେ। ମହିଳାଙ୍କ ଅନିଚ୍ଛା ସତ୍ତ୍ୱେ ପରିବାର ତାଙ୍କୁ ଜବରଦସ୍ତି ବିବାହ କରାଇଦେଇ ଥିଲେ। ଶୁକ୍ରବାର ମହିଳା ଜଣକ ପ୍ରେମିକ ଯଶୋବନ୍ତ ରଣାସହ ଫେରାର ମାରୁଥିବା ସମୟରେ ସନାତନ ଚାନ୍ଦୋତାର ଛକଠାରେ ଅଟକାଇଥିଲେ। ଉଭୟଙ୍କୁ କାବୁ କରି ମାଡ଼ ମାରିଥିଲେ। ଖବରପାଇ ତୁରେକେଲା ପୁଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିବା ସହ ସନାତନକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସନାତନଙ୍କୁ କଣ୍ଟାବାଞ୍ଜି ବିଚାର ବିଭିଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳା ଓ ଯଶୋବନ୍ତଙ୍କ ପରିବାର ତୁରେକେଲା ଥାନାକୁ ଆସି ତାଙ୍କ ଜିମାରେ ନେଇଥିବାବେଳେ ଉଭୟଙ୍କ ବିବାହ ହେବ ବୋଲି ସୂଚନା ମିଳିଛି।

## ବ୍ଲକସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

**କଣ୍ଟାବାଞ୍ଜି, ୨୭ ।୪(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ତୁରେକେଲା ବ୍ଲକ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାଙ୍କୁ ନେଇ କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ମୁଖମନ୍ତ୍ର ନବୀନ ପଟ୍ଟନାୟକ ବିଧାୟକ ପ୍ରାର୍ଥୀ ନିର୍ବାଚନ ଲଢିବେ। ତେଣୁ ସଂଗଠନ କେମିତି ମଜଭୁତ ରହିବ ତାକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କଣ୍ଟାବାଞ୍ଜିରୁ ମୁଖ୍ୟମନ୍ତ୍ରୀ ଏବଂ ବଲାଙ୍ଗିର ଲୋକସଭା ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ବିପୁଳ ସଂଖ୍ୟାରେ ବିଜୟ କରିବା ଦିଗରେ କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନମଣ୍ଡଳୀରୁ ବିଧାୟକ ହେଲେ ତୁରେକେଲା ବ୍ଲକରେ ମହୁଲପାଟି ଠାରେ ସିମେଣ୍ଟ କାରଖାନା ସ୍ଥାପନ କରି ସ୍ଥାନୀୟ ଶ୍ରମିକଙ୍କୁ ନିଯୁକ୍ତି ଦିଆଯିବ ଏବଂ କପା କାରଖାନା ସ୍ଥାପନ କରାଯିବ। ଯାହାଦ୍ୱାରା ଏହି ତୁରେକେଲା ବ୍ଲକ ଶହ ଶହ ଚାଷୀ ଉପକୃତ ହେବେ ବୋଲି ବିଜେଡି ନେତାମାନେ ତାଙ୍କ ଅବିଭାଷଣ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ବଲାଙ୍ଗିର ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ପ୍ରତିନିଧି ସୀତଂଶୁ ତ୍ରିପାଠୀ, ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁନ, ବରିଷ୍ଠ ବିଜେଡି ନେତା ଅଜୟ ଦାସ, ବଲାଙ୍ଗୀର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ନିରୁପମା, ପାଟଣାଗଡ଼ ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ସରୋଜ ମେହେର, ଜିଲ୍ଲା ପରିଷଦ ସମା ପରବୀନ, ଜିଲ୍ଲା ସାଧାରଣ ସମ୍ପାଦକ ଫିରୋଜ ଖାନ, ପୂର୍ବତନ ସୈନିକ ତଥା ଯୁବ ବିଜଡି ନେତା ଗିରିରାଜ ସିଂ ମାଝୀ, ତୁରେକେଲା ବ୍ଲକ ବିଜୁ ଜନତା ଦଳ ସଭାପତି ଆଶାଦୁଲ ଖାଁ, ପ୍ରମୁଖ ମଞ୍ଚାସିନ ଥିଲେ।




# ‘୫-ଟି’ ଅଧ୍ୟକ୍ଷଙ୍କ ପାଇଁ ସମସ୍ତେ ଉତ୍ସାହିତ







ନୂଆପଡ଼ା, ୨୭।୪(ସମିସ)

ନୂଆପଡ଼ା ଜିଲ୍ଲା ଗସ୍ତରେ ଆସିଥିବା ୫-ଟି ଅଧ୍ୟକ୍ଷଙ୍କୁ ନେଇ ଶୁକ୍ରବାର ସାରା ଜିଲ୍ଲା ଚଳଚଞ୍ଚଳ ହୋଇ ଉଠିଥିଲା। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଦଳୀୟ କର୍ମକର୍ତ୍ତାଙ୍କ ପର୍ଯ୍ୟନ୍ତ ସମସ୍ତେ ଉତ୍ସାହିତ ହୋଇ ପଡ଼ିଥିଲେ। ପୂର୍ବାହ୍ନ ୧୧ଟାବେଳେ ଗୋତମା ଏୟାରଷ୍ଟ୍ରିପରେ ଏକ ସ୍ୱତନ୍ତ୍ର ବିମାନରେ ଆସି ଓହ୍ଲାଇବା ପରେ ସେଠାରୁ ଶୋଭାଯାତ୍ରାରେ ସହରବାସୀ ସ୍ୱାଗତ କରିଥିଲେ। ଏହାପରେ ସହର ମୁଣ୍ଡରେ ଥିବା ଶଙ୍କର ମନ୍ଦିରରେ ପହଞ୍ଚିଥିଲେ। ଭଗବାନ ଶିବଙ୍କ ଦର୍ଶନ ପରେ ନୂଆପଡ଼ା ଅଭିମୁଖେ ବାହାରିଥିଲେ। ବିଜେଡି କର୍ମକର୍ତ୍ତାଙ୍କ ସହ ସହରବାସୀ ପୁଷ୍ପ ବୃଷ୍ଟି କରି ତାଙ୍କୁ ସହର ମଧ୍ୟରେ ଏକ ବିଶାଳ ପଟୁଆରରେ ନେଇଥିଲେ।

### ବିଭିନ୍ନ ଜାତି, ସମାଜ ତରଫରୁ ସ୍ୱାଗତ

ବିଶାଳ ପଟୁଆରରେ ଖଡ଼ିଆଳରୋଡ୍ ସହର ପରିକ୍ରମା କରିବା ସମୟରେ ବିଭିନ୍ନ ଗଳି ବା ଚୌକରେ ପୁଷ୍ପ ବର୍ଷା କରି ଶ୍ରୀ ପାଣ୍ଡିଆନଙ୍କୁ ସ୍ୱାଗତ କରାଯାଇଛି। ସ୍ଥାନୀୟ ଗାୟତ୍ରୀ ମନ୍ଦିର ନିକଟରେ ଗାୟତ୍ରୀ ପରିବାର ତରଫରୁ ସ୍ୱାଗତ କରାଯାଇଥିଲା। ସେହିଭଳି ମୋଙ୍ଗରାପାଲି ଛକରେ ଖ୍ରୀଷ୍ଟିଆନ ସମାଜ, ପଟେଲ ସମାଜ, ମୁସଲିମ ସମାଜ ତରଫରୁ ସ୍ୱାଗତ କରାଯାଇଥିଲା। ଶିଖ୍ ସମାଜ, ରାମ ମନ୍ଦିର କମିଟି, ବ୍ରାହ୍ମଣ ସମାଜ ତରଫରୁ ଗୁରୁଦ୍ୱାରା ନିକଟରେ ସ୍ୱାଗତ କରାଯାଇଥିଲା। ଡାଗା ଚୌକରେ ଅଗ୍ରୱାଲ ସମାଜ, ବରିଷ୍ଠ ନାଗରିକ ସଂଘ, ପେଟ୍ରୋଲ ପମ୍ପ ନିକଟରେ ମହାରାଷ୍ଟ୍ରିଆନ ସମାଜ, ବିଜୁ ପଟ୍ଟନାୟକ ଚୌକ ନିକଟରେ ଯାଦବ ସମାଜ, ସତନାମୀ ସମାଜ ଏବଂ କେଶରବାନୀ ସମାଜ ତରଫରୁ ସ୍ୱାଗତ କରାଯାଇଥିଲା। ପାଣ୍ଡେ ସମାଜ ତରଫରୁ ସିଲଦା, ନୂଆପଡ଼ା ତେଲିପଡ଼ାରେ ନୂଆପଡ଼ା ଏନଏସି ଅଧ୍ୟକ୍ଷଙ୍କ ସମେତ ସମସ୍ତ କାଉନସିଲର ସ୍ୱାଗତ କରିଥିଲେ।



### ସାଂସ୍କୃତିକ ଟିମ୍‌ର ଭବ୍ୟ ସ୍ୱାଗତ

ନୂଆପଡ଼ା ମିନିଷ୍ଟାଡିୟମ ଜନସମାବେଶରେ ଶ୍ରୀ ପାଣ୍ଡିଆନଙ୍କୁ ବିଭିନ୍ନ ସାଂସ୍କୃତିକ ଟିମ୍ ତରଫରୁ ପୁଷ୍ପ ବର୍ଷା କରି କଳାକାରମାନେ ପାଛୋଟି ନେଇଥିଲେ। ଏଥିରେ ପୁରୁଷ ମହିଳା ସଂକୀର୍ତ୍ତନ୍ୟ ଦଳ, ଘୁମୁରା ଦଳ ସାମିଲ ଥିଲେ।

### ଭିଡ଼ ଭିତରକୁ ଯାଇ ଦାବିପତ୍ର ଗ୍ରହଣ

‘୫-ଟି’ ସଚିବ କାର୍ତ୍ତିକ ପାଣ୍ଡିଆନ ନୂଆପଡ଼ା ଆସୁଛନ୍ତି ବୋଲି ଖବର ପାଇ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଲୋକେ ଦାବିପତ୍ର ଧରି ଆସିଥିଲେ। ଏହା ଦେଖି ଶ୍ରୀ ପାଣ୍ଡିଆନ ଭିଡ଼ ଭିତରକୁ ଯାଇ ସମସ୍ତଙ୍କ ସହ ହାତ ମିଳାଇ ଦାବିପତ୍ର ଗ୍ରହଣ କରିଥିଲେ।

### ସେଲ୍‌ଫି ପାଇଁ ଭିଡ଼

ଦୀର୍ଘ ସମୟ ଧରି ବିଭିନ୍ନ କାର୍ଯ୍ୟକମ ସତ୍ତ୍ୱେ ମଧ୍ୟ ଶ୍ରୀ ପାଣ୍ଡିଆନ କ୍ଳାନ୍ତ ହୋଇ ନ ଥିଲେ। ମଞ୍ଚ ଉପରେ ଶତାଧିକ କର୍ମକର୍ତ୍ତା ତାଙ୍କ ସହ ସେଲ୍‌ଫଫି ନେଇଥିଲେ। ବିଜେଡିକୁ ବହୁ ସଂଖ୍ୟାରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ଦଳକୁ ଆହୁରି ମଜବୁତ କରିବାକୁ ଅଣ୍ଟା ଭିଡିବାକୁ କର୍ମକର୍ତ୍ତାଙ୍କୁ ସେ ଗୁରୁମନ୍ତ୍ର ଦେଇଥିଲେ।





## ରାମଲୀଳା ମହୋତ୍ସବର ପ୍ରଥମ ଦିନରେ ଦର୍ଶକଙ୍କୁ ବାନ୍ଧି ରଖିଲା ଆଦ୍ୟକାଣ୍ଡ

**ମ.ରାମପୁର, ୨୭।୪(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରଠାରେ ଶ୍ରୀ ଶ୍ରୀ ରାମ ଜୀଉ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରସିଦ୍ଧ ରାମଲୀଳାର ପ୍ରଥମ ତଥା ଉଦଘାଟନୀ ସନ୍ଧ୍ୟାରେ ଆଦ୍ୟକାଣ୍ଡ ଓ ଅଯୋଧ୍ୟା କାଣ୍ଡ ମଞ୍ଚସ୍ଥ ହେବା ସହ ନାଟକର ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ ଯୋଗ ଦେଇଥିଲେ। ସଭାପତି ଜୀବେଶ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମଞ୍ଚ ପୂଜନ



ତଥା ଉଦଘାଟନ କରାଯିବା ପୂର୍ବରୁ ମୁଖ୍ୟଅତିଥିଙ୍କ ଦ୍ୱାରା ଗୁରୁ ସ୍ୱର୍ଗତ ଶୈଳେନ୍ଦ୍ର ପ୍ରସାଦ ଆଚାର୍ଯ୍ୟଙ୍କ ସ୍ମୃତି ସ୍ତମ୍ଭ ଉନ୍ମୋଚିତ ହୋଇଥିଲା। ଗୁରୁଙ୍କ ଉଦ୍ଦେଶ୍ୟରେ ରଚିତ ସମର୍ପଣ ସଙ୍ଗୀତ କଳାକାରମାନଙ୍କ ଦ୍ୱାରା ଗାନ କରା ଯାଇଥିଲା। ଏହି ଅବସରରେ ଆଲତରା ଗ୍ରାମ ର ବରିଷ୍ଠ କଳାକାର ଆଦିତ୍ୟ ଦଣ୍ଡିଆଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ଲିପ୍ସାମୟୀ ଦୁବେ ମାନପତ୍ର ପାଠ କରିଥିବା ବେଳେ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ସ୍ୱର୍ଗତ ପ୍ରାଧ୍ୟାପକ ଶୈଳେନ୍ଦ୍ର ପ୍ରସାଦ ଆଚାର୍ଯ୍ୟଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ଏବଂ ଶ୍ରୀ ରାମ ଜୀଉ ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶ୍ରୀ ପଣ୍ଡାଙ୍କ ପରିଚାଳନାରେ ରାମ ଲୀଳାର ଆଦ୍ୟ କାଣ୍ଡ ଓ ଅଯୋଧ୍ୟା କାଣ୍ଡ ମଞ୍ଚସ୍ଥ ହୋଇଥିଲା। ସଙ୍ଗୀତ ନିର୍ଦ୍ଦେଶନା ମହେଶ୍ୱର ସାହୁ ଓ କଣ୍ଠଦାନ କରିଥିଲେ ସନ୍ତୋଷ କୁମାର ଦୁବେ, ସରସ୍ୱତୀ ଦାଶ, ଲିପ୍ସା ମହାରଣା, ଧୀରେନ୍ଦ୍ର ମହାନ୍ତି, ପ୍ରବୀଣ, ଜଗ ମୋହନ ସାହୁ, ସ୍ମୃତିରେଖା ପାଢ଼ୀ, ପିହୁ ପ୍ରିୟଦର୍ଶିନୀ ଦୁବେ। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଲଳିତ ମହାଲିକ, ବରିଷ୍ଠ ସଦସ୍ୟ ମିହିର କୁମାର ଦୁବେ, ଶରତ ଚନ୍ଦ୍ର ମହାରଣା, ଚିତ୍ତ ରଞ୍ଜନ ବାଗ, ସନାତନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରସିଦ୍ଧ ସମ୍ପୂର୍ଣ୍ଣ ରାମଲୀଳା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସାଂସ୍କୃତିକ ସମ୍ପାଦକ ଜୟନ୍ତ କୁମାର ନାୟକ ସୂଚନା ଦେଇଛନ୍ତି।

ୟୁପିଏସ୍‌ସି ସିଭିଲ ସର୍ଭିସେସ୍ ପରୀକ୍ଷା

# ୪ ସଫଳ ଛାତ୍ରଛାତ୍ରୀଙ୍କୁ ଏନ୍‌ଆଇଟିରେ ସମ୍ବର୍ଦ୍ଧନା

**ରାଉରକେଲା, ୨୭ ।୪(ସମିସ)**

ୟୁପିଏସସି ସିଭିଲ ସର୍ଭିସେସ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ରାଉରକେଲା ଏନଆଇଟିର ୪ ଛାତ୍ରଛାତ୍ରୀଙ୍କୁ ଶନିବାର ସମ୍ବର୍ଦ୍ଧନା ଦିଆଯାଇଛି। ଏନଆଇଟିର ଭୁବନେଶ୍ୱର ଅଡିଟୋରିୟମରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏନଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରଛାତ୍ରୀମାନେ ହେଲେ ୟୁପିଏସସି ସିଭିଲ ସର୍ଭିସେସ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ତଥା ଏନ୍‌ଆଇଟି ରାଉରକେଲାର ୨୦୨୧ କମ୍ପ୍ୟୁଟର ସାଇନ୍ସ ବ୍ୟାଚ ଛାତ୍ର ଅନିମେଶ ପ୍ରଧାନ, ୧୭୬ ରାଙ୍କରେ କୃତକାର୍ଯ୍ୟ ହୋଇଥିବା ୨୦୧୮ ବ୍ୟାଚ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ଛାତ୍ର ପଦ୍ମମାନଭ ମିଶ୍ର, ୩୪୩ ରାଙ୍କରେ କୃତକାର୍ଯ୍ୟ ହୋଇଥିବା ୨୦୧୬ ବ୍ୟାଚ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ଛାତ୍ର ବିଶ୍ୱଜିତ ପଣ୍ଡା ଏବଂ ୪୨୬ ରାଙ୍କରେ କୃତକାର୍ଯ୍ୟ ହୋଇଥିବା ଅନୁଷ୍କା ସରକାର।



ସୂଚନାଯୋଗ୍ୟ, ଅନୁଗୋଳ ଜିଲ୍ଲା ତାଳଚେର ନିବାସୀ ଅନିମେଶ ତାଳଚେରର ଡିଏଭି ପବ୍ଲିକ ସ୍କୁଲରୁ ୧୦ମ ଓ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ରାଉରକେଲା ଏନଆଇଟିରେ ୨୦୧୭ରେ କମ୍ପ୍ୟୁଟର ସାଇନ୍ସରେ ଆଡମିଶନ କରି ଅଧ୍ୟୟନ କରିଥିଲେ। ୨୦୨୧ରେ ସେ ଏନଆଇଟିରୁ ଉତ୍ତୀର୍ଣ୍ଣ ହେବା ପରେ ୨ ମାସ ପାଇଁ ମହାରାଷ୍ଟ୍ର ପୁନେର ଭେରିଟାସ୍ ଟେକ୍ନୋଲୋଜି ଏଲଏଲସିରେ ଚାକିରି କରିଥିଲେ। ପରେ ୨୦୨୧ ଅକ୍ଟୋବରରୁ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ, ନୂଆଦିଲ୍ଲୀରେ କାର୍ଯ୍ୟରତ ଥିଲେ। ଏହି ଅବସରରେ ସେ ୟୁପିଏସି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ସେହିପରି ରାଉରକେଲା ଏନଆଇଟିରୁ ଉତ୍ତୀର୍ଣ୍ଣ ହୋଇଥିବା ପଦ୍ମମାନଭ ଓ ବିଶ୍ୱଜିତ ଏନଆଇଟିର ଗୌରବ ଓ ସମ୍ମାନକୁ ଉଜ୍ଜୀବିତ କରି ରଖିଛନ୍ତି। ରାଉରକେଲା ଏନଆଇଟି କ୍ୟାମ୍ପସ, ଭିତ୍ତିଭୂମି, ଶିକ୍ଷାଦାନ, ସିନିୟରଙ୍କ ପ୍ରେରଣା ବାସ୍ତବିକ ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିଥିବା ଏହି ଅବସରରେ ଅନିମେଶ କହିଛନ୍ତି। କାର୍ଯ୍ୟକ୍ରମରେ ଏନଆଇଟିର ବହୁ ଛାତ୍ରଛାତ୍ରୀ, ପ୍ରାଧ୍ୟାପକ, ପ୍ରାଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ।

● ଗୌତମବୁଦ୍ଧ ଦାସ ହେଲେ ବିଜେଡି ପ୍ରାର୍ଥୀ

## ସାମ୍ବାଦିକ ମହଲରେ ଖୁସିର ଲହରୀ



**ରାଉରକେଲା, ୨୭ ।୪(ସମିସ):** ରାଜ୍ୟର ବରିଷ୍ଠ ସାମ୍ବାଦିକ ଗୌତମବୁଦ୍ଧ ଦାସଙ୍କୁ ଶନିବାର ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଘୋଷଣା କରିଛି। ଏ ନେଇ ରାଉରକେଲା ସାମ୍ବାଦିକ ମହଲରେ ଖୁସିର ଲହରୀ ଖେଳିଯାଇଛି। ଦାସ ଦୀର୍ଘବର୍ଷ ଧରି ରାଉରକେଲା ସହରରେ 'ସମ୍ବାଦ' ଓ 'ସମାଜ'ରେ ସାମ୍ବାଦିକତା କରି ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଥିଲା। ଗୌତମବୁଦ୍ଧଙ୍କୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ରାଉରକେଲାର ବହୁ ସାମ୍ବାଦିକ ତାଙ୍କୁ ଫୋନ କରି ଅଭିନନ୍ଦନ ଜଣାଇବା ସହ ନିର୍ବାଚନରେ ତାଙ୍କ ବିଜୟ କାମନା କରିଛନ୍ତି।

## ବୌଦ୍ଧିକ ସମ୍ପତ୍ତି ଅଧିକାର ସମ୍ପର୍କିତ ଆଲୋଚନାଚକ୍ର

**ରାଉରକେଲା, ୨୭ ।୪(ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ ବୌଦ୍ଧିକ ସମ୍ପତ୍ତି ଅଧିକାର ଦିବସ ପାଳନ ଅବସରରେ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟର ସେମିନାର ହଲ୍‌ରେ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଭୁରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ତଥା ଆଲୋଚକ ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ମୁଖ୍ୟ ଡ. ମୀନକେତନ ସାହୁ ଯୋଗଦେଇ ବୌଦ୍ଧିକ ସମ୍ପତ୍ତି ଅଧିକାର ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ।



ବୌଦ୍ଧିକ ସମ୍ପତ୍ତିର ବିକାଶ କିପରି ଜାତୀୟ ସମ୍ପତ୍ତି ତଥା ଜ୍ଞାନର ବିକାଶରେ ସହାୟକ ହୁଏ ତା' ସହ କମ୍ପାନୀମାନଙ୍କୁ ଲାଭାନ୍ୱିତ କରେ ଓ କପିରାଇଟ ଉପରେ ଆଲୋଚନା କରିଥିଲେ। ଛାତ୍ର ଦେବାଶିଷ ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ଆଲୁମନୀ ଆସୋସିଏସନ୍ ସଭାପତି ସୁମନ ଦତ୍ତ, ଲୋକସମ୍ପର୍କ ଅଧିକାରୀ କୁଞ୍ଜବିହାରୀ ରାଉତ, ଡାମିଟ୍ସର ଉପାଧ୍ୟକ୍ଷା ସ୍ୱାହା ରାୟ, ସୁମାରାଣୀ ଗିରି ଓ ଆଇନ ମହାବିଦ୍ୟାଳୟର ଅଧ୍ୟାପିକା ଡ. ସମ୍ପାଦିକା ମହାନ୍ତି, ଡ. ପ୍ରଜ୍ଞା ପରମିତା ପଣ୍ଡା, ଡ. ଦିବ୍ୟେନ୍ଦୁ କୁମାର ପଣ୍ଡା, ତନ୍ମୟରାଜ ପାଢ଼ୀ, ମନୋରଞ୍ଜନ ମହାନ୍ତି, ଅମିତା ଜେନା, ସୁଜାତା ନାୟକ, ଦେବାଶିଷ ବେହେରା, ଅକ୍ଷୟ ଦାଶ, ଲକ୍ଷ୍ମୀପ୍ରିୟା ସାହୁ, ନନ୍ଦକିଶୋର ମହନ୍ତ, ହୃଦୟରଞ୍ଜନ ମହାନ୍ତି, ଆୟୁଷ୍ମାନ ସାହୁ, ଦେବକୀ କାରୁଆ, ନିତ୍ୟାନନ୍ଦ ବିଶୋଇ, ରବୀନ୍ଦ୍ର ବାଲମୁଚୁ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଡ. ପଟ୍ଟନାୟକ ସ୍ୱାଗତ ଭାଷଣ ସହ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ଲୋକଙ୍କ ଶୋଷ ମେଣ୍ଟାଉଛି ଜଳଛତ୍ର

**କୁଆଁରମୁଣ୍ଡା, ୨୭ ।୪(ସମିସ):** କୁଆଁରମୁଣ୍ଡାରେ ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଛି। ପ୍ରଚଣ୍ଡ ଖରାରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଦିନ ୧୦ଟା ପରେ ଘରୁ ବାହାରିବା କଷ୍ଟସାଧ୍ୟ ହୋଇପଡୁଛି। ତେବେ ଜରୁରୀ କାମ ନେଇ ଘରୁ ବାହାରୁଥିବା ଲୋକଙ୍କ ପାଇଁ ପାନୀୟ ଜଳ ଯୋଗାଇବାକୁ କୁଆରମୁଣ୍ଡା ପଞ୍ଚାୟତ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଏହି ପଞ୍ଚାୟତ ଅନ୍ତର୍ଗତ ୩ ଗ୍ରାମର ୨୩ ୱାର୍ଡରେ ଏବେ ଜଳଛତ୍ର ଖୋଲିଛି। ପ୍ରତ୍ୟେକ ସ୍ଥାନରେ ଜଳଛତ୍ର ପାଇଁ ଛାମୁଣ୍ଡିଆ କରାଯାଇ ମାଟି ହାଣ୍ଡିରେ ପାଣି ରଖାଯାଇଛି। ଜଳ ବଣ୍ଟନ ପାଇଁ ଲୋକଙ୍କୁ ନିୟୋଜିତ କରାଯାଇଛି। କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦାଙ୍କ ନେତୃତ୍ୱରେ ସମସ୍ତ ୱାର୍ଡ ମେମ୍ବର ଏହାର ତଦାରଖ କରୁଛନ୍ତି। ପ୍ରଚଣ୍ଡ ଖରାରେ ଜଳଛତ୍ର ଏବେ ଲୋକଙ୍କ ପାଇଁ ବହୁ ସହାୟକ ହୋଇଛି।

### ଅସୁସ୍ଥ ମହିଳାଙ୍କୁ ହସ୍ପିଟାଲ ନେବାବେଳେ ମୃତ୍ୟୁ

**ରାଉରକେଲା, ୨୭ ।୪(ସମିସ):** ସ୍ଥାନୀୟ ଟାଙ୍ଗରପାଲ୍ଲୀ ଥାନା ବନ୍ଧବସାରେ ରହୁଥିବା ସମ୍ବାରି ବୁଡ଼େକ (୪୦) ନାମ୍ନୀ ଜଣେ ମହିଳା ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଶନିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ନିଆଯାଉଥିଲା। ହେଲେ ରାସ୍ତାରେ ତାଙ୍କ ମୃତ୍ୟୁ ହୋଇଛି। ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## କେନ୍ଦୁପତ୍ର ତୋଳାଳିଙ୍କୁ ଉଚିତ୍ ମୂଲ୍ୟ ମିଳୁନି

● ୪୫ଡିଗ୍ରୀ ତାପମାତ୍ରାରେ ପତ୍ର ସଂଗ୍ରହ କରୁଛନ୍ତି

● ଫଡ଼ିଘରେ ତୋଳାଳିଙ୍କ ଲାଗି ପିଇବା ପାଣି ନାହିଁ

**ହରଭଙ୍ଗା,୨୭ ।୪(ସମିସ):** କେନ୍ଦୁପତ୍ର ତୋଳାଳିଙ୍କୁ ପରିଶ୍ରମ ଅନୁସାରେ ଉଚିତ ମୂଲ୍ୟ ମିଳୁନି। ଏଣୁ ସେମାନଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି। ଚଳିତ ବର୍ଷ ବୌଦ୍ଧ ଜିଲ୍ଲାରେ ତାପମାତ୍ର ୪୫ଡିଗ୍ରୀରୁ ଅଧିକ ରହିଛି। ଏହା ସତ୍ତ୍ୱେ ପତ୍ର ତୋଳାଳି ପେଟ ପାଇଁ ଗ୍ରୀଷ୍ମ ପ୍ରଭାବ ସହିତ ବିଷାକ୍ତ ସରୀସୃପ, ହିଂସ୍ର ବନ୍ୟଜନ୍ତୁଙ୍କୁ ଭୃକ୍ଷେପ ନ କରି ପତ୍ର ତୋଳିଥାନ୍ତି। ଚଳିତ ବର୍ଷ ପତ୍ର ଫର୍ମା ପିଛା ୧୪୦ଟଙ୍କା ଓ କେରି ପିଛା ୧୪୦ପଇସା ସରକାରୀ ଦର ରହିଛି। ଗୋଟିଏ କେରିରେ ତୋଳାଳି ୨୨ଟି ପତ୍ର ଦେଇଥାଏ। ଯଦି ପତ୍ର ହିସାବକୁ ନିଆଯାଏ ତାହାହେଲେ ଜଣେ ତୋଳାଳି ପତ୍ର ପିଛା ମାତ୍ର ୬ପଇସା ମୂଲ୍ୟ ପାଇଥାଏ। ପରିଶ୍ରମ ହିସାବରେ ପତ୍ରରେ ଅତି କମ୍ ମୂଲ୍ୟ ମିଳିଥାଏ। ଚଳିତ ବର୍ଷ ହରଭଙ୍ଗା ବ୍ଲକରେ ପତ୍ରତୋଳା ଆରମ୍ଭ ହୋଇଛି। କିଛି ଫଡି ଘରେ ତୋଳାଳିଙ୍କ ପାଇଁ ପିଇବା ପାଣିର ସୁବିଧା ନ ଥିବା ମଧ୍ୟ ଅଭିଯୋଗ ଆସୁଛି। ତେବେ କେନ୍ଦୁପତ୍ର ତୋଳାଳିଙ୍କ ଲାଗି ଥିବା ସରକାରୀ ସୁବିଧା ସୁଯୋଗ ଉପରେ ଚାରିଛକ ରେଞ୍ଜର ସୂର୍ଯ୍ୟକାନ୍ତ ନାୟକଙ୍କୁ ପଚାରିବାରୁ ଚଳିତ ବର୍ଷ କେନ୍ଦୁପତ୍ର ଗୁଚ୍ଛା କଟା ଟଙ୍କା ଦିଆଯାଇଛି। ଛତା, ଟୋପି, ପାଲ, ପାଣିବୋତଲ ଆଦି କ୍ରୟ ପାଇଁ ଗତବର୍ଷ ଟଙ୍କା ଦିଆଯାଇଛି। ଚଳିତ ବର୍ଷ ପାଇଁ ଟଙ୍କା ଆସି ନାହିଁ। ସେମାନଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା ହେଉଛି। କୌଣସି ହିତାଧିକାରୀଙ୍କୁ ହଇରାଣ କରାଯିବ ନାହିଁ। ଅଭିଯୋଗ ଆସିଲେ ତୁରନ୍ତ ସମାଧାନ କରାଯିବ ବୋଲି କହିଛନ୍ତି।



### ବିଜୟ ମହାକୁର ସୁବର୍ଣ୍ଣପୁର ଜିଲ୍ଲା ବିଜେପି କାର୍ଯ୍ୟକାରୀ ସଭାପତି

**ବିନିକା,୨୭ ।୪(ସମିସ):** ବିନିକା ବ୍ଲକ୍ ମେଘେଲା ଗ୍ରାମର ବିଜୟ ମହାକୁରଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ବିଜେପି କାର୍ଯ୍ୟକାରୀ ସଭାପତି ଭାବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦାୟିତ୍ୱ ପ୍ରଦାନ କରିଛନ୍ତି। ଶ୍ରୀ ମହାକୁର ପୂର୍ବରୁ ଜିଲ୍ଲା ସଭାପତି ପଦରେ ୩ବର୍ଷ ଦକ୍ଷତାର ସହିତ କାର୍ଯ୍ୟ ତୁଲାଇଥିଲେ। ସେହିପରି ସେ ବିଜେପିର ବ୍ଲକ ସଭାପତି ପଦଠାରୁ ଆରମ୍ଭ କରି ଦଳର ବିଭିନ୍ନ ପଦ ପଦବୀରେ ଥିଲେ। ଏବେ ସେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି।

## ରାବଣ ବଧ ସହ ରାମଲୀଳା ଉଦ୍‌ଯାପିତ



**ଜହ୍ନାପଙ୍କ,୨୭ ।୪(ସମିସ):** ବୌଦ୍ଧ ବ୍ଲକ ବଘିଆପଡା ପଞ୍ଚାୟତ ନୂଆଁପାଲିରେ ରଘୁନାଥ ନାଟ୍ୟ ସଂସଦ ଆନୁକୂଲ୍ୟରେ ଚାଲିଥିବା ରାମଲୀଳା ଏବର୍ଷ ୭୪ ବର୍ଷରେ ପଦାର୍ପଣ କରିଛି। ଗତ ଶ୍ରୀରାମ ନବମୀରୁ ବିଭିନ୍ନ ପୌରାଣିକ କଥା ବସ୍ତୁ ଉପରେ ନାଟକ ପରିବେଷଣ ହୋଇଥିଲା। ଏହି ଅବସରରେ ରାବଣ ବଧ ସହ ରାମଲୀଳା ଉଦ୍‌ଯାପିତ ହୋଇଛି।

## ମନଇଚ୍ଛା ବିଦ୍ୟୁତ୍ କାଟ୍; ଲୋକେ ଅସନ୍ତୁଷ୍ଟ

● ୪୪ ଡିଗ୍ରୀ ଖରାରେ ସନ୍ତୁଳି ହେଉଛନ୍ତି ଅଞ୍ଚଳବାସୀ

**ହରଭଙ୍ଗା,୨୭ ।୪(ସମିସ):** ବର୍ତ୍ତମାନ ବୌଦ୍ଧ ଜିଲ୍ଲାରେ ତାପମାତ୍ରା ସାରା ରାଜ୍ୟଠୁ ଅତ୍ୟଧିକ। ସକାଳ ୮ଟା ବାଜିଲେ ଘରୁ ବାହାରି ହେଉନି। ସମସ୍ତେ ଘରେ କୁଲର, ପଙ୍ଖା ଲଗାଇ ରହୁଛନ୍ତି। ବର୍ତ୍ତମାନ ସମୟରେ ବାରମ୍ବାର ବିଦ୍ୟୁତ୍ ନ କାଟିବାକୁ ନିର୍ଦ୍ଦେଶ ଦିଆଯାଇଛି; କିନ୍ତୁ ସବୁ ନିର୍ଦ୍ଦେଶକୁ ବେଖାତିର କରୁଛି କରାଯାଉଛି। ମନଇଚ୍ଛା ବିଦ୍ୟୁତ୍ କଟୁଛି। ଏଣୁ ଲୋକେ ଗରମରେ ଆଉଟୁପାଉଟୁ ହେଉଛନ୍ତି। ଏହାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ବଢୁଛି। ଦୀର୍ଘ ୧୫ ଦିନ ହେବ ହରଭଙ୍ଗା ଫିଡରରେ ବିଦ୍ୟୁତ୍ କାମ ଚାଲୁଥିବା କହି ଦୈନିକ ସକାଳ ୭ଟାରୁ ବିଦ୍ୟୁତ୍ କାଟ୍ ହେଉଛି। ମଧ୍ୟାହ୍ନ ୨ଟାରେ ବିଦ୍ୟୁତ୍ ସଂଯୋଗ ଦିଆଯାଉଛି। ଏହା ଦ୍ୱାରା ଲୋକେ ଗରମରେ ସିଝୁଛନ୍ତି। ତେବେ ଏ ନେଇ ନେଇ ଚାରିଛକ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପାଣିଗ୍ରାହୀଙ୍କୁ ପଚାରିବାରୁ ଜାଣି ଶୁଣି ଲୋକଙ୍କୁ ହଇରାଣ କରିବା ପାଇଁ ଚେଷ୍ଟା କରାଯାଉନି। ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ଯାଇଥିବା ତାର ଉଠାଇ କେବୁଲ ପକାଇବା ପାଇଁ କୁହାଯାଇଛି। ନ ଚେତ ବିଭିନ୍ନ ସମୟରେ ଜଙ୍ଗଲ ଜନ୍ତୁଙ୍କ ଜୀବନ ଯାଉଛି। ଲୋକେ ଜଙ୍ଗଲ ଜନ୍ତୁ ଶିକାର ପାଇଁ ଅବାଧ ହୁକ ପକାଇ କରେଣ୍ଟ ଦ୍ୱାରା ଶିକାର କରୁଛନ୍ତି। ଏଣୁ କେବୁଲ କାମ ଚାଲୁଛି। ଆଉ ଏକ ସପ୍ତାହ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ। ତା ପରେ ଆଉ ଏ ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି।

## ଭୋଟ୍ ଦେବାରୁ ବଞ୍ଚିତ ହେବେ ୮ ହଜାରରୁ ଅଧିକ ପ୍ରବାସୀ ଶ୍ରମିକ

**ଶଗଡା,୨୭ ।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ପ୍ରବାସୀ ଶ୍ରମିକ ଏକ ପ୍ରମୁଖ ସମସ୍ୟା ଭାବରେ ପରିଗଣିତ। ଏହାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଆନ୍ତରିକତା ନାହିଁ। ପେଟ ପାଟଣା ପାଇଁ କଣ୍ଟାମାଳ ଅଞ୍ଚଳର ହଜାର ହଜାର ଶ୍ରମିକ ତାମିଲନାଡୁ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଆଦି ରାଜ୍ୟକୁ ଯାଉଛନ୍ତି। କଣ୍ଟାମାଳ ଜିଲ୍ଲାର ଏକ ଉପାନ୍ତ ତଥା ଅନୁନ୍ନତ ଅଞ୍ଚଳ। ଏଠାରେ କୌଣସି କଳକାରଖାନା ନାହିଁ। ଅନ୍ୟପଟେ ସରକାର ନିଜ ଅଞ୍ଚଳରେ ଶ୍ରମିକମାନଙ୍କୁ କାମ ଯୋଗାଇ ଦେବାକୁ ମନରେଗା ଯୋଜନା ପ୍ରଣୟନ କରି ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ପ୍ରତ୍ୟେକ ମନରେଗା କାର୍ଯ୍ୟ ଶ୍ରମିକ ବଦଳରେ ମେସିନରେ ହେଉଥିବାରୁ ଶ୍ରମିକମାନେ କାମ ନ ପାଇ ହାତ ବାନ୍ଧି ବସିଛନ୍ତି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ କାମ ହେଉଥିବା ବେଳେ ଏମାନେ ଲାଭବାନ ହେଉଛନ୍ତି। କର୍ମ ସଂସ୍ଥାନ ନ ଥିବାରୁ ବ୍ଲକ୍‌ର ସମସ୍ତ ୨୪ଟି ପଞ୍ଚାୟତର ପ୍ରତ୍ୟେକ ଗ୍ରାମରୁ ହଜାର ହଜାର ଶ୍ରମିକ ବାହାର ରାଜ୍ୟକୁ ପରିବାର ପ୍ରତିପୋଷଣ ପାଇଁ କାମ ଅନ୍ୱେଷଣରେ ଯିବା ପାଇଁ ବାଧ ହେଉଛନ୍ତି। ବ୍ଲକର ପାଖାପାଖି ୮ ହଜାର ୩ଶହରୁ ଅଧିକ ଦାଦନ କାମ ପାଇଁ ବାହାର ରାଜ୍ୟକୁ ଯାଇଥିବା ଜଣା ପଡିଛି। ଏଥିପ୍ରତି ଶ୍ରମ ବିଭାଗ କି ଜିଲ୍ଲା ପ୍ରଶାସନ କେହି ବି ଆନ୍ତରିକତା ଦେଖାଉ ନ ଥିବା ଦେଖିବାକୁ ମିଳିଛି। ଜିଲ୍ଲା ଶ୍ରମ ଅଧିକାରୀଙ୍କ କହିବା ଅନୁଯାୟୀ ଗତ ବର୍ଷ କଣ୍ଟାମାଳ ବ୍ଲକରୁ ଜଣେ ମାତ୍ର ଦାଦନ ଶ୍ରମିକ ପଞ୍ଜୀକୃତ ହୋଇଥିବା ବେଳେ ଚଳିତ ବର୍ଷ ଜଣେ ମଧ୍ୟ ଶ୍ରମିକ ପଞ୍ଜୀକୃତ ହୋଇ ନ ଥିବା କହିଛନ୍ତି। ତେବେ ସମସ୍ତ ଶ୍ରମିକ ବେଆଇନ ଭାବେ ଯାଇଥିବା ବେଳେ ଶ୍ରମ ବିଭାଗ ନିକଟରେ କୌଣସି ଖବର ନାହିଁ। ତେବେ ଗତ ମାସ କଣ୍ଟାମାଳ ବ୍ଲକ ଲମ୍ବସରି ପଞ୍ଚାୟତ ଗୁହିରା ପାଲି, ଦେମୁହାନି ଗ୍ରାମର ୧୭ ଜଣ ଶ୍ରମିକ କର୍ଣ୍ଣାଟକ ରାଜ୍ୟକୁ ଦାଦନ ଯାଇଥିବା ବେଳେ ନିର୍ଯ୍ୟାତନାର ଶିକାର ହୋଇ ମାଲିକ ପାଖରେ ବନ୍ଧା ପଡ଼ିଥିଲେ। ସେମାନଙ୍କ ପରିବାରର ଗୁହାରି କ୍ରମେ ତତ୍କାଳ ଜିଲ୍ଲା ପ୍ରଶାସନ, ଶ୍ରମ ବିଭାଗ ଓ ପୁଲିସର ମିଳିତ ସହଯୋଗରେ ଉଦ୍ଧାର କରାଯାଇଥିଲା। ସେହିପରି କଣ୍ଟାମାଳ ବ୍ଲକର ଅନେକ ଗ୍ରାମରୁ ବାହାରକୁ ଯାଇଥିବା ପ୍ରବାସୀ ଶ୍ରମିକମାନେ ନିର୍ଯ୍ୟାତନାର ଶିକାର ହୋଇଥିଲେ। ଜିଲ୍ଲା ପ୍ରଶାସନ ସେମାନଙ୍କୁ ମଧ୍ୟ ଉଦ୍ଧାର କରିଛି। ବ୍ଲକରୁ ଏତେ ପରିମାଣରେ ଶ୍ରମିକ ବାହାର ରାଜ୍ୟକୁ ପରିବାର ଭରଣ ପୋଷଣ ପାଇଁ କାମ ଅନ୍ୱେଷଣରେ ଯାଉଥିବା ବେଳେ ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ତାଙ୍କୁ କାମ ଯୋଗାଇ ଦେବାରେ ବିଫଳ ହୋଇଛି।

■ ପଲଶାଗୋରା ଶ୍ରୀରାମ ଲୀଳା ଉତ୍ସବ

## ଇନ୍ଦ୍ରଜିତ୍ ଓ ତରଣୀସେନ ବଧ ନାଟକ ମଞ୍ଚସ୍ଥ



**ପଲଶାଗୋରା,୨୭ ।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରାରେ ମାଁ ଭୈରବୀ କଳାପରିଷଦ ଓ ମାରୁତି ନାଟ୍ୟ ସଂସଦ ପକ୍ଷରୁ ଶ୍ରୀରାମ ଲୀଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇନ୍ଦ୍ରଜିତ ବଧ, ଲକ୍ଷ୍ମଣ ଶକ୍ତିଭେଦ, ତରଣୀସେନ ବଧ ନାଟକ ମଞ୍ଚସ୍ଥ ହୋଇଛି। ଭୈରବୀ କଳାପରିଷଦର ଇନ୍ଦ୍ରଜିତ ବଧ ଓ ଲକ୍ଷ୍ମଣ ଶକ୍ତିଭେଦ ନାଟକରେ ଇନ୍ଦ୍ରଜିତ ଭାବେ କାଳିଆ ସେଠି, ରାମ ଭାବେ ସୁରେନ୍ଦ୍ର ଦନ୍ତା, ଲକ୍ଷ୍ମଣ ଭାବେ ବସନ୍ତ ବାଘ, ରାବଣ ଭାବେ ମନୋଜ ମହାନ୍ତି, ହନୁମାନ ଭାବେ ପ୍ରବୀର ସାହୁ, ଭରତ ଭାବେ ପୂର୍ଣ୍ଣ ଚନ୍ଦ୍ର ଖମାରୀ ଓ ଅନ୍ୟମାନେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ମାରୁତି ନାଟ୍ୟ ସଂସଦର ତରଣୀସେନ ବଧରେ ବିବେକାନନ୍ଦ ମହାକୁଡ଼, ଶିବ ସାହୁ, ରବୀନ୍ଦ୍ର ସାହୁ, ଅକ୍ଷୟ ଗିରି ଅଭିନୟ କରିଥିଲେ।

■ ଫୁଟ୍‌ପାଥ୍‌ରେ ବିକ୍ରି ହେଉଛି ନିମ୍ନମାନର ହେଲ୍‌ମେଟ୍

# ପୁଲିସ, ପରିବହନ ବିଭାଗ ଦେଖି ମଧ୍ୟ ଚୁପ୍

**ବୌଦ୍ଧ,୨୭ ।୪(ସମିସ):** ଫୁଟପାଥରେ ବିକ୍ରି ହେଉଛି ନିମ୍ନମାନର ହେଲମେଟ। ଏହାଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଦୁଇଚକିଆ ଯାନ ଚାଳକଙ୍କ ପାଇଁ ହେଲମେଟ ବାଧ୍ୟତାମୂଳକ କରାଯାଇଛି ତାହା ସାଧିତ ହୋଇପାରୁନାହିଁ। ପୁଲିସ, ପରିବହନ ବିଭାଗର ଅଧିକାରୀ ଏହା ଦେଖି ମଧ୍ୟ ଚୁପ୍।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତ ନାଗରିକଙ୍କ ଧନ ଜୀବନର ସୁରକ୍ଷା ଦେବା ସରକାରଙ୍କ ଦାୟିତ୍ୱ। ସେଥିପାଇଁ ଅନେକ ଆଇନ ମଧ୍ୟ ରହିଛି। ଏହି କ୍ରମରେ ଦୁଇଚକିଆ ଯାନ ଚାଳକଙ୍କ ଜୀବନ ରକ୍ଷା ପାଇଁ ଯାନ ଚାଳନା ସମୟରେ ହେଲମେଟ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ତେଣୁ ଚାଳକମାନେ ହେଲମେଟ ପିନ୍ଧି ଯାନ ଚାଳନା କରୁଥିବା ଦେଖାଯାଉଛି। ତେବେ ଅନେକ ଚାଳକ ଫୁଟପାଥରେ ବିକ୍ରି ହେଉଥିବା ନିମ୍ନମାନର ଶସ୍ତା ହେଲମେଟ ବ୍ୟବହାର କରୁଥିବା ଦେଖାଯାଉଛି। ରାଜପଥରେ ପରିବହନ ବିଭାଗ ଏବଂ ପୁଲିସ ପକ୍ଷରୁ ହେଲମେଟ ଯାଞ୍ଚ କଡାକଡି କରାଯିବା ସହ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ତେଣୁ କିଛି ଦୁଇଚକିଆ ଯାନ ଚାଳକ ପ୍ରକୃତପକ୍ଷେ ନିଜ ଜୀବନ ରକ୍ଷା ପରିବର୍ତ୍ତେ ଜରିମାନାରୁ ବର୍ତ୍ତିବା ପାଇଁ ଶସ୍ତାରେ ମିଳୁଥିବା ନିମ୍ନମାନର ହେଲମେଟ ବ୍ୟବହାର କରୁଛନ୍ତି। ଦୁର୍ଘଟଣାଗ୍ରସ୍ତ ଅଧିକାଂଶ ଦୁଇଚକିଆ ଯାନ ଚାଳକ ମୁଣ୍ଡରେ ଆଘାତ କାରଣରୁ ମୃତ୍ୟୁ ମୁଖରେ ପଡୁଥିବା ବେଳେ ଚାଳକଙ୍କ ମୁଣ୍ଡର କବଚ ସ୍ୱରୂପ ହେଲମେଟ ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା ଦୁଇଚକିଆ ଯାନ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରାଯାଇପାରିବ। ତେବେ ଏଭଳି ନିମ୍ନମାନର ହେଲମେଟ ଦୁର୍ଘଟଣା ଜନିତ ସଂଘାତ ସହ୍ୟ କରି ପାରିବ ନାହିଁ ଏବଂ ଚାଳକଙ୍କ ମୁଣ୍ଡକୁ ଆଘାତରୁ ରକ୍ଷା କରି ପାରିବ ନାହିଁ। ଆହୁରି ମଧ୍ୟ ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରାଳୟ ପକ୍ଷରୁ ୨୦୨୧ ଜୁନ ୧ ତାରିଖରୁ ହେଲମେଟରେ ଆଇଏସଆଇ ମାର୍କ ରହିବା ଜରୁରୀ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଆଇଏସଆଇ ମାର୍କ ହେଉଛି ଏକ ସ୍ୱୀକୃତି ଚିହ୍ନ; ଯାହା କୌଣସି ଶିଳ୍ପ ଉତ୍ପାଦକୁ ଭାରତୀୟ ମାନକ ବ୍ୟୁରୋର ମାର୍ଗଦର୍ଶିକା ଅନୁସାରେ ବିଭିନ୍ନ ପରୀକ୍ଷଣ ପରେ ସୁରକ୍ଷିତ ଏବଂ ବିଶ୍ୱସନୀୟ ବୋଲି ପ୍ରଦାନ କରାଯାଇଥାଏ। ତେବେ ଫୁଟପାଥରେ ବିକ୍ରି ହେଉଥିବା ହେଲମେଟର ମୂଲ୍ୟ ୫୦୦ରୁ ୭୦୦ ଟଙ୍କା ମଧ୍ୟରେ ରହୁଥିବା ବେଳେ ଉଚ୍ଚ ଗୁଣବତ୍ତା ସମ୍ପର୍ଣ୍ଣ ଆଇଏସଆଇ ମାର୍କ ଥିବା ହେଲମେଟ ୨ ହାଜରରୁ ୩ ହଜାର ଟଙ୍କା ମଧ୍ୟରେ ବିକ୍ରି ହେଉଛି। ଏସବୁ ନିମ୍ନ ମାନର ହେଲମେଟରେ କେତେକ ସ୍ଥଳେ ନକଲି ଆଇଏସଆଇ ମାର୍କ ମଧ୍ୟ ରହୁଛି। ତେଣୁ ଆଇନ ପ୍ରବର୍ତ୍ତନ ଅଧିକାରୀମାନେ ଚାଳକଙ୍କ ହେଲମେଟ ପ୍ରକୃତରେ ବ୍ୟବହାର ଯୋଗ୍ୟ କି ନୁହେଁ ତାହା ଯାଞ୍ଚ କରିବାର ଆବଶ୍ୟକତା ରହିଛି। ତେବେ ଏ ସମ୍ପର୍କରେ ବୌଦ୍ଧ ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଚାଳକ ହେଲ୍‌ମେଟ ପିନ୍ଧିଛି ନା ନାହିଁ ତାହା ହିଁ କେବଳ ଯାଞ୍ଚ କରାଯାଉଛି; କିନ୍ତୁ ଆଇଏସ୍‌ଆଇ ମାର୍କ ଥିବା ହେଲ୍‌ମେଟ ଯାଞ୍ଚ କରିବା ସମ୍ଭବପର ହୋଇପାରୁନାହିଁ।



## କୁଜଙ୍ଗ ଡାକ୍ତରଖାନାରେ ଅବ୍ୟବସ୍ଥା

# ତ୍ୱରିତ ଆମ୍ବୁଲାନ୍ସ ସେବା ନାହିଁ; ଅସମୟରେ ଯାଉଛି ଜୀବନ

କୁଜଙ୍ଗ, ୨୭।୪(ସମିସ): କଟକ-ପାରାଦୀପ ରାସ୍ତାରେ ଏବେ ଦୁର୍ଘଟଣା ବଢୁଥିବା ବେଳେ କ୍ରମବର୍ଦ୍ଧିଷ୍ଣୁ କଳକାରଖାନା ଯୋଗୁ ଯୁବକଙ୍କଠାରୁ ବୟସ୍କଙ୍କ ମଧ୍ୟରେ ରୋଗ ଯନ୍ତ୍ରଣା ମଧ୍ୟ ବଢୁଛି। ମାତ୍ର ସେହି ତୁଳନାରେ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ସୁଦୃଢ ହୋଇନାହିଁ। ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ ହେଲେ ଅସମୟରେ ଧନଜୀବନ ହାନୀ ହେବନି ବୋଲି କହିଛନ୍ତି କୁଜଙ୍ଗର ପୂର୍ବତନ ସମିତି ସଭ୍ୟ ଏଏନ୍‌ଡି ଯାଦବ। ଗତ ବର୍ଷ ଏପ୍ରିଲ୍‌ରେ କୁଜଙ୍ଗ ତହସିଲ କାର୍ଯ୍ୟାଳୟର ଗାଡି ଦୁର୍ଘଟଣାର ଶୀକାର ହେବା ଓ ଦୁଇ ଆହତ ଅଧିକାରୀଙ୍କ ମଧ୍ୟରୁ ଜଣଙ୍କର ଅକାଳ ବିୟୋଗ ଘଟିବା କୁଜଙ୍ଗବାସୀଙ୍କୁ ଶୋକାଭିଭୂତ କରିଛି। କୁଜଙ୍ଗ ତହସିଲର ବଡବାବୁ ଲାଲା ଅମରେନ୍ଦ୍ର ରାୟଙ୍କ ଅକାଳ ବିୟୋଗ ଘଟିଥିବା ବେଳେ ଅତିରିକ୍ତ ତହସିଲଦାର ବାଇଧର ପ୍ରଧାନ କଟକ ଏସ୍‌ସିବିରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ କୁଜଙ୍ଗ ତହସିଲ ପ୍ରଶାସନର ଦୁଇ ଅଧିକାରୀଙ୍କ ଦୁର୍ଘଟଣା, ପ୍ରାଥମିକ ଚିକିତ୍ସା ଓ ଆମ୍ବୁଲାନ୍ସ ଯୋଗାଡ କୁଜଙ୍ଗର ସ୍ୱାସ୍ଥ୍ୟ ସେବାର ପ୍ରକୃତ ସତ୍ୟକୁ ପଦାରେ ପକାଇଥିବା ବେଳେ ଏବେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ କୁଜଙ୍ଗରେ ଅତ୍ୟାଧୁନିକ ଚିକିତ୍ସା, ଏପରିକି ଆବଶ୍ୟକୀୟ ସମୟପୋଯୋଗୀ ଅମ୍ଳଜାନ ଓ ଅନ୍ୟାନ ସୁବିଧା ଯେ ପର୍ଯ୍ୟାପ୍ତ ନାହିଁ ତାହା ସ୍ପଷ୍ଟ ହୋଇଛି। ସ୍ଥାନୀୟ କିଛି ବ୍ୟକ୍ତିଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଗାଡିରେ ଫସିଥିବା ଦୁଇ ଅଧିକାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ଓ ଚିକିତ୍ସା ଆରମ୍ଭରେ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଥିବା ବେଳେ ସେମାନଙ୍କୁ କଟକ ପାଇଁ ଆମ୍ବୁଲାନ୍ସ ଯୋଗାଡ କରିବାକୁ ଦୀର୍ଘ ସମୟ ଲାଗିଥିଲା। ଏପରିକି ପାରାଦୀପର ଏକ ଶିଳ୍ପ ସଂସ୍ଥା ଓ ଏକ ଟ୍ରକ୍ ମାଲିକ ସଂଘର ଦୁଇ ଆମ୍ବୁଲାନ୍ସ ଯୋଗାଡ ହେବାରୁ କଟକରେ ଜୀବନ ନେଇ ପହଞ୍ଚି ପାରିଥିଲେ। କେବଳ ସେତିକି ନୁହେଁ ପଙ୍କପାଳ ଶିଶୁ ମନ୍ଦିରର ଜଣେ କର୍ମଚାରୀ ଗତ କିଛିଦିନ ତଳେ ହୃଦଘାତରେ ଶିକାର ହୋଇଥିବା ବେଳେ ତାଙ୍କୁ କଟକ ପଠାଯିବା ପାଇଁ ଜଗତସିଂହପୁରର ଆମ୍ବୁଲାନ୍ସ ମାଗାଯିବାକୁ ପଡ଼ିଥିଲା। ମୁମୁର୍ଷ ଅବସ୍ଥାରେ ରୋଗୀ ମେଡିକାଲରେ ପଡ଼ିରହିବା ଓ ଅସମୟରେ ଜୀବନ ଯିବାକୁ ଅତ୍ୟାଧୁନିକ ବ୍ୟବସ୍ଥା ଥିବା ଅମ୍ବୁଲାନ୍ସ ସହ ଟ୍ରମା ଚକିତ୍ସା ବ୍ୟବସ୍ଥା କୁଜଙ୍ଗରେ କରାଯିବାକୁ ସାଧାରଣରେ ଦାବି ହୋଇଥିବା ବେଳେ ଏହି ସବୁ ବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ପାରାଦୀପ ପରି ବିଶ୍ୱସ୍ତରୀୟ ଶିଳ୍ପାଞ୍ଚଳ ଯେଉଁ ତହସିଲ ମଧ୍ୟରେ ଅବସ୍ଥିତ ସେହି ତହସିଲର ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ବିକାଶ ପାଇଁ ପାରିପାର୍ଶ୍ୱିକ ଉନ୍ନୟନରେ କେତୋଟି ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ସାଧାଣରେ ଦାବି ହୋଇ ଆସୁଥିବା ବେଳେ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଦାବି ଏବେ ଜୋର ଧରିଛି। କୁଜଙ୍ଗରେ ଦୁର୍ଘଟଣା କିମ୍ବା ମୁମୁର୍ଷ ରୋଗୀଙ୍କ ଚିକିତ୍ସା ପାଇଁ ପାରାଦୀପ କିମ୍ବା ଜଗତସିଂହପୁରରୁ ଆମ୍ବୁଲାନ୍ସ ମଗାଇବା ରୋଗୀଙ୍କ ସହିତ କିପରି ନ୍ୟାୟ ହେଉଛି ବୋଲି ବହୁ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଥିବା ବେଳେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ରହିବା ନେଇ ସାଧାରଣରେ ଦାବି ହୋଇଛି।




### ଏମାନେ ଯାହା କୁହନ୍ତି...



କୁଜଙ୍ଗରେ କୌଣସି ବ୍ୟକ୍ତି ହଠାତ୍ ଅସୁସ୍ଥ ହେଲେ ସବୁବେଳେ ୧୦୮ ସେବା ଉପଲବ୍ଧ ହେଉନଥିବା ବେଳେ ଶିଳ୍ପସଂସ୍ଥା ହେଉ କିମ୍ବା ବେସରକାରୀ ଆମ୍ବୁଲାନ୍ସ ସେବା ଯୋଗାଣର ଆବଶ୍ୟକତା ଜରୁରୀ ହୋଇପଡ଼ିଛି। କୁଜଙ୍ଗରେ ସବୁ ଡାକ୍ତର ପଦବୀ ପୂରଣ ସହ ୨୪ ଘଣ୍ଟିଆ ରୋଗୀସେବା ବ୍ୟବସ୍ଥା କରିବାକୁ ଗରୁତ୍ୱ ଦେବା ଉଚିତ।

- ନବ କୁମାର ସାହୁ, ବ୍ୟବସାୟୀ କୁଜଙ୍ଗ



ଗତ କରୋନା ସଂକଟ କାଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଯେତେବେଳେ ଆମ୍ବୁଲାନ୍ସ ସେବା ସ୍ୱପ୍ନ ହୋଇପଡ଼ିଥିଲା ଶ୍ରମିକ ନେତା ବାପି ସର୍ଖେଲଙ୍କ ପକ୍ଷରୁ ୫ଟି ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଅଞ୍ଚଳବାସୀଙ୍କ ବିଶେଷ ଉପକାରରେ ଲାଗିଥିଲା। ଏହା କେବଳ କରୋନା ବେଳେ ଆମ୍ବୁଲାନ୍ସ ସେବା ଉଦ୍ଦେଶ୍ୟରେ କରାଯାଇଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ଶିଳ୍ପସଂସ୍ଥା ହେଉ କିମ୍ବା ପ୍ରଶାସନିକ ବ୍ୟବସ୍ଥାରେ କୁଜଙ୍ଗ ପରି ଏକ ସମୃଦ୍ଧ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇଁ ତ୍ୱରିତ ଭାବେ ଆମ୍ବୁଲାନ୍ସ ସେବା ଜରୁରୀ ହୋଇପଡ଼ିଛି।

ଏଏନ୍‌ଡି ଯାଦବ, ପୂର୍ବତନ ସମିତି ସଭ୍ୟ, କୁଜଙ୍ଗ

# ଲୁଣା ନଦୀରେ ବୁଡ଼ିଗଲେ ୨ ନାବାଳିକା

● ଜଣେ ଉଦ୍ଧାର, ଅନ୍ୟଜଣଙ୍କ ପତ୍ତା ମିଳୁନି



ମହାକାଳପଡ଼ା, ୨୭।୪(ସମିସ): ମହାକାଳପଡ଼ା ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ବନ୍ଧପଡ଼ା ଗ୍ରାମରେ ଶନିବାର ଘଟିଛି ଏକ ଅଘଟଣ। ଗ୍ରାମ ନିକଟ ଦେଇ ବହିଯାଇଥିବା ଲୁଣା ନଦୀରେ ୨ ଜଣ ନାବାଳିକା ଝିଅ ଗାଧୋଉଥିବାବେଳେ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟଜଣଙ୍କ ପତ୍ତା ମିଳୁନି।

ପ୍ରକାଶ ଯେ, ଏହି ଗ୍ରାମର ଅମର ବେହେରାଙ୍କ ବଡ ଝିଅ ଅଭିଲିପ୍ସା ବେହେରା(୧୪) ଓ ପବିତ୍ର ସେଠୀଙ୍କ ଝିଅ ରାଜଲକ୍ଷ୍ମୀ ସେଠୀ ନଦୀକୁ ଗାଧୋଇ ଯାଇଥିଲେ। ଅବାସଧାନତା ଯୋଗୁ ଉଭୟ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ବୁଡି ଯାଉଥିବାବେଳେ ଉଦ୍ଧାର ପାଇଁ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ରାଜଲକ୍ଷ୍ମୀଙ୍କୁ ଉଦ୍ଧାର କରିଥିବାବେଳେ ଅଭିଲିପ୍ସାଙ୍କ ପତ୍ତା ମିଳୁନାହିଁ। ଖବରପାଇ ମହାକାଳପଡ଼ା ଓ ଗରଦପୁରର ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବାବେଳେ ନିଖୋଜ ନାବାଳିକା ଅଭିଲିପ୍ସାଙ୍କ କୌଣସି ପତ୍ତା ମିଳିନାହିଁ। ଅଭିଲିପ୍ସା ନବମ ଶ୍ରେଣୀରେ ପାଠ ପଢୁଥିଲେ।

# ନିଆରା ଶୈଳୀରେ ଭୋଟର ସଚେତନତା

ଜଗତସିଂହପୁର, ୨୭।୪(ସମିସ): ଜଗତସିଂହପୁର ଜିଲ୍ଲାରେ ଜୁନ୍ ୧ରେ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନୁପମ ସାହା ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନ ପାଇଁ ପଦକ୍ଷେପ ନେଇଥିବା ସୂଚନା ମିଳିଛି। ଭୋଟରମାନଙ୍କୁ ସଚେତନ କରିବା ନିମନ୍ତେ (ସ୍ୱିପ ) ଅନ୍ତର୍ଗତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଚାଲୁରହିଛି। ଆଜି ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଏକ ନିଆରା ଢଙ୍ଗରେ ସମସ୍ତ ବର୍ଗର ଜନସାଧାରଣଙ୍କୁ ଜୁନ ୧ରେ ଭୋଟ ଦେବା ପାଇଁ ସଚେତନ କରିବା ନିମନ୍ତେ ସ୍ୱତନ୍ତ୍ର ଭିଡିଓ ବାର୍ତ୍ତା ପ୍ରସ୍ତୁତ କରାଯାଇଛି। ଏହି ଭିଡିଓରେ କିନ୍ନରମାନେ ଗାଡିରେ ଯାଉଥିବା ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ ପତ୍ର ମାଧ୍ୟମରେ ଜୁନ ୧ ତାରିଖରେ ପରିବାର ସହ ବୁଥ୍‌ରେ ପହଞ୍ଚି ମତଦାନ ସହ ଦେଶ ଓ ରାଜ୍ୟ ପାଇଁ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଅନୁରୋଧ କରୁଛନ୍ତି। ସେହିପରି ଅନ୍ୟ ଏକ ଭିଡିଓରେ ଚା' ଖଟିରେ ଗ୍ରାହକମାନଙ୍କୁ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।



# କବାଡ଼ିଆ ସାମଗ୍ରୀ ସହ ମାଲିକ ଗିରଫ

ପାରାଦୀପ, ୨୭।୪(ସମିସ): ଚୋରା ଲୁହା କାରବାରରେ ପାରାଦୀପ ଆଦର୍ଶ ଥାନା ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ମୁତାବକ ଶୁକ୍ରବାର ରାତିରେ ଅଠରବାଙ୍କୀ ନିକଟରେ ପାଟ୍ରୋଲିଂବେଳେ ସନ୍ଦେହରେ ଏକ ଟାଟାଏସ୍‌ଇ ଗାଡିକୁ ଅଟକାଇବାରୁ ସେଥିରେ ୩ କୁଇଣ୍ଟାଲ ଲୁହା ସାମଗ୍ରୀ ଥିବା ପୁଲିସ ଜାଣିବାକୁ ପାଇଥିଲା। ଥାନାକୁ ଆଣି ତଦନ୍ତ ପରେ ତାହା ଚୋରି ଲୁହା ବୋଲି ପୁଲିସ ଜାଣିବାକୁ ପାଇଥିଲା। ଏଥିରେ ସମ୍ପୃକ୍ତ କେନ୍ଦ୍ରାପଡ଼ା ମହାକାଳପଡ଼ା ହରିଅନ୍ତାର ହିମାଂଶୁ ଦାସଙ୍କ ପୁଅ ମୁନା ଦାସ (୩୦) କୁ ପୁଲିସ ଗିରଫ କରିବା ସହ ଗାଡି ଜବତ କରିଥିଲା। ଏନେଇ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ।

# ହାଜିପୁର ଇଦ୍ ମିଳନରେ ସାଂସଦ ପ୍ରାର୍ଥୀ ରାଜଶ୍ରୀ



ବିରିଡ଼ି, ୨୭।୪(ସମିସ): ବିରିଡ଼ି ବ୍ଲକ ହାଜିପୁରରେ ଇଦ ମିଳନ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲା ସଂଖ୍ୟାଲଘୁ ସେଲ୍‌ଫ ସଭାପତି ମୀରା ଅଜମୀର ଅଲ୍ଲୀଙ୍କ ପୌରୋହିତ୍ୟରେ ବସ୍ତିର ମସଜିଦ ସମ୍ମୁଖ ପଡ଼ିଆରେ ଇଦ୍ ମିଳନ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ ସାଂସଦ ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହିତ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ଜିଲ୍ଲା ଉପସଭାପତି ପବିତ୍ର ପଶାୟତ, ସ୍ଥାନୀୟ ସମିତି ସଭ୍ୟ ସନ୍ତୋଷ ନାୟକ, ପୁଷ୍ପ ପ୍ରକାଶ ପ୍ରଧାନ, ମାନସ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଏ ଅବସରରେ ମୁଖ୍ୟଅତିଥି ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ସାଂସଦ ପ୍ରାର୍ଥୀ ଡ. ମଲ୍ଲିକ ସମସ୍ତଙ୍କୁ ଇଦ ମୁବାରକ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସୋଲାର ମିଶ୍ର, ବିଏଲକେ ଅଧକ୍ଷା ମମତା ପାତ୍ର, ନୃସିଂହ କୁମାର ଦାଶ, ଦେବୀପ୍ରସାଦ ତ୍ରିପାଠୀ, ଦୀପ୍ତିମୟୀ ରାୟ, ପିନକୀ ପ୍ରିୟଦର୍ଶିନୀ, ସୁଶାନ୍ତ ସାହୁ, ପ୍ରମୋଦ ବେହେରା, ସମ୍ପୂର୍ଣ୍ଣ ନନ୍ଦ ମିଶ୍ର, ଆତିଫଉଦ୍ଦିନ ଖାଁ ପ୍ରମୁଖ ଯୋଗ ଦେଇଥିବାବେଳେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବେଗୁନିଆରେ ବସନ୍ତ ରାହାସ ଉତ୍ସବ

ତିର୍ତ୍ତୋଲ, ୨୭।୪(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କଟରା ପଞ୍ଚାୟତ ବେଗୁନିଆ ଗ୍ରାମରେ ରାଧାକୃଷ୍ଣଙ୍କର ବସନ୍ତ ରାହାସ ଉତ୍ସବ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଗ୍ରାମଦେବତୀ ଜାଗୁଳାଇ ପୀଠରେ ଦୀର୍ଘ ୫୦ ବର୍ଷ ଧରି ଏହା ପାଳିତ ହୋଇ ଆସୁଛି। ଏହି ଉପଲକ୍ଷେ ପୀଠରେ ୫ଦିନ ଧରି ନାମ ସଂକୀର୍ତ୍ତନ ସହିତ ରାହାସ ଉତ୍ସବ ପାଳିତ ହୋଇଥିଲା। ଗ୍ରାମର କରୁଣାକର ସ୍ୱାଇଁ, ଯୁଗଳ ବାରିକ, ଯଶୋବନ୍ତ ରାଉତ, ରମେଶ ମହାନ୍ତି, ପ୍ରଭାତ ମହାନ୍ତି, ନରେନ୍ଦ୍ର ମହାରଣା, ବିଜୟ ନାୟକ ସମେତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।



# ପିପିଏଲ୍‌କୁ ବେଷ୍ଟ ଆନୁଆଲ୍ ରିପୋର୍ଟ ଆୱାର୍ଡ



ପାରାଦୀପ, ୨୭।୪(ସମିସ): ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ୍‌କୁ ୨୦୨୩ ଆର୍ଥିକ ବର୍ଷ ପାଇଁ ବେଷ୍ଟ ଆନୁଆଲ ରିପୋର୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ଆୱାର୍ଡ ମୁମ୍ବାଇର ବେ' କ୍ଲବଠାରେ ଚଳିତ ମାସ ୨୬ ତାରିଖ ଦିନ ସେବୀର ପୂର୍ବତନ ଅଧ୍ୟକ୍ଷ ଏମ୍ ଦାମୋଦରଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏହି ସମାବେଶରେ ଲୋଧାର ପ୍ରତିଷ୍ଠାତା ଅଭିନନ୍ଦନ ଲୋଧା ଏବଂ କୋଟକ୍ ବ୍ୟାଙ୍କ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଦେବଙ୍ଗ ଡିୱାଲ ମଧ୍ୟ ଉପସ୍ଥିତ ଥିଲେ। ପାରାଦୀପ ଫସଫେଟ୍ସ ଲିମିଟେଡ଼ ପକ୍ଷରୁ ମୁଖ୍ୟ ଆର୍ଥିକ ଅଧିକାରୀ ବିଜୟ ବିଶ୍ୱାଳ, ମୁଖ୍ୟ କର୍ପୋରେଟ ଅଧିକାରୀ ସୁଧି ରଞ୍ଜନ ମିଶ୍ର ଏବଂ ସୁଶାନ୍ତ ଲୋହାରି ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର କର୍ପୋରେଟ୍ ଗଭର୍ଣ୍ଣାନ୍ସରେ ଉଚ୍ଚମାନର ନୂତନ ମାଇଲଖୁଣ୍ଟକୁ ମାପିବା ପାଇଁ ପାରାଦୀପ ଫସଫେଟ୍ସ ଲିମିଟେଡ଼କୁ ପ୍ରେରଣା ଯୋଗାଇବ।

## କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ

ପାରାଦୀପ, ୨୭।୪ (ସମିସ): ପାରାଦୀପ ବଡ଼ପଡ଼ିଆରେ ପାରାଦୀପ ନଗର କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଦଳୀୟ ବିଧାୟକ ପ୍ରାର୍ଥୀ ଆଡଭୋକେଟ୍ ନିରଞ୍ଜନ ନାୟକ ଏହି କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଏ ଅବସରରେ କଂଗ୍ରେସ କର୍ମୀ ଓ ମହିଳାମାନେ ଶ୍ରୀ ନାୟକଙ୍କୁ ସ୍ୱାଗତ କରିଥିଲେ। ପାରାଦୀପ ସହରରେ ଥିବା କଂଗ୍ରେସ କର୍ମୀଙ୍କୁ ଏକଜୁଟ୍ କରିବା ପାଇଁ ଶ୍ରୀ ନାୟକ ଉପସ୍ଥିତ ଦଳୀୟ କର୍ମୀଙ୍କୁ ନିବେଦନ କରିଥିଲେ। କଂଗ୍ରେସ ସରକାର ସମୟରେ ପାରାଦୀପ ବନ୍ଦର, ପିପିଏଲ୍ ସାର କାରଖାନା, ପାରାଦୀପ ରିଫାଇନାରୀ, ଇଫ୍‌କୋ ସାର କାରଖାନା ଆଦି ପ୍ରତିଷ୍ଠା ହୋଇଛି। ଲକ୍ଷ୍ୟାଧିକ ଲୋକଙ୍କୁ ଅନ୍ନସଂସ୍ଥାନ ଯୋଗାଇଛି କଂଗ୍ରେସ୍ ଦଳ। ଆଗାମୀ ନିର୍ବାଚନରେ କଂଗ୍ରେସକୁ ଭୋଟ ଦେବାକୁ କଂଗ୍ରେସ ପ୍ରାର୍ଥୀ ଶ୍ରୀ ନାୟକ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କଂଗ୍ରେସ ପାରିଷଦ କେଦାର ନାଥ ଜେନା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା କେଦାର ବିଶ୍ୱାଳ, ପୂର୍ବତନ ନଗର କଂଗ୍ରେସ ସଭାପତି ନାରାୟଣ ସ୍ୱାଇଁ, ଅନୀଲକୁମାର ନାୟକ, ମନୋରମା ଖଟୁଆ, କମଳା ଓଝା, ବିଜୟଲକ୍ଷ୍ମୀ ଦାସ, ଅମୀୟ ଦାସ, ତ୍ରିନାଥ ମହାନ୍ତି, କୈଳାସ ବାରିକ ପ୍ରମୁଖ ଯୋଗ ଦେଇ ଆଗାମୀ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ନାୟକଙ୍କୁ ଜିତାଇବାକୁ କର୍ମୀଙ୍କୁ ନିବେଦନ କରିଥିଲେ।

# ହକି ଅମ୍ପାୟାରିଂ କୋର୍ସରେ ପାରାଦୀପର ୩ ଛାତ୍ରଙ୍କ କୃତୀତ୍ୱ




ପାରାଦୀପ, ୨୭।୪(ସମିସ): ଗତ ଏପ୍ରିଲ୍ ୨୪ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଠାରେ ଓଏନ୍‌ଟି ଏଚ୍‌ଏଚ୍‌ପିସି ଦ୍ୱାରା ପରିଚାଳିତ ହକିର ବୈଷୟିକ ଅଧିକାରୀ ଏବଂ ଅମ୍ପାୟାରମାନଙ୍କର ଏକ ତାଲିମ୍ କାର୍ଯ୍ୟକ୍ରମରେ ଡିଏଭି ପିପିଏଲ୍ ପାରାଦୀପର ୩ ଛାତ୍ର ସମ୍ବିତ୍ ସାମଲ, ନିଖିଲ୍ କୁମାର ରାଉତ ଓ ଅମରଜିତ ସାହୁ କୃତକାର୍ଯ୍ୟ ହୋଇଛନ୍ତି। ଡିଏଭି ପବ୍ଲିକ ସ୍କୁଲ ପିପିଏଲ୍ ପାରାଦୀପଠାରେ ଥିବା ତୃଣମୂଳ ହକି ପ୍ରଶିକ୍ଷଣ କେନ୍ଦ୍ରର ନିଖିଲ୍ କୁମାର ରାଉତ, ସମ୍ବିତ୍ କୁମାର ସାମଲ୍ ଓ ଅମରଜିତ ସାହୁ ଏହି ଆଡ଼ଭାନ୍‌ସ୍ ହକି ଅମ୍ପିୟାରିଙ୍ଗ ଓ ଟେକ୍ନିକାଲ ଅଫିସିଆଲ କୋର୍ସରେ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି।

ପ୍ରକାଶ ଥାଉକି, ଏହି କୋର୍ସରେ ସାରା ରାଜ୍ୟରୁ ପ୍ରାୟ ୩୦ ଜଣ ପ୍ରଶିକ୍ଷଣ ନେଇଥିଲେ ଓ ପାରାଦୀପର ଏହି ତିନି ଜଣ ଛାତ୍ର ଶିବିରରେ ଅତି ଭଲ ପ୍ରଦର୍ଶନ କରିଥିଲେ। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଏଫ୍.ଆଇ.ଏଚ୍‌ର ଟେକ୍ନିକାଲ୍ ଅଫିସିଆଲ ବିଶ୍ୱରଞ୍ଜନ ଷଡଙ୍ଗୀ ପରିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ତିନିଜଣ ଛାତ୍ରଙ୍କ କୃତିତ୍ୱ ପାଇଁ ପିପିଏଲ୍ ପାରାଦୀପର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଓ ସୁମିତ୍ ସେନାପତି ଏହି ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଡି.ଏ.ଭି ପିପିଏଲ୍ ପାରାଦୀପର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ, ଚିଫ୍ ମ୍ୟାନେଜର ସଞ୍ଜୟ କେତନ ସେଠୀ ଓ ଅନ୍ୟ ଅଧିକାରୀ ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସ୍କୁଲର କ୍ରୀଡ଼ା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟ ଓ ଏନ୍‌ଟିଏଚ୍‌ଏଚପିସିର ସମସ୍ତ ପ୍ରଶିକ୍ଷକ ଓ ମୁଖ୍ୟ ଗ୍ରାସ୍‌ରୁଟ୍ ସଂଯୋଜକ ଶେଖର ଚନ୍ଦ୍ର ବେହେରାଙ୍କୁ ଧନ୍ୟବାଦ ଦେବା ସହ ଏହି ଛାତ୍ରମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଓଡ଼ିଶା ହକିରେ ଏହି ୩ଜଣ ଜଗତସିଂହପୁର ଜିଲ୍ଲାର ପ୍ରଥମ ହକି ଅମ୍ପାୟାର ବୋଲି ମଧ୍ୟ ଶ୍ରୀ ଶାଶ୍ୱତ କୁମାର ଭାରତୀୟ ଜଣାଇଛନ୍ତି।

## ପ୍ଲାଷ୍ଟିକ୍ ପ୍ରଳୟ ପଥେ ପୃଥିବୀ ଶୀର୍ଷକ ଆଲୋଚନା ଚକ୍ର

# ପ୍ଲାଷ୍ଟିକ୍ ଆବର୍ଜନା ମୁକ୍ତ ପୃଥିବୀ ଗଠନ ପାଇଁ ଆହ୍ୱାନ

ଜଗତସିଂହପୁର, ୨୭।୪(ସମିସ): ଜଇପୁର ସ୍ଥିତ ଆଦର୍ଶ ବୟନଗ୍ରାମ ରଙ୍ଗଣୀ ସାହି ସମବାୟ ସମିତି ଗୃହରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନସାଫ୍ ଆନୁକୂଲ୍ୟରେ ପ୍ଲାଷ୍ଟିକ୍ ପ୍ରଳୟ ପଥେ ପୃଥିବୀ ଶୀର୍ଷକ ଏକ ସଚେତନ ଧର୍ମୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରକୃତିବନ୍ଧୁ ସଂଯମ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଇନସାଫ୍‌ର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜକ ଭାବେ ଯୋଗଦେଇ ପ୍ଲାନେଟ୍ ବନାମ ପ୍ଲାଷ୍ଟିକ ସମ୍ପର୍କରେ ତଥ୍ୟ ଓ ତତ୍ତ୍ୱ ଆଧାରିତ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ସମିତିର ସଭାପତି ହେମନ୍ତ କୁମାର ସାହୁ, ସମ୍ପାଦକ ମାନସ ରଞ୍ଜନ ପୃଷ୍ଟି, ବିରିଡି ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ ରଞ୍ଜନ ଦାସ, ମୁଖ୍ୟଅତିଥିଭାବେ ରାଜ୍ୟ ଯୁବ ରେଡକ୍ରସ ପ୍ରଶିକ୍ଷକ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ଯୋଗଦେଇ ପ୍ଲାଷ୍ଟିକ ଏକ ଅଣ-ଜୈବ ବିଭାଜନକ୍ଷମ ଉପାଦାନ ହୋଇଥିବା ଯୋଗୁ ସମ୍ପ୍ରତି ଏହାର ବହୁଳ ବ୍ୟବହାର ପରିବେଷ ପ୍ରଦୂଷଣର ଏକ ମୁଖ୍ୟ ଉତ୍ସ ହେବା ସହ ସମଗ୍ର ଜୀବଜଗତ ତଥା ପୃଥିବୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି ବୋଲି ଦର୍ଶାଇଥିଲେ। ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା ସହ ଆଗାମୀ ପିଢିପାଇଁ ପ୍ଲାଷ୍ଟିକ୍ ଆବର୍ଜନା ମୁକ୍ତ ପୃଥିବୀ ଗଠନ ଦିଗରେ ବ୍ରତୀ ହୋଇ ବହୁବିଧ ବିକଳ୍ପ ପନ୍ଥା ଅବଲମ୍ବନ କରିବା ନିମନ୍ତେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମବେତ ଭାବେ ସବୁଜ ଶପଥ ଗ୍ରହଣ କାରଯାଇଥିଲା। ପ୍ଲାଷ୍ଟିକ୍ ସମ୍ପର୍କରେ ଲିଖିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଭାବେ ଓମ୍ ପ୍ରକାଶ ସ୍ୱାଇଁ, ରଶ୍ମୀରେଖା ବେହେରା, ସୁପ୍ରିୟା ଦାସ, ସୁବ୍ରତ କୁମାର ଭୂୟାଁ, ଶୁଭମ ସ୍ୱାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରି ଅତିଥିମାନଙ୍କଠାରୁ ପୁରସ୍କାର ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଇନସାଫ୍ ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜଗତସିଂହପୁର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏହି ଦିବସ ଉପଲକ୍ଷେ ଆୟୋଜିତ ଲିଖିତ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଇକୋକ୍ଲବ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷୟତ୍ରୀ ସିପ୍ରା ଦାସ ପରିଚାଳନା କରିଥିଲେ।



ସୃଜନିକା
ସକାଳ THE SAKALA
www.sakalaepaper.com

# ଅପରାଧ



ମୂଳ ହିନ୍ଦୀ: ଉଦୟ ପ୍ରକାଶ
ଅନୁବାଦ: ଅଶୋକ କୁମାର ସା

ମୋର ଭାଇ ମୋ' ଠାରୁ ଛଅ ବର୍ଷ ବଡ଼ । ଆଶ୍ଚର୍ଯ୍ୟର କଥା ଯେ, ଗାଁର ସବୁ ପିଲାମାନେ ମୋ'ଠାରୁ ଛଅ ବର୍ଷ ବଡ଼ ଥିଲେ । ଆଉ ମୁଁ ସମସ୍ତଙ୍କଠାରୁ ଛୋଟ ଥିଲି । ପୁଣି ଏକଲା ବି । ମୋ' ବଡ଼ ଭାଇ ଛୋଟ ବେଳୁ ପୋଲିଓରେ ଆକ୍ରାନ୍ତ ହୋଇ ଗୋଟିଏ ଗୋଡ଼ରେ ଛୋଟା ଥିଲେ । ଆମ ଅଞ୍ଚଳର ଆଖପାଖ ଗାଁର କେହି ପଞ୍ଝା ଲଢ଼େଇରେ ତାଙ୍କୁ ହରାଇପାରୁ ନ ଥିଲେ । ମୁଁ ତ ଜନ୍ମରୁ ପତଳା ଓ ଦୁର୍ବଳ ଥିଲି ଆଉ ଚଡ଼ିଚିଡ଼ା ମିଜାଜର । ଭାଇର ଅନେକ ସାଙ୍ଗ ଥିଲେ, ଏଣୁ ମୋର ଭାଇ ପ୍ରତି ଭାରି ଈର୍ଷା ହେଉଥିଲା । ମୁଁ ଗାଁରେ ସମସ୍ତଙ୍କଠାରୁ ଛୋଟ ଥିଲି ।

ଭାଇ ପାଇଁ ମୁଁ ଉତ୍ତରଦାୟିତ୍ୱ ସ୍ୱରୂପ ଥିଲି । ସେ ମୋତେ ଭଲ ପାଉଥିଲେ ଆଉ ମୋ' ପ୍ରତି ତାଙ୍କର ଆଭିମୁଖ୍ୟ ଜଣେ ସଂରକ୍ଷକର ଦାୟିତ୍ୱ ବହନ କରିବା ପରି ଥିଲା । ସମସ୍ତେ ଖେଳିବା ବେଳେ ମୁଁ ଏକଲା ହୋଇ ରହିଯାଉଥିଲି । ଭାଇ ଆସି ମୋତେ ସହଯୋଗ କରୁଥିଲେ । କେହି ଜଣେ ପିଲା ମୋତେ ତା' ନିଜ ସପକ୍ଷରେ ମିଶାଇ ପାରିବାର ବିପଦକୁ ମୁଣ୍ଡେଇ ନେବାକୁ ଚାହୁଁ ନ ଥିଲା । ପ୍ରାୟତଃ ଭାଇ ମୋ' ଯୋଗୁଁ ହାରି ଯାଉଥିଲେ । ତଥାପି ସେ ମୋତେ କିଛି କହୁ ନ ଥିଲେ । ମୁଁ ସର୍ବଦା ତାଙ୍କ ଦାୟିତ୍ୱରେ ଥିଲି । ଯେତେଦୂର ମନେ ପଡୁଛି, ସେ କେବେ ମୋତେ ପିଟି ନ ଥିଲେ ।

ଏବେ ମୁଁ ଯାହା କହିବାକୁ ଯାଉଛି, ତା'ର ସମ୍ପର୍କ ମୋ' ଭାଇ ସହିତ ପୂରାପୂରି ରହିଛି । ଏହା ଏକ ଗୁରୁତର ଘଟଣା ଥିଲା । ଏପରି ଘଟଣା ଯାହା ସାରା ଜୀବନ ନିଜ ସାଥିରୁ କେବେ ବି ଛାଡ଼େ ନାହିଁ । ଯେମିତି ଜଳନ୍ତା ନିଆଁ ପରି ସାରା ଜୀବନ ଜଳାଇବାରେ ଲାଗେ । ସେଦିନ ଘଟଣା ଏପରି ଘଟିଲା । କିଛି ସମୟ ଆଗରୁ ବର୍ଷା ହୋଇ ଯାଇଥିଲା । ଆଉ ଅପରାହ୍ଣରେ ଏମିତି ସୁନେଲୀ ଖରା ବିଛେଇ ପଡ଼ିଥିଲା ଯେ, ମନ ଓ ଶରୀରରେ ଉଲ୍ଲାସରେ ଭରିଗଲା । ଏପରି ପରିବେଶରେ ଖେଳ ତେଜିୟାନ, ଗତିଶୀଳ ଓ ମନଜିଣା ହୋଇଯାଏ ।

ମୁଁ ଭାଇ ସାଥିରେ ଖେଳି ବାହାରିଲି । ସବୁ ପିଲା କେଳିବାଡ଼ି ଖେଳୁଥିଲେ । ପ୍ରତ୍ୟେକଙ୍କ ପାଖରେ ଗୋଟିଏ ଗୋଟିଏ ଛୋଟ ଛୋଟ କାଠର ବାଡ଼ି ରହିଥିଲା । ପୂରା ତାକତରେ କେଳିର ବାଡ଼ିକୁ ଭୂଇଁରେ ରଖି ଆଗକୁ ଗତିଶୀଳ କରି ମାରିବାକୁ ପଡୁଥିଲା । ଶକ୍ତି ଓ ସଂବେଗରେ କଅଁଳ ମାଟି ଉପରେ ଥିବା ଛୋଟ କେଳିକାଠିଟି ଓଲଟି ଓଲଟି ଖୁବ୍ ଦୂରକୁ ବାହାରି ଯାଉଥିଲା । ମୋ' ପାଖରେ ଏତେ ତାକତ ନ ଥିଲା, ନା ମୁଁ ଏତେ ବଡ଼ ଥିଲି ଯେ, ଏତେ ଦୂରକୁ ପହଞ୍ଚାଇ ପାରୁ ନ ଥିଲି । ଏହା ଏମିତି ଏକ ଖେଳ ଥିଲା, ଯେଉଁଥିରେ କେହି ପକ୍ଷଧର ନ ଥିଲେ । କେହି କାହାର ଯୋଡ଼ିଦାର ବି ନ ଥିଲେ । ପ୍ରତ୍ୟେକେ ନିଜ ନିଜ କ୍ଷମତା ଅନୁସାରେ ଏକା ଏକା ଲଢୁଥିଲେ । ଭାଇ ମଧ୍ୟ ଏ ଖେଳରେ ମଜ୍ଜି ଯାଇଥିଲେ । ସେ କେତେଥର ପଛରେ ରହି ଯାଇଥିଲେ । ଏଣୁ ରାଗ ଓ ଉଦ୍‌ବେଗରେ ବେଶୀ ଶକ୍ତି ଲଗାଇ କେଳିବାଡ଼ିକୁ ପୂରା ତାକତରେ ମାରୁଥିଲେ । ସେ ମୋତେ ଭୁଲି ଯାଇଥିଲେ । ଆଉ ମୁଁ ଏକଲା ରହି ଯାଇଥିଲି । ମୋତେ ଲାଗୁଥିଲା, ଛଅ ବର୍ଷ ପଛକୁ ଏକଲା ରହିଯାଇଛି । ସେଦିନ ମୋତେ ସେହି ଖେଳରେ ସାମିଲ୍ ହେବାକୁ ମୋତେ ଛଅ ବର୍ଷ ଦୂରତା ପାରିହେବାକୁ ପଡ଼ିଥାନ୍ତା, ଯାହା ମୁଁ କରି ପାରୁ ନ ଥିଲି । ମୋତେ ଭାରି କାନ୍ଦ କାନ୍ଦ ଲାଗୁଥିଲା । ଆଉ ଭାଇ ପ୍ରତି ମୋ' ଭିତରେ ଜବରଦସ୍ତ ପ୍ରତିକାର ସ୍ୱରୂପ ରାଗ ଜନ୍ମ ନେଉଥିଲା । ଅଲଗା ଛିଡ଼ା ହୋଇ ମୁଁ ମୋର କେଳିବାଡ଼ିକୁ ପଥରରେ ପିଟି ଚାଲିଥିଲି । ମୁଁ ଈର୍ଷା, ଆତ୍ମହୀନତା, ଉପେକ୍ଷା, ନଗଣ୍ୟତା, ହୀନମନ୍ୟତାର ତାପରେ ଜଳି ଯାଉଥିଲି ।

ଅଚାନକ ମୋ' କେଳିବାଡ଼ି ଚଟାଣରେ ବାଜି ଉପରକୁ ଉଠିଲା, ଆଉ ମୋ କପାଳରେ ବାଜିଲା । ଆଘାତରେ କପାଳ ଫାଟିଯାଇ ରକ୍ତ ଝରିବାକୁ ଲାଗିଲା । ମୁଁ ବଡ଼ ପାଟିରେ ଚିତ୍କାର କଲି । ଭାଇ ମୋ ଆଡକୁ ଦୌଡ଼ି ଆସିଲେ । କ'ଣ ହେଲା, କ'ଣ ହେଲା? ଭାଇ ଘାବୋରାଇ ଯାଇଥିଲେ । ରକ୍ତ ବନ୍ଦ କରିବାକୁ ଯାଇ ସେ ମୋ' ମଥାକୁ ତାଙ୍କ ହାତରେ ଦବାଇ ଦେଉଥିଲେ । ମୋ' ରାଗ କମି ନ ଥିଲା । ମୁଁ ଭାଇକୁ ମୋ' ପ୍ରତି ଉପେକ୍ଷାର ଦଣ୍ଡ ଦେବାକୁ ଚାହୁଁ ଥିଲି । ମୁଁ ଭାଇକୁ ଝଟ୍‌କା ଦେଲି ଆଉ ନିଜକୁ ଛଡ଼ାଇ ଘର ଆଡ଼କୁ ଦୌଡ଼ି ପଳାଇଲି । ଭାଇ ଡରି ଯାଇଥିଲେ । ଦୌଡ଼ି ମୋତେ ମନାଇବାକୁ ଚାହୁଁ ଥିଲେ । ତାଙ୍କ ଡାହାଣ ଗୋଡ଼ ପୋଲିଓ ଗ୍ରସ୍ତ ଥିଲା । ଏଣୁ ସେ ମୋ ସହିତ ଦୌଡ଼ି ପାରୁ ନ ଥିଲେ । ସେ ଛୋଟେଇ ଛୋଟେଇ ଦୌଡ଼ିବାର ଚେଷ୍ଟା ବି କଲେ କିନ୍ତୁ ପଡ଼ିଗଲେ । ମୋ' କମିଜଟା ରକ୍ତରେ ଭିଜି ଯାଇଥିଲା । ମୁଣ୍ଡର ବାଳ ରକ୍ତରେ ଜୁଡୁବୁଡୁ ହୋଇ ଯାଇଥିଲା । ମାଆ ମୋତେ ଦେଖି ଡରିଗଲା ଆଉ କାନ୍ଦିବାରେ ଲାଗିଲା । ବାପା ଘାବୋରାଇ ଆହତ ଜାଗାରେ ପାଉଡ଼ର ପକାଇବାକୁ ଲାଗିଲେ । ମୁଁ କାନ୍ଦିକାନ୍ଦି ମାଆକୁ କହିଲି ଯେ, ଭାଇ ମୋତେ ବାଡ଼ିରେ ମାରିଛି । ସେତେବେଳେ ମୁଁ ଦେଖିଲି ଭାଇ ଛୋଟେଇ ଛୋଟେଇ ଏକୁଟିଆ ଚାଲି ଆସୁଛନ୍ତି । ବୋଧେ ସେ ଡରି ଯାଇଥିଲେ । ଭାଇ ବାରମ୍ବାର କହୁଥିଲେ, "ମୁଁ ଭାଇକୁ ମାରି ନାହିଁ", କିନ୍ତୁ ବାପା ତାଙ୍କୁ ପିଟି ଚାଲିଥିଲେ ।

ମୁଁ ମିଛରେ ସତ କହିଲି କିନ୍ତୁ ତାଙ୍କୁ ସଜା ମିଳୁଥିଲା । ମୁଁ ଭାଇଙ୍କ ଚେହେରା ଦେଖିଲି, ସେ ମୋ ଆଡ଼କୁ କାତର ଦୃଷ୍ଟିରେ ଦେଖୁଥିଲେ । ତାଙ୍କ ଆଖି ଲାଲ୍ ହୋଇ ଯାଇଥିଲା । ଆଉ ଯେମିତି ସେ ଯାଚନା କରୁଥିଲେ, ମୁଁ ସତ କଥାଟା କହିଦିଏ, କିନ୍ତୁ ସେତେବେଳ ଯାଏ ଡେରି ହୋଇ ଯାଇଥିଲା । ତାଙ୍କୁ ସଜା ମିଳି ସାରି ଥିଲା । ପୁଣି ଏତେ ଶୀଘ୍ର କଥାକୁ ପୂରାପୂରି ବଦଳାଇ ଦେବା ମୋତେ ମୋଟେ ସମ୍ଭବ ଲାଗୁ ନ ଥିଲା । କେଜାଣି ପୁଣି ବାପା ମୋତେ ମାରିବେ ! ମୁଁ ଡରି ଯାଇଥିଲି । ମୋତେ ଲାଗୁଛି, ଏବେ ବି ଭାଇର ଆଖି ମୋତେ ଏକ ଦୃଷ୍ଟିରେ ଚାହିଁଛି । ଆଉ ଯାଚନା କରି, ମୋଠାରୁ ସତ କହିବାକୁ ଭିକ ମାଗୁଛି । ମୋ ସ୍ମୃତିରେ ଏବେ ବି ସେହି ଆଖି ଦୁଇଟି ଜାଗି ଉଠେ, ମୋର ପୂରା ଚେତନା, ଗ୍ଲାନି, ଅଶାନ୍ତି ଆଉ ଅପରାଧବୋଧରେ ଭରିଯାଏ । ମୁଁ ନିଜର ଏହି ଅପରାଧ ପାଇଁ କ୍ଷମା ମାଗିବାକୁ ଚାହୁଁଛି । ଏହି ଅପରାଧରର କଠିଣ ସଜା ପାଇବାକୁ ଚାହୁଁଛି । କିନ୍ତୁ ଏବେ ମାଆ ଓ ବାପା ଇହଜଗତରେ ନାହାଁନ୍ତି, ଯାହାଙ୍କୁ ମୁଁ କହିପାରେ ଯେ ସେଦିନ ଠିକ୍ ଠିକ୍ କ'ଣ ହୋଇଥିଲା । ଭାଇ ମଧ୍ୟ ମୋତେ କ୍ଷମା କରିପାରନ୍ତି । ଯାହାଙ୍କୁ ମୋର ମିଛ କହିବା ଯୋଗୁଁ ଦଣ୍ଡ ଭୋଗିବାକୁ ପଡ଼ିଲା । କିନ୍ତୁ ସେ ଘଟଣା ତାଙ୍କର ଆଦୌ ମନେ ନାହିଁ । ସେ ଏ ଘଟଣାକୁ ପୂରାପୂରି ଭୁଲି ଯାଇଛନ୍ତି । ତେବେ ଏ ଅପରାଧ ପାଇଁ ମୋତେ ଆଉ କିଏ କ୍ଷମା କରିଦେଇ ପାରେ ! ଏହା କ'ଣ ଏମିତି ଅପରାଧ ନୁହେଁ, ଯାହାକୁ ନେଇ ନିଆଯାଇଥିବା ନିର୍ଣ୍ଣୟ ସମ୍ପୂର୍ଣ୍ଣ ଭୁଲ୍ ଓ ଅନ୍ୟାୟପୂର୍ଣ୍ଣ ଥିଲା । କିନ୍ତୁ ଯାହାକୁ ଏବେ ବଦଳା ଯାଇ ପାରେନା । ଆଉ କ'ଣ ଏହା ଏପରି ଅପରାଧ ନୁହେଁ, ଯାହାକୁ କେବେ ବି କ୍ଷମା କରାଯାଇ ପାରେନା, କାରଣ ଏଥିରୁ ମୁକ୍ତି ମିଳିବା ମୋ ପକ୍ଷରେ ଏବେ ଅସମ୍ଭବ ହୋଇଯାଇଛି । ■

ତରଭା, ସୁବର୍ଣ୍ଣପୁର-୭୬୭୦୧୬
ମୋ: ୯୧୭୮୨ ୯୮୨୧୨

## ଏ ସପ୍ତାହର କବିତା



ମୂଳ ହିନ୍ଦୀ : ସୁଲୋଚନା ବର୍ମା
ଅନୁସୃଜନ: ବିଜୟ କୁମାର ପ୍ରଧାନ

### ଅବସାଦ



ନଦୀ ଅବସାଦଗ୍ରସ୍ତ ହେଲେ
ପ୍ରଥମେ କ୍ଷୀଣ ହୁଏ ଜଳଧାରା
ତା'ପରେ ଜନ୍ମ ହୁଏ ଜଳଜ-ଭ୍ରୂଣ
ଶେଷରେ ଶୁଖିଯାଏ ନଦୀ

ବୃକ୍ଷ ଅବସାଦଗ୍ରସ୍ତ ହେଲେ
ତା'ଠାରୁ ବିଚ୍ଛିନ୍ନ ହୋଇଯା'ନ୍ତି ପତ୍ରମାନେ
ସଂପର୍କ ତୁଟିଯାଏ ସବୁଜ ରଙ୍ଗଠାରୁ
ଆଉ ବୃକ୍ଷ ହୋଇପଡ଼େ ଥୁଣ୍ଟା

ପଶୁ ଅବସାଦଗ୍ରସ୍ତ ହେଲେ
ଶାନ୍ତ ହୋଇଯାଏ କ୍ଷୁଧା, ଉତ୍ସାହ ଭଳି
ଆଉ ଶରୀର ଶକ୍ତିହୀନ
ସେ ବିଦା ହୋଇଯାଏ କାତର ଆଖିରେ

ମଣିଷ ଅବସାଦଗ୍ରସ୍ତ ହେଲେ
ଦିନର ଆଲୁଅରେ ଦେଖାଯାଏ ଅନ୍ଧାର
ଏକାକାର ହୋଇଯାନ୍ତି ମୁକ୍ତି ଓ ମୃତ୍ୟୁ
ଲୁଣ ଓ ପାଣି ଭଳି
ଯୁଗ ଯୁଗ ଧରି ଅବସାଦର ସାକ୍ଷୀ ହୋଇ ବି
ଅବସାଦ ହୁଏନା ପଥର
ଜିଇଁ ରହିବା ହେଉଛି
ଅବସାଦଗ୍ରସ୍ତ ହେବାର ପ୍ରଥମ ସର୍ତ୍ତ । ■

### ସନ୍ଧି ପ୍ରସ୍ତାବ

ଥରକ ପାଇଁ ଦେଖ ସେ ବୃକ୍ଷମାନଙ୍କୁ
ଯେଉଁମାନଙ୍କୁ ହାଣିବାକୁ ଚାଲିଛି ପ୍ରସ୍ତୁତି
ଗୁଣୁଗୁଣୁ ହେଉଥିବା ପୁରୁଖା ଲୋକମାନଙ୍କୁ
ଟିକିଏ ଧ୍ୟାନ ଦେଇ ଶୁଣ

ଏବେ ସୁଦୂର ପ୍ରାନ୍ତରେ ଦଣ୍ଡାୟମାନ ଶ୍ରାବଣ
ଧରାପୃଷ୍ଠରୁ ବିଦାୟ ନେବାକୁ
ଜମାରୁ ପ୍ରସ୍ତୁତ ନୁହେଁ ଗ୍ରୀଷ୍ମ
ତୁମେ ଭୋଗୁଛ ଶ୍ୱାସ କଷ୍ଟ
ଆଉ ଛାତିରେ ଯନ୍ତ୍ରଣା
ସତେ କି ମୌସୁମୀର ଅଙ୍ଗଦ
ପାଦ ଥାପି ଦେଇଛି
ତୁମ ଛାତି ଓ ମଥାରେ
ଆକାଶ କରୁଛି ଅଗ୍ନିବର୍ଷା
ଅଜଗର ଭଳି
ବିଳମ୍ବ ହୋଇଯିବା ପୂର୍ବରୁ
ଅଙ୍ଗଦକୁ କୁହ ଯେ, ତୁମେ ରାଜି
ମୌସୁମୀର ସନ୍ଧି ପ୍ରସ୍ତାବରେ
ସେ ହଟାଇ ନେଉ ତା' ପାଦ
ତୁମ ଛାତି ଉପରୁ
ଆଉ ଆକାଶ ଆଡ଼କୁ ମଥାତୋଳି କୁହ
ଅଜଗରକୁ ଯେ, ତୁମେ
ପାସୋରି ଯାଇନାହିଁ
ତାକୁ ନିୟନ୍ତ୍ରିତ କରିବାର କୌଶଳ

ଆକାଶ ତ ନିଆଁ ହିଁ ବର୍ଷିବ
ମଣିଷ ଯେବେ ଭୁଲିଯାଉଛି
ବର୍ଷା - ଆମନ୍ତ୍ରଣ ମନ୍ତ୍ର
ଧରାପୃଷ୍ଠରୁ ସବୁଜିମା
ଉପୁଜାଇବାର ସକଳ ଉପାୟ
ବିବଶ କରୁଛି ଧରାକୁ
ମରୁଭୂମି ପାଲଟିଯିବାକୁ

କଂକ୍ରିଟ୍‌ର ଜଙ୍ଗଲରେ ରହୁରହୁ
ମଣିଷ ହୋଇଯାଉଛି ଦୃଷ୍ଟି-ବାଧିତ
ଆଉ ମୂକ ପାଲଟୁଛି ଭୁଲି ଯାଇ
ଧରାକୁ ସବୁଜିମା କରିବାର
ତମାମ ସଙ୍ଗୀତ
ମୂକ ହେଉଥିବା ଏ ଅନ୍ଧ ସମୟରେ
ଧ୍ୟାନ ଦେଇ ଦେଖ ସେ ବୃକ୍ଷମାନଙ୍କୁ
ଯେଉଁମାନଙ୍କୁ ହାଣିବାକୁ ଚାଲିଛି ପ୍ରସ୍ତୁତି
ତୁମକୁ ହିଁ ସେମାନେ କରୁଛନ୍ତି ପ୍ରତୀକ୍ଷା
ଗୁଣୁଗୁଣଉଥିବା ପୁରୁଖା ଲୋକମାନଙ୍କୁ
ମନଧ୍ୟାନ ଦେଇ ଶୁଣ
ସେମାନେ ଚାହୁଁଛନ୍ତି ତୁମକୁ
ଜଣାଇବାକୁ କିଛି କଥା । ■

ମୋ: ୯୪୩୭ ୯୦୯୪୨୮

# ୟିଟ୍‌ସଙ୍କ ସାହିତ୍ୟ ସର୍ଜନାର ପୃଷ୍ଠଭୂମି



ବିଜୟ କୁମାର ପାଢ଼ୀ

ଭାରତୀୟ ସାହିତ୍ୟିକମାନଙ୍କ ମଧ୍ୟରେ ଏକମାତ୍ର ନୋବେଲ୍ ବିଜେତା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ 'ଗୀତାଞ୍ଜଳି' ପୁସ୍ତକ କଥା ପଡ଼ିଲେ ସ୍ୱତଃ ମନେପଡ଼ି ଯାଆନ୍ତି ଆୟର୍ଲାଣ୍ଡର ପ୍ରଥିତଯଶା କବି ଉଇଲିୟମ୍ ବଟ୍‌ଲର ୟିଟ୍‌ସ । 'ଗୀତାଞ୍ଜଳି' ପୁସ୍ତକରେ ଥିବା ସମସ୍ତ ପଦ୍ୟଗୁଡ଼ିକୁ ଅନୁବାଦ କରିବାରେ ସହାୟକ ହୋଇଥିଲେ । ନିଜେ ମଧ୍ୟ ସେ ପୁସ୍ତକଟିର ମୁଖବନ୍ଧ ଲେଖିଥିଲେ । ତେଣୁ ୟିଟ୍‌ସଙ୍କର ବଦାନ୍ୟତା ପାଇଁ ଭାରତୀୟ ସାହିତ୍ୟ ସର୍ବଦା ଋଣୀ ହୋଇରହିଛି । ଏତଦ୍‌ବ୍ୟତୀତ ସେ ଆୟର୍ଲାଣ୍ଡର ପ୍ରଥମ ନୋବେଲ ବିଜେତା । ନିଜର ଉଚ୍ଚାଙ୍ଗ ସାହିତ୍ୟ କୃତି ପାଇଁ ୧୯୨୩ ମସିହାରେ ନୋବେଲ ପୁରସ୍କାର ଲାଭ କରିଥିଲେ । ରୋମାଣ୍ଟିକ କବି ଭାବରେ ତାଙ୍କର କାବ୍ୟ-ଯାତ୍ରା ଆରମ୍ଭ ହୁଏ । ପରବର୍ତ୍ତୀ ପର୍ଯ୍ୟାୟରେ ଆଧୁନିକ କବିତାରେ ସେ ମନୋନିବେଶ କରନ୍ତି । କହିବାକୁ ଗଲେ ଡବ୍ଲ୍ୟୁ.ବି.ୟିଟ୍‌ସ ହେଉଛନ୍ତି ଜଣେ ରୋମାଣ୍ଟିକ୍ କବି । ତାଙ୍କର କାବ୍ୟ ସମ୍ଭାର ରୋମାଣ୍ଟିକ୍ ଯୁଗର କବି ଜନ୍ କିଟ୍‌ସ, ପି.ବି.ସେଲ୍ଲୀ ଏବଂ ବାଇରନ୍‌ଙ୍କ ଦ୍ୱାରା ଅନେକାଂଶରେ ପ୍ରଭାବିତ । ଚତୁର୍ଦ୍ଦଶ ଶତାବ୍ଦୀର ଭାରତୀୟ କବି ଓ ନାଟ୍ୟକାର କାଳିଦାସଙ୍କ ଦ୍ୱାରା ମଧ୍ୟ ସେ ପ୍ରଭାବିତ ହୋଇଛନ୍ତି । 'ମୋହିନୀ ଚାଟାର୍ଜୀ' ନାମକ ଏକ ସମ୍ଭ୍ରାନ୍ତ କାବ୍ୟ ହିଁ ଏହାର ବଳିଷ୍ଠ ପ୍ରମାଣ । ଉତ୍ତର ରୋମାଣ୍ଟିକ କବିମାନଙ୍କର କାବ୍ୟ ଶୈଳୀ ଓ ବିଷୟବସ୍ତୁ ତାଙ୍କର ଆଦ୍ୟ ସାହିତ୍ୟ କୃତିରେ ପ୍ରତିଫଳିତ ହୋଇଛି ।

ୟିଟ୍‌ସଙ୍କର ଜନ୍ମ ୧୩ ଜୁନ୍ ୧୮୬୫ ମସିହା ଆୟର୍ଲାଣ୍ଡର ସେଣ୍ଡି ମାଉଣ୍ଟଠାରେ । ବାଲ୍ୟକାଳରୁ କବିଙ୍କର ରୁଚି ରହିଥିଲା ଚିତ୍ରକଳାରେ । ଭଲ ଚିତ୍ରକରଟିଏ ହେବା ପାଇଁ ଆକାଂକ୍ଷା ରହିଥିଲେ ମଧ୍ୟ ନିଜକୁ କବି ଭାବରେ ଆବିଷ୍କାର କରିଥିଲେ ୧୮୮୭ ମସିହାରେ । ସେ ଏକାଧାରାରେ ଥିଲେ ଜଣେ ନାଟ୍ୟକାର, କବି ଓ ବିପ୍ଳବୀ । ତାଙ୍କର ପ୍ରଥମ ସାହିତ୍ୟ କୃତି ଥିଲା 'ଦି ଆଇଲ୍ ଅଫ୍ ଦ ଷ୍ଟେଚ୍ୟୁସ୍' ଏବଂ ପ୍ରଥମ ନାଟକ ପରିବେଷଣ ହୋଇଥିଲା 'ଦି ଲ୍ୟାଣ୍ଡ ଅଫ୍ ହାର୍ଟସ୍ ଡିଜାୟାର' ଲଣ୍ଡନର ଏଭିନ୍ୟୁ ଥିଏଟର୍ସରେ ୧୮୯୪ ମସିହାରେ । ୧୯୨୮ ମସିହାରେ ପ୍ରକାଶିତ 'ଦି ଟାୱାର' କବିତା ସଙ୍କଳନ ହେଉଛି କବିଙ୍କର ଶ୍ରେଷ୍ଠ ସାହିତ୍ୟ କୃତି । ନାଟ୍ୟକାର ଲେଡି ଗ୍ରୀଗୋରୀଙ୍କ ସହଭାଗିତାରେ ସେ ଆଇରିସ୍ ଥିଏଟର୍ସ ପ୍ରତିଷ୍ଠା କରିଥିଲେ । ଯାହା ପରବର୍ତ୍ତୀ କାଳରେ ଆବି ଥିଏଟର୍ସ ନାମରେ ପ୍ରସିଦ୍ଧ ଲାଭ କରିଥିଲା । ତାଙ୍କ ଦ୍ୱାରା ରଚିତ ନାଟକଗୁଡ଼ିକରେ ରହସ୍ୟ ଏବଂ ଆଧ୍ୟାତ୍ମିକତାର ସ୍ପଷ୍ଟ ପ୍ରତିଫଳନ ହୋଇଛି । ୟିଟ୍‌ସଙ୍କର ବିଶ୍ୱାସ ଇତିହାସ ଭାଗ୍ୟ ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା । ସେହି ଭାଗ୍ୟ ତା'ର ଯୋଜନାକୁ ପରିପ୍ରକାଶ କଲା ଯେତେବେଳେ ମାନବ ଓ ଦୈବୀଶକ୍ତିର ମିଳନ ସମ୍ଭବ ହୋଇ ପାରିଲା । ମଣିଷ ଜୀବନକୁ ଭିନ୍ନ ଏକ ଦୃଷ୍ଟିକୋଣରେ ଅନୁଶୀଳନ କରିଥିଲେ । ତାଙ୍କ ଭାଷାରେ ମଣିଷ ଜୀବନ ହେଉଛି ଏକ ପ୍ରଶସ୍ତ ପ୍ରସ୍ତୁତି କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଯାହା କେବେ ବାସ୍ତବ ଜୀବନରେ ଘଟିନଥାଏ । ଚମତ୍କାର ଥିଲା ତାଙ୍କର ଅଭିବ୍ୟକ୍ତି ଓ ଜୀବନ ଉପରେ ସାହିତ୍ୟର ଭିନ୍ନ ଏକ ଅନୁଶୀଳନ ।



କବି କିମ୍ବା ନାଟ୍ୟକାର ଭାବରେ ସେ ଯେତିକି ପରିଚିତ, ଜଣେ ସଚ୍ଚା ପ୍ରେମିକ ଭାବରେ ସେ ଅଧିକ ଚର୍ଚ୍ଚିତ ଥିଲେ । ୧୮୮୯ ମସିହା ଜାନୁୟାରୀ ମାସ ୩୦ ତାରିଖରେ ପ୍ରଥମେ ସାକ୍ଷାତ ହୁଏ ଆୟର୍ଲାଣ୍ଡର ଅଧିବାସୀ ସମ୍ଭ୍ରାନ୍ତ ଅସାମାନ୍ୟା ସୁନ୍ଦରୀ ତରୁଣୀ ମଡଗନ୍‌ଙ୍କ ସହିତ । ପ୍ରଥମ ସାକ୍ଷାତରୁ ହିଁ ପ୍ରେମରେ ପଡ଼ିଯାଇଥିଲେ ଉଇଲିୟମ୍, କିନ୍ତୁ ପ୍ରେମରେ ସଫଳ ହୋଇ ପାରିଲେ ନାହିଁ । ପ୍ରତ୍ୟାଖ୍ୟାତ ହେଲେ ହୃଦୟର ରାଣୀ ମଡଗନ୍‌ଙ୍କ ଦ୍ୱାରା । କୁହାଯାଏ ପ୍ରତାରିତ ପ୍ରେମିକମାନେ ଅଧିକ ପ୍ରତିକ୍ରିୟାଶୀଳ ହୋଇଯାଆନ୍ତି । ଯାହା ମଧ୍ୟ ୟିଟ୍‌ସଙ୍କଠାରେ ଘଟିଥିଲା । ପ୍ରେମ, ପ୍ରତାରଣା ଭଳି ବିଷୟ ତାଙ୍କର ପରବର୍ତ୍ତୀ କାବ୍ୟମାନଙ୍କରେ ପ୍ରତିଫଳିତ ହୋଇଛି । ମଡଗନ୍‌ଙ୍କର ପ୍ରତ୍ୟାଖ୍ୟାନ ତାଙ୍କୁ ଆୟର୍ଲାଣ୍ଡର ପ୍ରତ୍ୟକ୍ଷ ରାଜନୀତି ଭିତରକୁ ଟାଣି ଆଣିଥିଲା । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜର ପ୍ରଥମ ପ୍ରେମ ମଡଗନ୍‌ଙ୍କୁ ସେ ଭୁଲି ପାରିନଥିଲେ । 'ହୁଏନ୍ ୟୁ ଆର୍ ଓଲଡ୍' କବିଙ୍କର ଶ୍ରେଷ୍ଠ ପ୍ରେମ କବିତା ମଧ୍ୟରେ ଅନ୍ୟତମ । ଏତଦ୍‌ବ୍ୟତୀତ ରୋମାଣ୍ଟିକ୍ କବିତାର ସମସ୍ତ ବୈଶିଷ୍ଟ୍ୟ ୟିଟ୍‌ସଙ୍କ କାବ୍ୟଗୁଡ଼ିକରେ ପ୍ରସ୍ଫୁଟିତ । ପଳାୟନପନ୍ଥୀ, ଶୋକ, ବୀତସ୍ପୃହତା, ପ୍ରକୃତିପ୍ରେମ, ସୌନ୍ଦର୍ଯ୍ୟପ୍ରୀତି, ମଣିଷର ଆବେଗ, ଭାବପ୍ରବଣତା, କଳ୍ପନାବିଳାସ, ଲାଳିତ୍ୟ ଅଧିକାଂଶ କାବ୍ୟସଂକଳନର ମୁଖ୍ୟ ବିଷୟବସ୍ତୁ । ଯାହା ବର୍ଣ୍ଣନୀୟ, ତାହା କବିତା ପଦବାଚ୍ୟ ନୁହେଁ, ବୋଲି ଥିଲା କବିଙ୍କର ଦୃଢୋକ୍ତି । ସରଳ ଓ ବୋଧଗମ୍ୟ ଭାଷାର ବ୍ୟବହାର ତାଙ୍କ କାବ୍ୟ ନିପୁଣତାର ଅନ୍ୟ ଏକ ପରିଚୟ । ବିଜ୍ଞ ଭାବରେ ଅନୁଧ୍ୟାନ କରିବା, ମନନ ଓ ଚିନ୍ତନ କରିବା, କିନ୍ତୁ ସାଧାରଣ ଲୋକଙ୍କ ଭାଷାରେ ପରିପ୍ରକାଶ କରିବା ତାଙ୍କ କାବ୍ୟ ଶୈଳୀର ଅନ୍ୟ ଏକ ଦିଗ । ତାଙ୍କ କାବ୍ୟରେ ଆୟର୍ଲାଣ୍ଡର ଗ୍ରାମ୍ୟ ପରିବେଶ, ପରୀ କାହାଣୀ, କୃଷକ ସମାଜର ଜୀବନ, ମରଣଶୀଳ ଏବଂ ଆୟର୍ଲାଣ୍ଡର ରାଜନୈତିକ ପୃଷ୍ଠଭୂମି ଜୀବନ୍ତ ଭାବରେ ପ୍ରତିଫଳନ ହୋଇଛି । ସାହିତ୍ୟରେ ମିଥ୍ ଲୋକକଥା, ଲୋକକାହାଣୀ, ନବମ ଶତାବ୍ଦୀର ରହସ୍ୟବାଦୀ ଚିନ୍ତାଧାରା ତାଙ୍କ ସାହିତ୍ୟ କୃତିର ଅନ୍ୟ ଏକ ଦିଗ । ସେଥିପାଇଁ ସେ ଆୟର୍ଲାଣ୍ଡର ଜାତୀୟତାବାଦୀ କବି ଭାବରେ ପ୍ରତିଷ୍ଠିତ । ୟିଟ୍‌ସଙ୍କ କାବ୍ୟଧାରାରେ ବ୍ୟବହୃତ ପ୍ରତୀକ (Symbolism) ସୁଦୂରପ୍ରସାରୀ । 'ଦି ରୋଜ୍', 'ଦି ଟାୱାର୍', 'ଦି ଜାୟାର୍', 'ଦି ହୁଇଲ୍', 'ଦି ସୋର୍ଡ' ସହିତ ସମୁଦ୍ର, ପକ୍ଷୀ, ଗଛ, ସୂର୍ଯ୍ୟ, ଚନ୍ଦ୍ର, ସୁବର୍ଣ୍ଣ, ରୌପ୍ୟ, ପୃଥିବୀ, ପାଣି, ବାୟୁ ଏବଂ ନିଆଁ ଭଳି ରୂପାନ୍ତର ଏବଂ ସାଙ୍କେତିକ ଅପରୂପ କବିତାର ଭାବାର୍ଥକୁ ମହିମାନ୍ୱିତ କରିଛି ।

କବିଙ୍କର ୭୦ତମ ଜନ୍ମ ଦିବସ ପାଳନ ଅବସରରେ ଆଧୁନିକ କବି ଟି.ଏସ୍. ଇଲିୟଟ୍ ପ୍ରଶଂସା କରିବାକୁ ଯାଇ କହିଥିଲେ–'ସେ ହେଉଛନ୍ତି ରୋମାଣ୍ଟିକ ଏବଂ ଆଧୁନିକ ଯୁଗର ଏକ ଅପୂର୍ବ ସମ୍ମିଶ୍ରଣ । ତାଙ୍କର ସାହିତ୍ୟ ସର୍ଜନାରେ ସେ ଉଭୟ ରୋମାଣ୍ଟିକ ଏବଂ ଆଧୁନିକ କବିମାନଙ୍କୁ ବଳିଯିବେ ନିଜର ଅସାଧାରଣ ଶବ୍ଦ ସଂଯୋଜନା ଏବଂ ପଦ ଲାଳିତ୍ୟ ପାଇଁ । ପ୍ରତୀକ (Symbolism) କବିଙ୍କର କାବ୍ୟ ସର୍ଜନାରୁ ମୁଖ୍ୟ ଆୟୁଧ । କେତେବେଳେ ବାଇବେଲ୍‌ର କାହାଣୀ ହେଲେନଙ୍କୁ ଦେଇ ମନର ପ୍ରେୟସୀ ମଡଗନ୍‌ଙ୍କ ସହିତ ତୁଳନା ତ କେତେବେଳେ ବାଇଜାଣ୍ଟିନର ପରିକଳ୍ପନା । ଗ୍ରୀସ୍ ଏବଂ ଆୟର୍ଲାଣ୍ଡର କାହାଣୀର ସମନ୍ୱୟ ଘଟିଛି ଅନେକ କବିତାରେ । ଦି ଟାୱାର୍ କାବ୍ୟ ସଂକଳନ କବିଙ୍କର ଭିନ୍ନ ଏକ କୃତି ।" 'ଦି ସେକେଣ୍ଡ କମିଙ୍ଗ୍' କାବ୍ୟଟି କବିଙ୍କୁ ଏକ ଭବିଷ୍ୟବକ୍ତା ଭାବରେ ପରିଚୟ ପ୍ରଦାନ କରିଛି । ସମଗ୍ର ମାନବସମାଜର ହିଂସା ପରଶ୍ରୀକାତରତାର କରୁଣ କାହାଣୀ ଏବଂ ଚିନ୍ତାଧାରା ପ୍ରକାଶ ପାଇଛି କବିତାଟିରେ । ସମାଲୋଚକମାନେ ତାଙ୍କୁ ବ୍ୟର୍ଥ ପ୍ରେମିକର ଆଖ୍ୟା ଦେଲେ ମଧ୍ୟ ବି ପ୍ରେମ, ବିରହ, ପ୍ରକୃତି, ପରମକାହାଣୀ, ରାଜନୀତି, ଲୋକକଥା, ଲୋକ କାହାଣୀ ଧର୍ମ ଏବଂ ସର୍ବୋପରି ପୁରାଣ ଶାସ୍ତ୍ରକୁ ନେଇ ସାହିତ୍ୟ ସର୍ଜନା ପରବର୍ତ୍ତୀ ସାହିତ୍ୟ ସାଧକମାନଙ୍କ ପାଇଁ ଏକ ବତିଘର ସଦୃଶ । ଅନେକ ସମାଲୋଚକ ତାଙ୍କର ସାହିତ୍ୟକୁ ଦୁର୍ବୋଧ ସାହିତ୍ୟ କହିଲେ ମଧ୍ୟ, ପାଠକମାନଙ୍କ ହୃଦୟରେ ସେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ସୁଠାମ କାବ୍ୟ ଶୈଳୀ, ନିଶବ୍ଦ ସଂଯୋଜନା ଓ କବିତାରେ କାହାଣୀ ଗୁମ୍ଫନ ସାହିତ୍ୟରେ ଏକ ନୂତନ ଧାରା ତିଆରି କରିଯାଇଛି । ତାଙ୍କ କାବ୍ୟର ଅନ୍ୟତମ ସଫଳତା ହେଉଛି ବର୍ଣ୍ଣନା ଓ ଶବ୍ଦ ଚୟନରେ ଅତୁଳନୀୟ ଦକ୍ଷତା । କବିତାରେ କୁହୁକ ପ୍ରଦର୍ଶନ କରୁଥିବା ଯାଦୁକର ହେଉଛନ୍ତି ୟିଟସ୍ । ମାପଚୁପ୍ ଶବ୍ଦ ସହିତ ପାଠକର ହୃଦୟକୁ ଦଖଲ କରିବାରେ ସେ ଥିଲେ ଜଣେ ଧୁରୀଣ ବିନ୍ଧାଣି । ■

ଇଂରାଜୀ ଶିକ୍ଷକ,ଓ.ଡି.ଏମ୍., ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

## ପତ୍ରିକା ପରିଚୟ

### ଶୋଭନା

ସଂପାଦକ: ବିଧୁଭୂଷଣ ପଟ୍ଟନାୟକ



ୟୁନିଟ୍- ୯, ଭୁବନେଶ୍ୱର-୨୨
ମୂଲ୍ୟ: ୩୫ ଟଙ୍କା

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା'ର ଏପ୍ରିଲ-୨୦୨୪ ସଂଖ୍ୟା ପ୍ରକାଶ ପାଇଛି । ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ ପ୍ରକାଶିତ 'ଶୋଭନା'ର ଏହି ସଂଖ୍ୟାରେ ଆମ୍ବକୁ ନେଇ ଜାନକୀଶ ବଡ଼ପଣ୍ଡାଙ୍କ 'ଫଳରାଜା ଆମ୍ବ' ଶୀର୍ଷକ ଏକ ଚମତ୍କାର ଆଲେଖ୍ୟ ପ୍ରକାଶ ପାଇଛି । ଭୀମ ପୃଷ୍ଟିଙ୍କ 'ଜିଅନ୍ତା ଚରିତ୍ର', ପ୍ରଦୋଷ ମିଶ୍ରଙ୍କ 'ସଂପର୍କ', ଦେଶବନ୍ଧୁ ସ୍ୱାଇଁଙ୍କ 'ମାନଭଞ୍ଜନ', ଡକ୍ଟର ସୁରେଶ ଛୋଟରାୟଙ୍କ 'ଜନ୍ମ, ଜନ୍ମ, ଜନ୍ମାନ୍ତର', ଘନବିହାରୀ ମହାରଣାଙ୍କ 'ଦକ୍ଷିଣା ପବନ', ଅନୀଲ କୁମାର ପାଢ଼ୀଙ୍କ 'କେମିତି ଗଢ଼ାହୁଏ ସେତୁ', ଜିନାତମାମ୍ ଦର୍ଜୀଙ୍କ 'ରୋହିଣୀଗର୍ଭ', ନିବାରଣ ଜେନାଙ୍କ 'ଭିଡ଼ରେ ହଜିଯାଉଥିବା ମୁହଁ', ମୃଣାଳଙ୍କ 'ଭୂତର ସେଲ୍‌ଫି' ପ୍ରଭୃତି ଗପଗୁଡ଼ିକ ମନଛୁଆଁ ହୋଇଛି । ପ୍ରତିଟି ଗପରେ ମାନବୀୟ ଆବେଗ, ଦ୍ୱନ୍ଦ୍ୱ,ସଂଘାତ, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ମନୋରମା ସାହୁଙ୍କ 'ଆଲୁଅର ଇତିହାସ', ପୀୟୂଷ ପଟ୍ଟନାୟକଙ୍କ 'ଲାଲକିଲ୍ଲା' ଓ 'ତାଜମହଲ' କବିତା ହୃଦୟସ୍ପର୍ଶୀ ହୋଇଛି । 'ରହସ୍ୟ ରୋମାଞ୍ଚ'ରେ ଶ୍ରାବଣୀ ମିଶ୍ରଙ୍କ 'ରକ୍ତପିଶାଚ', 'ଲୋକକଥା'ରେ ସୁଶ୍ରୀ ସଙ୍ଗୀତା ଚମ୍ପତିଙ୍କ 'ଘୁଷୁରି ମୁହାଁ ରାଜପୁତ୍ର', 'ବର୍ଣ୍ଣ ବ୍ୟଞ୍ଜନ'ରେ ଉମାପଦଙ୍କ 'ଜାନୁଆରୀର ଜୟଜୟକାର: ବେଦନାସିକ୍ତ ବୈଶାଖ' ଆଦି ଆଲେଖ୍ୟ ମାର୍ମିକ ହୋଇଛି । 'ଶୋଭନା'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### କୁନିକଥା

ମୁଖ୍ୟ ସଂପାଦିକା: ଡକ୍ଟର ଇତି ସାମନ୍ତ



କାଦମ୍ବିନୀ ଭିଲ୍ଲା
ପଦ୍ମାବତୀ ବିହାର
ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧
ମୂଲ୍ୟ: ୫୦ ଟଙ୍କା

ଡକ୍ଟର ଇତି ସାମନ୍ତଙ୍କ ସଂପାଦନାରେ ପ୍ରକାଶ ପାଉଥିବା ମାସିକ ଶିଶୁ-କିଶୋର ପତ୍ରିକା 'କୁନିକଥା'ର ଏପ୍ରିଲ-୨୦୨୪ ସଂଖ୍ୟା ଆମର ହସ୍ତଗତ ହୋଇଛି । ଏହି ସଂଖ୍ୟାରେ ରବୀନ୍ଦ୍ରନାଥ ମାଝୀଙ୍କ 'ମାଆ ପୁଅ ଗଲେ ଛାଇ-ବାଟରେ...' ,ନିରୁପମା ଆଚାର୍ଯ୍ୟଙ୍କ 'ଉପଦେଶର ମହାତ୍ମ୍ୟ', ସନ୍ତୋଷୀ ସ୍ୱାଇଁଙ୍କ 'ମିଥ୍ୟା ହିଁ ମହାପାପ', ତୁଳସୀ ସ୍ୱାଇଁଙ୍କ 'ଅମାନିଆ ଗୁଣ', ଶୁଭନାରାୟଣ ଶତପଥୀଙ୍କ 'ତରତର ତାପସ', ନାମଯଜ୍ଞ ମିଶ୍ରଙ୍କ 'ଛଳନାର ପ୍ରତିଫଳ' ଆଦି ଗପ ହୃଦୟସ୍ପର୍ଶୀ ହୋଇଛି । ସେହିପରି ରତ୍ନପ୍ରଭା ବାଇଙ୍କ 'ଏଇ ମାଟିର', ଦେବାଶିଷ ଚକ୍ରବର୍ତ୍ତୀଙ୍କ 'ଓଡ଼ିଆ ପିଲା ମୁହିଁ', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ଭାଷା ଭାବନା', ତପନ କୁମାର ସ୍ୱାଇଁଙ୍କ 'ସବୁଆଡ଼ ରଖ ସଫାସୁତର', କ୍ରିଷ୍ଣା ସେନାପତିଙ୍କ 'ପିଲାଙ୍କ ଗଣିତ ଖେଳ', କଳ୍ପନା ରାଉତଙ୍କ 'ମାଟି ମାଆ' ପ୍ରଭୃତି କବିତା ମନଛୁଆଁ ହୋଇଛି । 'ସ୍ମରଣୀୟ କଳାକାର'ରେ ଅମିତାଭ ଖିଲାରଙ୍କ 'ପାର୍ବତୀ ଘୋଷ', 'ସ୍ମରଣୀୟ କ୍ରୀଡ଼ାବିତ୍'ରେ ସୁଜାତା ସିଂହଙ୍କ 'ଚୁନ୍ନି ଗୋସ୍ୱାମୀ' ଲେଖା ଦୁଇଟି ପ୍ରେରଣାପ୍ରଦ ହୋଇଛି । 'ଇତିଅପାଙ୍କ କଲମରୁ' ଆରମ୍ଭ କରି 'ବିଜ୍ଞାନ କଥା', 'କୁନି ପ୍ରତିଭା', 'କୁନାକୁନିଙ୍କ ପାକଶାଳା', 'ଆସ ଜାଣିବା', 'ତୁମ ପାଇଁ ଖବର' ପର୍ଯ୍ୟନ୍ତ ପ୍ରତିଟି ବିଭାଗ ଆକର୍ଷଣୀୟ ହୋଇଛି । 'କୁନିକଥା'ର ଏହି ସଂଖ୍ୟାଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ହିମାଦ୍ରି

ସଂପାଦକ: ରବୀନ୍ଦ୍ର ନାଥ ବେହେରା



କୋଦଳା, ଗଞ୍ଜାମ
ମୂଲ୍ୟ: ୧୨୫ ଟଙ୍କା

ରବୀନ୍ଦ୍ର ନାଥ ବେହେରାଙ୍କ ସଂପାଦିତ ତ୍ରୟମାସିକ ସାହିତ୍ୟ ପତ୍ରିକା 'ହିମାଦ୍ରି'ର ଜାନୁଆରୀ-ମାର୍ଚ୍ଚ-୨୦୨୪ ସଂଖ୍ୟା ପ୍ରକାଶ ପାଇଛି । ଏହି ସଂଖ୍ୟାରେ ଅନେକ ଉଚ୍ଚକୋଟୀର ପ୍ରବନ୍ଧ, ଗଳ୍ପ, କବିତା ପ୍ରକାଶ ପାଇଛି । ଅଧ୍ୟାପକ ପାର୍ଥସାରଥୀ ଅଜୟ ବାରିକଙ୍କ 'ବିଶ୍ୱର ମହାକବି ଉପେନ୍ଦ୍ର ଭଞ୍ଜ', ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡାଙ୍କ 'ଓଡ଼ିଆ ସାହିତ୍ୟର ଅଦ୍ୱିତୀୟ କବି ଉପେନ୍ଦ୍ର ଭଞ୍ଜ', ବୈଷ୍ଣବ ଚରଣ ଦାଶଙ୍କ 'ପଲ୍ଲୀ ଜୀବନର ନିଖୁଣ ଚିତ୍ରକାର ନନ୍ଦକିଶୋର' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି । ସେହିପରି ଡକ୍ଟର ସଂଘମିତ୍ରା ମିଶ୍ରଙ୍କ 'ଏଇ ମନ ବୃନ୍ଦାବନ', ଭାଗୀରଥି ବେହେରାଙ୍କ 'ମେଡିସିନ୍', ମାୟାଧର ନାୟକଙ୍କ 'ଠେଙ୍ଗାଯୁଦ୍ଧ', ଡକ୍ଟର ସୁଷମା ମିଶ୍ରଙ୍କ 'ଲେମନ୍‌ଗ୍ରାସ୍ ଓ ମୋ ପୁଅର କଥା', ଡକ୍ଟର ଦ୍ୱାରିକାନାଥ ମହାରଣାଙ୍କ 'ଶେଷ ଠିକଣା' ଆଦି ଗପ ହୃଦୟସ୍ପର୍ଶୀ ହୋଇଛି । କବିତା ବିଭାଗରେ ପୂଜା ପ୍ରଧାନଙ୍କ 'ଜୀବନ', ରାମଚନ୍ଦ୍ର ପ୍ରଧାନଙ୍କ 'ପୁନର୍ଜନ୍ମ', ମହେଶ ପଟ୍ଟନାୟକଙ୍କ 'ଝଡ଼', ସୌଦାମିନୀ ମିଶ୍ରଙ୍କ 'କିଛି ପ୍ରଶ୍ନ ପ୍ରଶ୍ନରେ ହିଁ ଥାଉ', କୁମାର ହାସନଙ୍କ 'ମୋର ଦେଶ', ଗିରିଜା ଶଙ୍କର ଦାଶଙ୍କ 'ପ୍ରୀତିଲଗ୍ନା -୧୨' ପ୍ରଭୃତି କବିତା ବେଶ୍ ମନଛୁଆଁ ହୋଇଛି । 'ହିମାଦ୍ରି'ର ଲେଖାଗୁଡ଼ିକ ପାଠକମାନଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଏ । ■

## ୨୦୨୪ ଲୋକସଭା ନିର୍ବାଚନ: ସ୍ଥିତି ଓ ସମ୍ଭାବନା

### କେରଳ : ଆସନ ସଂଖ୍ୟା ୨୦

# ବାମପନ୍ଥୀଙ୍କ ପାଇଁ 'କର ବା ମର' ସ୍ଥିତି




ଚଳିତ ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶୁକ୍ରବାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ କେରଳର ସମସ୍ତ ୨୦ଟି ଆସନ ସହିତ କର୍ଣ୍ଣାଟକର ୧୪,ରାଜସ୍ଥାନ ୧୩, ମହାରାଷ୍ଟ୍ର ୮, ଉତ୍ତରପ୍ରଦେଶ ୮, ମଧ୍ୟପ୍ରଦେଶ ୭, ଆସାମ ଓ ବିହାରରେ ପ୍ରତ୍ୟେକ ୫, ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ପ୍ରତ୍ୟେକ ୩ ଏବଂ ମଣିପୁର, ତ୍ରିପୁରା ଓ ଜମ୍ମୁ-କାଶ୍ମୀରର ଗୋଟିଏ ଲେଖାଏଁ ଆସନରେ ୧୩ଟି ରାଜ୍ୟର ମୋଟ ୮୯ଟି ଆସନ ପାଇଁ ମତଦାନ ହୋଇଛି। ତେବେ ଏହି ସମସ୍ତ ରାଜ୍ୟଗୁଡିକ ମଧ୍ୟରେ କେରଳ ସ୍ଥିତିକୁ ନେଇ ରାଜନୀତିକ ମହଲରେ ସବୁଠୁ ଅଧିକ ଚର୍ଚ୍ଚା ଚାଲିଛି। ସାରା ଦେଶରେ ସବୁ ରାଜ୍ୟ ମଧ୍ୟରେ ଏକ ପ୍ରମୁଖ ଏବଂ ଏକମାତ୍ର ରାଜ୍ୟ ଭାବେ କେରଳରେ ରହିଥିବା ବାମପନ୍ଥୀ ସରକାରର ଭବିଷ୍ୟତ ଏହି ନିର୍ବାଚନରେ କ'ଣ ହେବ ତାହା ସବୁ ମହଲରେ ପ୍ରଶ୍ନ ଉତ୍ଥାପନ କରିଛି। ପୂର୍ବରୁ ପଶ୍ଚିମବଙ୍ଗରେ କେଇ ଦଶନ୍ଧି ଧରି ରହିଆସିଥିବା ବାମପନ୍ଥୀ ସରକାରର ପତନ ଘଟି ସାରିଥିଲା ବେଳେ କେବଳ କେରଳରେ ହିଁ ବାମପନ୍ଥୀଙ୍କ ପ୍ରଭାବ ରହିଥିଲା। ବିଗତ ୮ ବର୍ଷ ଧରି କେରଳରେ ବାମପନ୍ଥୀ ମେଣ୍ଟ କ୍ଷମତାରେ ରହି ଆସିଛି। କିନ୍ତୁ ଏବେ ରାଜ୍ୟର ରାଜନୈତିକ ଦୃଶ୍ୟପଟରେ ଯେଉଁ ପରିବର୍ତ୍ତନ ଆସିଛି ସେଥିରେ ବାମପନ୍ଥୀଙ୍କ ପାଇଁ କର ବା ମର ସ୍ଥିତି ଉତ୍ପନ୍ନ ହୋଇଛି। ଗୋଟିଏ ପକ୍ଷରେ ମହଙ୍ଗା ସ୍ଥିତି, ବେରୋଜଗାର, ସାଂପ୍ରଦାୟିକ ହିଂସା ଏବଂ ଦୁର୍ନୀତି ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ କେରଳର ବାମପନ୍ଥୀ ସରକାରଙ୍କ ବିରୋଧରେ ଅନେକ ସ୍ତରରେ ବିରୋଧୀ ହାୱା ରହିଛି। ଅନ୍ୟ ପକ୍ଷରେ ରାଜ୍ୟରେ ବିଜେପିର ବର୍ଦ୍ଧିତ ପ୍ରଭାବ ରାଜ୍ୟ ରାଜନୀତିରେ ନୂଆ ମୋଡ ଆଣିଥିଲା ବେଳେ ଚଳିତ ନିର୍ବାଚନ ଫଳାଫଳରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି। କେରଳର ମୁସଲମାନ ସଂପ୍ରଦାୟର ଅଧିକାଂଶ ଲୋକ ଉପସାଗରୀୟ ଅଞ୍ଚଳର ବିଭିନ୍ନ ରାଷ୍ଟ୍ରରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ବିଗତ କିଛି ବର୍ଷ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁଏଇ, ସାଉଦି ଆରବ, କାତାର ଏବଂ ବାହାରେନ ଭଳି ବିଭିନ୍ନ ଆରବୀୟ ରାଷ୍ଟ୍ରମାନଙ୍କରେ ଭାରତର ପ୍ରଭାବକୁ ଯେଉଁଳି ବିସ୍ତାର କରିଛନ୍ତି ତାହା ସେଠାକାର ମୂଳ କେରଳବାସୀଙ୍କୁ ପ୍ରଭାବିତ କରିଛି। ତେଣୁ ବର୍ତ୍ତମାନ ଭୋଟ ସମୟରେ ଏହି ପ୍ରବାସୀ କେରଳୀଙ୍କ ପ୍ରଭାବ ସେମାନଙ୍କ ପରିବାର କିମ୍ବା ସ୍ଥାନୀୟ ଭୋଟରମାନଙ୍କ ଉପରେ ପ୍ରତିଫଳିତ ହୋଇପାରେ ବୋଲି ରାଜନୈତିକ ବିଶାରଦମାନେ ମତ ଦେଉଛନ୍ତି। ଅନ୍ୟପକ୍ଷରେ ଏଠାକାର ହିନ୍ଦୁ ଭୋଟରଙ୍କ ସମର୍ଥନ ସହିତ ବିଜେପି ଅନ୍ୟତମ ଲଘୁ ସଂପ୍ରଦାୟ ଖ୍ରୀଷ୍ଟିୟାନଙ୍କ ଭୋଟ ହାତେଇବାକୁ ମଧ୍ୟ ଆବଶ୍ୟକ ରଣନୀତି ଗ୍ରହଣ କରିଛି। ହିନ୍ଦୁ ଭୋଟରଙ୍କ ମଧ୍ୟରେ କେରଳରେ ରହିଥିବା ବହୁ ସଂଖ୍ୟକ ସଂଘ ପରିବାର ସହିତ ଯୁବ ଭୋଟରମାନେ ମଧ୍ୟ ବିଜେପି ପ୍ରତି ଅଧିକ ସମର୍ଥନ ରଖିଥିବା କୁହାଯାଉଛି।

୧୯୯୯ ଲୋକସଭା ନିର୍ବାଚନରେ କେରଳରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୧୧ଟି ଆସନରେ ବିଜୟୀ ହୋଇଥିଲାବେଳେ ବାମପନ୍ଥୀ ମେଣ୍ଟ ଏଲଡିଏଫ ୯ଟି ଆସନରେ ବିଜୟୀ ହୋଇଥିଲା। ସେହିପରି ୨୦୦୪ରେ ୟୁଡିଏଫ ୧ , ଏଲଡିଏଫ ୧୮ , ୨୦୦୯ରେ ୟୁଡିଏଫ ୧୬, ଏଲଡିଏଫ ୪, ୨୦୧୪ ନିର୍ବାଚନରେ ୟୁଡିଏଫ ୧୨, ଏଲଡିଏଫ ୮ ଏବଂ ୨୦୧୯ ନିର୍ବାଚନରେ ୟୁଡିଏଫ ୧୯ ଏବଂ ଏଲଡିଏଫ ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଥିଲା। ଅର୍ଥାତ୍ ବିଗତ ୫ଟି ଲୋକସଭା ନିର୍ବାଚନରେ ବାମପନ୍ଥୀ ମେଣ୍ଟ ହେଉ କି କଂଗ୍ରେସ ନେତୃତ୍ୱ ମେଣ୍ଟ, ଏହି ଦୁଇ ଦଳ ହିଁ କେରଳରେ ପ୍ରଭାବ ବିସ୍ତାର କରିଆସିଥିଲେ। କଂଗ୍ରେସ ନେତୃତ୍ୱ ମେଣ୍ଟ ଅଧିକ ଲୋକସଭା ଆସନରେ ବିଜୟ ହେଲେ କଂଗ୍ରେସ ପାଇଁ କୌଣସି ସମସ୍ୟା ନଥିଲା ବେଳେ ବାମପନ୍ଥୀ ମେଣ୍ଟର ଅଧିକ ଆସନରେ ବିଜୟ କଂଗ୍ରେସ ପାଇଁ ମଧ୍ୟ କୌଣସି ସମସ୍ୟା ନଥିଲା। କିନ୍ତୁ ବାମପନ୍ଥୀ ଦଳର ଭୋଟ ଶେୟାର ହ୍ରାସ ଏବଂ ବିଜେପିର ଭୋଟ ଶେୟାର ବୃଦ୍ଧି ପାଇବା ଘଟଣା ରାଜ୍ୟ ରାଜନୀତି ପାଇଁ ପରବର୍ତ୍ତନର ମୋଡ ହୋଇଛି। ୨୦୧୪ ନିର୍ବାଚନରେ ୟୁଡିଏଫର ଭୋଟ ଶେୟାର ହାର ୪୧.୯୮ ପ୍ରତିଶତ ରହିଥିଲା ବେଳେ ୨୦୧୯ରେ ଏହି ହାର ୪୭.୪୮ ପ୍ରତିଶତ ରହିଥିଲା। କିନ୍ତୁ ଏଲଡିଏଫର ଭୋଟ ଶେୟାର ୨୦୧୪ରେ ୪୦.୧୨ ପ୍ରତିଶତ ରହିଥିଲେ ହେଁ ୨୦୧୯ରେ ଏହି ହାର ୩୬.୨୯ ପ୍ରତିଶତକୁ ହ୍ରାସ ପାଇଥିଲା। ଏଭଳି ସ୍ଥଳେ ୨୦୧୪ରେ ରହିଥିବା ୧୦.୮୨ ପ୍ରତିଶତ ଏନଡିଏ ଭୋଟ ଶେୟାର ୨୦୧୯ରେ ୧୫.୬୪ ପ୍ରତିଶତକୁ ବୃଦ୍ଧି ପାଇବା ଉଭୟ ୟୁଡିଏଫ ଏବଂ ଏଲଡିଏଫ ପାଇଁ ଚିନ୍ତାର ବିଷୟ ହୋଇଛି। ଯାହାକୁ ନେଇ ପ୍ରଥମଥର ଲାଗି କେରଳ ଲୋକସଭା ନିର୍ବାଚନରେ ତ୍ରିକୋଣୀୟ ଲଢେଇ ହୋଇଛି। ୨୦୧୪ରେ ପ୍ରଥମଥର ଲାଗି ଗୋଟିଏ ଆସନରେ ବିଜୟ ଲାଭ କରିବା ପରେ ଏଠାରେ ବିଜେପି ଭଲ ପ୍ରଦର୍ଶନ କରିବ ବୋଲି ଆଶାବାଦୀ ହୋଇପଡ଼ିଥିଲା। ଏହା ପରେ ଦଳ ନିଜର ସାଂଗଠନିକ ଶକ୍ତି ବୃଦ୍ଧି କରିବା ସହିତ ନୂଆ ରଣନୀତିରେ କାର୍ଯ୍ୟ କରିବା ଆରମ୍ଭ କରିଦେଇଥିଲା। ଯାହା ଚଳିତ ନିର୍ବାଚନରେ ପ୍ରତିଫଳିତ ହେବାକୁ ଯାଉଛି। ଚଳିତ ନିର୍ବାଚନରେ ଏନଡିଏ ଭୋଟ ଶେୟାରରେ ୨୦ ପ୍ରତିଶତ ବୃଦ୍ଧି ଘଟିବା ବୋଲି ଆକଳନ କରାଯାଉଥିବା ବେଳେ ବିଜେପି ୨ ରୁ ୩ ଟି ଆସନରେ ବିଜୟୀ ହେବ ବୋଲି ଆଶାବାଦୀ ରହିଛି। ପରୋକ୍ଷରେ ଯଦି କେରଳରେ ଏଲଡିଏଫର ଭୋଟ ଶେୟାର ୨୦ ପ୍ରତିଶତ ହ୍ରାସ ଘଟେ ତେବେ ପୂର୍ବରୁ ବାମପନ୍ଥୀ ଏବଂ କଂଗ୍ରେସ ମଧ୍ୟରେ ହୋଇଆସିଥିବା ଦ୍ୱିପକ୍ଷୀୟ ଲଢେଇ ଏବଂ କଂଗ୍ରେସ ବନାମ ବିଜେପି ହୋଇଯିବ। ଏହାଦ୍ୱାରା କେରଳରେ ବାମପନ୍ଥୀଙ୍କ ପ୍ରଭାବ ଏକ ପ୍ରକାର ଖତମ ହୋଇଯିବ ବୋଲି ରାଜନୀତିକ ବିଶାରଦମାନେ ଆକଳନ କରିଛନ୍ତି। ତେଣୁ ଏଲଡିଏଫରେ ରହିଥିବା ବାମପନ୍ଥୀ ଦଳଙ୍କ ପାଇଁ ଏବେ କର ବା ମର ସ୍ଥିତି ଦେଖାଯାଇଛି ବୋଲି କୁହାଯାଇଛି। ଯଦି ଚଳିତ ନିର୍ବାଚନରେ କେରଳରେ ଏଲଡିଏଫର ପ୍ରଭାବ ହ୍ରାସ ପାଏ ତେବେ ସାରା ଦେଶରେ ବାମପନ୍ଥୀ ନିଶ୍ଚିହ୍ନ ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବନି ବୋଲି ରାଜନୀତିକ ପଣ୍ଡିତମାନେ ମତ ଦେଇଛନ୍ତି।



**ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ : କଂଗ୍ରେସ, ବାମପନ୍ଥୀ, ବିଜେପି**

### ପୂର୍ବ ୫ ଲୋକସଭା ନିର୍ବାଚନ ସ୍ଥିତି

| ବର୍ଷ | ୟୁଡିଏଫ୍ | ଏଲ୍‌ଡିଏଫ୍ |
|---|---|---|
| ୧୯୯୯ | ୧୧ | ୦୯ |
| ୨୦୦୪ | ୦୧ | ୧୮ |
| ୨୦୦୯ | ୧୬ | ୦୪ |
| ୨୦୧୪ | ୧୨ | ୦୮ |
| ୨୦୧୯ | ୧୯ | ୦୧ |

### ବିଭିନ୍ନ ମେଣ୍ଟର ଭୋଟ ଶେୟାର

| ମେଣ୍ଟ | ୨୦୧୪ | ୨୦୧୯ |
|---|---|---|
| ୟୁଡିଏଫ | ୪୧.୯୮% | ୪୭.୪୮% |
| ଏଲଡିଏଫ | ୪୦.୧୨% | ୩୬.୨୯% |
| ଏନଡିଏ | ୧୦.୮୨% | ୧୫.୬୪% |

### କଂଗ୍ରେସର ଅଭିଯୋଗ

## କେରଳ ନିର୍ବାଚନକୁ ହାଇଜାକ୍ କରୁଛି ସିପିଆଇଏମ୍



'ଇଣ୍ଡି' ମେଣ୍ଟର ସହଯୋଗୀ ଦଳ ସିପିଆଇଏମ ବିରୋଧରେ କଂଗ୍ରେସ ବଡ଼ ଅଭିଯୋଗ ଲଗାଇଛି। ଏହି ଦଳ କେରଳ ନିର୍ବାଚନକୁ ହାଇଜାକ୍ କରି ନେଇଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ କହିଛନ୍ତି। ଏଠାରେ ନିର୍ବାଚନ ଅଧିକାରୀମାନେ ଭୋଟରଙ୍କୁ ଉତ୍ପୀଡ଼ନ ଦେଉଛନ୍ତି। ନିର୍ବାଚନ ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସମୟ ଥିଲେ ମଧ୍ୟ ରାଜ୍ୟ ସରକାର ଅବହେଳା କରିଛନ୍ତି। ଜାଣିଶୁଣି ନିର୍ବାଚନରେ ବିଶୃଙ୍ଖଳା ସୃଷ୍ଟି କରାଯାଉଛି। ସିପିଆଇଏମ ନେତା ପି.ଜୟରାଜନ ଏବଂ ବିଜେପି ନେତା ପ୍ରକାଶ ଜାଭେଡକରଙ୍କ ବୈଠକକୁ ନେଇ କ୍ଷମତାସୀନ ଦଳକୁ ବେଣୁଗୋପାଳ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ଏବେ ସିପିଆଇଏମ ଏହି ବୈଠକକୁ ଅନୁଚିତ କହୁଛି। ଯଦି ଜୟରଜାନ ବୈଠକ କରି ଭୁଲ୍ କରିଛନ୍ତି ତେବେ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ ମଧ୍ୟ ଏଥିପାଇଁ ଦାୟୀ। ରାଜ୍ୟରେ ବାମ ଦଳ ଏବଂ ବିଜେପି ମଧ୍ୟରେ ମେଣ୍ଟ ହୋଇଯାଇଛି ବୋଲି ଏ ସବୁ ଘଟଣାରୁ ସୂଚନା ମିଳୁଛି। ଏହି ଚୁକ୍ତି ବିଷୟରେ ଜଣାପଡ଼ିବା ପରେ ଜୟରାଜନଙ୍କୁ ବଳି ବୋଦା ବନାଯାଉଛି। ସିପିଆଇଏମ ଏବଂ ବିଜେପିର ସମାନ ଲକ୍ଷ୍ୟ ରହିଛି। ଉଭୟେ କଂଗ୍ରେସକୁ ଧ୍ୱଂସ କରିଦେବାକୁ ଚାହୁଁଛନ୍ତି। କିନ୍ତୁ କଂଗ୍ରେସ କେନ୍ଦ୍ରରୁ ବିଜେପି ସରକାରକୁ ହଟାଇବାକୁ ପ୍ରାଧାନ୍ୟ ଦେଉଛି। ଏହି ଏଜେଣ୍ଡାରେ କେରଳକୁ ଛାଡ଼ି ଆଉ ସବୁଠି ସିପିଆଇଏମ କଂଗ୍ରେସକୁ ସହଯୋଗ କରୁଛି। ବେଣୁଗୋପାଳ ଅଭିଯୋଗ କରିଛନ୍ତି ଯେ ମତଦାନ କେନ୍ଦ୍ରରେ ଅବ୍ୟବସ୍ଥା କରି ଜାଣିଶୁଣି ଭୋଟରଙ୍କୁ ଶୋଷଣ କରାଯାଉଛି। ମତଦାନ କେନ୍ଦ୍ରରେ ପାନୀୟ ଜଳ, ବସିବା ପାଇଁ ଚୌକି, ଆଲୋକୀକରଣ ବ୍ୟବସ୍ଥା ନାହିଁ। ଇଭିଏମ୍ ଖରାପ ଯୋଗୁ ଲୋକେ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଏଠାରେ ଅପେକ୍ଷା କରି ରହୁଥିବା ଦେଖାଯାଉଛି। ମତଦାନ ହାରକୁ ହ୍ରାସ କରିବା ପାଇଁ ସିପିଆଇଏମ ନିର୍ବାଚନୀ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ହାଇଜାକ୍ କରି ନେଇଛି।




ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନିତା କେଜ୍ରିୱାଲ ରାଜନୀତିରେ କ୍ୟାରିୟର ଆରମ୍ଭ କରିଛନ୍ତି। ସେ ରାଜଧାନୀ ଦିଲ୍ଲୀରେ ଶନିବାର ପ୍ରଥମ ଥର ପାଇଁ ରୋଡ୍ ସୋ' କରିଛନ୍ତି। ସୁନିତା ହାତ ଯୋଡ଼ି ଲୋକଙ୍କୁ ଅଭିବାଦନ ସ୍ୱୀକାର କରିଛନ୍ତି। ଏହି ସମୟରେ ସମର୍ଥକ 'ଆଇ ଲଭ୍ କେଜ୍ରିୱାଲ' ପୋଷ୍ଟର ହାତ ଧରିଥିଲେ। ପୂର୍ବଦିଲ୍ଲୀର କଲ୍ୟାଣପୁରୀରେ ଆୟୋଜିତ ଏହି ରାଲିରେ ଆମ ଆଦମୀ ପାର୍ଟି (ଆପ୍) ର ସମସ୍ତ ମନ୍ତ୍ରୀ, ବିଧାୟକ କାଉନସିଲର, କର୍ମୀ ସାମିଲ ହୋଇଥିଲେ। ଏବେ ସୁନିତା ଆପ୍‌ର ନେତୃତ୍ୱ ନେବେ ବୋଲି କୁହାଯାଉଛି।

### ହାଇକୋର୍ଟଙ୍କ ଟିପ୍ପଣୀ ଆପ୍ ରାଜନୀତି ପାଇଁ ଶକ୍ତ ଧକ୍କା

## ଇସ୍ତଫା ଦେବେ କେଜ୍ରିୱାଲ !

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ରହିଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପାଇଁ ସମସ୍ୟା ବଢିବାରେ ଲାଗିଛି। କେବଳ କେଜ୍ରିୱାଲ ନୁହନ୍ତି, ତାଙ୍କ ସମସ୍ୟାକୁ ନେଇ ଆପ୍‌ର ସମସ୍ୟା ମଧ୍ୟ ଦ୍ୱିଗୁଣିତ ହୋଇଛି। ବିଶେଷକରି ଲୋକସଭା ନିର୍ବାଚନ ପରିପ୍ରେକ୍ଷୀରେ କେଜ୍ରିୱାଲଙ୍କ ଅନୁପସ୍ଥିତି ଦଳୀୟ ସ୍ଥିତିକୁ ଜଟିଳ କରିଦେଇଛି। ଏହାମଧ୍ୟରେ ଦିଲ୍ଲୀ ସରକାର ପରିଚାଳନାକୁ ନେଇ ହାଇକୋର୍ଟ କେଜ୍ରିୱାଲଙ୍କ ସମ୍ପର୍କରେ ଯେଉଁଳି ଟିପ୍ପଣୀ ଦେଇଛନ୍ତି ତାହା ମଧ୍ୟ ତାଙ୍କ ପାଇଁ ରାଜନୀତିକ ଦୃଷ୍ଟିରୁ କୁପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି କରିଛି। ଦିଲ୍ଲୀ ମହାନିଗର ନିଗମ ପରିସରରେ ରହିଥିବା ସରକାରୀ ସ୍କୁଲଗୁଡିକରେ ପିଲାଙ୍କୁ ବହି ମିଳିପାରୁ ନଥିବାରୁ ଦିଲ୍ଲୀ ହାଇକୋର୍ଟ ଆପ୍ ସରକାରଙ୍କ ଉପରେ କ୍ଷୁବ୍ଧ ହେବା ସହିତ ଦିଲ୍ଲୀ ସରକାର କେମିତି କାର୍ଯ୍ୟ କରିଚାଳନା କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ଆପ୍ ସରକାର ଉତ୍ତର ରଖିଥିଲା ବେଳେ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ଜେଲରେ ରଖାଯାଇଥିବାରୁ କେବଳ ସ୍କୁଲ ବିଭାଗ ନୁହେଁ, ବରଂ ଅନ୍ୟ ବହୁ ବିଭାଗର ଶହ ଶହ ଫାଇଲ ଦସ୍ତଖତ ନ ହୋଇ ପଡ଼ି ରହିବା ଏବଂ କୌଣସି ନିଷ୍ପତ୍ତି ନିଆଯାଇ ପାରୁନଥିବା କୁହାଯାଇଛି। କିନ୍ତୁ ଆପ୍ ସରକାରଙ୍କ ଏଭଳି ଉତ୍ତରରେ ହାଇକୋର୍ଟ କ୍ଷୁବ୍ଧ ହେବା ସହିତ ଜାତୀୟ ସ୍ୱାର୍ଥ ଠାରୁ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ନିଜ ସ୍ୱାର୍ଥକୁ ଉର୍ଦ୍ଧ୍ୱରେ ଦେଖୁଛନ୍ତି ବୋଲି




ଟିପ୍ପଣୀ କରିଛନ୍ତି। ଅର୍ଥାତ୍ ମୁଖ୍ୟମନ୍ତ୍ରୀ ଗିରଫ ହୋଇ ଜେଲରେ ରହିଥିଲେ ହେଁ ଇସ୍ତଫ ଦେଉନାହାନ୍ତି ଏବଂ ସରକାରୀ କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ଏଥିପାଇଁ ସମସ୍ୟା ଉପୁଜିଛି ବୋଲି ହାଇକୋର୍ଟ ପରୋକ୍ଷରେ କହିଛନ୍ତି। କେଜ୍ରିୱାଲ ଗିରଫ ହେବା ପରେ କୌଣସି ଅଦାଲତଙ୍କ ପକ୍ଷରୁ ଏଭଳି ମନ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଥିବା ବେଳେ ଏହା କେଜ୍ରିୱାଲଙ୍କ ଇସ୍ତଫା ପାଇଁ ପରୋକ୍ଷ ଇଙ୍ଗିତ ବୋଲି କୁହାଯାଉଛି। ସେପଟେ ମୁଖ୍ୟମନ୍ତ୍ରୀ ପଦରୁ ଯଦି କେଜ୍ରିୱାଲ ଇସ୍ତଫା ଦେଉଛନ୍ତି ତେବେ ଏହା ଆପ୍ ରାଜନୀତିକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା ବଢାଇଛି। ଉଲ୍ଲେଖଯୋଗ୍ୟ ଯେ, କେଜ୍ରିୱାଲଙ୍କ ଗିରଫଦାରୀକୁ ନେଇ ଆପ୍ ବିଭିନ୍ନ ଅଦାଲତରେ ଚ୍ୟାଲେଞ୍ଜ କରିବା ସହିତ ତାଙ୍କୁ କେବଳ ରାଜନୈତିକ ଆକ୍ରୋଶରୁ ଗିରଫ କରାଯାଇଛି ବୋଲି ଦଳ ଅଭିଯୋଗ କରିଆସିଛି। କିନ୍ତୁ କୌଣସି ଅଦାଲତରେ କେଜ୍ରିୱାଲଙ୍କୁ ଏହି ପ୍ରସଙ୍ଗରେ ଆଶ୍ୱସ୍ତି ମିଳିପାରି ନାହିଁ। ଏହାମଧ୍ୟରେ ହାଇକୋର୍ଟଙ୍କ ଏଭଳି ଟିପ୍ପଣୀ କେଜ୍ରିୱାଲଙ୍କ ପାଇଁ ବିଷମ ପରିସ୍ଥିତି ସୃଷ୍ଟି କରିଛି।

### ମୁମ୍ବାଇ ନର୍ଥ ସେଣ୍ଟ୍ରାଲରୁ ପୁନମ୍ ମହାଜନଙ୍କ ଟିକଟ କଟିଲା

## ଓକିଲ ଉଜ୍ୱଲ ନିକମଙ୍କୁ ପ୍ରାର୍ଥୀ କଲା ବିଜେପି



ଲୋକସଭା ନିର୍ବାଚନ ପାଇଁ ବିଜେପି ଶନିବାର ୧୫ତମ ପ୍ରାର୍ଥୀ ତାଲିକା ଜାରି କରିଛି। ଚଳିତ ଥର ଦଳ ଦିବଂଗତ ବିଜେପି ନେତା ପ୍ରମୋଦ ମହାଜନଙ୍କ ଝିଅ ପୁନମ ମହାଜନଙ୍କ ଟିକଟ କାଟି ଦେଇଛି। ମାତ୍ର ତାଙ୍କ ଆସନ ମୁମ୍ବାଇ ନର୍ଥ ସେଣ୍ଟ୍ରାଲରୁ ପ୍ରସିଦ୍ଧ ସରକାରୀ ଓକିଲ ଉଜ୍ୱଲ ନିକମଙ୍କୁ ପ୍ରାର୍ଥୀ କରିଛି। ସୂଚନାଯୋଗ୍ୟ ଯେ ସେ ୨୬/୧୧ ଆତଙ୍କବାଦୀ ଆକ୍ରମଣର ଦୋଷୀ କସାବକୁ ଫାଶୀଖୁଣ୍ଟରେ ଝୁଲାଇବାଠାରୁ ନେଇ ୧୯୯୩ ବୋମା ବିସ୍ଫୋରଣ, ଗୁଲଶନ କୁମାର ହତ୍ୟାକାଣ୍ଡ ଏବଂ ପ୍ରମୋଦ ମହାଜନ ହତ୍ୟାକାଣ୍ଡ ଭଳି ହାଇପ୍ରୋଫାଇଲ ମାମଲାରେ ସରକାରଙ୍କ ପକ୍ଷରୁ ଲଢ଼ିଥିଲେ। ଅନ୍ୟପଟେ ୨୦୦୬ରେ ବାପା ପ୍ରମୋଦଙ୍କ ହତ୍ୟା ପରେ ପୁନମ ବିଜେପିରେ ସାମିଲ ହୋଇଥିଲେ। ସେ ୨୦୦୯ରେ ପ୍ରଥମ ଥର ପାଇଁ ଘାଟକୋପର ୱେଷ୍ଟରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଏହା ପରେ ୨୦୧୪ରେ ମୁମ୍ବାଇ ନର୍ଥ ସେଣ୍ଟ୍ରାଲ ଆସନରୁ କଂଗ୍ରେସର ପ୍ରିୟା ଦତ୍ତଙ୍କୁ ହରାଇ ଥିଲେ। ସୂଚନାଯୋଗ୍ୟ ଯେ ପୁନମ ଜଣେ ଦକ୍ଷ ପାଇଲଟ। ସେ ଆମେରିକାର ଟେକ୍ସାସରୁ ଏହି ପ୍ରଶିକ୍ଷଣ ନେଇଥିଲେ। ତାଙ୍କ ପାଖରେ ୩୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ରହିଛି।

ସୂଚନା ଅନୁଯାୟୀ ମୁମ୍ବାଇ ନର୍ଥ ସେଣ୍ଟ୍ରାଲ ଆସନରେ ସବୁବେଳେ ଅନିଶ୍ଚିତତା ଲାଗି ରହିଛି। ଏହି ଆସନରେ କୌଣସି ଦଳର ଦବଦବା ନାହିଁ। କେବେ ବିଜେପି ତ କେବେ କଂଗ୍ରେସ, ପୁଣି ଶିବସେନା ଓ ଆରପିଆଇ ପ୍ରାର୍ଥୀ ଏଠାରୁ ବିଜୟୀ ହୋଇଛନ୍ତି। ୨୦୧୯ରେ ପୁନମ ଏଠାରୁ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲେ।

ସୁଶ୍ରୀ
ସକାଳ THE SAKALA
www.sakalaepaper.com

## ନିଶା ପାଲଟିଛି ପେଶା

# କେକ୍ ବ୍ୟବସାୟରୁ ସଫଳ ଉଦ୍ୟୋଗୀ ପ୍ରିୟଙ୍କା

**ସଫଳତାର ମାପକାଠି ନୁହେଁ ବୟସ, ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି ପ୍ରିୟଙ୍କା । ଯେଉଁ ବୟସରେ ପିଲାମାନେ ପାଠପଢ଼ି, ଖେଳକୁଦ କରି ସମୟ ଅତିବାହିତ କରନ୍ତି, ସେଇ ବୟସରେ ପାଠ ପଢିବା ସହ ନିଜର ସୃଜନଶୀଳତାକୁ ଉପଯୋଗ କରି ଡିଜାଇନର କେକ୍ ଓ ବିଭିନ୍ନ ଫ୍ଲେଭର୍‌ର ଡିଜର୍ଟ, କପ୍‌କେକ୍ ତିଆରି କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି କଟକ ଜିଲ୍ଲାର ୧୯ ବର୍ଷୀୟା ପ୍ରିୟଙ୍କା ଅଗ୍ରୱାଲ । କିଛି ନୂଆ କରିବାର ଆଶା, ନିଶା ଓ ପରିବାର ଲୋକଙ୍କ ସମର୍ଥନ ଥିଲେ ଯେ କୌଣସି କାର୍ଯ୍ୟ ସମ୍ଭବ ହୋଇପାରେ ବୋଲି ସେ କହିଛନ୍ତି । ଖୁବ୍ କମ୍ ବୟସରେ 'ସ୍ୱିଟନେସ୍ ହବ୍' ମାଧ୍ୟମରେ ସେ ନିଜକୁ ଏକ ଉଦ୍ୟୋଗୀ ଭାବରେ ପରିଚିତ କରିପାରିଛନ୍ତି ।**



### ୧୬ ବର୍ଷରୁ ବ୍ୟବସାୟ

ସେ ପିଲାବେଳୁ ବେକିଂ ଖାଦ୍ୟପଦାର୍ଥ ତିଆରି କରିବାକୁ ପସନ୍ଦ କରୁଥିଲେ । କେତେବେଳେ କେକ୍ ତ କେତେବେଳେ ବିସ୍କୁଟ୍ ତିଆରିକୁ ନେଇ ବହୁ ପରୀକ୍ଷାନିରୀକ୍ଷା କରୁଥିଲେ । ବିଭିନ୍ନ ଫ୍ଲେଭର୍ କେକ୍ ତିଆରି କରି ତାକୁ ସେ ନିଜେ ଡିଜାଇନ୍ କରୁଥିଲେ । ଯେଉଁଥିରୁ ବେଶ୍ ସୁଫଳ ମିଳିଥିଲା । ତାଙ୍କର ଏ ଦିଗରେ ଆଗ୍ରହ ଦେଖି ପରିବାର ଲୋକ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିଥିଲେ । ଏଥି ସହିତ ଆଗକୁ କିଛି କରିବା ପାଇଁ ପ୍ରୋତ୍ସାହନ ତଥା ପ୍ରେରଣା ଦେଇଥିଲେ । ୨୦୨୧ ମସିହାରେ ଲକ୍‌ଡାଉନ୍ ସମୟରେ ସେ 'ସ୍ୱିଟନେସ୍ ହବ୍' ନାମରେ ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଖୋଲି ଏହି ନିଆରା କେକ୍ ବ୍ୟବସାୟ ଆରମ୍ଭ କରିଥିଲେ ।




### କଷ୍ଟମାଇଜଡ୍ କେକ୍ ତିଆରି କରନ୍ତି

ଲୋକଙ୍କର ଚାହିଦା ତଥା ପସନ୍ଦ ଅନୁଯାୟୀ ସେ ବିଭିନ୍ନ ପ୍ରକାର କଷ୍ଟମାଇଜଡ଼ କେକ୍ ପ୍ରସ୍ତୁତ କରିଥାନ୍ତି । ସେ କୌଣସି ପ୍ରକାର ରେଡିମେଡ୍ କେକ୍ ରଖନ୍ତି ନାହିଁ । ତାଙ୍କ କହିବାନୁଯାୟୀ ବ୍ରାଉନି, ଖାଣ୍ଟି ଚକୋଲେଟ୍ ଟ୍ରଫଲ୍, ଷ୍ଟ୍ରବେରୀ, ବ୍ଲୁବେରୀ ଓ କାନ୍‌ବେରୀ ଆଦି ଫ୍ଲେଭର୍ କେକ୍‌କୁ ଲୋକମାନେ ବେଶି ପସନ୍ଦ କରିଥାନ୍ତି । ଲୋକମାନେ ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସଆପରୁ ନିଜର ଆବଶ୍ୟକତା ଅନୁସାରେ କେକ୍ ଅର୍ଡର କରିଥାନ୍ତି । ତାଙ୍କ ପାଖରେ ବିଭିନ୍ନ ଡିଜାଇନ୍‌ର କେକ୍ ଥିବାବେଳେ ଓଡ଼ିଶା ବାହାରୁ ତଥା କୋଲକାତା, ବମ୍ବେ ଏପରିକି ଜର୍ମାନୀ ଆଦି ସ୍ଥାନରୁ ଲୋକମାନେ ଅର୍ଡର ଦେଇଥାନ୍ତି ।

### ମାଷ୍ଟରସେଫ୍‌ର ପ୍ରତିଯୋଗୀ

୧୭ ବର୍ଷ ବୟସରେ ସେ ମାଷ୍ଟରସେଫ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । କିନ୍ତୁ ନିର୍ଦ୍ଧାରିତ ବୟସରୁ ତାଙ୍କ ବୟସ କମ୍ ଥିବାରୁ ସେ ମାତ୍ର ୩ଟି ପର୍ଯ୍ୟାୟରେ ପହଞ୍ଚି ଥିଲେ । ଏଥିସହିତ ସେ ବିଭିନ୍ନ ମେଳା ଆଦିରେ ନିଜର ଷ୍ଟଲ୍ ପକାନ୍ତି ।



### ପାଠପଢ଼ା ସହ ବ୍ୟବସାୟ

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଯୁକ୍ତ ତିନିରେ ପାଠପଢ଼ିବା ସହ ସେ ଏହି ବ୍ୟବସାୟ ଜାରି ରଖିଛନ୍ତି । ଦିନର ଅଧିକାଂଶ ସମୟ କେକ୍ ପ୍ରସ୍ତୁତିରେ ଦେବାକୁ ପଡ଼ିଲେ ମଧ୍ୟ ସେଥିରୁ କିଛି ସମୟ ପାଠପଢ଼ା ପାଇଁ ବାହାର କରନ୍ତି । ତେବେ ଏହି କେକ୍ ବ୍ୟବସାୟକୁ ସେ ନିଜର ପେସା ଓ ନିଶା କରିବା ପାଇଁ ଚାହାଁନ୍ତି । ସେଥିପାଇଁ ଆଗାମୀ ଦିନରେ ଏକ ପ୍ରତିଷ୍ଠିତ ସଂସ୍ଥାନରେ ହୋଟେଲ ମ୍ୟାନେଜ୍‌ମେଣ୍ଟ ପଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି ।




### ପାରିବାରିକ ସହଯୋଗ

ପିଲାଟି ଦିନରୁ ଏ ଦିଗରେ ତାଙ୍କ ବାପା ମାଆଙ୍କର ପୂର୍ଣ୍ଣ ସମର୍ଥନ ରହି ଆସିଛି । ବାହାର ଲୋକମାନେ ନାନାକଥା କହିଲେ ବି ପ୍ରିୟଙ୍କା ସେସବୁକୁ ଖାତିର୍ କରି ନ ଥାନ୍ତି । ତାଙ୍କୁ ଏହି ବ୍ୟବସାୟକୁ ନିଜର ପେସା ଭାବରେ ଚୟନ କରିବାରେ ତାଙ୍କ ବାପା ମାଆ ସହଯୋଗ କରିଥିବା ସେ କହିଛନ୍ତି ।



# ଷ୍ଟାଇଲିସ୍ ପର୍ସ

**ପର୍ସ କେବଳ ଆବଶ୍ୟକତା ପୂରଣ କରିଥାଏ, ତାହା ନୁହେଁ ଏହା ମହିଳାଙ୍କ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିବା ସହ ଏକ ଷ୍ଟାଇଲିସ୍ ଲୁକ୍ ଦେଇଥାଏ । ଡ୍ରେସ୍, ଚପଲ, ଅଳଙ୍କାର ଭଳି ହ୍ୟାଣ୍ଡବ୍ୟାଗ୍ ଓ ପର୍ସ ବି ଟ୍ରେଣ୍ଡରେ ଥାଏ । ତେଣୁ ଫେଶନ୍ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ସ କିଣିବା ଆବଶ୍ୟକ ।**



- କର୍ମଜୀବୀ ମହିଳାମାନେ ନିଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ସ ଚୟନ କରିବା ଆବଶ୍ୟକ । ଏପରି ପର୍ସ ଚୟନ କରନ୍ତୁ, ଯେଉଁଥିରେ ସୁବିଧାରେ ନିଜର ଜିନିଷ ରଖିପାରୁଥିବେ । ଅଧିକ ବଡ଼ ପର୍ସ କିଣନ୍ତୁ ନାହିଁ, ଏହା ଲୁକ୍‌କୁ ବିଗାଡ଼ିଥାଏ ।
- ପର୍ସ କିଣିବା ସମୟରେ ବିଶେଷକରି ସେଥିରେ ଥିବା ପକେଟ୍ ଗୁଡ଼ିକ ଉପରେ ଧ୍ୟାନ ଦିଅନ୍ତୁ । ଯେଉଁଥିରେ ନିଜର ଜିନିଷ ସବୁକୁ ଭାଗ ଭାଗ କରି ରଖିପାରିବେ ।
- ନିଜର ପସନ୍ଦ ଓ ବଜେଟ୍‌କୁ ଦୃଷ୍ଟିରେ ରଖି ପର୍ସ ଚୟନ କରନ୍ତୁ ।
- ଶାରୀରିକ ଗଠନ, ବେଶ ପରିପାଟୀ ଦେଖି ପର୍ସର ରଙ୍ଗ ଚୟନ କରନ୍ତୁ ।
- ଜୀବନଶୈଳୀ ତଥା ବ୍ୟକ୍ତିତ୍ୱ ଉପରେ ପର୍ସ ତଥା ହ୍ୟାଣ୍ଡବ୍ୟାଗ୍‌ର ପ୍ରଭାବ ପଡ଼ିଥାଏ ।

# ଖରାଦିନେ ଏପରି ରଖନ୍ତୁ କ୍ଷୀର



**ଖରାଦିନେ ଦିନେ କ୍ଷୀର ଛିଡ଼ିବା ଏକ ସାଧାରଣ କଥା । ତେଣୁ ଅନେକ ସମୟରେ କ୍ଷୀରକୁ ଭଲଭାବେ ଫୁଟାଇ ଫ୍ରିଜ୍‌ରେ ରଖିବାକୁ କୁହାଯାଇଥାଏ, କିନ୍ତୁ କେତେକ କ୍ଷେତ୍ରରେ କ୍ଷୀର ଛିଡ଼ି ଯାଇଥାଏ । ତେବେ କେତୋଟି ସରଳ ଉପାୟ ଆପଣାଇ କିପରି କ୍ଷୀରକୁ ବିନା ଫ୍ରିଜ୍‌ରେ ୨୪ ଘଣ୍ଟା ସତେଜ ରଖିପାରିବେ, ଜାଣିବା ସେ ବିଷୟରେ ।**

### ଦିନରେ ୩-୪ ଥର ଫୁଟାନ୍ତୁ

କ୍ଷୀରକୁ ସତେଜ ରଖିବାକୁ ଚାହୁଁଥିଲେ ଦିନରେ ୩-୪ ଥର ଏହାକୁ ଫୁଟାନ୍ତୁ । ଗରମ କରିବା ସମୟରେ ଗ୍ୟାସ୍‌ର ଆଞ୍ଚକୁ ବଢ଼ାଇ ୩-୪ ଟି ଫୁଟାଣ ଆସିବା ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । କ୍ଷୀର ହାଲୁକା ଥଣ୍ଡା ହୋଇଯିବା ପରେ ଢାଙ୍କୁଣୀ ସାମାନ୍ୟ ଘୋଡ଼ାଇ ଦିଅନ୍ତୁ । ଢାଙ୍କୁଣୀ ସମ୍ପୂର୍ଣ୍ଣ ଘୋଡ଼ାଇବା ଦ୍ୱାରା ମଧ୍ୟ କ୍ଷୀର ଛିଡ଼ି ଯାଏ ।

### କ୍ଷୀର ବାସନକୁ ସଫା ରଖନ୍ତୁ

ଅନେକ ସମୟରେ ଅପରିଷ୍କାର ବାସନ ଯୋଗୁଁ କ୍ଷୀର ଛିଡ଼ିଥାଏ । ତେଣୁ କ୍ଷୀର ଫୁଟାଇବା ପୂର୍ବରୁ ବାସନ ସଫା ଅଛି କି ନାହିଁ, ତାହା ଦେଖିବା ଜରୁରୀ । ସେହିପରି ବାସନରେ କ୍ଷୀର ଢାଳିବା ପୂର୍ବରୁ ପ୍ରଥମେ ଦୁଇ ନିତି ଚାମଚ ପାଣି ଦିଅନ୍ତୁ । ଏହା କ୍ଷୀରକୁ ତଳେ ଲାଗିବାକୁ ଦେଇଥାଏ ।

### ପ୍ୟାକେଟ୍ କ୍ଷୀରକୁ ବେଶି ଫୁଟାନ୍ତୁ ନାହିଁ

ବର୍ତ୍ତମାନ ସମୟରେ ଅଧିକାଂଶ ଲୋକ ପ୍ୟାକେଟ୍ କ୍ଷୀର ବ୍ୟବହାର କରୁଛନ୍ତି । ବିଶେଷଜ୍ଞଙ୍କ କହିବାନୁଯାୟୀ ପ୍ୟାକେଟ୍ କ୍ଷୀରକୁ ବେଶୀ ସମୟ ଫୁଟାଇବା ଉଚିତ ନୁହେଁ । କାରଣ ପାଶ୍ଚରାଏଜଡ୍ କ୍ଷୀରକୁ ବେଶୀ ଫୁଟାଇବାର ଆବଶ୍ୟକତା ନାହିଁ ।

# ଅଳେଇଚରୁ ତ୍ୱଚାର ଯତ୍ନ



**ମହିଳାମାନେ ତ୍ୱଚାକୁ ସୁସ୍ଥ ତଥା ସୁନ୍ଦର ରଖିବା ପାଇଁ ଚାହାଁନ୍ତି । ଏଥିପାଇଁ ବହୁ ଘରୋଇ ଜିନିଷ ବ୍ୟବହାର କରନ୍ତି । କାରଣ ଏଥିରେ କୌଣସି ରାସାୟନିକ ଜିନିଷ ମିଶ୍ରଣ ହୋଇ ନ ଥାଏ । ସେହିପରି ଅଳେଇଚ ମଧ୍ୟ ତ୍ୱଚା ପାଇଁ ଖୁବ୍ ଉପକାରୀ । ଏହା ତ୍ୱଚା ଜନିତ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ ।**



### ଗୋଲାପଜଳ ଓ ଅଳେଇଚ

ପ୍ରଥମେ ଅଳେଇଚକୁ ଛଡ଼ାଇ ସେଥିରୁ ମଞ୍ଜି ବାହାର କରି ଏକ ପାଉଡର ପ୍ରସ୍ତୁତ କରନ୍ତୁ । ସେହି ପାଉଡର୍‌ରେ ଦୁଇଚାମଚ ଗୋଲାପଜଳ ମିଶାଇ ଦିଅନ୍ତୁ । ଏହାକୁ ତ୍ୱଚାରେ ଲଗାଇ ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏହା ତ୍ୱଚାର ଟ୍ୟାନିଙ୍ଗ୍ ସମସ୍ୟା ଦୂର କରିବା ସହ ତ୍ୱଚାକୁ ଟାଇଟ୍ ରଖିଥାଏ ।

### ମହୁ ଓ ଅଳେଇଚ

ତ୍ୱଚାରେ ବ୍ରଣ କିମ୍ବା ଦାଗ ସମସ୍ୟା ଥିଲେ ମହୁ ଓ ଅଳେଇଚ ଲଗାଇପାରିବେ । ପ୍ରଥମେ ଗୋଟିଏ ପାତ୍ର ନେଇ ସେଥିରେ ଏକ ଚାମଚ ଅଳେଇଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଲଗାଇ ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏହା ତ୍ୱଚା ଜନିତ ସମସ୍ୟା ଦୂର କରିବା ସହ ତ୍ୱଚାକୁ ଉଜ୍ଜ୍ୱଳ ରଖିଥାଏ ।

# ଟ୍ରେଣ୍ଡରେ ସନ୍‌ଫ୍ଲାୱାର୍ ନେଲ୍ ଆର୍ଟ

**ଆଜିକାଲି ସମସ୍ତେ ନଖକୁ ସୁନ୍ଦର ତଥା ଆକର୍ଷଣୀୟ ଲୁକ୍ ଦେବା ପାଇଁ ଚାହାଁନ୍ତି । ଏଥିପାଇଁ ବିଭିନ୍ନ ପ୍ରକାର ନେଲ୍ ଏକ୍ସଟେନ୍‌ସନ୍ ମଧ୍ୟ କରିଥାନ୍ତି । ତେବେ ନଖକୁ ଏକ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, ଟ୍ରେଣ୍ଡ ଅନୁଯାୟୀ ସୂର୍ଯ୍ୟମୁଖୀ ଫୁଲର ଡିଜାଇନ୍ କରିପାରିବେ । ଯାହା ନଖର ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ ।**

### କ୍ଲାସିକ୍ ନେଲ୍ ସନ୍‌ଫ୍ଲାୱାର୍

ବିଶେଷ କରି ଏ ପ୍ରକାର ଡିଜାଇନ୍ ନଖର ଅଗ୍ରଭାଗରେ କରାଯାଏ । ତେଣୁ ଚାହିଁଲେ ଏହାର ମଝିରେ ବାଦାମୀ ରଙ୍ଗର ଡିଜାଇନ୍ କରି ପାଖୁଡ଼ାଗୁଡ଼ିକୁ ନ୍ୟୁଟ୍ରାଲ ରଙ୍ଗ ଦେଇପାରିବେ ।

### ଏକ୍ରିଲିକ୍ ସନ୍‌ଫ୍ଲାୱାର୍

ଏ ପ୍ରକାର ଡିଜାଇନ୍ ଛୋଟ ବ୍ରଶ୍ ସହାୟତାରେ କରାଯାଇଥାଏ । ତେଣୁ ଚାହିଁଲେ ଫିକା କମଳା ରଙ୍ଗର ଏକ୍ରିଲିକ୍ ବା ନେଲ୍‌ପେଣ୍ଟ ଲଗାଇପାରିବେ ।

### ଷ୍ଟୋନ୍ ସନ୍‌ଫ୍ଲାୱାର୍

ସାଧାରଣତଃ ଲମ୍ବା ନଖକୁ ଷ୍ଟୋନ୍ ଓ ସନ୍‌ଫ୍ଲାୱାର୍ ଡିଜାଇନ ଖୁବ୍ ସୁନ୍ଦର ମାନିଥାଏ ।



### ୟେଲୋ ସନ୍‌ଫ୍ଲାୱାର୍

ତେବେ ଏପ୍ରକାର ଡିଜାଇନ, କେବଳ ଦୁଇଟି ଅଙ୍ଗୁଳିରେ କରାଯାଏ । ବାକି ଅଙ୍ଗୁଳି ଗୁଡ଼ିକରେ ହଳଦିଆ ନେଲ୍‌ପେଣ୍ଟ କରାଯାଏ ।

# ଗ୍ରୀନ୍ ମସଲା ମାଛ ଭଜା



### ଆବଶ୍ୟକ ସାମଗ୍ରୀ

ବଡ଼ ମାଛ – ୫୦୦ ଗ୍ରାମ୍, ଧନିଆ ପତ୍ର – ଏକ କପ୍, ପୋଦିନା ପତ୍ର – ଏକ କପ୍, ଅଦା – ଛୋଟ ଖଣ୍ଡେ, ରସୁଣ- ପାଞ୍ଚ, ଛଅ କୋଲା, ଦେଶୀ ପିଆଜ- ଚାରି, ପାଞ୍ଚଟି, କଞ୍ଚାଲଙ୍କା – ୨-୩ଟି, ଜୀରା – ଏକ ଚାମଚ, ଗରମମସଲା – ଏକ ଚାମଚ, ଗୋଲମରିଚ – ୪-୫ ଟି, ଭୁର୍ସଙ୍ଗପତ୍ର- ଅଧା କପ୍, ଲେମ୍ବୁ ରସ - ଏକ ଚାମଚ, ଚିଲି ଫ୍ଲେକ୍ସ- ଏକ ଚାମଚ, ତେଲ – ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦ ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ମାଛକୁ କାଟି ଧୋଇ ରଖନ୍ତୁ । ଏହା ପରେ ଗୋଟିଏ ପାତ୍ର ନିଅନ୍ତୁ । ସେଥିରେ ଧନିଆପତ୍ର, ପୋଦିନା ପତ୍ର, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ଗୋଲମରିଚ, ଜୀରା ଦେଇ ଗ୍ରାଇଣ୍ଡିଂ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ମାଛ ଉପରେ ଦିଅନ୍ତୁ । ସେଥିରେ କିଛି ଲୁଣ, ଗରମମସଲା, ଲେମ୍ବୁ ଚିପୁଡ଼ି ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହା ଉପରେ ଅଳ୍ପ ଚିଲି ଫ୍ଲେକ୍ସ ପକାନ୍ତୁ । ଏହାପରେ ଚୁଲି ଲଗାଇ ତାୱା ବସାନ୍ତୁ । ତାୱାରେ ତେଲ ଦେଇ ଭୁସଙ୍ଗପତ୍ର ପକାନ୍ତୁ । ସେଥିରେ ମାଛକୁ ଗୋଟି ଗୋଟି କରି ଭାଜନ୍ତୁ । ମାଛର ଦୁଇ ପାର୍ଶ୍ୱ ବାଦାମୀ ରଙ୍ଗ ହୋଇଯିବା ପରେ ମାଛ ଭଜାକୁ ପ୍ଲେଟ୍‌କୁ କାଢ଼ି ଲେମ୍ବୁ ଲଙ୍କା ଦେଇ ପରଷି ଦିଅନ୍ତୁ 'ଗ୍ରୀନ୍ ମସଲା ମାଛ ଭଜା' ।

# ବାରମ୍ବାର ମସ୍କାରା ଲଗାଉଥିଲେ ...

**ସାଧାରଣତଃ ଆଇଲାସେସ୍‌କୁ ଅଧିକ ଘନ ତଥା ଆକର୍ଷଣୀୟ ଲୁକ୍ ଦେବା ପାଇଁ ମହିଳାମାନେ ମସ୍କାରା ଲଗାଇଥାନ୍ତି । କିନ୍ତୁ, ଆଖିରେ ବାରମ୍ବାର ମସ୍କାରା ଲଗାଇବା ଦ୍ୱାରା ବିଭିନ୍ନ ପ୍ରକାର ଆଖିଜନିତ ସମସ୍ୟା ଦେଖାଦିଏ । ଜାଣିବା ସେ ବିଷୟରେ ...**

### ଆଖି ପୋଡ଼ିବା

ବାରମ୍ବାର ଆଖିରେ ମସ୍କାରା ଲଗାଇଲେ ଆଖି ପୋଡ଼ାଜଳା ହୋଇଥାଏ । କିମ୍ବା ଆଇଲାସେସ୍‌ରେ ଲଗାଇଥିବା ମସ୍କାରା ଆଖିରେ ପ୍ରବେଶ କରିବା ଦ୍ୱାରା ଆଖି ପୋଡ଼ିବା ସହ ପାଣି ବାହାରିଥାଏ । ଫଳରେ ଆଖି ନାଲି ପଡ଼ିବା ସହ କୁଣ୍ଡାଇ ହୋଇଥାଏ ।

### ଆଖି ଆଲର୍ଜି ହେବା

ଯଦିଓ ଏହା ସବୁ ମହିଳାଙ୍କ କ୍ଷେତ୍ରରେ ପରିଲକ୍ଷିତ ହୁଏ ନାହିଁ, କିନ୍ତୁ କିଛି ମହିଳାଙ୍କ କ୍ଷେତ୍ରରେ ମସ୍କାରା ଲଗାଇବା ଦ୍ୱାରା ଏହି ସଂକ୍ରମଣ ହୋଇଥାଏ । ଏହାଦ୍ୱାରା ଆଖି ନାଲିପଡ଼ି ଛୋଟ ଛୋଟ ଦାଗ ଦେଖାଯାଏ ।



### ଆଖିପତା ଝଡ଼ିବା

ମସ୍କାରା ଲଗାଇବା ଦ୍ୱାରା ଅଧିକ ମାତ୍ରାରେ ଆଇଲାସେସ୍ ଝଡ଼ିଥାଏ । କାରଣ ମସ୍କାରା ଲଗାଇ ଛଡ଼ାଇବା ବେଳେ ଆଖିକୁ ଜୋରରେ ଘଷିବା ଦ୍ୱାରା ଏହା ଅଧିକ ମାତ୍ରାରେ ଛିଡ଼ି ଯାଏ । ସେହିପରି ତିନି ଚାରି ପରସ୍ତ ମସ୍କାରା ଲଗାଇବା ଦ୍ୱାରା ଆଖି ଉପରେ ଏହାର ପ୍ରଭାବ ପଡ଼ିଥାଏ ।

# ଆଇପିଏଲ୍‌ରେ ବିଶ୍ୱରେକର୍ଡ

ଇଡେନ ଗାର୍ଡେନ୍ସ, ୨୭।୪ (ଏଜେନ୍ସି)

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶୁକ୍ରବାର ଅନୁଷ୍ଠିତ ୪୨ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୮ ୱିକେଟରେ ଆୟୋଜକ ତଥା ଘରୋଇ ଦଳ କୋଲକାତା ନାଇଟ୍ ରାଇଡର୍ସଙ୍କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କୋଲକାତା ୬ ୱିକେଟରେ ୨୬୧ ରନ୍ କରିଥିଲା। ଜବାବରେ ପଞ୍ଜାବ ୨୬୨ ରନ୍‌କୁ ପିଛା କରି ୮ ୱିକେଟରେ ବିଜୟୀ ହୋଇଛି। ଟି-୨୦ରେ ରନ୍ ପିଛା କରି ମ୍ୟାଚ୍ ଜିତିବାରେ ଏହା ହେଉଛି ବିଶ୍ୱରେକର୍ଡ। ପୂର୍ବରୁ ଏହି ରେକର୍ଡ ଦକ୍ଷିଣ ଆଫ୍ରିକା ନାମରେ ଥିଲା। ୨୦୨୩ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ୨୫୯ ରନ୍ କରି ଏହି ରେକର୍ଡର ଅଧିକାରୀ ହୋଇଥିଲା। କିନ୍ତୁ ଆଇପିଏଲ୍‌ରେ ରନ୍ ପିଛା କରି ହାଇଦ୍ରାବାଦ୍ ବିପକ୍ଷରେ ବେଙ୍ଗାଲୁରୁ ୨୬୨ ରନ୍ କରିଥିଲେ ମଧ୍ୟ ବେଙ୍ଗାଲୁରୁରେ ଖେଳାଯାଇଥିବା ଏହି ମ୍ୟାଚ୍ ହାରିଯାଇଥିଲା। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ହୋଇଥିବା ଏହି ରେକର୍ଡ ପୂର୍ବରୁ ହୋଇଥିବା ସମସ୍ତ ରେକର୍ଡକୁ ପଛରେପକାଇ ଦେଇଛି। ପୂର୍ବରୁ ସେହିପରି ଆଇପିଏଲ୍‌ରେ ରନ୍ ପିଛା କରି ବିଜୟୀ ହେବାର ରେକର୍ଡ ରାଜସ୍ଥାନ ରୟାଲ୍ସ ନାମରେ ରହିଥିଲା। ୨୦୨୦ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ରାଜସ୍ଥାନ ରୟାଲ୍ସ ୨୨୪ ରନ୍ କରି ଏହି ରେକର୍ଡର ଅଧିକାରୀ ହୋଇଥିଲା।

ଏଠାରେ ଛକା ଓ ଚୌକା ବର୍ଷା ହୋଇଥିବାର ଦେଖାଯାଇଥିଲା। ଏହି ମ୍ୟାଚ୍‌ରେ ଉଭୟ ଦଳ ୪୨ଟି ଛକା ମାରିଥିଲେ। ବିଶ୍ୱର ସମସ୍ତ ଟି-୨୦ରେ ଏହା ସର୍ବାଧିକ ଓ ବିଶ୍ୱରେକର୍ଡ ହୋଇଥିଲା। ଚଳିତବର୍ଷ ହାଇଦ୍ରାବାଦ ବନାମ ମୁମ୍ବାଇ ମ୍ୟାଚ୍‌ରେ ୩୮ଟି ଛକା ହୋଇଥିଲା। ଯାହାଫଳରେ ଏଠାରେ ମ୍ୟାଚ୍‌ରେ ସର୍ବାଧିକ ଛକା ମରାଯିବାରେ ଆଉ ଏକ ବିଶ୍ୱରେକର୍ଡ ହୋଇଛି।

ତୃତୀୟ ବିଶ୍ୱରେକର୍ଡଟି ହେଉଛି ଗୋଟିଏ ପାଳିରେ ସର୍ବାଧିକ ଛକା ମାରିବାରେ। ଏହି ମ୍ୟାଚ୍‌ରେ ପଞ୍ଜାବ ପାଳିରେ ୨୪ଟି ଛକା ମରାଯାଇଥିଲା। ଗୋଟିଏ ପାଳିରେ ସର୍ବାଧିକ ଛକା ମାରିବାରେ ଏହା ବିଶ୍ୱରେକର୍ଡ ହୋଇଥିଲା। ପୂର୍ବରୁ ଏହି ରେକର୍ଡ ହାଇଦ୍ରାବାଦ୍ ନାମରେ ଥିଲା। ଚଳିତବର୍ଷ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ହାଇଦ୍ରାବାଦ୍ ୨୨ଟି ଛକା ମାରି ଏହି ବିଶ୍ୱରେକର୍ଡର ଅଧିକାରୀ ହୋଇପାରିଥିଲା।



ସେହିପରି ଚତୁର୍ଥ ବିଶ୍ୱରେକର୍ଡଟି ହେଉଛି ବାଉଣ୍ଡରୀରୁ ସର୍ବାଧିକ ରନ୍ ସଂଗ୍ରହରେ। ଏହି ମ୍ୟାଚ୍‌ରେ ବାଉଣ୍ଡରୀରୁ ମୋଟ ୪୦୦ ରନ୍ ସଂଗୃହୀତ ହୋଇଥିଲା। ଏହା ମଧ୍ୟରୁ କୋଲକାତା ୧୯୬ ଓ ପଞ୍ଜାବ କିଙ୍ଗ୍‌ସ ୨୦୪ ରନ୍ କରିଥିଲା। କୋଲକାତା ୨୨ ଚୌକା ଓ ୧୮ଟି ଛକା ମାରିଥିଲା। ଜବାବରେ ପଞ୍ଜାବ ୧୫ ଚୌକା ଓ ୨୪ ଛକା ମାରିଥିଲା। ଏହା ନୂଆ ବିଶ୍ୱରେକର୍ଡ ହୋଇ ନ ଥିଲେ ମଧ୍ୟ ପୁରୁଣା ବିଶ୍ୱରେକର୍ଡ ସହ ସମକକ୍ଷ ହୋଇଛି। ଚଳିତ ସିଜନରେ ହାଇଦ୍ରାବାଦ୍ ଓ ବେଙ୍ଗାଲୁରୁ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ମଧ୍ୟ ବାଉଣ୍ଡରୀରୁ ୪୦୦ ରନ୍ ମିଳିଥିଲା। ଏଥିରେ ୪୩ଟି ଚୌକା ଓ ୩୮ଟି ଛକା ମରାଯାଇଥିଲା।

ଏହି ମ୍ୟାଚ୍‌ରେ ମାତ୍ର ୪୮ଟି ବଲ୍‌ରୁ ୧୦୮ ରନ୍ କରି ଅପରାଜିତ ରହିଥିବା ପଞ୍ଜାବ କିଙ୍ଗ୍‌ସର ଓପନର ଜନି ବେୟାରେଷ୍ଟୋଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ତୀରନ୍ଦାଜି ବିଶ୍ୱକପ୍ ଷ୍ଟେଜ୍-୧

# ଜ୍ୟୋତି, ଟିମ୍ ଇଣ୍ଡିଆକୁ ହ୍ୟାଟ୍ରିକ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୭।୪(ଏଜେନ୍ସି)





ଚୀନ୍‌ର ସାଂଘାଇଠାରେ ଚାଲିଥିବା ତୀରନ୍ଦାଜି ବିଶ୍ୱକପ୍ ଷ୍ଟେଜ୍-୧'ର ପ୍ରଥମ ଦିନ ଖେଳରେ ଭାରତୀୟ ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଏମାନଙ୍କ ମଧ୍ୟରୁ ମହିଳା ପ୍ରତିଯୋଗୀ ଜ୍ୟୋତି ସୁରେଖା ଭେନମ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ବିଜୟୀ ହୋଇ ବିରଳ ସଫଳତା ପାଇଛନ୍ତି। ସେହିପରି ଅଣଅଲିମ୍ପିକ୍ କମ୍ପାଉଣ୍ଡ ବିଭାଗରେ ଭାରତୀୟ ପ୍ରତିଯୋଗୀମାନେ ସମସ୍ତ ୩ଟି ଯାକ ଇଭେଣ୍ଟ ଯଥା ମହିଳା ଓ ପୁରୁଷ ଟିମ୍ ଇଭେଣ୍ଟ ଓ ମିକ୍ସଡ ଡବଲ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ଏହା ମଧ୍ୟରୁ ଜ୍ୟୋତି ଦୁଇଟି ଇଭେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି।

ପ୍ରଥମେ ଜ୍ୟୋତି ତାଙ୍କ ଏସିଆନ ଗେମ୍ସ ପ୍ରଦର୍ଶନକୁ ଏଠାରେ ଦୋହରାଇବାରେ ସମର୍ଥ ହୋଇଥିଲେ। ସେ କମ୍ପାଉଣ୍ଡ ଇଭେଣ୍ଟର ସମସ୍ତ ୩ଟି ଯାକ ବିଭାଗ ଯଥା, ଏକକ, ଦଳଗତ ଓ ମିଶ୍ରିତ ଯୁଗଳରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ବିଶ୍ୱର ଏହି ନଂ-୩ ର୍ୟାଙ୍କପ୍ରାପ୍ତ ଆଥ୍‌ଲେଟ୍ ମହିଳା ଏକକରେ ଟପ୍‌ସିଡ୍ ମେକ୍ସିକୋର ଆନ୍ଦ୍ରିଆ ବେକେଇରାଙ୍କୁ ସୁଟଆଉଟରେ ହରାଇଥିଲେ। ନିର୍ଦ୍ଧାରିତ ସମୟରେ ଉଭୟ ଖେଳାଳି ୧୪୬ ଲେଖାଏଁ ପଏଣ୍ଟ ସଂଗ୍ରହ କରିଥିଲେ। ସେହିପରି ସୁଟ୍‌ଆଉଟରେ ଉଭୟ ୯ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବିଜୟୱାଡାର ଏହି ତୀରନ୍ଦାଜଙ୍କ ଆରୋ (ତୀର) ଇନ୍ନର ରିଙ୍ଗ ନିକଟରେ ବାଜିଥିବାରୁ ତାଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ଯାହା ଫଳରେ ସେ ଏକକରେ ସ୍ୱର୍ଣ୍ଣପଦକ ଜିତିବାକୁ ସମର୍ଥ ହୋଇଥିଲେ।

ସେହିପରି ମହିଳା ଦଳଗତ ଇଭେଣ୍ଟରେ ଜ୍ୟୋତି, ଅଦିତି ସ୍ୱାମୀ ଓ ପରନୀତ କୌର ମାତ୍ର ୪ ପଏଣ୍ଟ ଡ୍ରପ୍ କରି ୨୩୬-୨୨୫ ପଏଣ୍ଟରେ ଇଟାଲୀକୁ ହରାଇଥିଲେ। ଏହି ବିଭାଗରେ ଭାରତକୁ ଟପ୍ ସିଡ୍ ମାନ୍ୟତା ମିଳିଥିଲା। କିନ୍ତୁ ଜ୍ୟୋତି, ଅଦିତି ଓ ପରନୀତଙ୍କ ଯୋଡି ଦୁଇଥର ୧୦ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ୬ଷ୍ଠ ସିଡ୍ ମାନ୍ୟତା ପାଇଥିବା ମାର୍ସେଲା ଟୋନିଓଲି, ଇରେନ୍ ଫ୍ରାଞ୍ଚିନି ଓ ଏଲିସା ରୋନରଙ୍କ ଯୋଡି ଲଢ଼େଇ କରିଥିଲେ ମଧ୍ୟ ଭାରତୀୟ ତୀରନ୍ଦାଜଙ୍କ ସମକକ୍ଷ ହୋଇପାରି ନଥିଲେ।

ମିଶ୍ରିତ ଯୁଗଳରେ ଜ୍ୟୋତି ଓ ଅଭିଷେକ ବର୍ମାଙ୍କ ଯୋଡି ୧୫୮-୧୫୭ ପଏଣ୍ଟରେ ଇସ୍ତୋନିଆର ଲିଜେଲ ଜାତ୍‌ମା ଓ ରବିନ ଜାତ୍‌ମାଙ୍କ ଯୋଡିଙ୍କୁ ହରାଇ ସ୍ୱର୍ଣ୍ଣପଦକ କବ୍‌ଜା କରିନେଇଥିଲେ। ଉଭୟ ଭାରତୀୟ ଖେଳାଳିଙ୍କ ଅଭିଜ୍ଞତା ଏହି ମୁକାବିଲାରେ ଢ଼େର କାମ ଦେଇଥିଲା ଓ ସ୍ୱର୍ଣ୍ଣପଦକ ବିଜୟୀ ହେବାରେ ସମର୍ଥ ହୋଇଥିଲା। ଏଭଳି ସ୍ଥିତିରେ ଜ୍ୟୋତି ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ଜିତିବାରେ ସମର୍ଥ ହୋଇଥିଲେ।

ପୁରୁଷ ଦଳଗତ ଇଭେଣ୍ଟରେ ଅଭିଷେକ ବର୍ମା, ପ୍ରିୟଂଶ ଓ ପ୍ରଥମେଶଙ୍କୁ ନେଇ ଗଠିତ ଭାରତୀୟ ଦଳ ସହଜରେ ମ୍ୟାଚ୍ ଜିତିନେଇଥିଲେ। ଏମାନେ ଫାଇନାଲ ଲଢ଼େଇରେ ମାତ୍ର ୨ ପଏଣ୍ଟ ଡ୍ରପ୍ କରିଥିଲାବେଳେ ୨୩୮-୨୩୧ ପଏଣ୍ଟରେ ନେଦରଲାଣ୍ଡସକୁ ହରାଇଥିଲେ। ନେଦରଲାଣ୍ଡସ ପକ୍ଷରୁ ମାଇକ୍ ସ୍କୋଲେସର, ସିଲ ପାଟର ଓ ଷ୍ଟେଫ୍ ୱିଲେମ୍ସ ଲଢ଼େଇ କରିବାରେ ସମର୍ଥ ହୋଇ ପାରି ନଥିଲେ। ପୁରୁଷ ଦଳକୁ ଏଠାରେ ଚତୁର୍ଥ ସିଡ୍ ମାନ୍ୟତା ମିଳିଥିଲା। ଭାରତୀୟ ଖେଳାଳିମାନେ ୩ଟି ରାଉଣ୍ଡରେ ପରଫେକ୍ଟ ୧୦ରୁ ୧୦ ପଏଣ୍ଟ ପାଇବାରେ ସମର୍ଥ ହେବାରୁ ସେମାନେ ଅଗ୍ରଣୀତ୍ୱ ବଜାୟ ରଖିଥିଲେ। ପୁରୁଷ ଏକକରେ ପ୍ରିୟଂଶ ମଧ୍ୟ ପଦକ ଜିତିବା ଦୌଡ଼ରେ ତିଷ୍ଠି ରହିଛନ୍ତି।

ରିକର୍ଭ ରାଉଣ୍ଡର ଫାଇନାଲ ମୁକାବିଲା ରବିବାର ଖେଳାଯିବ। ଏଥିରେ ମଧ୍ୟ ଭାରତ ୨ଟି ସ୍ୱର୍ଣ୍ଣପଦକ ଜିତିବ ବୋଲି ଆଶା କରାଯାଉଛି। ଦଳଗତ ବିଭାଗରେ ଭାରତୀୟ ପୁରୁଷ ଦଳ ଫାଇନାଲରେ ଦକ୍ଷିଣ କୋରିଆକୁ ଭେଟିବ। ଏଥିରେ ବିଜେତା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିବ। ଦୀପିକା କୁମାରୀ ମଧ୍ୟ ପଦକ ଦୌଡ଼ରେ ରହିଛନ୍ତି। ବ୍ୟକ୍ତିଗତ ବିଭାଗରେ ଦୀପିକା ତାଙ୍କ ସେମିଫାଇନାଲ ମୁକାବିଲା ଦକ୍ଷିଣ କୋରିଆ ପ୍ରତିଯୋଗୀଙ୍କ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି।




ଉତ୍ତରାଖଣ୍ଡରେ ଆସନ୍ତା ମାସ ୮ ତାରିଖରୁ ହେବାକୁ ଥିବା ଜାତୀୟ କ୍ୟାଡେଟ, କନିଷ୍ଠ ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଆ କରାଟେ ପ୍ରତିଯୋଗୀଙ୍କୁ ନେଇ ଭୁବନେଶ୍ୱରଠାରେ ଶନିବାର ଏକ କରାଟେ ଶିବିର ଆୟୋଜନ କରାଯାଇଛି। ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ଆୟୋଜିତ ଏହି ଶିବିର ମେ' ୫ ତାରିଖ ଯାଏଁ ଚାଲିବ। ଏହି ଶିବିରରେ ୬୨ଜଣ କରାଟେକା ଅଂଶଗ୍ରହଣ କରିଛନ୍ତି।

# ଓସିଏର କୌଶଳ ବିକାଶ ଶିବିରରେ ୪୧ କ୍ରିକେଟର୍

ଭୁବନେଶ୍ୱର, ୨୭ ।୪ (ସମିସ)



ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କୌଶଳ ବିକାଶ ଶିବିର ଶନିବାରଠାରୁ କଟକ ସିଡିଏ ସେକ୍ଟର-୬ସ୍ଥିତ ଡିଏଭି ସ୍କୁଲରେ ଆରମ୍ଭ ହୋଇଛି। ଡିଏଭି କ୍ରିକେଟ୍ ଏକାଡେମୀରେ ଅନୁଷ୍ଠିତ ଏହି ଶିବିରରେ ଉଭୟ ପୁରୁଷ ଓ ମହିଳାଙ୍କୁ ମିଶାଇ ମୋଟ୍ ୪୧ଜଣ ଯୁବ କ୍ରିକେଟର୍ ଅଂଶଗ୍ରହଣ କରିଛନ୍ତି। ଓସିଏର ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟେଶ୍ୱରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆଗେଇ ଚାଲିଛି। ଓଡ଼ିଶା କ୍ରିକେଟ୍ ଏକାଡେମୀର ପ୍ରଶିକ୍ଷକ ପ୍ରଭାତ ନାୟକ ଓ ସୌରଭ ସେହଗଲ୍ ଶିବିରରେ ତାଙ୍କୁ ସହଯୋଗ କରୁଛନ୍ତି। ସେହିଭଳି ଡିଏଭି ସ୍କୁଲ ପକ୍ଷରୁ କବିତା କାନୁନଗୋ, ଅଙ୍କିତା ଦାସ, ସରୋଜ ସୁନ୍ଦର ବ୍ରହ୍ମା, ଶିଶିରା ସାମଲ, ଅଜନ୍ତା ମିଶ୍ର ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରୁଛନ୍ତି।

## ଆଇଏସ୍‌ଏଲ୍: ସେମିଫାଇନାଲ ଦ୍ୱିତୀୟ ଚରଣ

# ଓଡ଼ିଶା ଏଫ୍‌ସି ପାଇଁ ସୁବର୍ଣ୍ଣ ସୁଯୋଗ

କୋଲକାତା, ୨୭ ।୪ (ଏଜେନ୍ସି)

**ମୋହନ ବାଗାନ ସହ ଡ୍ର' ରଖିଲେ ଖେଳିବ ଫାଇନାଲ**

ଭ୍ରମଣକାରୀ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ଓ ମୋହନ ବାଗାନ ମଧ୍ୟରେ ଚଳିତ ଆଇଏସ୍‌ଏଲ୍‌ର ପ୍ରଥମ ସେମିଫାଇନାଲର ଦ୍ୱିତୀୟ ଲେଗ୍ (ଚରଣ) ରବିବାର ଖେଳାଯିବ। ସ୍ଥାନୀୟ ସଲ୍ଟ ଲେକ୍ ଷ୍ଟାଡିୟମରେ ଏହି ହାଇଭୋଲଟେଜ୍ ମ୍ୟାଚ୍ ଅନୁଷ୍ଠିତ ହେବ। ପୂର୍ବରୁ ଦୁଇ ଦଳ ମଧ୍ୟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ସେମିଫାଇନାଲର ପ୍ରଥମ ଚରଣ ମ୍ୟାଚକୁ ଘରୋଇ ଓଡ଼ିଶା ଏଫ୍‌ସି ୨-୧ ଗୋଲରେ ବାଜିମାତ୍ କରିନେଇଥିଲା। ତେଣୁ ରବିବାର ଖେଳାଯିବାକୁ ଥିବା ଦ୍ୱିତୀୟ ଚରଣ ମୁକାବିଲାକୁ ଯଦି ଓଡ଼ିଶା ଅତିକମ୍‌ରେ ଅମୀମାଂସିତ ରଖିବାରେ ସଫଳ ହୁଏ ତେବେ ଆଇଏସ୍‌ଏଲ୍ ଇତିହାସରେ ପ୍ରଥମଥର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ତେଣୁ ସର୍ଜିଓ ଲୋବେରାଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ଏଫ୍‌ସି ନିକଟରେ ଫାଇନାଲ ଖେଳିବାର ଏକ ସୁବର୍ଣ୍ଣ ସୁଯୋଗ ରହିଛି। ଅପରପକ୍ଷରେ ପୂର୍ବ ବିଜେତା ମୋହନବାଗାନ ଚଳିତ ଆଇଏସ୍‌ଏଲ୍‌ରେ ବେଶ୍ ଭଲ ଫର୍ମରେ ରହିଛି। ଲିଗ୍ ପର୍ଯ୍ୟାୟରେ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ସିଲ୍ଡ ବିଜେତା ହୋଇଥିଲା। କିନ୍ତୁ ସେମିଫାଇନାଲର ପ୍ରଥମ ଚରଣରେ ଓଡ଼ିଶା ଏଫ୍‌ସି ନିକଟରୁ ପରାସ୍ତ ହୋଇ ଦଳ ଚାପରେ ରହିଛି। ଏଠାରେ ରବିବାର ନିଶ୍ଚିତଭାବେ ୨ ଗୋଲ ବ୍ୟବଧାନରେ ବିଜୟୀ ହେଲେ ମୋହନବାଗାନ ଫାଇନାଲରେ ପହଞ୍ଚିବ। ତେଣୁ ରବିବାର ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ମିଳିବ।

ସ୍ପାନିଶ ପ୍ରଶିକ୍ଷକ ଲୋବେରାଙ୍କ ପ୍ରଶିକ୍ଷଣରେ ଓଏଫ୍‌ସି ଚଳିତ ଆଇଏସ୍‌ଏଲ୍ ସଂସ୍କରଣରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ପ୍ରଥମଥର ଲାଗି ସେମିଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଥିଲା।



ଅଭ୍ୟାସ ଅବସରରେ ଓଡ଼ିଶା ଏଫ୍‌ସିର ଖେଳାଳିମାନେ

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସେମିଫାଇନାଲର ପ୍ରଥମ ଚରଣ ମ୍ୟାଚକୁ ଓଏଫ୍‌ସି ଅଳ୍ପକେ ୨-୧ ଗୋଲରେ ଜିତି ଅଗ୍ରଣୀ ରହିଛି। ଏହି ପ୍ରଦର୍ଶନକୁ ଦଳ ଦ୍ୱିତୀୟ ଚରଣରେ ଦୋହରାବା ଲକ୍ଷ୍ୟରେ ରହିଛି। କିନ୍ତୁ କୋଲକାତାର ସଲ୍ଟ ଲେକ୍‌ରେ ୫୦ ହଜାରରୁ ଊର୍ଦ୍ଧ୍ୱ ଘରୋଇ ଦର୍ଶକଙ୍କ ଉପସ୍ଥିତିରେ ବିନା ସମର୍ଥନରେ ଓଡ଼ିଶା ଏହି ମ୍ୟାଚରେ କେଉଁଭଳି ପ୍ରଦର୍ଶନ କରୁଛି ତାହା ରବିବାର ଜଣାପଡ଼ିବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପୂର୍ବରୁ ଓଡ଼ିଶା ଏଫ୍‌ସିକୁ ମଧ୍ୟ ବଡ଼ ଝଟ୍‌କା ଲାଗିଛି। ପ୍ରଥମ ଚରଣରେ ଦଳ ପାଇଁ ପ୍ରଥମ ଗୋଲ୍ ଦେଇଥିବା ଡିଫେଣ୍ଡର କାର୍ଲୋସ ଡେଲ୍‌ଗାଡୋଙ୍କ ବିନା ପଡ଼ିଆକୁ ଓହ୍ଲାଇବ। ଶେଷ ମୁକାବିଲାରେ ତାଙ୍କୁ ରେଡ୍ କାର୍ଡ ମିଳିଥିବାରୁ ସେ ଏହି ହାଇଭୋଲଟେଜ୍ ମ୍ୟାଚ୍ ଖେଳିବାରୁ ବଞ୍ଚିତ ହେବେ। 'ମୋହନବାଗାନ ଏକ ଶକ୍ତିଶାଳୀ ତଥା କ୍ୱାଲିଟୀ ଦଳ ହୋଇଥିବାରୁ ଆମେ ବିଶେଷ ରଣନୀତି ନେଇ ପଡ଼ିଆକୁ ଓହ୍ଲାଇବୁ। କଳିଙ୍ଗର ଅପରାଜେୟ ଧାରାକୁ ଏଠାରେ ବଜାୟ ରଖିବାକୁ ଚେଷ୍ଟା କରିବୁ। ଇତିହାସ ରଚିବା ଲାଗି ଆମ ପାଖରେ ସୁଯୋଗ ରହିଛି' ବୋଲି ପ୍ରଶିକ୍ଷକ ଲୋବେରା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅପରପକ୍ଷରେ ଲିଗ୍ ପର୍ଯ୍ୟାୟରେ ପଏଣ୍ଟ ସାରଣୀ ଶୀର୍ଷରେ ରହିଥିବା ମୋହନବାଗାନ ସେମିଫାଇନାଲ ପ୍ରଥମ ଚରଣରେ ଅପେକ୍ଷାକୃତ ଭଲ ଖେଳିଥିଲେ ମଧ୍ୟ ୨-୧ ଗୋଲରେ ପରାଜୟବରଣ କରିଥିଲା। ତେଣୁ ଫାଇନାଲରେ ପହଞ୍ଚିବାକୁ ହେଲେ ମୋହନବାଗାନ ରବିବାର ମ୍ୟାଚକୁ ଅତିକମ୍‌ରେ ୨ ଗୋଲରୁ ଊର୍ଦ୍ଧ୍ୱ ବ୍ୟବଧାନରେ ଜିତିବାକୁ ପଡ଼ିବ। ମୋହନବାଗାନ-୪; ଓଏଫ୍‌ସି-୧: ଉଭୟ ମୋହନବାଗାନ ଓ ଓଡ଼ିଶା ଏଫ୍‌ସି ମୋଟ୍ ଉପରେ ୧୦ଥର ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ମୋହନବାଗାନ ୪ ଓ ଓଏଫ୍‌ସି ୧ଟି ମ୍ୟାଚରେ ବିଜୟୀ ହୋଇଛନ୍ତି। ୫ଟି ମ୍ୟାଚ ଅମୀମାଂସିତ ରହିଛି।



**ଆଜିର ମ୍ୟାଚ୍**
ଆରମ୍ଭ: ରାତି ୭ଟା ୩୦
ସ୍ଥାନ: କୋଲକାତା
ପ୍ରସାରଣ: ସ୍ପୋର୍ଟ୍ସ ୧୮

ଜେକ୍ ଫ୍ରେଜର-ମ୍ୟାକ୍ଗ୍ରୁକ୍ଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ମୁମ୍ବାଇକୁ ହରାଇ ଦିଲ୍ଲୀର ପଞ୍ଚମ ବିଜୟ

ନୂଆଦିଲ୍ଲୀ, ୨୭।୪(ଏଜେନ୍ସି)

ଯୁବ ଖେଳାଳି ଜେକ୍ ଫ୍ରେଜର-ମ୍ୟାକ୍ଗ୍ରୁକ୍ (୨୭ବଲ୍‌ରେ ୮୪ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ରଶିକ ଦର ସଲାମ (୩/୩୪)ଙ୍କ ମିତବ୍ୟୟୀ ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଆଇପିଏଲ୍‌ର ୪୩ତମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ମାତ୍ର ୧୦ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହା ଫଳରେ ଋଷଭ ପନ୍ତ୍‌ଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ୧୦ମ ମୁକାବିଲାରୁ ୫ମ ବିଜୟ ସହ ପଏଣ୍ଟ ସାରଣୀର ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ମୁମ୍ବାଇ ୯ମ ମ୍ୟାଚ୍‌ରୁ ୬ଷ୍ଠ ପରାଜୟ ସହ ପଏଣ୍ଟ ସାରଣୀର ୯ମ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ ଦିଲ୍ଲୀର ଫ୍ରେଜର-ମ୍ୟାକ୍ଗ୍ରୁକ୍ ୨୭ ବଲରୁ ୧୧ ଚୌକା ଓ ୬ ଛକା ସହାୟତାରେ ୮୪ ରନ୍ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପୁଣିଥରେ ବ୍ୟାଟରଙ୍କ ପ୍ରଭାବ ଦେଖିବାକୁ ମିଳିଥିଲା। ଫଳରେ ଏଠାରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୪ ୱିକେଟରେ ୨୫୭ ରନ୍ କରିଥିଲା। ଆଇପିଏଲ୍‌ରେ ଏହା ହେଉଛି ଦଳର ସର୍ବାଧିକ ଦଳଗତ ସ୍କୋର। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ଶେଷପର୍ଯ୍ୟନ୍ତ ଲଢ଼େଇ କରିଥିଲେ ମଧ୍ୟ ୯ ୱିକେଟରେ ୨୪୭ ରନ୍ କରି ବିଜୟ ଲକ୍ଷ୍ୟଠାରୁ ୧୦ ରନ୍ ପଛରେ ରହିଯାଇଥିଲା। ଏହି ମ୍ୟାଚ୍ ଆଇପିଏଲ୍‌ର ଆଉ ଏକ ହାଇସ୍କୋରିଂ ମ୍ୟାଚ୍ ହୋଇଥିଲା। ଚଳିତ ଆଇପିଏଲ୍‌ରେ ଏହାକୁ ମିଶାଇ ଗତ ୧୦ଟି ପାଳିରେ ୯ମ ଥର ୨୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗୃହୀତ ହୋଇଛି। ସେହିପରି ଉଭୟ ଦଳର ସ୍କୋରକୁ ମିଶାଇଲେ ଏହି ମ୍ୟାଚ୍ ଶେଷ ସୁଦ୍ଧା ଚଳିତ ଆଇପିଏଲ୍‌ରେ ରେକର୍ଡ ୨୬ଥର ଲାଗି ଗୋଟିଏ ପାଳିରେ ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗୃହୀତ ହୋଇଛି।


ଫ୍ରେଜର-ମ୍ୟାକ୍ଗ୍ରୁକ୍

### ଫ୍ରେଜର-ମ୍ୟାକ୍ଗ୍ରୁକ୍ଙ୍କ ବିସ୍ଫୋରକ ବ୍ୟାଟିଂ

ଏହି ମ୍ୟାଚ୍‌ରେ ଦିଲ୍ଲୀ ଦଳ ପ୍ରଥମେ ବ୍ୟାଟିଂ କରିବା ପରେ ପ୍ରଥମ ଓଭରରୁ ୧୯ ରନ୍ ଉଠାଇ ସେମାନଙ୍କ ମନୋଭାବ ସ୍ପଷ୍ଟ କରିଥିଲେ। ଦଳ ପକ୍ଷରୁ ପାଳି ଆରମ୍ଭ କରିଥିବା ଜେକ୍ ଫ୍ରେଜର-ମ୍ୟାକ୍ଗ୍ରୁକ୍ଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ଦିଲ୍ଲୀ ପ୍ରଥମ ୱିକେଟ ଭାଗୀଦାରିରେ ୭.୩ ଓଭରରେ ୧୧୪ ରନ୍ ଉଠାଇଥିଲା। ଫ୍ରେଜର-ମ୍ୟାକ୍ଗ୍ରୁକ୍ ପ୍ରଥମ ଖେଳାଳି ଭାବେ ଆଉଟ ହେବା ପୂର୍ବରୁ ୧୫ ବଲ୍‌ରେ ଅର୍ଦ୍ଧଶତକ ଓ ୨୭ ବଲ୍‌ରେ ୮୪ ରନ୍ କରିଥିଲେ। ଏଥିରେ ସେ ୧୧ ଚୌକା ଓ ୬ଛକା ମାରିଥିଲେ। ତାଙ୍କ ସହ ତାଳ ଦେଇ ଖେଳୁଥିବା ତଥା ପ୍ରଥମଥର ପାଳି ଆରମ୍ଭ କରିଥିବା ଅଭିଷେକ ପୋରେଲ ସମାନ ୨୭ ବଲ୍ ଖେଳିଥିଲେ ମଧ୍ୟ ୩୬ ରନ୍ କରିଥିଲେ। ୧୨୭ ରନ୍‌ରେ ଦୁଇ ଓପନର ଆଉଟ ହେବା ପରେ ଅଧିନାୟକ ଋଷଭ ପନ୍ତ୍ ଦିଲ୍ଲୀ ପାଳି ସମ୍ଭାଳିଥିଲେ। ସେ ତୃତୀୟ ୱିକେଟରେ ସାଇ ହୋପ୍‌ଙ୍କ ସହ ୨୪ ବଲ୍‌ରୁ ୫୩ ଓ ଚତୁର୍ଥ ୱିକେଟରେ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ୨୭ ବଲ୍‌ରୁ ୫୫ ରନ୍ ଉଠାଇବା ଫଳରେ ଦିଲ୍ଲୀ ଆଇପିଏଲ୍‌ରେ ସର୍ବାଧିକ ସ୍କୋର (୨୫୭/୪) ସଂଗ୍ରହ କରିଥିଲା। ପନ୍ତ୍ ୧୯ ବଲ୍‌ରୁ ୨୯ ଓ ସାଇ ହୋପ୍ ୧୭ବଲ୍‌ରୁ ୫ ଛକା ସହ ୪୧ ରନ୍ କରିଥିଲେ। କିନ୍ତୁ ଷ୍ଟବ୍‌ସଙ୍କ ବ୍ୟାଟିଂ ବେଶ ମନଛୁଆଁ ଓ ପ୍ରଭାବଶାଳୀ ହୋଇଥିଲା। ସେ ଲ୍ୟୁକ୍ ଉଡ୍‌ଙ୍କ ଗୋଟିଏ ଓଭରରୁ ୫ଟି ଚୌକା ଓ ଗୋଟିଏ ଛକା ସହ ୨୬ ରନ୍ ଉଠାଇଥିଲେ। ସେ ମୋଟ ୨୫ ବଲ ଖେଳି ୬ ଚୌକା ଓ ୨ଛକା ସହାୟତାରେ ୪୮ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ମୁମ୍ବାଇ ପକ୍ଷରୁ ବୁମ୍‌ରା ଶେଷ ଭାଗରେ ଭଲ ବୋଲିଂ କରିଥିଲେ। ପୀୟୂଷ ଚାୱଲାଙ୍କୁ ଛାଡିଦେଲେ ଅନ୍ୟ ସମସ୍ତ ବୋଲର ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ।

### ଏକା ତିଳକ ଲଢ଼େଇ କଲେ

ମୁମ୍ବାଇ ନିକଟରେ ଯେପରି ବ୍ୟାଟର ଅଛନ୍ତି ସେମାନେ ଦିଲ୍ଲୀର ଏହି ଫ୍ଲାଟ ପିଚ୍‌ରେ ୨୫୮ ରନ୍‌ର ଲକ୍ଷ୍ୟକୁ ହାସଲ କରିବା କଷ୍ଟକର ନ ଥିଲା। କିନ୍ତୁ ଏମାନେ ଚାପରେ ହେଉ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ଜଣଙ୍କ ପରେ ଜଣେ ପାଭିଲିୟନରୁ ପିଚ୍‌କୁ ଯିବା ଆସିବା କରିଥିଲେ। ଏମାନଙ୍କ ମଧ୍ୟରୁ କେବଳ ତିଳକ ବର୍ମା ୬୩ ରନ୍ କରି ଲଢ଼େଇ କରିଥିଲେ। ଏଥିଲାଗି ସେ ୩୨ଟି ବଲ୍‌ର ସହାୟତା ନେଇ ୪ଟି ଲେଖାଏଁ ଚୌକା ଓ ଛକା ମାରିଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା କିଛି ବଡ଼ ସଟ ଖେଳି ଫର୍ମକୁ ଫେରିବାର ସୂଚନା ଦେଇଥିଲେ। କିନ୍ତୁ ସେ ମଧ୍ୟ ୨୪ ବଲ୍‌ରୁ ୪୬ ରନ୍ କରି ଆଉଟ ହୋଇଥିଲେ। ବିଗ୍‌ହିଟର ଟିମ୍ ଡେଭିଡ୍ ୧୭ ବଲ୍‌ରୁ ୩୭ ଓ ପୀୟୂଷ ଚାୱଲା ୪ ବଲ୍‌ରୁ ୧୦ ରନ୍ କରିବା ଫଳରେ ମୁମ୍ବାଇ ଶେଷ ବଲଯାଏ ହାର୍ ମାନି ନ ଥିଲା। ତାରକା ଖେଳାଳି ରୋହିତ ଶର୍ମା ୮, ଇଶାନ କିଶାନ ୨୦ ଓ ସୂର୍ଯ୍ୟକୁମାର ଯାଦବଙ୍କ ୨୬ ରନ୍ ଦଳକୁ ବିପଦରେ ପକାଇଥିଲା। ଦିଲ୍ଲୀ ପକ୍ଷରୁ ରଶିକ ଦର ସଲାମ ୪ ଓଭରରେ ୩୪ ରନ୍ ଦେଇ ପାଣ୍ଡ୍ୟା ଓ ୱାଧେରାଙ୍କୁ ଆଉଟ କରି ଦଳ ଲାଗି ବେଶ ଲାଭଜନକ ହୋଇଥିଲା।

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ଗୁଜରାଟ- ବେଙ୍ଗାଲୁରୁ**
ସ୍ଥାନ- ଅହମ୍ମଦାବାଦ୍, ସମୟ- ଅପରାହ୍ଣ ୩.୩୦

**ଚେନ୍ନାଇ- ହାଇଦ୍ରାବାଦ୍**
ସ୍ଥାନ- ଚେନ୍ନାଇ, ସମୟ- ରାତି ୭.୩୦

- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

**ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୯ | ୮ | ୧ | ୧୬ | +୦.୬୯୪ |
| କୋଲକାତା | ୮ | ୫ | ୩ | ୧୦ | +୦.୯୭୨ |
| ହାଇଦ୍ରାବାଦ | ୮ | ୫ | ୩ | ୧୦ | +୦.୫୭୭ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ | +୦.୦୫୯ |
| ଦିଲ୍ଲୀ | ୧୦ | ୫ | ୫ | ୧୦ | -୦.୨୭୬ |
| ଚେନ୍ନାଇ | ୮ | ୪ | ୪ | ୮ | +୦.୪୧୫ |
| ଗୁଜରାଟ | ୯ | ୪ | ୫ | ୮ | -୦.୯୭୪ |
| ପଞ୍ଜାବ | ୯ | ୩ | ୬ | ୬ | -୦.୧୮୭ |
| ମୁମ୍ବାଇ | ୯ | ୩ | ୬ | ୬ | -୦.୨୬୧ |
| ବେଙ୍ଗାଲୁରୁ | ୯ | ୨ | ୭ | ୪ | -୦.୭୨୧ |

■ ସାମସନ, ଜୁରେଲଙ୍କ ଦମ୍‌ଦାର ଅର୍ଦ୍ଧଶତକ

# ଶୀର୍ଷରେ ରହିଲା ରାଜସ୍ଥାନ



ଲକ୍ଷ୍ନୌ, ୨୭।୪(ଏଜେନ୍ସି)

ଅଧିନାୟକ ସଞ୍ଜୁ ସାମସନ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଆଇପିଏଲ୍ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୭ ୱିକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ପରାସ୍ତ କରିଛି। ଏହା ଫଳରେ ରାଜସ୍ଥାନ ୯ମ ମୁକାବିଲାରୁ ୮ମ ବିଜୟ ସହ ୧୬ ପଏଣ୍ଟ ପାଇ ପ୍ଲେଅଫ୍‌ରେ ପ୍ରବେଶ କରିବା ରାସ୍ତା ପରିଷ୍କାର କରିନେଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ୫ ୱିକେଟରେ ୧୯୬ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୧୯ ଓଭରରେ ୩ ୱିକେଟ ହରାଇ ୧୯୯ ରନ୍ କରିବା ସହ ମ୍ୟାଚ୍ ଜିତିନେଇଥିଲା। ଦଳ ପକ୍ଷରୁ ସାମସନ ୩୩ ବଲ୍‌ରେ ୭୧ ଓ ଜୁରେଲ ୩୪ ବଲରେ ୫୨ ରନ୍ କରି ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ଚତୁର୍ଥ ୱିକେଟରୁ ୬୨ବଲ୍‌ରେ ୧୨୧ ରନ୍ ମିଳିଥିଲା। ଜୋଶ ବଟଲର ୩୪, ଯଶସ୍ୱୀ ଜୟସ୍ୱାଲ ୨୪ ଓ ରିୟାନ ପରାଗ ୧୪ ରନ୍ କରିଥିଲେ।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ପ୍ରଥମ ଦୁଇ ଓଭରରେ ଦୁଇ ତାରକା ଖେଳାଳି କ୍ୱିଣ୍ଟନ ଡି କକ୍ ଓ ମାର୍କସ ଷ୍ଟୋଇନିସ ମାତ୍ର ୧୧ ରନ୍ ମଧ୍ୟରେ ଆଉଟ ହୋଇଯାଇଥିଲେ। ଏହି ସମୟରେ ଲୋକେଶ ରାହୁଲଙ୍କ ସହ ଦୀପକ ହୁଡା ଯୋଗଦେବା ପରେ ପାଳି ସଜାଡିବାକୁ ଉଦ୍ୟମ କରିଥିଲେ। ରାହୁଲ ପାୱାର ପ୍ଲେ ପରେ ହାତଖୋଲା ସଟ୍ ଖେଳିଥିଲେ। କିନ୍ତୁ ଦୀପକ ହୁଡା ୩୧ ବଲ୍‌ରୁ ୫୦ ରନ୍ ଉଠାଇ ରାହୁଲଙ୍କ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଉତ୍ସାହିତ କରିଥିଲେ। ଏହା ଫଳରେ ଆଭେଷ ଖାନ୍‌ଙ୍କ ଗୋଟିଏ ଓଭରରୁ ରାହୁଲ ୨୧ ରନ୍ ଉଠାଇଥିଲେ। ହୁଡା ଓ ରାହୁଲଙ୍କ ତୃତୀୟ ୱିକେଟ ଭାଗୀଦାରିରେ ୬୨ ବଲ୍‌ରୁ ୧୧୫ ରନ୍ ମିଳିଥିଲା। ହୁଡାଙ୍କ ଆଉଟ ପରେ ରାହୁଲ ଦଳକୁ ବଡ଼ ସ୍କୋର ଅଭିମୁଖେ ନେଇଯାଉଥିଲାବେଳେ ଡେଥ୍ ଓଭରରେ ଆଉଟ ହୋଇଯାଇଥିଲେ। ସେ ୪୮ ବଲ୍ ଖେଳି ୮ ଚୌକା ଓ ୨ ଛକା ସହାୟତାରେ ୭୬ ରନ୍ କରିବାକୁ ସମର୍ଥ ହୋଇଥିଲେ। ଆୟୁଷ ବଦୋନୀ ୧୩ ବଲ୍‌ରୁ ୧୮ ଓ କ୍ରୁନାଲ ପାଣ୍ଡ୍ୟା ୧୧ ବଲ୍‌ରୁ ୧୫ ରନ୍ କରିବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ପ୍ରତିପକ୍ଷ ବୋଲର ସନ୍ଦୀପ ଶର୍ମା (୨/୩୧)ଙ୍କ ଚତୁର ବୋଲିଂ ଯୋଗୁ ଲକ୍ଷ୍ନୌ ଶେଷ ୩ ଓଭରରେ ମାତ୍ର ୨୪ ରନ୍ ସଂଗୃହୀତ ହୋଇଥିଲା।

ଉବର କପ୍ ବ୍ୟାଡମିଣ୍ଟନ

# ପ୍ରଥମ ମ୍ୟାଚ୍‌ରେ ଭାରତ ବିଜୟୀ

ନୂଆଦିଲ୍ଲୀ, ୨୭।୪(ଏଜେନ୍ସି)



ଚୀନ୍‌ର ଚେଙ୍ଗଡୁ ସହରରେ ଶନିବାର ଆରମ୍ଭ ହୋଇଛି ଉବର କପ୍ ମହିଳା ବ୍ୟାଡମିଣ୍ଟନ ପ୍ରତିଯୋଗିତା। ଶନିବାର ଗ୍ରୁପ୍-ଏ'ରେ ଭାରତ ୪-୧ରେ କାନାଡାକୁ ହରାଇ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏହି ମୁକାବିଲାରେ ଭାରତୀୟ ଦଳ ଯୁବ ଖେଳାଳିମାନଙ୍କୁ ଖେଳିବାକୁ ସୁଯୋଗ ଦେଇଥିଲେ। ଏହି ଖେଳାଳିମାନେ ଲଢ଼େଇକରିବା ସହ ମ୍ୟାଚ୍‌କୁ ଜିତିନେଇଥିଲେ। ଏହି ଯୁବ ଖେଳାଳିଙ୍କ ଲଢ଼ୁଆ ମନୋବୃତ୍ତି ସମସ୍ତଙ୍କୁ ଆକୃଷ୍ଟ କରିବାରେ ସମର୍ଥ ହୋଇଛି।

ମହିଳା ବିଭାଗ ପ୍ରଥମ ଏକକରେ ଅଶ୍ମିତା ଚାଲିଆ ତାଙ୍କଠାରୁ ଉଚ୍ଚମାନ୍ୟତାପ୍ରାପ୍ତ କାନାଡୀୟ ଖେଳାଳି ମିଚେଲେ ଲି'ଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଏହି ମୁକାବିଲାକୁ ୨୪ ବର୍ଷୀୟା ଅଶ୍ମିତା ୨୬-୨୪, ୨୪-୨୨ ସିଧାସଳଖ ସେଟ୍‌ରେ ହରାଇଦେଇଥିଲେ। ଅଶ୍ମିତା ଦୁଇଥର ଗେମ୍ ପଏଣ୍ଟକୁ ବଞ୍ଚାଇବା ସହ ମ୍ୟାଚ୍ ଜିତିନେଇଥିଲେ। ମହିଳା ଯୁଗଳରେ ପ୍ରିୟା ଓ ଶ୍ରୁତି ମିଶ୍ରଙ୍କ ଯୋଡ଼ି ମାତ୍ର ୨୭ ମିନିଟ୍ ମୁକାବିଲାରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇଦେଇଥିଲେ। ପ୍ରିୟା-ଶ୍ରୁତିଙ୍କ ଯୋଡି ଏହି ମୁକାବିଲାକୁ ୨୧-୧୨, ୨୧-୧୦ ସିଧାସଳଖ ସେଟ୍‌ରେ ହରେଇ ଭାରତକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହା ପରେ ତୃତୀୟ ମୁକାବିଲାଟି ଏକକରେ ହୋଇଥିଲା। ଏଥିରେ ଇଶାରାଣୀ ବରୁଆ ୨୧-୧୩, ୨୧-୧୨ରେ କାନାଡ଼ା ପ୍ରତିଦ୍ୱନ୍ଦ୍ୱୀ ୱେନ୍ ୟୁ ଝାଙ୍ଗଙ୍କୁ ମାତ୍ର ଅଧଘଣ୍ଟା ମୁକାବିଲାରେ ହରାଇଦେଇଥିଲେ। ଏହା ଫଳରେ ଭାରତ ଏହି ମୁକାବିଲାକୁ ୩-୦ରେ ଅପରାଜେୟ ଅଗ୍ରଣୀ ରହି ଆଗୁଆ ଜିତିନେଇଥିଲେ।

ଅନୌପଚାରିକ ଚତୁର୍ଥ ମୁକାବିଲାରେ ସିମରନ ସିଂଘି ଓ ରିତିକା ଠାକରଙ୍କ ଯୋଡି ହାରିଯାଇଥିଲେ। କାନାଡାର ଜ୍ୟାକି ଡେଣ୍ଟ ଓ ଏଲିଆନା ଝାଙ୍ଗ ୩୩ ମିନିଟ୍ ମୁକାବିଲାରେ ଏହି ମ୍ୟାଚ୍‌କୁ ୨୧-୧୯, ୨୧-୧୫ରେ ଜିତିନେଇଥିଲେ। ଶେଷ ଏକକ ମୁକାବିଲାରେ ଅନମୋଲ ଖରାବ ୨୧-୧୫, ୨୧-୧୧ରେ ଏଲିଆନା ଝାଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ। ଏହା ଫଳରେ ଭାରତ ଏହି ମୁକାବିଲାକୁ ୪-୧ ବ୍ୟବଧାନରେ ଜିତିନେଇଥିଲା।

# ପରିବାର ସହ ହାଇଦରାବାଦ୍ ବିରିୟାନୀର ମଜା

ହାଇଦରାବାଦ୍, ୨୭ ।୪ (ଏଜେନ୍ସି)

ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲୀୟ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଚଳିତ ଆଇପିଏଲ୍-୧୭ରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛି। ସନରାଇଜର୍ସ ବର୍ତ୍ତମାନ ସୁଦ୍ଧା ୮ ମ୍ୟାଚ୍ ଖେଳି ୫ ବିଜୟ ଓ ୩ ପରାଜୟ ସହ ୧୦ ପଏଣ୍ଟ ପାଇ ତାଲିକାର ୩ୟ ସ୍ଥାନରେ ରହିଛି। ଦଳ ଏହାର ପରବର୍ତ୍ତୀ ମୁକାବିଲାରେ ସୁପର୍ ସନଡେ'ରେ ଶକ୍ତିଶାଳୀ ଚେନ୍ନାଇ ସୁପର୍ କିଙ୍ଗସକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ତେବେ ଏଥିପୂର୍ବରୁ ଅଧିନାୟକ କମିନ୍ସ ପୁରା ପରିବାର ସହ ସ୍ଥାନୀୟ ପ୍ରସିଦ୍ଧ ହାଇଦରାବାଦ୍ ବିରିୟାନୀର ମଜା ଉଠାଇଛନ୍ତି।



ପତ୍ନୀ ବେକି ବୋଷ୍ଟନ ଓ ପରିବାର ସଦସ୍ୟଙ୍କ ସହ କମିନ୍ସ ସ୍ଥାନୀୟ ଏକ ରେଷ୍ଟୁରାଣ୍ଟକୁ ଯାଇଥିଲେ। ଯେଉଁଠାରେ ସେମାନେ ପ୍ରଥମଥର ଲାଗି ପ୍ରସିଦ୍ଧ ହାଇଦରାବାଦ୍ ବିରିୟାନୀ ଖାଇଥିଲେ। ଯାହା କିଛି ଫଟୋକୁ କମିନ୍ସ ସାମାଜିକ ଗଣମାଧ୍ୟମରେ ସେୟାର କରି ଏହା ବହୁତ ସୁସ୍ୱାଦ ଥିଲା ବୋଲି ଉଲ୍ଲେଖ କରିଛନ୍ତି। ଏଥିସହ ସେ ମଜାରେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଏହି ସୁସ୍ୱାଦ ବିରିୟାନୀ ଖାଇ ଆମକୁ ଆଗାମୀ ସପ୍ତାହ ପର୍ଯ୍ୟନ୍ତ ଆଉ କିଛି ଖାଇବାକୁ ପଡ଼ିବ ନାହିଁ। ପ୍ରକାଶଯୋଗ୍ୟ, ଗତ ଖେଳାଳି ନିଲାମୀରେ ସନରାଇଜର୍ସ ୨୦.୫୦ କୋଟି ଟଙ୍କାରେ କମିନ୍ସଙ୍କୁ କ୍ରୟ କରିବା ସହ ଦଳର ନେତୃତ୍ୱ ଭାର ପ୍ରଦାନ କରିଥିଲା।

■ ସ୍ପାନିଶ ପାରା ବ୍ୟାଡମିଣ୍ଟନ

# ଦୀପରଞ୍ଜନଙ୍କୁ ଯୁଗଳରେ ରୌପ୍ୟ



ଭୁବନେଶ୍ୱର, ୨୭।୪(ସମିସ): ସ୍ପେନ୍‌ର ତୋଲେଡୋଠାରେ ଚାଲିଥିବା ସ୍ପାନିଶ ପାରା ବ୍ୟାଡମିଣ୍ଟନ ଶନିବାର ଶେଷ ହୋଇଛି। ଏହି ପ୍ରତିଯୋଗିତାରେ ଓଡ଼ିଆ ଖେଳାଳି ଦୀପରଞ୍ଜନ ବିଶୋଇ ଦ୍ୱିତୀୟ ଥର ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏଥର ସେ ଲେଭଲ-୧ରେ ମନୋଜ ସରକାରଙ୍କୁ ସାଥିକରି ଖେଳିଥିଲେ ଓ ପୁରୁଷ ଫାଇନାଲରେ ପରାଜିତ ହେବା ପରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ନେହାଲ ଦେଶଗୁପ୍ତା ଓ ନବୀନ ଶିବକୁମାରଙ୍କୁ ସ୍ୱର୍ଣ୍ଣପଦକ ମିଳିଥିଲା। ପୂର୍ବରୁ ଦୀପ ଲେଭଲ-୨ରେ ଭାଗ ନେଇ ରୌପ୍ୟ ପଦକ ହାସଲ କରିଥିଲେ।

# ମାଦ୍ରିଦ ଓପନ୍‌ରେ ବିପର୍ଯ୍ୟୟ: ସିତ୍‌ସିପାସ୍‌ଙ୍କ ବିଦାୟ

ମାଦ୍ରିଦ, ୨୭ ।୪ (ଏଜେନ୍ସି)

କ୍ଲେ କୋର୍ଟରେ ଏଠାରେ ଚାଲିଥିବା ମାଦ୍ରିଦ ଓପନ୍ ଟେନିସ ପ୍ରତିଯୋଗିତାର ପୁରୁଷ ଏକକରେ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୬ଷ୍ଠ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋସ ସିତ୍‌ସିପାସ୍ ଦ୍ୱିତୀୟ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ସିତ୍‌ସିପାସ୍ ୪-୬, ୪-୬ ସିଧାସଳଖ ସେଟ୍‌ରେ ବ୍ରାଜିଲର ଯୋଗ୍ୟତା ଅର୍ଜନକାରୀ ଖେଳାଳି ଥିଆଗୋ ମୋଣ୍ଟେଇରୋଙ୍କ ନିକଟରୁ ପରାସ୍ତ ହୋଇଥିଲେ। ବିଶ୍ୱ ମାନ୍ୟତାର ୧୧୮ତମ ସ୍ଥାନରେ ରହିଥିବା ଥିଆଗୋ କ୍ୟାରିୟରରେ ୪ର୍ଥ ଥର ଲାଗି ଏଟିପି ମାନ୍ୟତାର ଟପ୍-୧୦ରେ ରହିଥିବା ଖେଳାଳିଙ୍କୁ ପରାସ୍ତ କରିବାରେ ସମର୍ଥ ହୋଇଛନ୍ତି। ଅନ୍ୟ ଏକ ପୁରୁଷ ଏକକ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲ୍‌କାରାଜ ୬-୨, ୬-୧ ସେଟ୍‌ରେ କାଜାଖସ୍ତାନର ଆଲେକ୍ସଜାଣ୍ଡର ସେଭଚେଙ୍କୋଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିଭଳି ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ୬-୦, ୬-୩ରେ ସାଥୀ ଖେଳାଳି କାଜା ମାଜିକାଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।


ଇଗା ସ୍ୱିଆଟେକ୍


ଜାନିକ ସିନର

ଅପରପକ୍ଷରେ ବିଶ୍ୱର ଏକ ନମ୍ବର ଖେଳାଳି ଇଗା ସ୍ୱିଆଟେକ୍ ତାଙ୍କ ବିଜୟ ଧାରା ଜାରି ରଖି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ମହିଳା ଏକକ ରାଉଣ୍ଡ-୩୨ର ଏକ ମ୍ୟାଚରେ ସ୍ୱିଆଟେକ ୬-୧, ୬-୧ ସିଧାସଳଖ ସେଟ୍‌ରେ ରୋମାନିଆର ସୋରାନା କ୍ରିଷ୍ଟେଙ୍କୁ ହରାଇ ଦେଇଛନ୍ତି। ତିନିଥରର ଫ୍ରେଞ୍ଚ ଓପନ୍ ବିଜୟିନୀ ସ୍ୱିଆଟେକ୍ ଏହି ମ୍ୟାଚକୁ ଜିତିବା ଲାଗି ମାତ୍ର ଏକ ଘଣ୍ଟା ୧୮ ମିନିଟ୍ ସମୟ ନେଇଥିଲେ।

ଗତବର୍ଷ ଏଠାରେ ଉପ-ବିଜୟିନୀ ହୋଇଥିବା ପୋଲାଣ୍ଡର ୨୨ ବର୍ଷୀୟା ସ୍ୱିଆଟେକ ପରବର୍ତ୍ତୀ ମୁକାବିଲାରେ ସ୍ପେନର ସାରା ସୋରିବେସ୍‌ଙ୍କୁ ଭେଟିବେ। ରାଉଣ୍ଡ-୩୨ରେ ସାରା ୭-୬ (୭), ୬-୩ ସେଟ୍‌ରେ ବେଲାରୁଷର ଭିକ୍ଟୋରିଆ ଆଝାରେଙ୍କାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିଭଳି ମହିଳା ଏକକର ଅନ୍ୟ ଏକ ମୁକାବିଲାରେ ୫ମ ସିଡ୍ ଗ୍ରୀସର ମାରିଆ ସାକାରି ୬-୧, ୬-୩ ସେଟ୍‌ରେ ଆମେରିକାର ସ୍ଲୋଆନେ ଷ୍ଟିଫେନ୍ସଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ସ୍ଲୋଆନେଙ୍କ ବିପକ୍ଷରେ ଓଭରଅଲ୍ ଏହା ୧୯ତମ ମୁକାବିଲାରୁ ସାକାରିଙ୍କ ୧୮ତମ ବିଜୟ ଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର